# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, August 1/2024 | Page 16 | ₹ 7.00 | BALASORE

୫୦ଶ ଭାଗ ୨୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 248 | ମୂଲ୍ୟ ₹୭/-




## ଦୀପିକା କୁମାରୀ ପ୍ରି-କ୍ୱାର୍ଟରରେ

ପ୍ୟାରିସ ଅଲିମ୍ପିକ୍ସର ମହିଳା ବ୍ୟକ୍ତିଗତ ତୀରନ୍ଦାଜୀ ପ୍ରତିଯୋଗିତାର ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି ଭାରତର ଦୀପିକା କୁମାରୀ।

୧୫

୦୨

## ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମା ଉପରୁ ଜିଏସ୍‌ଟି ହଟୁ

ଜୀବନ ଓ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଉପରୁ ୧୮% ଜିଏସ୍‌ଟି ହଟାଇବାକୁ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ବୁଧବାର କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ପତ୍ର ଲେଖିଛନ୍ତି।



# ୧୬,୨୭ ଲକ୍ଷ ଜାଲ୍ କାର୍ଡରେ ରାଶନ ଲୁଟ୍

**ରାଜ୍ୟରେ ୧୬ ଲକ୍ଷ ୨୭ ହଜାର ୯୩୨ ଭୂତ ରାଶନ କାର୍ଡଧାରୀ ଚିହ୍ନଟ ହୋଇଛନ୍ତି ବୋଲି ବୁଧବାର ବିଧାନସଭା ପ୍ରଶ୍ନକାଳରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ବହୁ ଧନୀ ଲୋକ ବିଜେଡି ନେତାଙ୍କ ଜରିଆରେ ରାଶନ କାର୍ଡ ହାତେଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଅର୍ଥାତ ଏତେସଂଖ୍ୟକ ଜାଲ୍ କାର୍ଡରେ ରାଶନ ଲୁଟ୍ ହୋଇଥିବା ମନ୍ତ୍ରୀଙ୍କ ଉତ୍ତରରୁ ସ୍ପଷ୍ଟ ହେଉଛି।**

- **ବୟସ୍କଙ୍କ ପାଇଁ ନୂଆ ଆପ୍, ଘରେ ଚାଉଳ ଦେବେ ସରକାର**
- **ବାପ, ପୁଅ ଅଲଗା ରହୁଥିଲେ ଉଭୟଙ୍କୁ ମିଳିବ ରାଶନ କାର୍ଡ**

**ଭୁବନେଶ୍ୱର,୩୧।୭(ଅନିଲ ଦାସ)**

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ ନେଉଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ ରାଜ୍ୟ ସରକାର ଇ-କେୱାଇସି ଲାଗୁ କରିବେ। ଏହାକୁ ହିତାଧିକାରୀଙ୍କ ପୋର୍ଟାଲରେ ଅପ୍‌ଲୋଡ କରାଯିବ। ଏହାଦ୍ୱାରା କେଉଁ ଅଯୋଗ୍ୟ ହିତାଧିକାରୀ ରାଶନ ନେଉଛନ୍ତି ତାହା ଧରା ପଡ଼ିଯିବ। ରାଜ୍ୟରେ ଏ ପର୍ଯ୍ୟନ୍ତ ୬ ଲକ୍ଷ ୧୯ ହଜାର ୮୩୬ ହିତାଧିକାରୀ ରାଶନ କାର୍ଡ ପାଇଁ ଆବେଦନ କରିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭା ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ଅଯୋଗ୍ୟ ହିତାଧିକାରୀଙ୍କ ବଦଳରେ ନୂଆ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯିବ। ରାଜନୈତିକ ଉଦ୍ଦେଶ୍ୟ କିମ୍ବା ଅନ୍ୟ କୌଣସି କାରଣରୁ ଯୋଗ୍ୟ ହିତାଧିକାରୀ ବାଦ ପଡ଼ିଲେ ପୁଣି ଥରେ ଆବେଦନ କରିପାରିବେ। ବାପା ପୁଅ ଅଲଗା ରହୁଥିଲେ ଉଭୟଙ୍କୁ ରାଶନ କାର୍ଡ ଦେବାକୁ ବ୍ୟବସ୍ଥା କରାଯିବ। ବୟସାଧିକ କାରଣରୁ ଯେଉଁମାନେ ପିଡିଏସ୍ ଚାଉଳ ନେବାକୁ ଯାଇ ପାରୁନାହାନ୍ତି ରାଜ୍ୟ ସରକାର ସେମାନଙ୍କ ଘରେ ଚାଉଳ ପହଞ୍ଚାଇବାକୁ ବ୍ୟବସ୍ଥା କରୁଛନ୍ତି। ସେହିଭଳି ଯେଉଁମାନଙ୍କ ବୟସାଧିକ କାରଣରୁ ଟିପ ଚିହ୍ନ ଦେଇ ପାରୁନାହାନ୍ତି ସେମାନଙ୍କ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଆପ୍ ଆଣିବେ। ସେମାନଙ୍କ ପାଖକୁ ବିଭାଗୀୟ ଅଧିକାରୀ ଯାଇ ବାୟୋମେଟ୍ରିକ୍ସ ଗ୍ରହଣ କରାଯିବାର ବ୍ୟବସ୍ଥା କରାଯିବ। ଏଥିସହିତ ରାଶନ ବଣ୍ଟା ହେଉଥିବା ସ୍ଥାନରୁ ଯେଉଁ ଗାଁଗୁଡ଼ିକ ଦୂରରେ ରହିଛି ସେମାନଙ୍କୁ ଘରେ ରାଶନ ସାମଗ୍ରୀ ପହଞ୍ଚାଇ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ନୂଆ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନକୁ ନେଇ ବିଧାନସଭାରେ ଉଭୟ ଶାସକ ଓ ବିରୋଧୀ ଦଳର ☞ପୃଷ୍ଠା-୪

# ହମାସ୍ ମୁଖ୍ୟ ହାନିୟେଙ୍କୁ ହତ୍ୟା



ଇସ୍‌ମାଇଲ୍ ହାନିୟେ

**ବେରୁଟ୍/ତେହରାନ୍,୩୧।୭**

ଇସ୍ରାଏଲୀ ବଳ ଲେବାନନ୍‌ର ବେରୁଟ୍‌ରେ ହେଜ୍‌ବୋଲ୍ଲାର ଦ୍ୱିତୀୟ ସର୍ବୋଚ୍ଚ ନେତା ଫଉଦ୍ ଶୁକର୍‌ଙ୍କୁ ଏୟାର ଷ୍ଟ୍ରାଇକ୍ କରି ହତ୍ୟା କରିଥିବା ମଙ୍ଗଳବାର ଘୋଷଣା କରିଥିଲା। ଏହାର ଦିନକ ପରେ ଅର୍ଥାତ୍ ବୁଧବାର ସକାଳେ ଇରାନ୍ ରାଜଧାନୀ ତେହରାନ୍‌ରେ ହମାସ୍ ସୁପ୍ରିମ ଲିଡର ଇସ୍‌ମାଇଲ୍ ହାନିୟେଙ୍କୁ ହତ୍ୟା କରାଯାଇଛି। ଇରାନ୍ ହାନିୟେଙ୍କ ହତ୍ୟାର ପ୍ରତିଶୋଧ ନିଆଯିବ ବୋଲି ଧମକ ଦେଇଛି। ଏଥିଯୋଗୁ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଆହୁରି ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ୨୦୨୩ ଅକ୍ଟୋବର ୭ରେ ଗାଜାର ସଶସ୍ତ୍ର ଶାସକ ହମାସ୍ ଇସ୍ରାଏଲ ଉପରେ ଅତର୍କିତ ଆକ୍ରମଣ ☞ପୃଷ୍ଠା-୪

# ଆଇଏଏସ୍ ଚାକିରି ହରାଇଲେ ପୂଜା

**ନୂଆଦିଲ୍ଲୀ,୩୧।୭**

କେନ୍ଦ୍ର ଲୋକ ସେବା ଆୟୋଗ (ୟୁପିଏସ୍‌ସି) ବୁଧବାର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ର ବିବାଦୀୟ ଟ୍ରେନି ଅଫିସର ପୂଜା ଖେଡ଼କରଙ୍କ ନିଯୁକ୍ତିକୁ ରଦ୍ଦ କରିଛି।



ପୂଜା ଖେଡ଼କର

ଏଥିସହ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ପରୀକ୍ଷା କିମ୍ବା ଚୟନରୁ ମଧ ତାଙ୍କୁ ବାଦ୍ ଦିଆଯାଇଛି। ଉପଲବ୍ଧ ସମସ୍ତ ରେକର୍ଡକୁ ଯତ୍ନ ସହକାରେ ଯାଞ୍ଚ କରିବା ପରେ ସେଗୁଡ଼ିକ ସିଏସ୍‌ଇ-୨୦୨୨ ରୁଲ୍ସର ବିରୁଦ୍ଧାଚରଣ ବୋଲି ଜଣାପଡ଼ିଛି। ଏହା ପରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ୟୁପିଏସ୍‌ସି ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ☞ପୃଷ୍ଠା-୪

# ରାଜ୍ୟ ସଭା, ବିଜେଡିରୁ ମମତା ମହାନ୍ତଙ୍କ ଇସ୍ତଫା

**ଭୁବନେଶ୍ୱର,୩୧।୭(ଅନିଲ ଦାସ)**

ବିଜେଡି ରାଜ୍ୟ ସଭା ସଦସ୍ୟ ମମତା ମହାନ୍ତ ବୁଧବାର ରାଜ୍ୟ ସଭାରୁ ଇସ୍ତଫା ଦେଇଛନ୍ତି । ମମତାଙ୍କ ଇସ୍ତଫା ନେଇ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ବୁଧବାର ସୂଚନା ଦେଇଛନ୍ତି। ଏଥିସହିତ ମମତା ବିଜେଡିର ପ୍ରାଥମିକ ସଭ୍ୟ ମଧ୍ୟରୁ ମଧ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଛନ୍ତି। ତାଙ୍କ କାର୍ଯ୍ୟକାଳ ଶେଷ ☞ପୃଷ୍ଠା-୪



ମମତା ମହାନ୍ତ

## ଭିତିରି ଷଡ଼ଯନ୍ତ୍ର ଚର୍ଚ୍ଚା

ରାଜ୍ୟ ସଭା ସଦସ୍ୟ ପଦରୁ ବିଜେଡି ନେତ୍ରୀ ମମତା ମହାନ୍ତ ଇସ୍ତଫା ଦେବା ଅନେକଙ୍କୁ ଚକିତ କରିଛି। ଏହା ପଛରେ ଭିତିରି ଷଡ଼ଯନ୍ତ୍ର ହୋଇଥିବା ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ମମତା ହେଉଛନ୍ତି ମୟୂରଭଞ୍ଜ ଜିଲା କୁଡ଼ୁମୀ ସମ୍ପ୍ରଦାୟର ଜଣେ ଟାଣୁଆ ନେତ୍ରୀ। ଗତ ବିଧାନସଭା ନିର୍ବାଚନରେ ମୟୂରଭଞ୍ଜ ଜିଲାରେ ବିଜେଡିର ଶୋଚନୀୟ ପରାଜୟକୁ ଦୃଷ୍ଟିରେ ରଖି ଦଳର ଜଣେ ପ୍ରଭାବଶାଳୀ ନେତା କୁଆଡ଼େ ମମତାଙ୍କ ଉପରେ ଅସନ୍ତୁଷ୍ଟ ଥିଲେ। ତେଣୁ ତାଙ୍କ ଚାପରେ ☞ପୃଷ୍ଠା-୪

# ମା' ଆଗରେ ନାବାଳିକାଙ୍କୁ ବିଷ ପିଆଇ ହତ୍ୟା

**ବଲାଙ୍ଗୀର/ଲୋଇସିଂହା, ୩୧।୭**
**(ବୀରେନ୍ଦ୍ର କୁମାର ଝାଙ୍କର/ ସୁଶାନ୍ତ ବାରିକ)**

୧୬ବର୍ଷୀୟା ନାବାଳିକାଙ୍କୁ ତାଙ୍କ ଘରେ ଏବଂ ମା'ଙ୍କ ଆଗରେ ଜଣେ ଯୁବକ ଜବରଦସ୍ତି ବିଷ ପିଆଇ ହତ୍ୟା କରିଛନ୍ତି। ଏଭଳି ଚାଞ୍ଚଲ୍ୟକର ଘଟଣା ଘଟିଛି ବଲାଙ୍ଗୀର ଜିଲା ଆଗଲପୁର ଥାନା ବାବୁଫାସଡ ପଞ୍ଚାୟତ ବାଞ୍ଜିପାଲି ଗ୍ରାମରେ। ଯୁବକ ଜଣକ ଏକତରଫା ପ୍ରେମ କରିବା ସହ ସେଥିରେ ବିଫଳ



ଅଭିଯୁକ୍ତ ପ୍ରଣୟ ପ୍ରଧାନ

ହେବାରୁ ଏଭଳି କାଣ୍ଡ ଭିଆଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଘଟଣା ସମ୍ପର୍କରେ ନାବାଳିକାଙ୍କ ମା' ସୁଷମା ଆଗଲପୁର ଥାନାରେ ଲିଖିତ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି। ପୋଲିସ ସୂଚନା ଅନୁସାରେ, ବାଞ୍ଜିପାଲି ଗ୍ରାମର ଅନତିଦୂରରେ କୀର୍ତ୍ତନ ବିଶ୍ୱାଳଙ୍କ ପରିବାର ରୁହନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଥାଇଲାଣ୍ଡର ଅଯୋଧ୍ୟା

**ଆଜିର ମନ୍ତବ୍ୟ**

"ଇଣ୍ଡିଆ ବ୍ଲକ୍ କୃଷକମାନଙ୍କୁ ଏମ୍‌ଏସ୍‌ପିର ଆଇନଗତ ଗ୍ୟାରେଣ୍ଟି ଅସ୍ତ୍ର ଧରାଇ ଋଣ ଜାଲରୁ ଉଦ୍ଧାର କରିବ।

-ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା


## Government of Odisha
## Higher Education Department


**Remaining Timeline for e-Admission into P.G. Courses under SAMS in the State Public Universities and Colleges for the Academic Session: 2024-25**

No. N-65: The remaining timeline for e-Admission into P.G. Courses for the Session 2024-25 in the State Public Universities and Colleges participating in project 'Student Academic Management System (SAMS)' is given below. Any changes in the dateline will be published in the Newspapers as well as in the website **www.samsodisha.gov.in**. The Common Prospectus (CP) for the said course is available in the website. Kindly refer the CP for the below mentioned activites.

| Sl # | Activities | Timeline |
|---|---|---|
| 1 | Publication of subject-wise and State-wide merit list | 05 Aug 2024 (04.00 P.M.) |
| 2 | Choice filling by the eligible applicants | 06 Aug 2024 (11.00 A.M.) to 12 Aug 2024 (11.45 P.M.) |
| 3 | Publication of Provisional Allotment of Seats (For First Round Selection) | 20 Aug 2024 (04.00 P.M.) |
| 4 | Selection of Slide-up/Freeze/Float Option and Online payment of admission fees by Students through SAMS [Student's Account] portal | 20 Aug 2024 (06.00 P.M.) to 24 Aug 2024 (03.00 P.M.) |
| 5 | Reporting of applicant at allotted institutions for taking admission (for First Round Selection) | 21 Aug 2024 (10.00 A.M.) to 24 Aug 2024 (05.00 P.M.) |
| 6 | Data updation of admitted Students in the e-space (for First Round Admission) by the respective Institutions | 21 Aug 2024 (10.00 A.M.) to 24 Aug 2024 (07.00 P.M.) |
| 7 | Publication of Provisional Allotment of Seats (for Second Round Selection) | 31 Aug 2024 (04.00 P.M.) |
| 8 | Selection of Slide-up/Freeze/Float Option and Online payment of admission fees by Students through SAMS [Student's Account] portal | 31 Aug 2024 (06.00 P.M.) to 04 Sept. 2024 (03.00 P.M.) |
| 9 | Reporting of applicant at allotted institutions for taking admission (for Second Round Selection) | 02 Sept. 2024 (10.00 A.M.) to 04 Sept. 2024 (05.00 P.M.) |
| 10 | Data updation of admitted Students in the e-space (for Second Round Admission) by the respective Institutions | 02 Sept. 2024 (10.00 A.M.) to 04 Sept. 2024 (07.00 P.M.) |
| 11 | Publication of Provisional Allotment of Seats (for Third/Final Round Selection) | 10 Sept. 2024 (04.00 P.M.) |
| 12 | Selection of Freeze Option and Online payment of admission fees by Students through SAMS [Student's Account] portal | 10 Sept. 2024 (06.00 P.M.) to 13 Sept. 2024 (03.00 P.M.) |
| 13 | Reporting of applicant at allotted institutions for taking admission (for Third/Final Round Selection) | 11 Sept. 2024 (10.00 P.M.) to 13 Sept. 2024 (05.00 P.M.) |
| 14 | Data updation of admitted students in the e-space (for Third/Final Round Admission) by the respective Institutions | 11 Sept. 2024 (10.00 P.M.) to 13 Sept. 2024 (07.00 P.M.) |
| 15 | Reporting of applicants through [Studnent's Login) in online mode (Applicants have to select their remaining higher preference HEIs by ticking the checkbox provided next to each HEI where they want to participate in the waiting list round) | 18 Sept. 2024 (11.00 A.M.) to 20 Sept. 2024 (11.45 P.M.) |
| 16 | Publication of merit wise list among the reported waitlisted applicants at HEIs e-space | 24 Sept. 2024 (02.00 P.M.) |
| 17 | Publication of selected and waitlisted applicant's list by the HEIs at their Notice Board/Website and the HEIs will also communicate to the applicants via phone call/SMS/whatsapp/e-mail etc. | 25 Sept. 2024 (02.00 P.M.) |
| 18 | Reporting of waitlisted applicants to take admission in one of the selected HEIs, where the total/differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.) | 26 Sept. 2024 (10.00 A.M.) to 28 Sept. 2024 (05.00 P.M.) |
| 19 | Admission Updation of the selected waitlisted student's data by the HEIs in their e-Space | 26 Sept. 2024 (10.00 A.M.) to 28 Sept. 2024 (07.00 P.M.) |
| 20 | Commencement of 1st Year Classes (P.G. Courses) | 18 Sept. 2024 (Wednesday) |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

**Sd./- Deputy Director, PTC Section**
**OIPR-11001/11/0017/2425**

## ସଂକ୍ଷେପରେ

# କେତେଜଣ ଏମ୍‌ସିଡି ଅଧିକାରୀ ଜେଲ ଗଲେଣି

### କୋଚିଂ ସେଣ୍ଟରରେ ପାଣି: ହାଇକୋର୍ଟଙ୍କ ପ୍ରଶ୍ନ

ନୂଆଦିଲ୍ଲୀ, ୩୧ା୭

ଦିଲ୍ଲୀ ରାଜେନ୍ଦ୍ର ନଗରସ୍ଥିତ ଏକ କୋଚିଂ ସେଣ୍ଟର ବେସ୍‌ମେଣ୍ଟରେ ୩ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ମାମଲାରେ ହୋଇଥିବା ଏକ ଆବେଦନକୁ ନେଇ ବୁଧବାର ଦିଲ୍ଲୀ ହାଇକୋର୍ଟରେ ଶୁଣାଣି ହୋଇଛି। ମାମଲାରେ ଚାଲିଥିବା ତଦନ୍ତକୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ମନମୋହନଙ୍କ ଖଣ୍ଡପୀଠ ଭର୍ତ୍ସନା କରିଛନ୍ତି। କେବଳ ରାସ୍ତାରେ ଯାଉଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ବର୍ତ୍ତମାନ ସୁଦ୍ଧା ଦିଲ୍ଲୀ ମ୍ୟୁନିସିପାଲିଟି କର୍ପୋରେଶନ(ଏମ୍‌ସିଡି)ର କୌଣସି ଅଧିକାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ମାମଲାରେ କେବଳ ଜୁନିୟର ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ବରିଷ୍ଠ ଅଧିକାରୀ କ'ଣ ଏହି ଦୁର୍ଘଟଣା ପାଇଁ ଦାୟୀ ନୁହନ୍ତି ବୋଲି ଉଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ଉପଯୁକ୍ତ ଜଳ ନିଷ୍କାସନ ସୁବିଧା ନ ଥାଇ କିପରି ବହୁ ମହଲା ବିଶିଷ୍ଟ ଅଟ୍ଟାଳିକା ଚଳାଇବାକୁ ଅନୁମତି ପ୍ରଦାନ କରାଯାଉଛି, ସେନେଇ ଜଷ୍ଟିସ୍ ମନମୋହନଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଫ୍ରି ବିଜ୍ ସଂସ୍କୃତି ଯୋଗୁ ଟିକସ ସଂଗ୍ରହ କରାଯାଇପାରୁନାହିଁ। ବୋଧହୁଏ ସେଥିପାଇଁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଛି ବୋଲି ଉଚ୍ଚ ଅଦାଲତ କଟାକ୍ଷ କରି କହିଛନ୍ତି। ହାଇକୋର୍ଟ ଏହି ମାମଲାରେ ଏମସିଡି କମିଶନରଙ୍କୁ ଗୁରୁବାର ହାଜର ହେବା ପାଇଁ ସମନ୍ ଜାରି କରିଛନ୍ତି।

# ପ୍ରୀତି ସୁଦାନ ନୂଆ ୟୁପିଏସ୍‌ସି ମୁଖ୍ୟ



ନୂଆଦିଲ୍ଲୀ, ୩୧ା୭

ପୂର୍ବତନ ସ୍ୱାସ୍ଥ୍ୟ ସଚିବ ପ୍ରୀତି ସୁଦାନଙ୍କୁ କେନ୍ଦ୍ର ସରକାର କେନ୍ଦ୍ର ଲୋକ ସେବା ଆୟୋଗ (ୟୁପିଏସ୍‌ସି)ର ନୂଆ ମୁଖ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ଜୁଲାଇ ୪ରେ ୟୁପିଏସ୍‌ସି ଅଧ୍ୟକ୍ଷ ପଦରୁ ମନୋଜ ସୋନି ଇସ୍ତଫା ଦେବା ପରେ ଏହି ପଦବୀ ଖାଲି ପଡ଼ିଥିଲା। ବର୍ତ୍ତମାନ ୟୁପିଏସ୍‌ସି ସଦସ୍ୟା ଥିବା ସୁଦାନ ଗୁରୁବାର ଅଧ୍ୟକ୍ଷା ରୂପେ ଦାୟିତ୍ୱ ଗ୍ରହଣ କରିବେ। ଆନ୍ଧ୍ର ପ୍ରଦେଶ କ୍ୟାଡର ୧୯୮୩ ବ୍ୟାଚ୍ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ର ଅବସରପ୍ରାପ୍ତ ଅଫିସର ସୁଦାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୟୁପିଏସ୍‌ସି ଅଧ୍ୟକ୍ଷା ଭାବେ ନିଯୁକ୍ତି ଦେଇଛନ୍ତି। ତାଙ୍କ କାର୍ଯ୍ୟକାଳ ୨୦୨୫ ଏପ୍ରିଲ ୨୯ ପର୍ଯ୍ୟନ୍ତ ରହିବ ବୋଲି ଜୁଲାଇ ୨୯ରେ ପ୍ରକାଶିତ ଏକ ବିଜ୍ଞପ୍ତିରେ କୁହାଯାଇଛି। ସୁଦାନ ୨୦୨୦ ଜୁଲାଇ ପର୍ଯ୍ୟନ୍ତ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଥିଲେ।



ଭୂସ୍ଖଳନ ପରେ ଆକାଶମାର୍ଗରୁ ୱାୟନାଡ୍‌ର ଦୃଶ୍ୟ।

# ୨୨୫ ନିଖୋଜ, ସନ୍ଧାନରେ ଆତ୍ମୀୟ

### ୱାୟନାଡ୍ ଭୂସ୍ଖଳନ
### ୨୭୬ ମୃତ, ୧,୫୯୨ ଉଦ୍ଧାର

ୱାୟନାଡ୍, ୩୧ା୭

କେରଳର ୱାୟନାଡ୍‌ରେ ଲଗାଣ ବର୍ଷାଜନିତ ଭୂସ୍ଖଳନ ୨୭୬ ଜଣଙ୍କ ଜୀବନ ନେଇଥିବାବେଳେ ୧୩୨ ଆହତ ହୋଇଛନ୍ତି। ୨୨୫ ଜଣ ଏବେ ମଧ୍ୟ ନିଖୋଜ ଅଛନ୍ତି। ନିଖୋଜ ବ୍ୟକ୍ତିମାନଙ୍କୁ ଉଦ୍ଧାରକରିବା ପାଇଁ ସେନା ପକ୍ଷରୁ ବୁଧବାର ରେସ୍କ୍ୟୁ ଅପରେଶନ୍‌କୁ ଜୋର୍‌ଦାର କରାଯାଇଛି। ସେନା ଅଦ୍ୟାବଧି ପ୍ରାୟ ୧,୫୯୨ ଜଣଙ୍କୁ ଉଦ୍ଧାର କରିଥିବାବେଳେ ୭୦ ମୃତଦେହ ଠାବ କରିଥିବା କହିଛି।

'ଭଗବାନଙ୍କ ନିଜ ଦେଶ' କୁହାଯାଉଥିବା କେରଳକୁ ମଙ୍ଗଳବାର ସକାଳେ ମାଡ଼ି ଆସିଥିଲା ବିପତ୍ତି। ୱାୟନାଡ୍‌ର ପାର୍ବତ୍ୟ ଅଞ୍ଚଳରେ ଭୂସ୍ଖଳନ ହୋଇଥିଲା। ଏଥିରେ ନିଖୋଜ ହୋଇଯାଇଥିବା ଲୋକଙ୍କୁ ସେମାନଙ୍କ ଆତ୍ମୀୟମାନେ ଖୋଜିବାରେ ଲାଗିଛନ୍ତି। ବିଭିନ୍ନ ସ୍ଥାନରେ ଫସିରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ କନ୍ନୁର ଡିଫେନ୍ସ ସିକ୍ୟୁରିଟି କର୍ (ଡିଏସ୍‌ସି) ସେଣ୍ଟର ଏବଂ ୧୨୨ ଟିଏ ବାଟାଲିୟନ୍‌ର ୪ କଲମ୍ ଯବାନ ମିଳିତ ଭାବେ ରେସ୍କ୍ୟୁ ଅପରେଶନ୍ ଚଳାଇଛନ୍ତି। ଏଥିରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ରାଜ୍ୟର ଉଦ୍ଧାରକାରୀ ଟିମ୍ ମଧ୍ୟ ନିୟୋଜିତ ଥିବା ଜଣେ ସେନା ଅଧିକାରୀ ସୂଚନା ଦେଇଛନ୍ତି। ହ୍ୟୁମାନିଟାରିଆନ୍ ଆସିଷ୍ଟାନ୍ସ ଆଣ୍ଡ୍ ଡିଜାଷ୍ଟର ରିଲିଫ୍ (ଏଚ୍‌ଏଆର୍‌ଡି)ର ୨ କଲମ୍ ଓ ୨ ମେଡିକାଲ ଟିମ୍‌କୁ ତ୍ରିଭେନ୍ଦ୍ରମ୍‌ରୁ କୋଝିକୋଡ୍‌କୁ ସ୍ୱତନ୍ତ୍ର ବିମାନରେ ଏୟାରଲିଫ୍ଟ କରାଯାଇଛି। ଭାରି ଇଞ୍ଜିନିୟରିଂ ଉପକରଣ ଏବଂ ରେସ୍କ୍ୟୁ ଡଗ୍ ଟିମ୍ ମଧ୍ୟ ଏହି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ତେବେ ଲଗାଣ ବର୍ଷା ଉଦ୍ଧାର କାର୍ଯ୍ୟରେ ବାଧାସୃଷ୍ଟି କରିଛି।

୨୦୧୮ ବନ୍ୟା ପରେ ଏହା ହେଉଛି କେରଳରେ ସବୁଠୁ ବଡ଼ ବିପର୍ଯ୍ୟୟ। ଗତ ୨ ସପ୍ତାହ ମଧ୍ୟରେ ଏହି ଅଞ୍ଚଳରେ ଲଗାତର ବର୍ଷା ଜାରି ରହିଛି। ବର୍ଷା ଯୋଗୁ ମାଟି ନରମ ହୋଇଯାଇଥିବାରୁ ଭୂସ୍ଖଳନ ହୋଇଥିବା ବିଶେଷଜ୍ଞମାନେ କହିଛନ୍ତି। ଏଥିରେ ସର୍ବାଧିକ ପ୍ରଭାବିତ ହୋଇଛି ଚୁରାଲମାଲା ସହର। ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ଭୂସ୍ଖଳନ ପ୍ରସଙ୍ଗ ଉଠାଇ ପ୍ରଭାବିତ ଲୋକଙ୍କୁ ସବୁ ପ୍ରକାର ସହାୟତା ପ୍ରଦାନ ନିମନ୍ତେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଏଥିସହ ଏଭଳି ବିପର୍ଯ୍ୟୟ ଏଡ଼ାଇବା ପାଇଁ ହାଇଟେକ୍ ସମାଧାନର ପନ୍ଥା ଆପଣାଇବାକୁ ସେ ପରାମର୍ଶ ଦେଇଛନ୍ତି। ଗୃହରେ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଆଗତ ବେଳେ ୱାୟନାଡ୍‌ର ପୂର୍ବତନ ଏମ୍‌ପି ରାହୁଲ ସେନାର ଉଦ୍ଧାରକାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷେ କେରଳରେ ପ୍ରବଳ ବର୍ଷା ହୋଇପାରେ ବୋଲି କେନ୍ଦ୍ର ପକ୍ଷରୁ ରାଜ୍ୟ ସରକାରଙ୍କୁ ସପ୍ତାହେ ପୂର୍ବରୁ ସତର୍କ କରାଯାଇଥିବା ବିଷୟ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସୂଚନା ଦେଇଛନ୍ତି। ପ୍ରଭାବିତ ଲୋକଙ୍କୁ ସବୁ ସହାୟତା ଦିଆଯିବ ବୋଲି ଶାହା କହିଛନ୍ତି। ଇତିମଧ୍ୟରେ କେନ୍ଦ୍ରମନ୍ତ୍ରୀ ଜର୍ଜ କୁରିଏନ୍ ଭୂସ୍ଖଳନ ସ୍ଥଳ ପରିଦର୍ଶନ କରି ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି।



ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର କରାଯାଉଛି।

# ଆଜି ୱାୟନାଡ୍ ଯିବେ ରାହୁଲ, ପ୍ରିୟଙ୍କା

ନୂଆଦିଲ୍ଲୀ, ୩୧ା୭

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଗୁରୁବାର କେରଳର ଭୂସ୍ଖଳନ ଘଟିଥିବା ୱାୟନାଡ୍ ଯିବେ। ଉଭୟେ ସେଠାକାର ରିଲିଫ୍ କ୍ୟାମ୍ପଗୁଡ଼ିକୁ ଯାଇ ଲୋକଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ରାହୁଲ ଓ ତାଙ୍କ ଭଉଣୀ ପ୍ରିୟଙ୍କା ବୁଧବାର ସକାଳେ ୱାୟନାଡ୍ ଯିବାର ଥିଲା। କିନ୍ତୁ ଲଗାଣ ବର୍ଷା ଯୋଗୁ ପାଗ ଖରାପ ଥିବାରୁ ଗସ୍ତକୁ ଗୁରୁବାର ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି।

# ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମା ଉପରୁ ଜିଏସ୍‌ଟି ହଟୁ

### ନିର୍ମଳାଙ୍କୁ ଚିଠି ଲେଖିଲେ ଗଡ଼କରୀ



ନୂଆଦିଲ୍ଲୀ, ୩୧ା୭

ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ର ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ବୁଧବାର କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ପତ୍ର ଲେଖି ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଉପରୁ ୧୮% ଗୁଡ୍‌ସ୍ ଆଣ୍ଡ ସର୍ଭିସ୍ ଟାକ୍ସ (ଜିଏସ୍‌ଟି) ହଟାଇବାକୁ ଦାବି କରିଛନ୍ତି। ନାଗପୁର ଡିଭିଜନ ଜୀବନବୀମା ନିଗମର କର୍ମଚାରୀ ସଂଘ ତାଙ୍କୁ ଏହି ପ୍ରସଙ୍ଗରେ ସ୍ମାରକପତ୍ର ପ୍ରଦାନ କରିଥିବା ଗଡ଼କରୀ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି। ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଉପରେ ଜିଏସ୍‌ଟି ଲଗାଇବା ଜୀବନର ଅନିଶ୍ଚିତତା ଉପରେ ଟିକସ ଲାଗୁ କରିବା ପରି ହେବ ବୋଲି ସେ କହିଛନ୍ତି।

# ଦେଶରେ ୧.୯୪ ଲକ୍ଷ ଚାଇଲ୍ଡ ପର୍ନୋଗ୍ରାଫି, ବଳାତ୍କାର ମାମଲା

ନୂଆଦିଲ୍ଲୀ, ୩୧ା୭

ଏପ୍ରିଲ ୩୦ ସୁଦ୍ଧା ଦେଶରେ ୧.୯୪ ଲକ୍ଷ ଚାଇଲ୍ଡ ପର୍ନୋଗ୍ରାଫି ଓ ଶିଶୁ ବଳାତ୍କାର ମାମଲା ସରକାରଙ୍କ ନ୍ୟାଶନାଲ ସାଇବରକ୍ରାଇମ୍ ରିପୋର୍ଟିଂ ପୋର୍ଟାଲ (ଏନ୍‌ସିଆର୍‌ପି)ରେ ରୁଜୁ ହୋଇଥିବା ବୁଧବାର କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ସୂଚନା ଦେଇଛନ୍ତି। ରାଜ୍ୟ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା କହିଛନ୍ତି, ଏନ୍‌ସିଆର୍‌ପି ଆରମ୍ଭ କରାଯିବା ପରଠାରୁ ଅଦ୍ୟାବଧି ଉକ୍ତ ପୋର୍ଟାଲକୁ ୧୬.୧୮ ଲକ୍ଷ ଭିଜିଟର୍ସ ପରିଦର୍ଶନ କରିଛନ୍ତି। ୨୦୨୪ ଏପ୍ରିଲ ୩୦ ସୁଦ୍ଧା ଶିଶୁଙ୍କୁ ନେଇ ଅଶ୍ଳୀଳ ଫିଲ୍ମ, ବଳାତ୍କାର ବା ଗଣବଳାତ୍କାରର ଅଭିଯୋଗ ଦାଖଲ ହୋଇଛି। ସେହିପରି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରୁ ମାର୍ଚ୍ଚ ୩୧ ସୁଦ୍ଧା ୬୯.୦୫ ଲକ୍ଷ ସାଇବର ଟିପ୍‌ଲାଇନ୍ (ଗୁପ୍ତ ସୂଚନା ଆଧାରିତ) ରିପୋର୍ଟ ମିଳିଛି। ସମସ୍ତ ୩୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏମର୍ଜେନ୍ସି ରେସ୍‌ପନ୍ସ ସପୋର୍ଟ ସିଷ୍ଟମ୍ କାର୍ଯ୍ୟକାରୀ କରାଯାଉଛି। ଏହା ଜରିଆରେ ୩୬.୨୯ କୋଟିରୁ ଅଧିକ କଲ୍ ମିଳିଛି। '୧୧୨ ଇଣ୍ଡିଆ' ମୋବାଇଲ ଆପ୍‌କୁ ୧୪.୩୬ ଲକ୍ଷ ଥର ଡାଉନ୍‌ଲୋଡ୍ କରାଗଲାଣି। ସେହିପରି ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଓମେନ୍ସ ହେଲ୍ପଲାଇନ୍ ସହ ଇଆର୍‌ଏସ୍‌ଏସ୍‌କୁ ଯୋଡ଼ାଯାଇଛି। ଏହା ଜରିଆରେ ମେ' ୩୧ ସୁଦ୍ଧା ୭୬.୦୨ ଲକ୍ଷ ମହିଳା ହେଲ୍ପଲାଇନ୍ ସହାୟତା ଲୋଡ଼ିଛନ୍ତି। ସମନ୍ୱିତ ଜରୁରୀ ପ୍ରଶମନ ପରିଚାଳନା ବ୍ୟବସ୍ଥା ପ୍ରକଳ୍ପ ଅଧୀନରେ ଦେଶର ୪୮୯ ରେଳ ଷ୍ଟେଶନରେ ସିସିଟିଭି କ୍ୟାମେରା ବ୍ୟବସ୍ଥା ସଂଲଗ୍ନ କରାଯାଇଛି। ଏକୁଟିଆ ଟ୍ରେନ୍ ଯାତ୍ରା କରୁଥିବା ମହିଳାମାନଙ୍କୁ ସହାୟତା ଦେବା ପାଇଁ ଅତିରିକ୍ତ ୨,୦୩୪ ଟ୍ୟାବ୍ ଆର୍‌ପିଏଫ୍ କର୍ମଚାରୀମାନଙ୍କୁ ଦିଆଯାଇଥିବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି।

# ମାକ୍ରଁ-କାଷ୍ଟେରାଙ୍କ ଚୁମ୍ବନ ବିବାଦ

ପ୍ୟାରିସ୍, ୩୧ା୭

୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସର ଉଦ୍‌ଘାଟନୀ ସମାରୋହରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଓ ଦେଶର କ୍ରୀଡ଼ା ମନ୍ତ୍ରୀ ଏମିଲି ଓଡିୟା-କାଷ୍ଟେରା(୪୬) ପରସ୍ପରକୁ ଚୁମ୍ବନ ଦେଇଥିଲେ। ଏହି ଚୁମ୍ବନକୁ ନେଇ ବିବାଦ ଆରମ୍ଭ ହୋଇଛି। ଉଭୟ ପରସ୍ପରକୁ ଚୁମ୍ବନ ଦେବାବେଳର କେତେକ ଫଟୋ ଓ ଭିଡିଓ ବିଭିନ୍ନ ସୋସିଆଲ ମିଡିଆରେ ପ୍ଲାଟ୍‌ଫର୍ମରେ ଭାଇରାଲ ହେବାରେ ଲାଗିଛି। କାଷ୍ଟେରା ପ୍ରଥମେ ମାକ୍ରଁଙ୍କୁ ଘନିଷ୍ଠ ଆଲିଙ୍ଗନ କରିଥିଲେ। ଏହାପରେ କାଷ୍ଟେରା ଡାହାଣ ହାତରେ ମାକ୍ରଁଙ୍କ ପଛପଟ ବେକକୁ ଧରି ତାଙ୍କ କାନର ତଳ ପାର୍ଶ୍ୱରେ ଚୁମ୍ବନ ଦେଇଥିଲେ। ଉଭୟେ ପରସ୍ପରକୁ ଚୁମ୍ବନ ଦେଉଥିବା ସମୟରେ ଫ୍ରାନ୍ସ ପ୍ରଧାନମନ୍ତ୍ରୀ ଗେବ୍ରିୟଲ ଅଟ୍ଟଲ ମଧ୍ୟ ଅସହଜ ଅନୁଭବ କରି ଅନ୍ୟତ୍ର ଦେଖିବାକୁ ଲାଗିଥିଲେ। ଏହି ଚୁମ୍ବନକୁ ନେଇ ଫ୍ରାନ୍ସରେ ବିବାଦ ଆରମ୍ଭ ହୋଇଛି। ମାକ୍ରଁ ଓ କାଷ୍ଟେରାଙ୍କ ଚୁମ୍ବନ ଫଟୋକୁ ଲୋକପ୍ରିୟ ଫ୍ରେଞ୍ଚ୍ ମାଗାଜିନ୍ 'ମାଡମ ଫିଗାରୋ' ନିଜ ପ୍ରଚ୍ଛଦ ପୃଷ୍ଠାରେ ସ୍ଥାନିତ କରିଛି। ଉଭୟ ରାଜନେତାଙ୍କ ଏହି ଚୁମ୍ବନକୁ ଅଜବ ଦର୍ଶାଇବା ସହ ଏପରି କାର୍ଯ୍ୟକୁ 'ମାଡମ ଫିଗାରୋ' ସମାଲୋଚନା କରିଛି। ଫରାସୀ ପରମ୍ପରା ଅନୁଯାୟୀ ଉଭୟ ଗାଲରେ ଚୁମ୍ବନ ଦିଆଯାଇ ଅଭିବାଦନ ଜଣାଯାଇଥାଏ କହି ସ୍ଥାନୀୟ ଗଣମାଧ୍ୟମ ମଧ୍ୟ ମାକ୍ରଁ ଓ କାଷ୍ଟେରାଙ୍କୁ ସମାଲୋଚନା କରିଛନ୍ତି। ସର୍ବସାଧାରଣ ସ୍ଥାନରେ ଏପରି ଚୁମ୍ବନ ପ୍ରଦର୍ଶନକୁ ନେଇ ବହୁ ସୋସିଆଲ ମିଡିଆ ୟୁଜର୍ସ ଅଶାଳୀନ କହି ନିନ୍ଦା କରିଛନ୍ତି। ଏପରି ଚୁମ୍ବନ କେବଳ ପ୍ରେମୀ ଯୁଗଳ କରିଥାନ୍ତି। ତେଣୁ ଜଣେ ରାଷ୍ଟ୍ରପତି ଓ ମନ୍ତ୍ରୀଙ୍କ ମଧ୍ୟରେ ଏପରି ଶୈଳୀରେ ଚୁମ୍ବନ ଉଚିତ ନୁହେଁ ବୋଲି ଅନେକ ୟୁଜର୍ସ କହିଛନ୍ତି। ପ୍ରକାଶ ଯେ କାଷ୍ଟେରା ଜଣେ ପୂର୍ବତନ ପେସାଦାର ଟେନିସ ଖେଳାଳି ହୋଇଥିବାବେଳେ ସେ ୨୦୨୨ ମେ'ରୁ ଫ୍ରାନ୍ସର କ୍ରୀଡ଼ା ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଗତ ଜାନୁଆରୀରେ ତାଙ୍କୁ ଫ୍ରାନ୍ସ ଶିକ୍ଷା ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ଦିଆଯାଇଛି।



ପ୍ୟାରିସ୍ ଅଲିମ୍ପିକ୍ସର ଉଦ୍‌ଘାଟନୀ ସମାରୋହରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଓ କ୍ରୀଡ଼ା ମନ୍ତ୍ରୀ ଏମିଲି ଓଡିୟା-କାଷ୍ଟେରା ପରସ୍ପରକୁ ଚୁମ୍ବନ ଦେଉଛନ୍ତି।

## ଫୁରସତ୍

# ୨୫୦ କି.ମି. ଯାତ୍ରା କରି ଫେରିଲା କୁକୁର

ବେଙ୍ଗାଲୁରୁ



କର୍ନାଟକର ବେଲଗାବି ଜିଲା ନିପାନି ବ୍ଲକସ୍ଥିତ ୟମଗର୍ନି ଗ୍ରାମରେ ଏକ ଅଜବ ଘଟଣା ଦେଖିବାକୁ ମିଳିଛି। ଗତ ମାସର ଶେଷ ସପ୍ତାହରେ ଦକ୍ଷିଣ ମହାରାଷ୍ଟ୍ରର ପଣ୍ଡରପୁର ସହରର ଭିଡ଼ ମଧ୍ୟରେ ମହାରାଜ ନାମକ ଏକ କୁକୁର ହଜି ଯାଇଥିଲା। ତେବେ ଉକ୍ତ କୁକୁରି ଏକାକୀ ୨୫୦ କିଲୋମିଟର ଯାତ୍ରା କରି କର୍ନାଟକର ୟାମାଗର୍ନି ଗ୍ରାମରେ ରହୁଥିବା ନିଜ ମାଲିକ କମଲେଶ କୁମ୍ଭାରଙ୍କ ନିକଟକୁ ଫେରିବାକୁ ସକ୍ଷମ ହୋଇଛି। ଚଳିତ ପଣ୍ଡରପୁର ବାର୍ଷିକ ତୀର୍ଥ ପଦଯାତ୍ରାରେ କମଲେଶ ମହାରାଜକୁ ଧରି ଯାଇଥିଲେ। ପ୍ରାୟ ୨୫୦ କିଲୋମିଟର ପର୍ଯ୍ୟନ୍ତ ମହାରାଜ ନିଜ ମାଲିକ କମଲେଶ ଓ ଅନ୍ୟ ଶ୍ରଦ୍ଧାଳୁଙ୍କ ସହ ଉକ୍ତ ପଦଯାତ୍ରାରେ ଯାଇଥିଲେ। ପଦଯାତ୍ରା ବେଳେ ସମସ୍ତେ ଭଜନ ଜପ କରୁଥିଲେ। ତେବେ ଭିଠୋବା ମନ୍ଦିରରେ ଦର୍ଶନ ପରେ କମଲେଶ ହଠାତ୍ ତାଙ୍କ କୁକୁର ନିଖୋଜ ଥିବା ନେଇ ଜାଣିବାକୁ ପାଇଥିଲେ। ସେ ମହାରାଜକୁ ଖୋଜିବାକୁ ବହୁ ପ୍ରୟାସ କରିଥିଲେ ମଧ୍ୟ ପାଇ ନ ଥିଲେ। କୁକୁରଟି ଅନ୍ୟ ଏକ ତୀର୍ଥଯାତ୍ରୀ ଦଳ ସହ ଚାଲି ଯାଇଥିବା ନେଇ ସେଠାରେ ଥିବା ଲୋକମାନେ କମଲେଶଙ୍କୁ କହିଥିଲେ। ଫଳରେ କମଲେଶ ଭାଙ୍ଗି ପଡ଼ିଥିଲେ ଓ ଦୁଃଖରେ ଗତ ୧୪ ତାରିଖରେ ନିଜ ଗ୍ରାମକୁ ଫେରିଥିଲେ। ତେବେ ମଙ୍ଗଳବାର ହଠାତ୍ ନିଜ ଘର ସମ୍ମୁଖରେ ମହାରାଜକୁ ଦେଖି କମଲେଶଙ୍କ ଖୁସିର ସୀମା ରହି ନ ଥିଲା। ମହାରାଜ ତାଙ୍କ ଘର ସମ୍ମୁଖରେ ଖୁସିରେ ଠିଆ ହୋଇ ଲାଞ୍ଜ ହଲାଉଥିଲା। ମହାରାଜ ଦେଖିବାକୁ ସମ୍ପୂର୍ଣ୍ଣ ସୁସ୍ଥ ଜଣାପଡୁଥିଲା ବୋଲି କମଲେଶ କହିଛନ୍ତି। ସେ ଏବଂ ୟମଗର୍ନି ଗ୍ରାମବାସୀ ମହାରାଜର ଘର ପ୍ରତ୍ୟାବର୍ତ୍ତନକୁ ନେଇ ଖୁସିରେ ଭୋଜିର ଆୟୋଜନ କରିଥିବା କମଲେଶ କହିଛନ୍ତି। କେବଳ ଭଗବାନଙ୍କ ମାର୍ଗଦର୍ଶନରୁ ସେ ନିଜ ମହାରାଜକୁ ଫେରିପାଇଛନ୍ତି ବୋଲି କମଲେଶ ଖୁସିରେ ଭାବବିହ୍ୱଳ ହୋଇ କହିଛନ୍ତି।

# ମାଛି ମାରି ଆଖି ହରାଇଲେ

ବେଜିଂ

ଚାଇନାର ଶେନ୍‌ଜେନ୍ ସହରର ବୁ ନାମକ ଜଣେ ବ୍ୟକ୍ତିଙ୍କ ବାମ ଆଖିପତାରେ ଏକ ମାଛି ବସିଥିବା ବେଳେ ସେ ଏହାକୁ ମାରିଥିଲେ। ତେବେ ମାଛି ମାରିବାର ଏକ ଘଣ୍ଟା ମଧ୍ୟରେ ତାଙ୍କ ବାମ ଆଖି ଲାଲ୍ ପଡ଼ିଯାଇଥିଲା ଓ ସେ ଆଖିରେ ଯନ୍ତ୍ରଣା ମଧ୍ୟ ଅନୁଭବ କରିଥିଲେ। ଔଷଧ ସେବନ କରିବା ସତ୍ତ୍ୱେ ମଧ୍ୟ ତାଙ୍କ ଅବସ୍ଥା ବିଗଡ଼ି ଚାଲିଥିଲା ଓ ତାଙ୍କ ଦୃଷ୍ଟିଶକ୍ତି ଖରାପ ହେବାକୁ ଲାଗିଥିଲା। ଡାକ୍ତରଙ୍କ କହିବା ଅନୁଯାୟୀ, ସଂକ୍ରମଣ ହେତୁ ବୁ'ଙ୍କ ବାମ ଆଖି ଓ ଏହାର ଆଖପାଖ ଅଂଶ ନଷ୍ଟ ହୋଇଯାଇଥିଲା, ଫଳରେ ଔଷଧର କୌଣସି ପ୍ରଭାବ ପଡୁନଥିଲା। ଉକ୍ତ ସଂକ୍ରମଣ ଯେପରି ତାଙ୍କ ମସ୍ତିଷ୍କକୁ ନ ବ୍ୟାପୁ, ସେଥିପାଇଁ ଡାକ୍ତରଙ୍କୁ ବୁ'ଙ୍କ ବାମ ଆଖିକୁ କାଢ଼ିବାକୁ ପଡ଼ିଛି।

# ନ୍ୟୁୟର୍କରେ ଏକାକୀ ଛୁଟି କଟାଉଛନ୍ତି ଐଶ୍ୱର୍ଯ୍ୟା



**ନ୍ୟୁୟର୍କ:** ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଏବେ ଚର୍ଚ୍ଚାରେ ରହିଛନ୍ତି। ତାଙ୍କ ଦାମ୍ପତ୍ୟ ଜୀବନ ଉପରେ କାହାର ନଜର ଲାଗି ଯାଇଥିବା ନେଇ ଅନେକ ଆଲୋଚନା ହେଉଛି। ତେବେ ବର୍ତ୍ତମାନ ଐଶ୍ୱର୍ଯ୍ୟା ନ୍ୟୁୟର୍କରେ ଅଛନ୍ତି। ସେ ସ୍ୱାମୀ ଅଭିଷେକ ବଚ୍ଚନ ଓ ଝିଅ ଆରାଧ୍ୟା ବଚ୍ଚନଙ୍କ ବିନା ନ୍ୟୁୟର୍କରେ ଛୁଟି କଟାଉଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି।

ନ୍ୟୁୟର୍କରେ ଆମେରିକୀୟ ଲାଇଫଷ୍ଟାଇଲ ବ୍ଲଗର ଜେରି ରୟନା ଐଶ୍ୱର୍ଯ୍ୟାଙ୍କ ସହ ୨ଟି ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଫଟୋର କ୍ୟାପ୍‌ଶନରେ ଜେରି ଲେଖିଛନ୍ତି, ''ନିଜ ଆଦର୍ଶଙ୍କ ସହ ଦ୍ୱିତୀୟ ଥର ଭେଟିବାକୁ ସୁଯୋଗ ମିଳିଥିବାରୁ ମୁଁ ଗର୍ବିତ''। ଜେରିଙ୍କ ଏହି ପୋଷ୍ଟରେ ୨ଟି ଫଟୋ ରହିଛି। ପ୍ରଥମ ଫଟୋରେ ଐଶ୍ୱର୍ଯ୍ୟା ଜେରିଙ୍କ ସହ ସେଲ୍‌ଫି ନେଉଥିବା ନଜର ଆସିଛନ୍ତି। ଦ୍ୱିତୀୟ ଫଟୋରେ ଐଶ୍ୱର୍ଯ୍ୟା ଗଗଲ୍ସ ପିନ୍ଧି ପୋଜ ଦେଉଛନ୍ତି। ଐଶ୍ୱର୍ଯ୍ୟାଙ୍କ ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପ୍ରକାଶ ଯେ, କିଛି ଦିନ ପୂର୍ବେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଚେୟାରମ୍ୟାନ ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତ ଅମ୍ବାନୀଙ୍କ ବିବାହ ଉତ୍ସବରେ ବଚ୍ଚନ ପରିବାର ଏବଂ ଐଶ୍ୱର୍ଯ୍ୟା ଅଲଗା ଅଲଗା ନଜର ଆସିଥିଲେ। ବିବାହ ସ୍ଥଳକୁ ବଚ୍ଚନ ପରିବାର ଓ ଝିଅ ଆରାଧ୍ୟାଙ୍କ ସହ ଐଶ୍ୱର୍ଯ୍ୟା ପୃଥକ୍ ଭାବେ ପହଞ୍ଚିଥିଲେ। ସେବେଠାରୁ ଐଶ୍ୱର୍ଯ୍ୟା ଓ ଅଭିଷେକଙ୍କ ମଧ୍ୟରେ ସବୁ କିଛି ଠିକ୍ ନ ଥିବା ନେଇ ବିଭିନ୍ନ ଚର୍ଚ୍ଚା ଓ ଆଲୋଚନା ହୋଇ ଆସୁଛି।




# ଭୂସ୍ଖଳନରେ ଓଡ଼ିଆ ଡାକ୍ତର ବିଷ୍ଣୁପ୍ରସାଦ ଚିନାରାଙ୍କ ମୃତ୍ୟୁ

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କେରଳ ଗଲା ଟିମ୍

ଭୁବନେଶ୍ୱର, ୩୧।୭ (ଅସମାପିକା ସାହୁ)

କେରଳ ଭୂସ୍ଖଳନରେ ଓଡ଼ିଆ ଡାକ୍ତର ବିଷ୍ଣୁ ପ୍ରସାଦ ଚିନାରାଙ୍କ ମୃତ୍ୟୁ ହୋଇଛି। ଡା. ବିଷ୍ଣୁପ୍ରସାଦଙ୍କ ମୃତଦେହ ମିଳିଥିବା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଡା. ବିଷ୍ଣୁପ୍ରସାଦଙ୍କ ମୃତଦେହ ଉଦ୍ଧାର ହୋଇଥିବା ସୂଚନା ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସ୍ୱର୍ଗତ ଚିନାରାଙ୍କ ପରିବାରବର୍ଗଙ୍କୁ ସେ ସମବେଦନା ଜଣାଇଛନ୍ତି। ମୃତକ ଓ ନିଖୋଜଙ୍କ ପରିବାରବର୍ଗଙ୍କୁ ସେଠାରେ ସହାୟତା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ଜଣେ ଡାକ୍ତରଙ୍କୁ କେରଳ ପଠାଯାଇଛି। ସେମାନେ କେରଳ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ଉଦ୍ଧାର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ତ୍ୱରାନ୍ୱିତ କରିବେ। ଏଥିସହ କେରଳ ସରକାରଙ୍କ ସହିତ ଯୋଗାଯୋଗରେ ରହିବା ପାଇଁ ମୁଖ୍ୟମନ୍ତ୍ରୀ ଏସ୍‌ଆର୍‌ସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷେ ବିଷ୍ଣୁପ୍ରସାଦଙ୍କ ମୃତ୍ୟୁ ସମ୍ପର୍କରେ ପରିବାର ପକ୍ଷରୁ କୌଣସି ସୂଚନା ମିଳିନାହିଁ। ଏବେ ବି ବିଷ୍ଣୁପ୍ରସାଦଙ୍କ ବନ୍ଧୁ ଡା. ସ୍ୱାଧୀନ ପଣ୍ଡା ନିଖୋଜ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବୁଧବାର ଅପରାହ୍ଣ ୨ଟା ୨୦ରେ ଓଡ଼ିଶା ଅଧିକାରୀଙ୍କ ଏକ ଟିମ୍ କେରଳ ଅଭିମୁଖେ ବାହାରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଓଡ଼ିଶା ପରିବାର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏଙ୍କ ସହିତ ସ୍ୱାସ୍ଥ୍ୟସେବା ଯୁଗ୍ମ ନିର୍ଦ୍ଦେଶକ ଡା. ଅର୍ଘ୍ୟ ପ୍ରଧାନ ଯାଇଛନ୍ତି। ରାଉତରାଏ କେରଳର


ବିଷ୍ଣୁ ପ୍ରସାଦ ଚିନାରା

କୋଝିକୋଡ୍ ଜିଲା ଗସ୍ତ କରି ସେଠାରେ ଥିବା ଓଡ଼ିଆମାନଙ୍କୁ ଭେଟିବେ ଏବଂ ଭୂସ୍ଖଳନ ଘଟଣାରେ ପୀଡ଼ିତ ଓଡ଼ିଆ ଲୋକଙ୍କ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବେ। ଓଡ଼ିଶା ସରକାରଙ୍କ ତରଫରୁ ପୀଡ଼ିତମାନଙ୍କୁ ସମସ୍ତ ସାହାଯ୍ୟ, ସୁବିଧା ଓ ସାଧନ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ରାଉତରାଏ କହିଛନ୍ତି, କେରଳର ଏହି ପ୍ରାକୃତିକ ବିପର୍ଯ୍ୟୟରେ ପୀଡ଼ିତ ସମସ୍ତ ଅଧିବାସୀ ଏବଂ ଓଡ଼ିଆ ଲୋକଙ୍କ ସୁରକ୍ଷା, ଥଇଥାନ ଓ ସହାୟତା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ପୀଡ଼ିତମାନଙ୍କୁ ଆଶୁ ଚିକିତ୍ସା ପ୍ରଦାନ କରାଯିବା ସହିତ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ରାଉତରାଏ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସ୍ୱର୍ଗତ ବିଷ୍ଣୁପ୍ରସାଦ ଓ ତାଙ୍କ ଅଧ୍ୟାପିକା ସ୍ତ୍ରୀ ପ୍ରିୟଦର୍ଶିନୀ ପାଲ ଏବଂ ଡା. ସ୍ୱାଧୀନ ପଣ୍ଡା ଓ ସ୍ତ୍ରୀ ଡା. ସ୍ୱୀକୃତି ମହାପାତ୍ର ଗତ ୨୬ ତାରିଖରେ ବେଙ୍ଗାଲୁରୁ ବୁଲିବା ପାଇଁ ଯାଇଥିଲେ। ସେମାନେ ସେଠାରୁ କେରଳ ଯାଇ ୱାୟନାଡ୍‌ର ଲିନରା ଭିଲ୍ଲାରେ ରହିଥିଲେ। ସୋମବାର ରାତିରେ ୱାୟନାଡ୍‌ରେ ପ୍ରଳୟଙ୍କରୀ ଭୂସ୍ଖଳନ ହୋଇଥିଲା। ତୁରନ୍ତ ପ୍ରିୟଦର୍ଶିନୀ ପାଲ ଓ ଡା. ସ୍ୱୀକୃତିଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଦୁହେଁ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ପ୍ରିୟଦର୍ଶିନୀ ଏବେ ବିପଦମୁକ୍ତ ଥିବାବେଳେ ଡା. ସ୍ୱୀକୃତି ଭେଣ୍ଟିଲେଟର ସପୋର୍ଟରେ ଅଛନ୍ତି। ତେବେ ପୁରୁଷ ଡାକ୍ତର ଦ୍ୱୟ ନିଖୋଜ ଥିଲେ। ବୁଧବାର ଡା. ବିଷ୍ଣୁପ୍ରସାଦଙ୍କ ମୃତ୍ୟୁଦେହ ମିଳିଥିବା ଜଣାପଡ଼ିଥିବାବେଳେ ଡା. ସ୍ୱାଧୀନ ଏବେ ବି ନିଖୋଜ ଅଛନ୍ତି।

# ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ବୋର୍ଡ ଭାଙ୍ଗିଲେ ସରକାର

## ସମବାୟ ଗୃହ ନିର୍ମାଣ ନିଗମକୁ ମଧ୍ୟ ଭଙ୍ଗାଗଲା

ଭୁବନେଶ୍ୱର, ୩୧।୭(ସୁନିତ୍ ମିଶ୍ର)

ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ବୋର୍ଡକୁ ବୁଧବାର ରାଜ୍ୟ ସମବାୟ ରେଜିଷ୍ଟ୍ରାର ଭାଙ୍ଗି ଦେଇଛନ୍ତି। ଓଡ଼ିଶା ସମବାୟ ସୋସାଇଟି ଆଇନ-୧୯୬୨ର ଧାରା ୩୨(୭)ରେ ପ୍ରଦତ୍ତ କ୍ଷମତା ଉପଯୋଗକରି ସମବାୟ ରେଜିଷ୍ଟ୍ରାର ଏହି ଆପେକ୍ସ ସମବାୟ ବ୍ୟାଙ୍କର ପରିଚାଳନା ବୋର୍ଡକୁ ଭାଙ୍ଗିବା ସହ ବ୍ୟାଙ୍କ ସୁପରିଚାଳନା ପାଇଁ ସମବାୟ ବିଭାଗ ସଚିବ ରାଜେଶ ପ୍ରଭାକର ପାଟିଲଙ୍କୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଟି. ପ୍ରସାଦରାଓ ଦୋରାଙ୍କ ବିରୋଧରେ ଆସିଥିବା ବହୁ ଅଭିଯୋଗ ପ୍ରମାଣିତ ହେବାପରେ ସମବାୟ ରେଜିଷ୍ଟ୍ରାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି। ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ପ୍ରସାଦରାଓ ଦୋରାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ ବରିଷ୍ଠ ଅଧିକାରୀମାନଙ୍କର ଏକ ଟିମ୍ ତଦନ୍ତ କରିବା ସହ ଏସବୁ ସତ୍ୟ ପ୍ରମାଣିତ ହେବାପରେ ସମବାୟ ରେଜିଷ୍ଟ୍ରାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଚିଠିରେ ଦର୍ଶାଇଛନ୍ତି। ଓଡ଼ିଶା ସମବାୟ ସୋସାଇଟି ଆଇନ-୧୯୬୨ର ଧାରା ୩୨(୭)ର ପ୍ରାବଧାନ ଆଧାରରେ ସମବାୟ ବ୍ୟାଙ୍କ ପରିଚାଳନା ବୋର୍ଡକୁ ତତ୍କାଳ ପ୍ରଭାବରୁ ଭାଙ୍ଗି ରାଜ୍ୟ ସମବାୟ ବିଭାଗର ସଚିବଙ୍କୁ ବ୍ୟାଙ୍କ ପରିଚାଳନା ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଦୋରାଙ୍କ ବିରୋଧରେ ଅର୍ଥ ଆତ୍ମସାତ୍, ପଦବୀରେ ରହିବା ପାଇଁ ଅଯୋଗ୍ୟ ସହ ଅନ୍ୟାନ୍ୟ ଅନିୟମିତତା ଅଭିଯୋଗ ଆସିବା ପରେ ନାବାର୍ଡ କର୍ତ୍ତୃପକ୍ଷ ଗତ ଜୁନ୍‌ରେ ମୁଖ୍ୟ ସଚିବଙ୍କୁ ରିପୋର୍ଟ ମାଗିଥିଲେ। ବରିଷ୍ଠ ଅଧିକାରୀଙ୍କ ୩ ଜଣିଆ ତଦନ୍ତ କମିଟି ଏସବୁ ଅଭିଯୋଗର ପ୍ରମାଣ ପାଇବା ସହ ଦୋରାଙ୍କ ସମ୍ପର୍କରେ ପ୍ରତିକୂଳ ଟିପ୍ପଣୀ ଦେଇଥିବା ଜଣାପଡ଼ିଛି। କେବଳ ସେତିକି ନୁହେଁ, ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସମବାୟ ବ୍ୟାଙ୍କ ମ୍ୟାନେଜିଂ ଡାଇରେକ୍ଟର ପଦବୀ ପୂରଣ କରିବା ପାଇଁ ସଭାପତି ଓ ପରିଚାଳନା ବୋର୍ଡ ଦୀର୍ଘଦିନ ପର୍ଯ୍ୟନ୍ତ ସକ୍ଷମ ହୋଇପାରି ନାହାନ୍ତି। ଏହାକୁ ଆଧାରକରି ରାଜ୍ୟ ସମବାୟ ରେଜିଷ୍ଟ୍ରାର ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ବୋର୍ଡରେ ସଭାପତି ଓ ଉପସଭାପତିଙ୍କୁ ମିଶାଇ ମୋଟ ୨୦ଜଣ ନିର୍ବାଚିତ ସଦସ୍ୟ ଅଛନ୍ତି। ସେହିପରି ସମବାୟ ଗୃହ ନିର୍ମାଣ ନିଗମକୁ ମଧ୍ୟ ରାଜ୍ୟ ସରକାର ଭାଙ୍ଗି ଦେଇଛନ୍ତି।

# ଆହୁରି ୩ଦିନ ଲଗାଣ ବର୍ଷା

ଭୁବନେଶ୍ୱର, ୩୧।୭ (ଅନୁରାଧା ମହାରଣା)

ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ରାଜ୍ୟର କିଛି କିଛି ସ୍ଥାନରେ ପାଗ ମେଘୁଆ ରହିବା ସହ ଅଧିକାଂଶ ସ୍ଥାନରେ ତୁହାକୁ ତୁହା ବର୍ଷା ଲାଗିରହିଛି। ଆସନ୍ତା ୩ତାରିଖ ପର୍ଯ୍ୟନ୍ତ ଏପରି ସ୍ଥିତି ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ବର୍ତ୍ତମାନ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ବର୍ଷାର ପ୍ରଭାବ ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ବୁଧବାର ବାରିପଦାରେ ସର୍ବାଧିକ ୧୨୧ ମିମି, ମାଲକାନଗିରି ଓ ଝାରସୁଗୁଡ଼ାରେ ୧୭.୪ ମିମି, ଜଗତ୍‌ସିଂହପୁରରେ ୧୭ ମିମି, ନବରଙ୍ଗପୁର, ଭଦ୍ରକ ଏବଂ ନୟାଗଡ଼ରେ ୧୩ ମିମି ବର୍ଷା ହେବା ସହ ଅନ୍ୟାନ୍ୟ ଜିଲାରେ ମଧ୍ୟ ବର୍ଷା ରେକର୍ଡ କରାଯାଇଛି। ଅନ୍ୟପଟେ ଗୁରୁବାର ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଅନୁଗୋଳ ଓ ଢେଙ୍କାନାଳରେ ୭ରୁ ୨୦ ସେମି ପର୍ଯ୍ୟନ୍ତ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବରଗଡ଼ ଓ ଜଗତ୍‌ସିଂହପୁରରେ ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ବଗି ଛାଡ଼ି ୧ କି.ମି. ଗଡ଼ିଗଲା ଇଞ୍ଜିନ


ବଗି ଛାଡ଼ି ପଳାଇଥିବା ମାଲବାହୀ ଟ୍ରେନ ଇଞ୍ଜିନ।

## ଅଧଘଣ୍ଟା ଧରି ରେଳସେବା ବାଧାପ୍ରାପ୍ତ


ରୂପସା, ୩୧।୭(ବାଞ୍ଛାନିଧି ଦେ)

ଦକ୍ଷିଣ ପୂର୍ବ ରେଳପଥର ଖଡଗପୁର ଅଧୀନ ଅମର୍ଦ୍ଦାରୋଡ ରେଳଷ୍ଟେଶନ ମଧ୍ୟବର୍ତ୍ତୀ ବ୍ରାହ୍ମଣଦା ରେଳଫାଟକ ନିକଟରେ ଅପଲାଇନରେ ଏକ ଚଳନ୍ତା ମାଲବାହୀ ଟ୍ରେନର ଭାକ୍ୟୁମ ପାଇପ ସଂଯୋଜକ ଛିଣ୍ଡି ଯାଇଥିଲା। ଫଳରେ ଇଞ୍ଜିନ ଓ ବଗି ମଧ୍ୟରେ ଗୋଟିଏ ସ୍ଥାନରେ ବିଚ୍ଛିନ୍ନ ହେବାରୁ ଉକ୍ତ ଟ୍ରାକ ଦେଇ ଅଧଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

ବୁଧବାର ଅପରାହ୍ଣରେ ଅପଲାଇନରେ ଖଡଗପୁର ଭଦ୍ରକ ଅଭିମୁଖେ ଯାଉଥିବା ମାଲବାହୀ ଟ୍ରେନ ଅମର୍ଦ୍ଦାରୋଡ ରେଳଷ୍ଟେଶନ ଅତିକ୍ରମ କରିବା ପରେ ବ୍ରାହ୍ମଣଦା ରେଳଫାଟକ ନିକଟରେ ଭାକ୍ୟୁମ ପାଇପ ସଂଯୋଜକ ଛିଣ୍ଡିଯାଇଥିଲା। ଫଳରେ ୨୦ରୁ ଅଧିକ ବଗି ଛାଡି ଇଞ୍ଜିନ ୫ଟି ବଗି ନେଇ ପାଖାପାଖି ୧କି.ମି ପର୍ଯ୍ୟନ୍ତ ପଳାଇଥିଲା। ଫଳରେ ଉକ୍ତ ଟ୍ରାକ ଦେଇ ଅଧଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ରେଳବିଭାଗ ବିଶେଷଜ୍ଞ ଟିମ୍ ପହଞ୍ଚି ବିଚ୍ଛିନ୍ନ ସ୍ଥାନରେ ସଂଯୋଜକକୁ ଯୋଡିବା ପରେ ଟ୍ରେନର ଅନ୍ୟ ସମସ୍ତ ସଂଯୋଜକ ସ୍ଥାନକୁ ଯାଞ୍ଚ କରାଯାଇ ମାଲବାହୀ ଟ୍ରେନକୁ ବସ୍ତା ରେଳଷ୍ଟେଶନକୁ ପଠାଇ ଦିଆଯାଇଥିଲା। ଏହା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ହୀରାକୁଦର ୬ ଗେଟ୍ ବନ୍ଦ

## ୧୪ ସ୍ଲୁଇସ୍ ଗେଟ୍ ଦେଇ ଜଳ ନିଷ୍କାସନ ଅବ୍ୟାହତ



ସମ୍ବଲପୁର,୩୧।୭ (ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରକୁ ମହାନଦୀର ବନ୍ୟାଜଳ ପ୍ରବେଶ ହ୍ରାସ ପାଉଛି। ଏଥିସହିତ ଆଗକୁ ତଳମୁଣ୍ଡରେ ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ଜଳଭଣ୍ଡାରରୁ ଜଳ ନିଷ୍କାସନ ହେଉଥିବା ୨୦ ସ୍ଲୁଇସ୍ ଗେଟ୍ ମଧ୍ୟରୁ ବୁଧବାର ଦୁଇଟି ପର୍ଯ୍ୟାୟରେ ୬ଟି ଗେଟ୍‌କୁ ବନ୍ଦ କରି ଦିଆଯାଇଛି। ଫଳରେ ବର୍ତ୍ତମାନ ଜଳଭଣ୍ଡାରର ଡାହାଣ ପଟେ ୪ ଓ ବାମପଟେ ୧୦ ଏହିପରି ୧୪ଟି ଗେଟ୍ ମାଧ୍ୟମରେ ବନ୍ୟାଜଳ ନିଷ୍କାସନ ଜାରି ରହିଛି।

ବୁଧବାର ରାତି ସାଢ଼େ ୯ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୧୦.୧୭ ଫୁଟ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୫୧ ହଜାର ୪୫୧ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ମୋଟ୍ ୨ ଲକ୍ଷ ୪୭ ହଜାର ୭୪୭ଘନଫୁଟ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ୧୪ଟି ସ୍ଲୁଇସ୍ ଗେଟ୍ ମଧ୍ୟଦେଇ ୨ ଲକ୍ଷ ୦୮ ହଜାର ୪୦୪ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର କେନାଲରେ ୩୫ ହଜାର ୬୧୪ ଘନଫୁଟ, ବରଗଡ଼ କେନାଲରେ ୨ ହଜାର ୭୨୨ ଘନଫୁଟ, ଶାସନ କେନାଲରେ ୬୩୦ ଘନଫୁଟ, ସମ୍ବଲପୁର କେନାଲରେ ୯୫ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ପାନୀୟ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଓ ଶିଳ୍ପାନୁଷ୍ଠାନଗୁଡ଼ିକୁ ମିଶି ମୋଟ ୨୭୫ ଘନଫୁଟ ଜଳ ଯୋଗାଣ ହେଉଛି। ଗତ ୨୪ଘଣ୍ଟା ମଧ୍ୟରେ ହୀରାକୁଦ ଉପରମୁଣ୍ଡରେ ୧୧.୪୦ ମିଲିମିଟର ଓ ତଳମୁଣ୍ଡରେ ୪.୪୫ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷଠାରୁ ମିଳିଥିବା ସୂଚନାରୁ ପ୍ରକାଶ।

# ୫ରେ ପ୍ରକାଶ ପାଇବ ପିଜି ମେଧା ତାଲିକା

- ୨୧ରୁ ପ୍ରଥମ ପର୍ଯ୍ୟାୟ ନାମଲେଖା
- ସେପ୍ଟେମ୍ବର ୧୮ରୁ ପିଜି ପ୍ରଥମ ବର୍ଷ ପାଠପଢ଼ା

ଭୁବନେଶ୍ୱର, ୩୧।୭ (ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷରେ ପିଜି ନାମଲେଖା ପାଇଁ ହୋଇଥିବା ଏକକ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି-୨୦୨୪)ର ରାଜ୍ୟସ୍ତରୀୟ ଏବଂ ବିଷୟଭିତ୍ତିକ ମେଧା ତାଲିକା ଆସନ୍ତା ୫ ତାରିଖରେ ପ୍ରକାଶ ପାଇବ। ୬ରୁ ୧୨ତାରିଖ ମଧ୍ୟରେ ଛାତ୍ରୀଛାତ୍ରମାନେ ଚଏସ୍ ଫିଲିଙ୍ଗ କରିବେ। ୨୦ ତାରିଖ ଅପରାହ୍ଣ ୪ଟାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ରମାନେ ୨୧ତାରିଖ ପୂର୍ବାହ୍ଣ ୧୦ଟାରୁ ୨୪ତାରିଖ ଅପରାହ୍ଣ ୫ଟା ମଧ୍ୟରେ ନାମ ଲେଖାଇବେ। ୩୧ତାରିଖ ଅପରାହ୍ଣ ୪ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ରମାନେ ସେପ୍ଟେମ୍ବର ୨ତାରିଖ ପୂର୍ବାହ୍ଣ ୧୦ଟାରୁ ୪ତାରିଖ ଅପରାହ୍ଣ ୫ଟା ଭିତରେ ନାମ ଲେଖାଇବାକୁ ପଡ଼ିବ। ସେପ୍ଟେମ୍ବର ୧୦ ତାରିଖ ଅପରାହ୍ଣ ୪ଟାରେ ତୃତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ରମାନେ ୧୧ ତାରିଖ ପୂର୍ବାହ୍ଣ ୧୦ଟାରୁ ୧୩ ତାରିଖ ଅପରାହ୍ଣ ୫ଟା ଭିତରେ ନାମ ଲେଖାଇବେ। ସେପ୍ଟେମ୍ବର ୨୪ ତାରିଖ ଅପରାହ୍ଣ ୨ଟାରେ ବଳକା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମେଧା ତାଲିକା ଶିକ୍ଷାନୁଷ୍ଠାନଗୁଡ଼ିକର ଇ-ସ୍ପେସ୍‌ରେ ପ୍ରକାଶ ପାଇବ। ଶିକ୍ଷାନୁଷ୍ଠାନଗୁଡ଼ିକ ମନୋନୀତ ହୋଇଥିବା ଛାତ୍ରୀଛାତ୍ରଙ୍କ ନାମ ନିଜ ଶିକ୍ଷାନୁଷ୍ଠାନର ନୋଟିସ ବୋର୍ଡ, ୱେବ୍‌ସାଇଟ୍‌ରେ ପ୍ରକାଶ କରିବେ। ଏଥିସହିତ ସେହି ଛାତ୍ରୀଛାତ୍ରଙ୍କୁ ଫୋନ କଲ୍/ଏସ୍‌ଏମ୍‌ଏସ୍/ହ୍ୱାଟ୍ସ ଆପ୍ ଜରିଆରେ ମଧ୍ୟ ଜଣାଇବେ। ମନୋନୀତ ଛାତ୍ରୀଛାତ୍ରମାନେ ସେପ୍ଟେମ୍ବର ୨୬ ତାରିଖ ପୂର୍ବାହ୍ଣ ୧୦ଟାରୁ ୨୮ତାରିଖ ଅପରାହ୍ଣ ୫ଟା ଭିତରେ ନାମ ଲେଖାଇବେ। ତେବେ ସେପ୍ଟେମ୍ବର ୧୮ରେ ପିଜି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ।

ସୂଚନାଯୋଗ୍ୟ, ରାଜ୍ୟରେ ଚଳିତ ଶିକ୍ଷାବର୍ଷ ୨୦୨୪-୨୫ରେ ପିଜି ନାମଲେଖା ପାଇଁ ମୋଟ ୧୧୪ଟି ଶିକ୍ଷାନୁଷ୍ଠାନ ଥିବାବେଳେ ୨୮,୯୮୪ଟି ସିଟ୍ ରହିଛି। ୨୦୨୪-୨୫ରେ ଏକକ ପିଜି ପ୍ରବେଶିକା ପରୀକ୍ଷା ଗତ ୩ରୁ ୧୫ତାରିଖ ପର୍ଯ୍ୟନ୍ତ ହୋଇଥିଲା। ଏଥିପାଇଁ ୬୩,୧୮୪ଜଣ ଆବେଦନ କରିଥିଲେ। ଏମାନଙ୍କ ମଧ୍ୟରେ ୪୩,୬୨୪ ଛାତ୍ରୀ ଥିବାବେଳେ ୨୧,୩୬୦ ଛାତ୍ର ଏବଂ ୩ଜଣ କିନ୍ନର ରହିଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ଓଡ଼ିଆ ବିଶ୍ୱବିଦ୍ୟାଳୟର ଏମ୍‌ଏ ପାଠ୍ୟକ୍ରମ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଆଚାର୍ଯ୍ୟ (ପିଜି) ପାଠ୍ୟକ୍ରମରେ ନାମଲେଖା ପାଇଁ ମଧ୍ୟ ସିପିଇଟି ପରୀକ୍ଷା କରାଯାଇଥିଲା।

# ବିଚାରାଧୀନ ବନ୍ଦୀଙ୍କୁ ପିଟି ହତ୍ୟା


## ଅଭିଯୋଗ ଆଣିଲେ ପରିବାର ଲୋକ, ଜେଲ କର୍ତ୍ତୃପକ୍ଷଙ୍କ ଖଣ୍ଡନ

**ବ୍ରାଉନ୍ ସୁଗାର କାରବାର ମାମଲାରେ ଗତ ୨୫ ତାରିଖରେ ପୁରୀ ପୋଲିସ ପିପିଲି ହାଟଛକର ଶେଖ୍ ଅବ୍‌ଦୁଲ୍ ଅମିରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେ ୨୬ ତାରିଖରୁ ପୁରୀ ଜେଲରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ବୁଧବାର ଅବ୍‌ଦୁଲଙ୍କ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗିରଫ ବେଳେ ଅବ୍‌ଦୁଲ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ। ତେଣୁ ତାଙ୍କୁ ପୋଲିସ ପିଟି ପିଟି ମାରିଦେଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଅପରପକ୍ଷରେ ଜେଲ କର୍ତ୍ତୃପକ୍ଷ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି।**

ପୁରୀ,୩୧।୭(ଅଜିତ୍ କୁମାର ମହାନ୍ତି)

ଗତ ୨୫ ତାରିଖରେ ପୁରୀ ପୋଲିସ ପିପିଲି ପୋଲିସ ସହାୟତାରେ ବ୍ରାଉନ ସୁଗାର କାରବାର ଅଭିଯୋଗରେ ଶେଖ୍ ଅବଦୁଲ ଅମିର ଓରଫ ସଲିମ(୩୦)ଙ୍କୁ ଗିରଫ କରିଥିଲା। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ତାଙ୍କୁ ପୁରୀ-କୋଣାର୍କ ରୋଡସ୍ଥିତ ବାଙ୍ଗର ଜେଲରେ ରଖାଯାଇଥିଲା। ଗିରଫ ସମୟରେ ଅବ୍‌ଦୁଲ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ। ମଙ୍ଗଳବାର ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ତାଙ୍କୁ ପୁରୀ ସଦର ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ଅବ୍‌ଦୁଲଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରି ନାହାନ୍ତି ପରିବାର ଲୋକେ। ତାଙ୍କ ଦେହ ଭଲ ଥିଲା। ତାଙ୍କୁ ପିଟି ପିଟି ମାରି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରିବାର ଲୋକଙ୍କ କହିବାନୁଯାୟୀ, ପୋଲିସ ଅବ୍‌ଦୁଲଙ୍କୁ ବଳପୂର୍ବକ ଗିରଫ କରିବା ସହ ଘରୁ ସମସ୍ତ ଟଙ୍କା ନେଇଯାଇଥିଲା। ଅବଦୁଲ ଅମିର ନିଶା ସେବନ କରୁଥିଲେ, ହେଲେ ସେ କୌଣସି ବ୍ରାଉନ୍ ସୁଗାର ବ୍ୟବସାୟ କରୁ ନ ଥିଲେ। ତାଙ୍କ ନାମରେ ପୂର୍ବରୁ ମଧ୍ୟ କୌଣସି ମାମଲା ନାହିଁ। ବ୍ରାଉନ ସୁଗାର ବିକ୍ରି କରୁଥିବା ମିଛ ଅଭିଯୋଗରେ ପୋଲିସ ଅମିରଙ୍କୁ ଗିରଫ କରି ପୁରୀ ଆଣିଥିଲା। ଗିରଫ ସମୟରେ ଅମୀର ସୁସ୍ଥ ଥିଲେ ଚଲାବୁଲା ମଧ୍ୟ କରୁଥିଲେ। ହଠାତ ବୁଧବାର ଜେଲ କର୍ତ୍ତୃପକ୍ଷ ଫୋନ କରି ଅବ୍‌ଦୁଲ ଗୁରୁତର ଥିବାରୁ ତାଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା କହିଥିଲେ। ଖବରପାଇ ଆସି ଦେଖିବାବେଳକୁ ତାଙ୍କର ମୃତ୍ୟୁ ହୋଇସାରିଛି। ତେବେ ତାଙ୍କ ହାତରେ ଦାଗ ଓ ପାଟିରୁ ରକ୍ତ ବାହାରୁଥିବାରୁ ତାଙ୍କୁ ପିଟି ପିଟି ମାରି ଦିଆଯାଇଛି। ଏପରି କି ଜେଲରୁ ଅବଦୁଲଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟ ଅଣାଯିବା ସମୟରେ କିମ୍ବା ତା ପରେ ମଧ୍ୟ ପରିବାର ଲୋକଙ୍କୁ ଖବର ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଅବ୍‌ଦୁଲଙ୍କୁ ମିଛ ମାମଲାରେ ଛନ୍ଦି ପୋଲିସ ଜେଲ ପଠାଇବା ସହ ସେଠାରେ ପିଟି ପିଟି ମାରିଦେଇଛି। ଅବ୍‌ଦୁଲଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା କାରଣରୁ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ପରିବାର ଲୋକଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ପରିବାର ଲୋକଙ୍କ ପକ୍ଷରୁ ଦାବି କରାଯାଇଛି। ପୋଲିସ ମୃତଦେହ ଜବତ କରିଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ଅପରପକ୍ଷରେ ଏନେଇ ଜେଲର ଅକ୍ଷୟ କୁମାରଙ୍କ ସୂଚନା ଅନୁଯାୟୀ ପରିବାର ଆଣିଥିବା ଅଭିଯୋଗ ଭିତ୍ତିହୀନ ଅଟେ। ମୃତ୍ୟୁବରଣ କରିଥିବା ଅଭିଯୁକ୍ତ ଏନ୍‌ଡିପିଏସ୍ ଆକ୍ଟରେ ଗତ ୨୬ ତାରିଖ ଦିନ ଜେଲକୁ ଆସିଥିଲେ। ଅଭିଯୁକ୍ତ ପ୍ରତ୍ୟେକ ଦିନ ନିଶା ସେବନ କରନ୍ତି। ଯେଉଁଦିନ ଜେଲକୁ ଆସିଥିଲେ ଜୋର୍‌ରେ ଥରୁଥିଲେ। ନିଶା ପାଇଁ ବାଉଳିଚାଉଳି ହେଉଥିଲେ। ଯେହେତୁ ପୂର୍ବରୁ ଅଭିଯୁକ୍ତ ନିଶା ସେବନ କରୁଥିଲେ, ତେଣୁ ଜେଲ ପରିସରରେ ମେଡିକାଲ ଅଫିସର ତାଙ୍କ ଚିକିତ୍ସା କରିବା ସହ ମେଡିସିନ ଦେଉଥିଲେ। ମଙ୍ଗଳବାର ଅଭିଯୁକ୍ତଙ୍କ ଦେହ ଖରାପ ହେବାରୁ ଗାର୍ଡ ପାର୍ଟି ସହାୟତାରେ ମେଡିକାଲ ପଠାଯାଇଥିଲା। ଅପରାହ୍ଣ ୫ଟା ସମୟରେ ପୁରୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ମେଡିକାଲରେ ସୁ ଥିଲେ। ହେଲେ ବୁଧବାର ସକାଳୁ ଚିକିତ୍ସାଧୀନ ଅବସ୍ଥାରେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିବା ଜେଲର ସୂଚନା ଦେଇଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ, ସ୍ଥାନ: ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ, ସମୟ: ଅପରାହ୍ନ ୩ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟକ 'ଚାଇନାର ରିଙ୍ଗ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## ଖୋର୍ଦ୍ଧା
- ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବାଲେଶ୍ୱର
- ସ୍ୱାସ୍ଥ୍ୟମେଳା, ସ୍ଥାନ: କୁପାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ବହରା, ସମୟ: ସକାଳ ୯ଟା ୩୦।
- ସଂସ୍କୃତ ପ୍ରାଧ୍ୟାପିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ନୀଳଗିରି ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ, ସ୍ଥାନ: ଅପର୍ତ୍ତିକିଆ ଛକ, ଭଦ୍ରକ, ସମୟ: ସକାଳ ୮ଟା।
- .ପୁନୀ ସମାଜ ପକ୍ଷରୁ ଯୋଗୀ ଶତ୍ରୁଘ୍ନ ପୁନୀଙ୍କ ସ୍ମୃତିସଭା, ସ୍ଥାନ: ଓଲଡାଙ୍ଗ, ଆଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।

## କେନ୍ଦୁଝର
- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଭାଗବତ ପାଠ ଏବଂ ପୂଜା, ସ୍ଥାନ: ସରଳା, ହାଟଡିହି, ସମୟ: ସକାଳ ୭ ଟା।
- ଶିବ ମନ୍ଦିରରେ ରୁଦ୍ରାଭିଷେକ ଏବଂ ହୋମ, ସ୍ଥାନ: ହଦଗଡ଼, ହାଟଡିହି, ସମୟ: ପୂର୍ବାହ୍ନ ୧୦ ଟା।
- ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ନେଇ ବୈଠକ, ସ୍ଥାନ: ହାଟଡିହି, ସମୟ: ଅପରାହ୍ନ ୩ ଟା।
- ସତ୍ୟସାଇ ସେବା ସଂଗଠନ ତରଫରୁ ସତସଙ୍ଗ, ଭଜନ, ସ୍ଥାନ: ମଙ୍ଗେରୀ, ହାଟଡିହି, ସମୟ: ଅପରାହ୍ନ ୫ ଟା।

## ମୟୂରଭଞ୍ଜ
- ଜିଲାସ୍ତରୀୟ ସିକଲ ସେଲ୍ ତାଲିମ ଶିବିରର ଉଦ୍‌ଯାପନୀ ଦିବସ, ସ୍ଥାନ:ମୁର୍ଗାବାଡ଼ିସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ନବାଗତ ଛାତ୍ରୀଙ୍କ ସମ୍ବର୍ଦ୍ଧନା, ସ୍ଥାନ: ମୋରଡ଼ା ଶିଳ୍ପ ତାଲିମ କେନ୍ଦ୍ର, ସମୟ:ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସେଣ୍ଟେନେରୀ ହଲ, ସମୟ: ପୂର୍ବାହ୍ନ୧୧ଟା।
- ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଗସ୍ତ, ସ୍ଥାନ:ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ସମୟ:ପୂର୍ବାହ୍ନ୧୧ଟା।

## ଗଞ୍ଜାମ
- ବିମଳାଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକୋତ୍ସବ, ସ୍ଥାନ: ଆସିକା ଲାଲା ଶାସନ, ସମୟ: ସକାଳ ୯ଟା।

## କନ୍ଧମାଳ
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ:ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦.୩୦ମି।

## ରାୟଗଡ଼ା
- ମହିଳା ମହାବିଦ୍ୟାଳୟର ୪୨ତମ ପ୍ରତିଷ୍ଠା, ସ୍ଥାନ: ଅଡିଟୋରିୟମ ହଲ, ମହିଳା ମହାବିଦ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ୱାର୍ଡ ସଦସ୍ୟଙ୍କ ପୁନଃ ନବୀକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, କୋଲନରା, ସମୟ: ପୂର୍ବାହ୍ନ ୧୦ ଟା।
- ପାଇକ ଓ ସରକାରୀ ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଗୁଣପୁର ଶ୍ରମ ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଉପ ଜିଲାପାଳଙ୍କ ସମ୍ମିଳନୀ ଗୃହ, ଗୁଣପୁର, ସମୟ: ଅପରାହ୍ନ ୪ଟା।
- ସାରାଘ ପରିବାର ପରାମର୍ଶ କେନ୍ଦ୍ର ଉପ କମିଟିର ବୈଠକ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଗୁଣପୁର, ସମୟ: ଅପରାହ୍ନ ୫ଟା।
- ମ୍ୟାଜିକ ଶୋ, ସ୍ଥାନ: ଅଶୋକ କଲ୍ୟାଣ ମଣ୍ଡପ, ରାୟଗଡ଼ା, ସମୟ: ସନ୍ଧ୍ୟା ୭ଟା।
- ରାୟଗଡ଼ା ଟାଲେଣ୍ଟ ଆୱାର୍ଡ ୨୦୨୪ର ସମୀକ୍ଷା ବୈଠକ, ସ୍ଥାନ: ସାଇପ୍ରିୟା ନଗର, ୨ୟ ଲାଇନ, ରାୟଗଡ଼ା, ସମୟ: ସନ୍ଧ୍ୟା ୭ଟା ୩୦।

## ନବରଙ୍ଗପୁର
- ଜିଲା ସମବାୟ ସମିତି ଉନ୍ନୟନ କମିଟି ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## କୋରାପୁଟ
- କୁନ୍ଦୁରା ସାପ୍ତାହିକ ହାଟ ସ୍ଥାନାନ୍ତର ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ପଡାଙ୍ଗି ବ୍ଲକ ସଭା ଗୃହ ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ବିଭିନ୍ନ ସଙ୍ଗଠନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଉଦ୍ୟାନ, ସମୟ : ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ : ଜୀବନଜ୍ୟୋତି ଗାୟତ୍ରୀ ଫାର୍ମାସୀ କଲେଜ ପରିସର, ସମୟ : ସକାଳ ୯ଟା।
- ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମ, ସ୍ଥାନ : ଗୁରୁନାନକ ପବ୍ଲିକ ସ୍କୁଲ ସଭାକକ୍ଷ, ସମୟ : ସକାଳ ୯ଟା ୩୦।
- ସନାତନ ମେମୋରିଆଲ ସ୍ମାରକୀ ଫୁଟବଲ ମ୍ୟାଚ-ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବନାମ ଇଷ୍ଟକୋଷ୍ଟ ରେଲୱେ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୧ ଟା ୪୫।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମ, ସ୍ଥାନ : ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଉଦ୍ୟାନ, ସମୟ : ଅପରାହ୍ନ ୨ଟା।
- ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ଅପରାହ୍ନ ୨ଟା।
- ଅନାମିକା କ୍ଲବ ବନାମ ରୟାଲ କ୍ଲବ ମଧ୍ୟରେ ଫୁଟବଲ ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ ଟା ୩୦।
- ହୀରାକୁଦ ମହୋତ୍ସବ କମିଟି ପକ୍ଷରୁ ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମ, ସ୍ଥାନ : ସୁଭାଷ ପଡ଼ିଆ, ସମୟ : ଅପରାହ୍ନ ୪ଟା।
- ବୁର୍ଲା ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମ, ସ୍ଥାନ : ସରକାରୀ ଉଚ୍ଚବିଦ୍ୟାଳୟ ପରିସର, ସମୟ : ସନ୍ଧ୍ୟା ୫ଟା।
- ସମ୍ବଲପୁର ସାଂସ୍କୃତିକ ପରିଷଦ ଓ ଚିନ୍ମୟ ମିଶନ ଆୟୋଜିତ କବିତା ଆବୃତ୍ତି ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଅସୀଚାଳନା ପ୍ରଶିକ୍ଷଣ ଶିବିର, ସ୍ଥାନ: ଆର୍‌ଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।

## ରାଉରକେଲା
- ରାଉରକେଲା କଲେଜରେ ସ୍ୱାସ୍ଥ୍ୟ ସୁରକ୍ଷା ସଚେତନତା କର୍ମଶାଳା,ସ୍ଥାନ: ସେକ୍ଟର-–୪,ସମୟ: ପୂର୍ବାହ୍ନ ୧୦ଟା।
- ବେଦବ୍ୟାସ ସଂସ୍କୃତ କଲେଜରେ ପ୍ରବେଶ ଉତ୍ସବ ପାଳନ,ସ୍ଥାନ: ବେଦବ୍ୟାସ,ସମୟ: ପୂର୍ବାହ୍ନ ୧୧ଟା।
- ଶିବଶକ୍ତି ଅନୁଷ୍ଠାନ ପକ୍ଷରୁ ଶିବଚର୍ଚ୍ଚା, ସ୍ଥାନ: ଶକ୍ତିନଗର, ସମୟ: ସନ୍ଧ୍ୟା ୬ଟା।
- ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ପକ୍ଷରୁ ସମଲପୁରୀ ଦିନ୍, ସ୍ଥାନ: ସେକ୍ଟର-୨୦ ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼
- ଜିଲାସ୍ତରୀୟ ଡେଙ୍ଗୁ,ମ୍ୟାଲେରିଆ ଓ ଜାପାନିଜ ଏନସେଫାଲାଇଟସ ରୋଗ ସଚେତନତା କର୍ମଶାଳା,ସ୍ଥାନ :କୁଆଁରମୁଣ୍ଡା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର: ସମୟ:ପୂର୍ବାହ୍ନ ୧୦ଟା।
- ଜିଲା ସ୍ତରର ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ,ସ୍ଥାନ: ସଦ୍ ଭାବନା ଭବନ: ଅପରାହ୍ନ:୪ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଜିଲା ସମ୍ବଲପୁରୀ ଦିନ ପାଳନ: ସ୍ଥାନୀୟ: ସଂସ୍କୃତି ଭବନ, ଏଲଆଇସି ଅଫିସ ସମ୍ମୁଖ, ସମୟ: ଅପରାହ୍ନ ୫ଟା।

## ବରଗଡ଼
- ସମ୍ବଲପୁରୀ ଦିନ ପାଳନ, ସ୍ଥାନ: ବିଜେପୁର, ସ୍ଥାନ: ଅତାବିରା ବ୍ଲକ ଅଫିସ, ସମୟ: ସକାଳ ୮ଟା।
- ନିଷ୍ଠା ପରିବାର ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବରଗଡ଼ ରକ୍ତ ଭଣ୍ଡାର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ବୀର ସୁରେନ୍ଦ୍ର ସାଏ କ୍ଲବ, ଅତାବିରା, ସମୟ: ସକାଳ ୯ଟା।
- ଶିବ ପୁରାଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର, ଗାଇସିଲେଟ୍, ସମୟ: ସକାଳ ୯ଟା।
- ସମ୍ବଲପୁରୀ ଦିନ ଉପଲକ୍ଷେ ଲେଥା ପ୍ରଦର୍ଶନୀ, ସ୍ଥାନ: ରାମଚଣ୍ଡୀ ମନ୍ଦିର, ଲାଦେରପାଲି, ଅତାବିରା, ସମୟ: ସକାଳ ୯ଟା ୩୦।
- ଆମ ପରିବାର ପକ୍ଷରୁ ସମ୍ବଲପୁରୀ ଦିନ ପାଳନ, ସ୍ଥାନ: ଅଗ୍ରସେନ ଭବନ, ଅତାବିରା, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି
- ଅନାସ୍ଥା ପ୍ରସ୍ତାବ ଉପରେ ସ୍ୱତନ୍ତ୍ର ବୈଠକ, ସ୍ଥାନ: ଜୁନାଗଡ଼ ଏନ୍‌ଏସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ସଡ଼କ ସୁରକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ
- ବୌଦ୍ଧରେ ସମ୍ବଲପୁରୀ ଦିନ ପାଳନ, ସ୍ଥାନ: ଭିକାରୀ କଳା ମଣ୍ଡପ, ଟାଉନହଲ, ବୌଦ୍ଧ, ସମୟ: ସକାଳ ୮ଟା।

## ଦେବଗଡ଼
- ସିରଜିନା ପକ୍ଷରୁ ସମ୍ବଲପୁରୀ ଦିନ, ସ୍ଥାନ: ପଦ୍ମପୁର ଟାଉନହଲ, ସମୟ: ସକାଳ ୯ଟା।
- ପ୍ରଥମ ବର୍ଷ ବିଦ୍ୟାର୍ଥୀମାନଙ୍କ ପାଇଁ ପ୍ରବେଶିକା କାର୍ଯ୍ୟକ୍ରମ, ସ୍ଥାନ: ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳନ, ସ୍ଥାନ: ସୋନପୁର ବ୍ଲକ ଛକ ମାର୍କେଟ୍ କମ୍ପ୍ଲେକ୍ସ, ସମୟ: ସକାଳ ୭ଟା।
- ତନୁଶାନ ପରିବାର ପକ୍ଷରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅବସରରେ ସମ୍ବଲପୁରୀ ଦିନ୍ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନ, ସମୟ: ସକାଳ ୮ଟା।
- ସମ୍ବଲପୁରୀ ଦିନ ପାଳନ, ସ୍ଥାନ: କଦଳୀପାଲି ଛକ, ବୀରମହାରାଜପୁର ବ୍ଲକ, ସମୟ:ଅପରାହ୍ନ ୩ଟା।
- ଭାଗବତ ଟୁଙ୍ଗିରେ ଭାଗବତ ପାଠ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା୩୦।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଡ୍ରାଇଭିଂ ଲର୍ନିଂ ଆବେଦନ ଶିବିର, ସ୍ଥାନ: ଚାମ୍ବର ଅଫ କମର୍ସ ଖରିଆର ରୋଡ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନୂଆପଡ଼ା, ସମୟ: ସକାଳ ୮ଟା।
- ଏକାଦଶୀ ଉପଲକ୍ଷେ ଦୀପ ପ୍ରଜ୍ୱଳନ ଓ ଭାଗବତ ପଠନ, ସ୍ଥାନ: ବୋଡେନ ବ୍ଲକ ରୋକାଲ ପଞ୍ଚାୟତ ତାରାପୁର ଗାଁ ଜଗନ୍ନାଥ ମନ୍ଦିର, ସମୟ: ପ୍ରାତଃ ୪ଟା ୩୦ ଓ ସନ୍ଧ୍ୟା ୬ଟା ୩୦।

## ଝାରସୁଗୁଡ଼ା
- ହିର୍ମା ଗ୍ରାମବାସୀଙ୍କ ପ୍ରତିବାଦ, ସ୍ଥାନ: ସହରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ ଦିନ ପାଳନ, ସ୍ଥାନ: ସହରସ୍ଥିତ ସତସଙ୍ଗ ଭବନ ଓ ନବ ଦାସ ଓଡିଟରିୟମ, ସମୟ: ଅପରାହ୍ନ ୨ଟା।
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଗାୟତ୍ରୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ
- ଆଧ୍ୟାତ୍ମ୍ୟ ଦକ୍ଷତା ବୃଦ୍ଧି ସମ୍ପର୍କିତ ଆଲୋଚନା।, ସ୍ଥାନ: ଢେଙ୍କାନାଳ ସୂର୍ଯ୍ୟ ମଣ୍ଡପ, ସମୟଁ ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର
- ସ୍ୱାମୀ ସତ୍ୟ ଚୈତନ୍ୟ ଶ୍ରାବଣ ରୁଦ୍ର ପୂଜା କାର୍ଯ୍ୟକ୍ରମ,ସ୍ଥାନ: ଆର୍ଟ ଅଫ ଲିଭିଙ୍ଗ୍ ଯୋଗକେନ୍ଦ୍ର ପରିସର, ନୂଆବଜାର, ପାରାଦୀପ, ସମୟ: ସକାଳ ୭ ଟା।
- ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଚାପ ମୁକ୍ତ ବ୍ୟବସାୟ କଳା ଶିବିର,ସ୍ଥାନ: ପ୍ରଜାପିତା ଆଶ୍ରମ, ମଧୁବନ, ପାରାଦୀପ, ସମୟ ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବଡମଙ୍ଗ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଙ୍ଗଳା କମିଟି ପକ୍ଷରୁ ନାମଯଜ୍ଞ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ପଶ୍ଚିମ ଓଡ଼ିଶା ପରିବାର ପକ୍ଷରୁ ସମ୍ବଲପୁରୀ ଦିନ ପାଳନ,ସ୍ଥାନ : ଯାଜପୁର ରୋଡ଼ ନନ୍ଦରାମ ବଟିକା,ସମୟ : ସନ୍ଧ୍ୟା ୬ଟା।

## ନୟାଗଡ଼
- ପ୍ରବେଶ ଉତ୍ସବ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍‌ର କଣ୍ଟିଲୋ ନୀଳମାଧବ କଲେଜ, ସମୟ: ପୂର୍ବାହ୍ନ ୧୦ଟା୩୦।
- ୫ମ ବାର୍ଷିକ ଜିଲା ବ୍ୟାପୀ ଚାରା ବଣ୍ଟନ, ଚାରା ରୋପଣ ଓ ଜନ ସଚେତନତା ପଦଯାତ୍ରା ଆରମ୍ଭ , ସ୍ଥାନ:ନୟାଗଡ ମୁକ୍ତାପୁର ଶାଳଭଞ୍ଜ ଠାକୁରାଣୀ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ଭାଗ୍ୟସ୍ଥାନକୁ ଦେଖୁଥିବାରୁ ମନ ଅନୁଯାୟୀ କାମ କରିବାରେ ସଫଳ ହେବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଦୋକାନବାଡ଼ି, ସତ୍‌ସଙ୍ଗର ସୁଯୋଗ ଲାଭ କରିବେ। ଭାଇଭାଇ, ବନ୍ଧୁବାନ୍ଧବଙ୍କୁ କେନ୍ଦ୍ରକରି କଳହ ଲାଗିପାରେ। ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ବୃଷ** ବକ୍ରୀ ଶନିଙ୍କ ପ୍ରଭାବରେ ସଂଘର୍ଷ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବେ। ପରିବାରରେ ଅସାବଧାନତାବଶତଃ ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଫିସିଆଲି କେତେକ କାର୍ଯ୍ୟହାନି ଯୋଗୁ ମନ ଉଦାସ ରହିବ। ଅବଶ୍ୟ କଳା, ସାହିତ୍ୟ ଓ ସଙ୍ଗୀତ, ଆନୁଷ୍ଠାନିକ କ୍ଷେତ୍ରରେ ସୁନାମ ଅର୍ଜନ କରିପାରନ୍ତି।

**ମିଥୁନ** ଶ୍ରୀଚନ୍ଦ୍ର ଯୋଗୁ ଆର୍ଥିକ ଅଭିବୃଦ୍ଧି ଘଟିଲେ ମଧ୍ୟ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଭଲ କହିଲେ ମଧ୍ୟ ଅନ୍ୟମାନେ ତାହାକୁ ଭୁଲ୍ ବୁଝିବେ। ସନ୍ତାନଙ୍କ ବୈବାହିକ ସମ୍ପର୍କ ସ୍ଥାପନ ସକାଶେ ଆଲୋଚନା କରିପାରନ୍ତି। ଦୀର୍ଘଦିନରୁ ସ୍ଥଗିତ କାମକୁ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇ ସଫଳତା ପାଇବେ।

**କର୍କଟ** ଧନାଧିପ ରବି ରାଶିରେ ଅବସ୍ଥାନ କରି ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା ପ୍ରାପ୍ତହେବେ। ଅନ୍ୟମାନଙ୍କ ନିକଟତର ହେବା ମାନସରେ ସେମାନଙ୍କ ସେବାରେ ନିଜକୁ ନିୟୋଜିତ କରିପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ। ଅପରାହ୍ନରେ ସାଧାରଣ କଥାକୁ ନେଇ ପରିବାରରେ ମତାନ୍ତର ଘଟିପାରେ।

**ସିଂହ** ବୁଧ ଓ ଶୁକ୍ର ରାଶିରେ ଅବସ୍ଥାନ କରି ଅର୍ଥ, ଉଚ୍ଚସମ୍ମାନ ପ୍ରଦାନ କରିବାରେ ସମର୍ଥ ହେବେ। ଈର୍ଷାପରାୟଣ ବ୍ୟକ୍ତିମାନେ ନିଜର ଦୋଷଦର୍ଶିତା ଗୁଣ ହେତୁ ସମାଲୋଚନା କରିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ତରବରିଆ ଯାତ୍ରାରୁ ନିବୃତ୍ତ ରହିଲେ ଭଲ। କର୍ମକ୍ଷେତ୍ରରେ ନିଜ କାର୍ଯ୍ୟ ଅନ୍ୟମାନଙ୍କ ରୁଚିବୋଧକ ହୋଇ ନ ପାରେ।

**କନ୍ୟା** ଚନ୍ଦ୍ରଙ୍କ ପ୍ରଭାବରେ ଆଜିର କର୍ମକ୍ଷେତ୍ର ଓ ପାରିବାରିକ ପରିସ୍ଥିତି ଭଲ ରହିବ। ବିରୁଦ୍ଧ କଥା କହୁଥିବା କାରଣରୁ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ପିଲାଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ସବୁ ସୁବିଧା ଥାଇ କାମ ଠିକ୍ ଠିକ୍ କରିଥିବେ କିନ୍ତୁ କାମଟି ବିଳମ୍ବରେ ହେବାରୁ କ୍ଷୋଭିତ ହୋଇପାରନ୍ତି।

**ତୁଳା** କର୍ମାଧିପ ଭାଗ୍ୟସ୍ଥ ହେତୁ ଚେଷ୍ଟା କରୁଥିବା କାମ ଆଶାନୁରୂପ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ଲାଗିରହିଥିବା ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। କଥା ପ୍ରସଙ୍ଗ କାଳରେ ଅଫିସ୍ ଭିତରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଗୃହସୀମା, ଜମିଜମା ବିବାଦଜନିତ କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ।

**ବିଛା** ଆଜି ଅଷ୍ଟମ ଚନ୍ଦ୍ର ହେତୁ କଳହ ଲାଗିବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ ହେବ। ପ୍ରତିଟି ପଦକ୍ଷେପରେ ଅନ୍ୟର ଉପକାର ଚିନ୍ତା କରିବେ କିନ୍ତୁ ପ୍ରତିଦାନ ପାଇବା ଦୁର୍ଲଭ ହେବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ପ୍ରତିଶ୍ରୁତି ଲାଭକରି ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ଧନୁ** ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଶୁକ୍ରଙ୍କ ସୁପ୍ରଭାବରୁ ବିଳାସବ୍ୟସନରେ ସମୟ ଅତିବାହିତ ହେବ। ସମସ୍ୟା ଲାଗିରହିଥିଲେ ମଧ୍ୟ ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ ଦୂରେଇଯିବ। ପାରିବାରିକ ସମସ୍ୟାକୁ ବାରମ୍ବାର ଆଲୋଚନା କରି ଅଯଥା ମନକୁ ଭାରାକ୍ରାନ୍ତ କରିପାରନ୍ତି।

**ମକର** ବୁଧଙ୍କ ବିପରୀତ ରାଜଯୋଗ ଫଳସ୍ୱରୂପ ଆଜି ସମସ୍ୟା ଆସିଲେ ମଧ୍ୟ ସମାଧାନ ହୋଇଯିବ। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ସଭାସମିତି, କର୍ମାରମ୍ଭ ସକାଶେ ଦିନଟି ଭଲ। ମାଲିମକଦ୍ଦମା, ପୂର୍ବଶତ୍ରୁତା, ରୁଗ୍‌ଣ ସ୍ୱାସ୍ଥ୍ୟର ଦୁଶ୍ଚିନ୍ତା ଘାରିପାରେ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ଚିନ୍ତା ସୃଷ୍ଟି ହେବ।

**କୁମ୍ଭ** କେତୁଙ୍କ ପ୍ରଭାବରୁ ସମସ୍ୟା ଲାଗିରହିଥିଲେ ମଧ୍ୟ ଶୁକ୍ର ପ୍ରଭାବରୁ କାମ ବାଧାପ୍ରାପ୍ତ ହେବନାହିଁ। ବନ୍ଧୁଙ୍କ ସାହାଯ୍ୟ ଓ ସମର୍ଥନ ସାଙ୍ଗକୁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମ ହାସଲ କରିବେ। ଶତଭିଷା ନକ୍ଷତ୍ରର ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ।

**ମୀନ** ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନତୁବା ରାଶିରେ ରାହୁଜନିତ ପଡ୍ରେଇବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ। କିନ୍ତୁ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ଆଜିର ଆଲୋଚନାରେ କୌଣସି ନିଷ୍ପତ୍ତି ନେବାରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

ଆଜି ଅଗଷ୍ଟ ୧ ତାରିଖ, ବିଶ୍ୱ ସ୍ତନ୍ୟପାନ ସପ୍ତାହ ଆରମ୍ଭ, ଲୋକମାନ୍ୟ ବାଲ୍‌ଗଙ୍ଗାଧର ତିଳକଙ୍କ ତିରୋଧାନ ଦିବସ, ଶ୍ରାବଣ କୃଷ୍ଣ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ଗୁରୁବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୨୬ମି. ଗତେ ଘ.୦୭।୦୯ମି. ମଧ୍ୟେ, ଘ.୧୦।୩୫ମି. ଗତେ ଘ.୦୧।୧୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୨୯ମି. ଗତେ ଘ.୦୩।୦୬ମି. ମଧ୍ୟେ ରାହୁକାଳ ॥

# ପ୍ରଥମ ପୃଷ୍ଠାରୁ...

## ୧୬.୨୭ ଲକ୍ଷ ଜାଲ ...
ସଦସ୍ୟମାନେ ଦାବି କରିଥିଲେ। ପ୍ରଶ୍ନକାଳରେ ମୂଳପ୍ରଶ୍ନ କର୍ତ୍ତା ଭାଜପା ସଭ୍ୟ ଉମା ଚରଣ ମଲ୍ଲିକ ପ୍ରଶ୍ନ ନଂ. ୧୮୧ ଜରିଆରେ ପଚାରିଥିଲେ ଯେ ୫ ବର୍ଷର ଶିଶୁ ଓ ନୂଆ ବାହା ହୋଇଥିବା ମହିଳାମାନଙ୍କର ନାମ ଯୋଗ କରିବାକୁ ଦରଖାସ୍ତ କଲେ ନାମ ଯୋଡ଼ାଯାଉ ନାହିଁ। ନୂଆ କାର୍ଡଧାରୀଙ୍କ ନାମ ଯୋଡ଼ିବା ପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି। ସେମାନଙ୍କ ନାମ କେବେ ସୁଦ୍ଧା ଯୋଡ଼ାଯିବ। ଏହାର ଜବାବରେ ମନ୍ତ୍ରୀ କହିଛନ୍ତି , ୫ ବର୍ଷର ଶିଶୁଙ୍କ ନାମ ଯୋଡ଼ିବା ପାଇଁ ବ୍ୟବସ୍ଥା ରହିଛି। ଖାଲି ହେଉଥିବା ସ୍ଥାନରେ ନାମ ଯୋଡ଼ା ଯାଉଛି। ନୂଆ ବାହା ହୋଇଥିବା ମହିଳାମାନେ ସେମାନଙ୍କ ନାମ ପୁରୁଣା କାର୍ଡରୁ କାଟି ନୂଆ ପରିବାର ସହ ଯୋଗକରିବା ବ୍ୟବସ୍ଥା ରହିଛି। ସେହିପରି ଭାଜପା ସଭ୍ୟ ସାରଦା ପ୍ରସନ୍ନ ନାୟକ ଅଭିଯୋଗ କରିଥିଲେ, ରାଜନୈତିକ ଆକ୍ରୋଶ ରଖି ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ଦିଆଯାଇ ନାହିଁ। ଦଳୀୟ ଭିତ୍ତିରେ ବଣ୍ଟାଯାଇଛି। ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ ମଧ୍ୟ ସମାନ ଅଭିଯୋଗ ଆଣିଥିଲେ। ସେ କହିଥିଲେ ଯେ, ଗତ ସରକାର ସମୟରେ ଦଳୀୟ ଆଧାରରେ ରାଶନ କାର୍ଡ ବଣ୍ଟନ କରାଯାଇଥିଲା। ରାଜ୍ୟରେ କେତେ ଭୂତ ରାଶନ କାର୍ଡଧାରୀ ଅଛନ୍ତି, ସେମାନଙ୍କୁ ଚିହ୍ନଟ କରାଯାଉ। ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ ଦିଆଯାଉ। ବିଜେଡି ସଭ୍ୟ ଗଣେଶ୍ୱର ବେହେରା ଅତିରିକ୍ତ ପ୍ରଶ୍ନରେ କହିଲେ, ୨୦୧୧ ଜନଗଣନା ଆଧାରରେ ରାଶନ କାର୍ଡ ଦିଆଯାଇଥିଲା। ଇତିମଧ୍ୟରେ ୨୦୨୪ ହେଲାଣି। ଜନସଂଖ୍ୟା ବଢ଼ିଛି। କେତେ ଜନସଂଖ୍ୟାକୁ ରାଶନ କାର୍ଡ ଦିଆଯାଇଛି। ଯେଉଁ ହିତାଧିକାରୀଙ୍କ ହାତମୁଣ୍ଡ କାମ କରୁନି ସେମାନଙ୍କର ଫିଙ୍ଗର ପ୍ରିଣ୍ଟ ଦେବା ସମ୍ଭବ ନୁହେଁ। ସେହି ହିତାଧିକାରୀଙ୍କ ପାଇଁ ସରକାର କି ବ୍ୟବସ୍ଥା କରିଛନ୍ତି। ସିପିଆଇ (ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ରାଶନ କାର୍ଡ ନ କାଟି ନୂଆ ହିତାଧିକାରୀଙ୍କୁ ଯୋଗ କରିବାକୁ ପ୍ରସ୍ତାବ ଦେଇଥିଲେ। କଂଗ୍ରେସ ସଭ୍ୟ ଅଶୋକ ଦାସ ଓଜନ ମାପରେ ହେଉଥିବା ହେରଫେରକୁ ରୋକିବା ସହ ନୂଆ ରାଶନ କାର୍ଡ ପାଇଁ କ'ଣ ମାନଦଣ୍ଡ ଧାର୍ଯ୍ୟ କରାଯାଇଛି ବୋଲି ପଚାରିଥିଲେ। ଭାଜପା ସଭ୍ୟ ସିଦ୍ଧାନ୍ତ ମହାପାତ୍ର କହିଥିଲେ, ରାଶନ କାର୍ଡକୁ ଅଲଗା କରି ବୁଢ଼ା ମାଆ ବାପାଙ୍କୁ ଦେବା ସହ ପ୍ରବାସୀ ଶ୍ରମିକଙ୍କ ପାଇଁ ନୂଆ କାର୍ଡ ଦେବା ବ୍ୟବସ୍ଥା କରିବେ କି। ବିଜେଡି ସଭ୍ୟ ସୌଭିକ ବିଶ୍ୱାଳ ରାଶନ କାର୍ଡ ଆବେଦନ ପାଇଁ ପୋର୍ଟାଲ ଖୋଲୁ ନ ଥିବା ମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲେ। ବିଜେଡି ସଭ୍ୟ ଦିବ୍ୟଶଙ୍କର ମିଶ୍ର କହିଥିଲେ, ସରକାର ଯେଉଁ ଭୂତ କାର୍ଡ ପାଇଛନ୍ତି ସେଥିରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ କେତେକ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ କେତେ ପ୍ରତିଶତ ଅଛନ୍ତି। କଂଗ୍ରେସ ସଭ୍ୟ ପବିତ୍ର ସାଉଁଟା କହିଲେ, ଆଦିବାସୀ ଅଞ୍ଚଳରେ ଦୂରରୁ ଲୋକମାନେ ଆସି ଚାଉଳ ନେଇ ପାରୁନାହାନ୍ତି। ସେମାନଙ୍କୁ ଦେବା ପାଇଁ ସରକାର କି ବ୍ୟବସ୍ଥା କରିଛନ୍ତି। ମନ୍ତ୍ରୀ ଉତ୍ତରରେ କହିଛନ୍ତି, ଜଣେ କାର୍ଡଧାରୀ ଚାଉଳ ନେଇ ଯାଉଛନ୍ତି। ଅନ୍ୟ ହିତାଧିକାରୀଙ୍କ ସ୍ଥିତି କ'ଣ ତାହା ଜାଣିହେଉ ନାହିଁ। ସେଥିପାଇଁ ହିତାଧିକାରୀଙ୍କୁ ଇ-କେୱାଇସି ଅପଲୋଡ କରାଯିବ। ସେଥିରେ ପ୍ରକୃତ ହିତାଧିକାରୀଙ୍କ ତଥ୍ୟ ଜଣାପଡ଼ିବ। ୨୦୧୧ରେ ରାଜ୍ୟରେ ମୋଟ ୪,୧୯,୬୪,୫୧୮ ଲୋକସଂଖ୍ୟା ଥିଲା। ଏହାକୁ ଆଧାର କରି ୩ କୋଟି ୨୫ ଲକ୍ଷ ୯୩ ହଜାର ୮୭୫ ଜଣଙ୍କୁ ଚାଉଳ ଯୋଗାଇ ଦିଆଯାଇଛି। ଯାହାକି ସମୁଦାୟ ଜନସଂଖ୍ୟାର ୭୮ ପ୍ରତିଶତ। ଇତିମଧ୍ୟରେ ଯେଉଁ ଜନସଂଖ୍ୟା ବଢ଼ିଛି ସେମାନଙ୍କ ମଧ୍ୟରୁ ୧୦ ଲକ୍ଷ ୨ ହଜାର ୧୪୪ ଜଣଙ୍କୁ ରାଜ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। କେଉଁଠି ଚାଉଳ ହେରଫେର ହେଉଛି ସେ ନେଇ ନିର୍ଦ୍ଦିଷ୍ଟ ତଥ୍ୟ ଦେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ରାଜ୍ୟ ସଭା, ବିଜେଡିରୁ ...
ହୋଇ ନ ଥିବା ବେଳେ ଅଧାରୁ ଇସ୍ତଫା ଦେଇଥିବାରୁ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ୨୦୨୦ରେ ମମତା ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ଇସ୍ତଫା ପରେ ସେ ବିଜେଡି ଉପରେ ଅସନ୍ତୋଷ ଝାଡ଼ିଛନ୍ତି । ସୋସିଆଲ୍ ମିଡିଆ 'ଏକ୍ସ'ରେ ମମତା ମହାନ୍ତ ଲେଖିଛନ୍ତି, ସେ ରାଜ୍ୟ ସଭା ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ମଧ୍ୟ ଇସ୍ତଫା ପତ୍ର ପଠାଇ ଦେଇଛନ୍ତି। ରାଜ୍ୟ ସଭାର ସଦସ୍ୟ ଭାବେ ତାଙ୍କୁ ମନୋନୀତ କରି ତାଙ୍କ ଜିଲା ମୟୂରଭଞ୍ଜ ଏବଂ ରାଜ୍ୟର ସେବା କରିବା ପାଇଁ ସୁଯୋଗ ଦେଇଥିବାରୁ ନବୀନଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ମମତା ଆଉ ଏକ ପୋଷ୍ଟରେ ଲେଖିଛନ୍ତି, 'ଆଜି ମୋର ସେବାର ଆବଶ୍ୟକତା ଦଳ ଅନୁଭବ କରୁନାହିଁ। ମୁଁ ଯେହେତୁ ଲୋକଙ୍କ ନେତା, ତେଣୁ ସେମାନଙ୍କ ସେବା ହିଁ ମୋର ମୁଖ୍ୟ ଧ୍ୟେୟ। ସେଥିପାଇଁ ମୁଁ ସେ ଦଳରେ ରହିବାର ଆବଶ୍ୟକତା ଅନୁଭବ କଲିନାହିଁ। ତେଣୁ ମୁଁ ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟ ଓ ରାଜ୍ୟସଭା ସଭ୍ୟ ପଦରୁ ଇସ୍ତଫା ଦେଲି।'

୨୦୧୧ରେ ରାଜନୀତିକୁ ଆସିଥିବା ମମତା ୨୦୧୨ରେ ବିଶୋଇ ବ୍ଲକ ୩୪ ନମ୍ବର ଜୋନରୁ ଜିଲା ପରିଷଦ ସଦସ୍ୟା ଭାବେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସାଙ୍ଗଠନିକ ଦକ୍ଷତା ଓ ନେତୃତ୍ୱ ନେବାର ସାମର୍ଥ୍ୟକୁ ଦୃଷ୍ଟିରେ ରଖି ତାଙ୍କୁ ମହିଳା ମୋର୍ଚ୍ଚା ସଭାପତି କରାଯାଇଥିଲା। ରାଜ୍ୟ ସଭା ସଦସ୍ୟ ସରୋଜିନୀ ହେମ୍ବ୍ରମଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ମମତା ବିଜେଡିରୁ ୨୦୨୦ ଏପ୍ରିଲ ୩ରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ଆସନ୍ତା ୨୦୨୬ ଏପ୍ରିଲ ୨ରେ ତାଙ୍କର କାର୍ଯ୍ୟକାଳ ଶେଷ ହେବାର ଥିଲା। ଅବଧି ପୂରଣର ୨୧ ମାସ ପୂର୍ବରୁ ସେ ରାଜ୍ୟ ସଭା ସଦସ୍ୟ ପଦ ସହ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି।

## ଭିତିରି ଷଡ଼ଯନ୍ତ୍ର ...
ମମତା ଇସ୍ତଫା ଦେଇଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ରାଜ୍ୟ ସଭାରେ ଓଡ଼ିଶାର ୧୦ ଆସନ ମଧ୍ୟରୁ ବିଜେଡି ୯ ଏବଂ ଭାଜପାର ଜଣେ ସଦସ୍ୟ ରହିଥିଲେ। ମମତାଙ୍କ ଇସ୍ତଫା ପରେ ପାର୍ଲାମେଣ୍ଟର ଉଚ୍ଚ ସଦନରେ ବିଜେଡିର ସଦସ୍ୟ ସଂଖ୍ୟା ୮କୁ ଖସିଆସିଛି। ଷଡ଼ଯନ୍ତ୍ର କରି ବିଜେଡିକୁ ରାଜ୍ୟ ସଭାରେ ଧୀରେ ଧୀରେ ଦୁର୍ବଳ କରିଦେବା ଉକ୍ତ ନେତାଙ୍କ ଉଦ୍ଦେଶ୍ୟ ବୋଲି କୁହାଯାଉଛି। କାରଣ ମମତାଙ୍କ ଆସନରେ ନିର୍ବାଚନ ହେଲେ ଓଡ଼ିଶା ବିଧାନସଭାରେ ଦଳୀୟ ସଂଖ୍ୟା ଦୃଷ୍ଟିରୁ ତାହା ଭାଜପା ହାତକୁ ଚାଲିଯିବ। ଗତ ଲୋକ ସଭା ନିର୍ବାଚନରେ ବିଜେଡି କୌଣସି ଆସନରେ ଜିତି ନ ପାରିବା ଦଳ ପାଇଁ ଝଟକା ଥିଲା। ଏବେ ରାଜ୍ୟ ସଭାରେ ଗୋଟିଏ ଆସନ ହରାଇବା ଦ୍ୱାରା ଦିଲ୍ଲୀରେ ବିଜେଡିର ଉପସ୍ଥିତି ହ୍ରାସ ପାଇବ।

## ହମାସ୍ ମୁଖ୍ୟ ...
କରିଥିଲା। ହମାସ୍ ଫାଇଟରଙ୍କ ରକେଟ ମାଡ଼ରେ ୧,୨୦୦ ଇସ୍ରାଏଲୀ ନିହତ ହୋଇଥିବାବେଳେ ସେମାନେ ୨୫୦ ଜଣଙ୍କୁ ପଣବନ୍ଦୀ କରିନେଇଥିଲେ। ଇସ୍ରାଏଲ୍ ଏହାର ପ୍ରତିଶୋଧ ନେବାକୁ ଯାଇ ଗାଜା ଉପରେ ଆକ୍ରମଣ କରିଥିଲା। ଏଥିରେ ଅଦ୍ୟାବଧି ୩୯,୦୦୦ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଲାଣି। ଇସ୍ରାଏଲ-ହମାସ୍ ଯୁଦ୍ଧକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗିରହିଥିବାବେଳେ ତେହରାନ୍ ବାସଭବନରେ ଆତ୍ମନିର୍ବାସନ ଜୀବନ ବିତାଉଥିବା ହମାସ୍‌ର ଶୀର୍ଷ ନେତା ଇସ୍‌ମାଇଲ୍ ହାନିୟେଙ୍କୁ ହତ୍ୟା କରାଯାଇଛି। ଇରାନ୍‌ର ନୂଆ ରାଷ୍ଟ୍ରପତି ମସୌଦ ପେଜେଶକିଆନ୍‌ଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇ ଫେରିବା ପରେ ଏୟାର ଷ୍ଟ୍ରାଇକ୍‌ରେ ସେ ନିହତ ହୋଇଛନ୍ତି। ହତ୍ୟା ପାଇଁ କୌଣସି ସଙ୍ଗଠନ ନିଜକୁ ଦାୟୀ କରିନାହିଁ। ଏହା ପଛରେ ଇସ୍ରାଏଲର ହାତ ଥିବା ହମାସ୍ ଏବଂ ଇରାନ୍‌ର ଅର୍ଦ୍ଧସାମରିକ ରିଭୋଲ୍ୟୁଶନାରି ଗାର୍ଡ ଅଧିକାରୀମାନେ କହିଛନ୍ତି। ତେବେ ଏହି ଅଭିଯୋଗକୁ ଇସ୍ରାଏଲ୍ ପକ୍ଷରୁ ଖଣ୍ଡନ କରାଯାଇ ନାହିଁ। ହମାସ୍‌ର ଗାଜା ନେତା ୟହୟା ସିନ୍‌ୱରଙ୍କୁ ଇସ୍ରାଏଲ୍ ଆକ୍ରମଣର ମାଷ୍ଟରମାଇଣ୍ଡ୍ ବୋଲି କୁହାଯାଉଥିବାବେଳେ ହାନିୟେ ଅପେକ୍ଷାକୃତ ମଧ୍ୟମପନ୍ଥୀ ଚେହେରା ଥିଲେ। ଇତିମଧ୍ୟରେ ହମାସ୍ ରାଜନୈତିକ ମୁଖ୍ୟଙ୍କ ହତ୍ୟାର ପ୍ରତିଶୋଧ ନିଆଯିବ ବୋଲି ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଧମକ ଦେଇଛନ୍ତି। ଖାମେନେଇ କହିଛନ୍ତି, ଇସ୍ରାଏଲ ହାନିୟେଙ୍କୁ ହତ୍ୟାକରି ନିଜ ପାଇଁ ଏକ କଠୋର ଦଣ୍ଡ ପ୍ରସ୍ତୁତ କରିଛି। ଏହାର ପ୍ରତିଶୋଧ ନେବା ଆମ କର୍ତ୍ତବ୍ୟ ବୋଲି ଖାମେନେଇ କହିଛନ୍ତି।

## ଆଇଏଏସ୍ ଚାକିରି ...
୨୦୨୩ ବ୍ୟାଚ୍ ପ୍ରୋବେଶନାରି ଆଇଏଏସ୍ ଅଫିସର ପୂଜା ନିଜ ଦୃଷ୍ଟିଶକ୍ତି ଓ ମାନସିକ ଅକ୍ଷମତା ସମ୍ପର୍କରେ ମିଛ କହିଥିଲେ। ଏପରି କି ୟୁପିଏସ୍‌ସି ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ସେ ନିଜ ପରିଚୟ ମଧ୍ୟ ଜାଲିଆତି କରିଥିଲେ। ସାଧାରଣ ବର୍ଗର ପ୍ରାର୍ଥୀ ସର୍ବାଧିକ ୬ ଥର ପରୀକ୍ଷା ଦେଇପାରିବେ ବୋଲି ନିୟମ ରହିଛି। ପୂଜା ସାଧାରଣ ବର୍ଗର ହୋଇ ମଧ୍ୟ ୬ରୁ ଅଧିକ ଥର ପରୀକ୍ଷା ଦେଇଥିଲେ। ଏଥିପାଇଁ ସେ ଜାଲ୍ ଓବିସି ଏବଂ ଭିନ୍ନକ୍ଷମ ପ୍ରମାଣପତ୍ର ଠୁଳ କରିଥିଲେ। ପରୀକ୍ଷା ଦେବା ପାଇଁ ପୂଜା ନିଜ ମା'ବାପାଙ୍କ ନାମ ମଧ୍ୟ ବଦଳାଇ ଦେଇଥିଲେ ବୋଲି ଯାଞ୍ଚରୁ ଜଣାପଡ଼ିବା ପରେ ତାଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ାଯାଇଥିଲା। ତେବେ ଏଥିରେ ସେ ବିଫଳ ହେବାରୁ ତାଙ୍କ ପ୍ରୋଭିଜନାଲ ପ୍ରାର୍ଥିତ୍ୱକୁ ରଦ୍ଦ କରାଯାଇଛି। ସେ ଭବିଷ୍ୟତରେ ମଧ୍ୟ ୟୁପିଏସ୍‌ସି ଦ୍ୱାରା ପରିଚାଳିତ କୌଣସି ପରୀକ୍ଷା ଦେଇପାରିବେ ନାହିଁ ବୋଲି କମିଶନ କହିଛନ୍ତି। ଅନ୍ୟପକ୍ଷେ ୟୁପିଏସ୍‌ସି ୨୦୦୯ରୁ ୨୦୨୩ ମଧ୍ୟରେ ପରୀକ୍ଷା ଦେଇଥିବା ଅନ୍ୟ ୧୫,୦୦୦ ପ୍ରାର୍ଥୀଙ୍କ ତଥ୍ୟ ମଧ୍ୟ ଯାଞ୍ଚ କରିଥିଲା। ତେବେ ଅନ୍ୟ କୌଣସି ପ୍ରାର୍ଥୀଙ୍କ କ୍ଷେତ୍ରରେ ଏପରି ଉଲ୍ଲଂଘନ ନ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ପୂଜା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ତାଙ୍କୁ ପୁଣେରେ ଆସିଷ୍ଟାଣ୍ଟ କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ସେଠାରେ ସେ ନିଜ ଗାଡ଼ିରେ ନାଲିବତି ଓ 'ମହାରାଷ୍ଟ୍ର ସରକାର' ଲେଖାଥିବା ପ୍ଲେଟ୍ ଲଗାଇବା ପରେ ବିବାଦୀୟ ହୋଇଥିଲେ। ତାଙ୍କୁ ୱାଶିମ୍ ଜିଲାକୁ ବଦଳି କରାଯାଇଥିଲା। ଶେଷରେ ତାଙ୍କୁ ଉତ୍ତରାଖଣ୍ଡସ୍ଥିତ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌କୁ ପୁନର୍ବାର ତାଲିମ ପାଇଁ ଫେରାଇ ନିଆଯାଇଥିଲା।

## ମା' ଆଗରେ ନାବାଳିକାଙ୍କୁ ...
ସକାଳେ କୀର୍ତ୍ତନ ଏବଂ ତାଙ୍କ ପୁଅ ମନୋଜ କୌଣସି କାମରେ ବାହାରକୁ ଯାଇଥିଲେ। କୀର୍ତ୍ତନଙ୍କ ସ୍ତ୍ରୀ ସୁଷମା ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ନାବାଳିକା ଝିଅ ଘରେ ଏକାକୀ ଥିଲେ। ସୁଷମା ଗାଧୋଇ ସାରି ଘରକୁ ଆସିବାବେଳେ ପ୍ରଣୟ ପ୍ରଧାନ ନାମକ ଜଣେ ଯୁବକ ତାଙ୍କ ଝିଅଙ୍କ ନାକକୁ ଚାପିଧରି ପାଟିରେ ଏକ ବିଷ ବୋତଲ ଭରି ପିଆଉଥିବା ଦେଖିବାକୁ ପାଇଥିଲେ। ଏହା ଦେଖି ସୁଷମା ବିରୋଧ କରିବାରୁ ସମ୍ପୃକ୍ତ ଯୁବକ ତାଙ୍କୁ ମାଡ଼ ଏବଂ ଧକ୍କା ମାରି ଘରୁ ଫେରାର୍ ହୋଇଯାଇଥିଲେ। ବିଷକ୍ରିୟାରେ ନାବାଳିକା ଗୁରୁତର ହୋଇପଡ଼ିଥିଲେ। ଘଟଣା ସଂକ୍ରାନ୍ତରେ ସୁଷମା ସ୍ୱାମୀ ଏବଂ ପୁଅଙ୍କୁ ସୂଚନା ଦେଇଥିଲେ। ବାପପୁଅ ଘରକୁ ଆସିବା ପରେ ଝିଅଙ୍କୁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଡାକ୍ତର ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହେବ। ଫେରାର ହୋଇଯାଇଥିବା ଅଭିଯୁକ୍ତ ଯୁବକ ପ୍ରଣୟଙ୍କୁ ପୋଲିସ କାବୁ କରିଛି। ଏକତରଫା ପ୍ରେମକୁ ନେଇ ନା ଅନ୍ୟ କେଉଁ କାରଣକୁ ନେଇ ଏଭଳି ଘଟଣା ଘଟିଛି, ତାହା ସ୍ପଷ୍ଟ ହୋଇନାହିଁ। ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଭୋଇ ଓ ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଯୁବକଙ୍କ ସହ ପ୍ରେମ ସମ୍ପର୍କକୁ ମୃତା ନାବାଳିକାଙ୍କ ପରିବାର ଲୋକେ ଅସ୍ୱୀକାର କରିଛନ୍ତି। ନାବାଳିକା ଜଣକ ଚଳିତବର୍ଷ ମାଟ୍ରିକ୍ ପାସ୍ କରିବା ପରେ ନିକଟସ୍ଥ ଏକ ଯୁକ୍ତ୨ କଲେଜରେ ନାମ ଲେଖାଇଥିଲେ।


छत्तीसगढ़ शासन
महतारी
वंदन
योजना
खुशियों का नोटिफिकेशन
महतारी वंदन से मातृशक्ति का सम्मान
माँ को समर्पित है "एक पेड़ माँ के नाम"
1 अगस्त 2024
₹1000 की छठवीं किश्त जारी
प्रदेश की महतारियां
आज करेंगी
पौधरोपण
एक पेड़ माँ के नाम
श्री विष्णु देव साय
मुख्यमंत्री, छत्तीसगढ़
श्री नरेंद्र मोदी
माननीय प्रधानमंत्री
मुख्यमंत्री
श्री विष्णु देव साय
से जुड़ने के लिए
QR CODE स्कैन करें
हमने बनाया है, हम ही सँवारेंगे
विष्णु के सुशासन से
सँवर रहा छत्तीसगढ़
Visit us : ChhattisgarhCMO ChhattisgarhCMO ChhattisgarhCMO ChhattisgarhCMO DPRChhattisgarh DPRChhattisgarh www.dprcg.gov.in
छत्तीसगढ़ जनसंपर्क
S-40992/41

ଈଶ୍ୱର ଏହି ବିଶ୍ୱକୁ ଏପରି ଭୟଙ୍କର ଭାବେ ପ୍ରହାର କରୁଛନ୍ତି ଅଟାଚକଟା ପରି ତାକୁ ଦଳୁଛନ୍ତି- କୁଦୁଛନ୍ତି- ସର୍ବଦା ତାକୁ ରକ୍ତସ୍ନାତ କରୁଛନ୍ତି ଏବଂ ଅଗ୍ନିକୁଣ୍ଡର ଲେଲିହାନ ନାରକୀୟ ଉତ୍ତାପ ଭିତରକୁ ନିକ୍ଷେପ କରୁଛନ୍ତି। କାରଣ ଜନସାଧାରଣ ଏବେ ବି ରହିଛନ୍ତି କଠିନ ସ୍ଥୂଳ ଓ ମନ୍ଦ କଂଚାଧାତୁ ସଦୃଶ। ତାକୁ ଆଉ କୋଉ ଉପାୟରେ ବି ତରଳାଇ ଆକାର ଦେଇ ହୁଅନ୍ତା ନାହିଁ। -ଶ୍ରୀଅରବିନ୍ଦ



# ଥାଇଲାଣ୍ଡର ଅଯୋଧ୍ୟା



ଦେବଦତ୍ତ ପଟ୍ଟନାୟକ

ଥାଇଲାଣ୍ଡରେ ଆଉ ଏକ ଅଯୋଧ୍ୟା ଅଛି। ଏହା ସେଠାରେ ଅୟୁଥୟା ନାମରେ ଜଣାଶୁଣା। ଏହାର ଧ୍ୱଂସାବଶେଷ ଏବେ ଅଛି। ଏହି ସ୍ଥାନ ଉଚ୍ଚ ପାଗୋଡ଼ା ଏବଂ ଇଟାରେ ନିର୍ମିତ ମନ୍ଦିରରେ ପରିପୂର୍ଣ୍ଣ। ଏଠାରେ ମଧ୍ୟ ବୁଦ୍ଧଙ୍କ ଶହ ଶହ ମୂର୍ତ୍ତି ରହିଛି ଓ ସେଥିରୁ ଅନେକ ମୁଣ୍ଡବିହୀନ। ଅଷ୍ଟାଦଶ ଶତାବ୍ଦୀରେ ବର୍ମାର ରାଜାମାନେ ଅୟୁଥୟାକୁ ଆକ୍ରମଣ କରି ଦଖଲ କରିବା ପୂର୍ବରୁ ଏହା ଚାରି ଶତାବ୍ଦୀ ଧରି ଥାଇ ରାଜାମାନଙ୍କ ରାଜଧାନୀ ଥିଲା। ଏହି ଅଯୋଧ୍ୟାରେ ରାମ ଥିଲେ ରାଜା। ଯେହେତୁ ରାଜାଙ୍କ ନାମ ଉଚ୍ଚାରଣ କରାଯାଏ ନାହିଁ, ସେଥିପାଇଁ ତାଙ୍କୁ ରାମଥିବୋଧି ସମ୍ବୋଧିତ କରାଯାଉଥିଲା। ଆମେ ଜାଣୁ ଯେ, ରାଜ ପରିବାରକୁ ସମାଲୋଚନା ନ କରିବାକୁ ଥାଇଲାଣ୍ଡ ଲୋକଙ୍କ ପାଇଁ କଡ଼ା ନିୟମ ରହିଛି। ସେଥିପାଇଁ ଏବେ ଥାଇ ସମାଜରେ ରାମାୟଣର ପ୍ରଭାବ ଥିବା ଆମେ ଅନୁଭବ କରୁଛୁ। 'ଥାଇ' ଶବ୍ଦର ଅର୍ଥ ହେଉଛି ମୁକ୍ତ ବା ସ୍ୱାଧୀନ। ମୂଳତଃ ଥାଇ ଲୋକମାନେ 'ତାଇ' ଲୋକ ଥିଲେ, ଯେଉଁମାନେ ପ୍ରାୟ ଏକ ହଜାର ବର୍ଷ ପୂର୍ବେ ଦକ୍ଷିଣ ଚାଇନାରୁ ଦକ୍ଷିଣ ପୂର୍ବ ଏସିଆକୁ ଯାଇଥିଲେ। ସଂଯୋଗବଶତଃ, ତାଇର ଅନ୍ୟ ଏକ ଦଳ ଭାରତର ଆସାମକୁ ଯାଇଥିଲେ ଏବଂ ସେମାନେ ଅହୋମ ରାଜାମାନଙ୍କର ପୂର୍ବଜ ଥିଲେ।

ତାଇ ସେମାନଙ୍କ ରାଜାଙ୍କୁ ଚାଇନାର ସମ୍ରାଟଙ୍କ ପରି ସ୍ୱର୍ଗ ଏବଂ ପୃଥିବୀକୁ ସଂଯୋଗ କରୁଥିବା ଏକ ଅର୍ଦ୍ଧଈଶ୍ୱରୀୟ ବ୍ୟକ୍ତି ଭାବରେ ଦେଖୁଥିଲେ। ଶ୍ରମ, ରାଜକୀୟ ପ୍ରକଳ୍ପଗୁଡ଼ିକ ଯଥା କନାଲ ଏବଂ ମନ୍ଦିର ଓ ପ୍ରାସାଦ ନିର୍ମାଣ କାର୍ଯ୍ୟ ମାଧ୍ୟମରେ ସେମାନେ ଏକ ସ୍ୱତନ୍ତ୍ର ଢାଞ୍ଚାର ଟିକସ ବ୍ୟବସ୍ଥା ଆରମ୍ଭ କରିଥିଲେ। ଏହାଦ୍ୱାରା ଦକ୍ଷିଣ ପୂର୍ବ ଏସିଆର ମନ୍ଦିରମାଳିନୀ ସହରଗୁଡ଼ିକ ନିର୍ମାଣ କରାଯାଇଥିଲା। ଏହା ରାଜକୀୟ ଟିକସର ଏକ ଭୌତିକ ନିଦର୍ଶନ ଓ ରାଜକୀୟ ଗୌରବକୁ ପ୍ରକାଶ କରିଥିଲା।

ଦକ୍ଷିଣ ପୂର୍ବ ଏସିଆର ଅଧିକାଂଶ ରାଜା ମଣ୍ଡଳ କିମ୍ବା ଶାସନର 'ସର୍କଲ-ଅଫ-କିଙ୍ଗ' ମଡେଲ ଅନୁସରଣ କରିଥିଲେ। ଏହା ଚାଣକ୍ୟଙ୍କ ଅର୍ଥଶାସ୍ତ୍ର ଏବଂ ମନୁଙ୍କ ଧର୍ମଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ଏଠାରେ ଜଣେ ରାଜାଙ୍କର ପ୍ରଭାବ ସ୍ଥିର ନୁହେଁ; ସେମାନଙ୍କର ପ୍ରତିଭା ଏବଂ ସାମର୍ଥ୍ୟକୁ ନେଇ ଏହା ବଢ଼େ ଓ କମେ। ସେ ନିଜ ରାଜଧାନୀରୁ ଯେତେବେଳେ ବାହାରକୁ ଯାଆନ୍ତି ଅନେକ ରାଜ୍ୟ ବା ଅଞ୍ଚଳରୁ



ସେ ଭୂମିକର ସଂଗ୍ରହ କରନ୍ତି, କିଛି ରାଜ୍ୟରୁ ଟିକସ ସଂଗ୍ରହ କରନ୍ତି ଏବଂ କେତେକରୁ ସମ୍ମାନ ପାଇଥାନ୍ତି। ସେ ତାଙ୍କ ବନ୍ଧୁମାନଙ୍କ ରାଜ୍ୟକୁ ଯାଇ ସେମାନଙ୍କ ସହ ସେ ଉପହାର ବିନିମୟ କରନ୍ତି ଏବଂ ସେମାନଙ୍କ ଚିରାଚରିତ ଶତ୍ରୁଙ୍କ ସହରକୁ ଲୁଟିବା ପାଇଁ ଉପଯୁକ୍ତ ସୁଯୋଗକୁ ଅପେକ୍ଷା କରନ୍ତି।

ଏହି ମଣ୍ଡଳ ରାଜ୍ୟଗୁଡ଼ିକ ମଧ୍ୟରୁ ଅଧିକାଂଶ ନଦୀ କୂଳରେ ଅବସ୍ଥିତ ଏବଂ ଏକ ବାଣିଜ୍ୟିକ କାରବାରର ଅଂଶ ଥିଲା। ବଣିକ ଜାହାଜଗୁଡ଼ିକ ନଦୀ ଓ ଉପକୂଳରେ ଉପର ଏବଂ ତଳକୁ ଯାଉଥିଲା। ଏହାସହ ସମୁଦ୍ର ପାର ହୋଇ ପୂର୍ବରେ ଦକ୍ଷିଣ ପୂର୍ବ ଏସିଆରୁ ଆରମ୍ଭ କରି ଚାଇନାକୁ ଯିବା ସହ ପଶ୍ଚିମରେ ଭାରତକୁ ଯାଉଥିଲେ। ବର୍ମାର ଇରାୱାଡି ଏବଂ କାମ୍ବୋଡିଆର ମେକଙ୍ଗରେ ମଧ୍ୟ ଏହିପରି ନଦୀତଟ ମଣ୍ଡଳ ରାଜ୍ୟଗୁଡିକ ଦେଖିବାକୁ ପାଉ। ଅୟୁଥୟା ତିନୋଟି ନଦୀର ସଙ୍ଗମ ସ୍ଥଳରେ ଥିଲା, ଯାହା ଏହାର ବ୍ୟବସାୟିକ ସମ୍ପଦକୁ ସହାୟକ ହୋଇଥିଲା। ଏହି ରାଜମଣ୍ଡଳ ସହରଗୁଡ଼ିକ ଜଳସେଚନ ପ୍ରଣାଳୀ, ବିଶାଳ ଧାନ କ୍ଷେତ ଏବଂ ବୃହତ୍ ମନ୍ଦିର ପରିସର ପାଇଁ ପ୍ରସିଦ୍ଧ ଥିଲା। ସେମାନେ ପ୍ରଥମେ ପଶୁପତ ହିନ୍ଦୁ ଧର୍ମ ଏବଂ ମହାଯାନ ବୌଦ୍ଧ ଧର୍ମ ଦ୍ୱାରା ପ୍ରଭାବିତ ହୋଇଥିଲେ। ଦଶମ ଶତାବ୍ଦୀ ପରେ ଶ୍ରୀଲଙ୍କାରୁ ବାହାରକୁ ବିସ୍ତାର କରିଥିବା ଥେରାବଦ ବୌଦ୍ଧ ଧର୍ମ ଦ୍ୱାରା ମଧ୍ୟ ସେମାନେ ପ୍ରଭାବିତ ହୋଇଥିଲେ। ଏହି ରାଜମଣ୍ଡଳଗୁଡ଼ିକ ମଧ୍ୟରେ ରାମ , ରାମାୟଣ ମହାକାବ୍ୟ ସମ୍ପର୍କ ସ୍ଥାପନ କରିଥିଲା। ଏହି ମହାକାବ୍ୟକୁ କଣ୍ଢେଇନଚାଳୀ ଏବଂ ରାଜ ଦରବାରର ନର୍ତ୍ତକୀଙ୍କ ଦ୍ୱାରା ପୁନଃ ବର୍ଣ୍ଣନା କରାଯାଇଥିଲା।

୧,୫୦୦ ବର୍ଷ ପୂର୍ବେ ସମୁଦ୍ର ପଥରେ ନିୟମିତ ବ୍ୟବସାୟ କରୁଥିବା ବଣିକମାନଙ୍କ ଦ୍ୱାରା ବୌଦ୍ଧ, ଜୈନ ଏବଂ ଏପରିକି ରାମାୟଣର ଲୋକକଥାର ଲେଖା ଦକ୍ଷିଣ ପୂର୍ବ ଏସିଆରେ ପହଞ୍ଚିଥିଲା। ଏହା ସେଠାକାର ରାଜାମାନଙ୍କୁ ଏତେ ପ୍ରେରଣା ଦେଇଥିଲା ଯେ ସେମାନେ ନିର୍ମାଣ କରିଥିବା ବୃହତ ସ୍ମାରକୀର କାନ୍ଥରେ ଏହାକୁ ଖୋଦିତ କରିଥିଲେ। ଇଣ୍ଡୋନେସିଆର ଜାଭା ଦ୍ୱୀପରେ ୯ମ ଶତାବ୍ଦୀର ପ୍ରମ୍ବାନନ୍ ମନ୍ଦିର ଏବଂ କାମ୍ବୋଡିଆର ଦ୍ୱାଦଶ ଶତାବ୍ଦୀର ଅଙ୍ଗକୋର ୱାଟ ମନ୍ଦିରର କାନ୍ଥରେ ଏହା ଦେଖିବାକୁ ମିଳେ। ରାମାୟଣର ଥାଇ ସଂସ୍କରଣ ରାମକିଏନ ଭାବରେ ଜଣାଶୁଣା। ଏହି ପ୍ରକାର କାର୍ଯ୍ୟକୁ ଲକ୍ଷ୍ୟ କରୁଥିବା ବ୍ୟକ୍ତି ଜାଣିପାରିବେ ଯେ କାହାଣୀଟି ଅତି ପରିଚିତ , କିନ୍ତୁ ଏଥିରେ ଭକ୍ତିର ଅଭାବ ରହିଛି। ଭକ୍ତି ଏକ ଭାବନା ଯାହା ଆଜି ହିନ୍ଦୁ ଧର୍ମକୁ ଗଢିଛି। ଚୋଳ ରାଜାଙ୍କ ସମୟର ବହୁ ପରେ ଦକ୍ଷିଣ ଭାରତରେ ଭକ୍ତିର ଉତ୍ଥାନ ହୋଇଥିଲା। ଚୋଳ ସାମ୍ରାଜ୍ୟର ଅଭିଳାଷ ସେମାନଙ୍କୁ ଇଣ୍ଡୋନେସିଆର ଶ୍ରୀବିଜୟ ରାଜାମାନଙ୍କ ବିରୋଧରେ ଯୁଦ୍ଧ କରିବାକୁ ପ୍ରେରିତ କରିଥିଲା। ବାସ୍ତବରେ, ଏକ କିମ୍ବଦନ୍ତୀ ଅନୁଯାୟୀ ଅୟୁଥୟାର ପ୍ରତିଷ୍ଠାତା ଉଥୋଙ୍ଗ ଜଣେ ଚୋଳ ସୈନିକ, ଯିଏ ତାଇ ରାଜକୁମାରୀଙ୍କୁ ବିବାହ କରିଥିଲେ। ଉଥୋଙ୍ଗ ଚାଇନାର ବୋଲି ଅନ୍ୟ କିମ୍ବଦନ୍ତୀ ଦାବି କରେ।

ତାଇ ରାଜାମାନେ ବର୍ମା ରାଜାମାନଙ୍କ ବୌଦ୍ଧ ଧର୍ମ ଏବଂ କାମ୍ବୋଡିଆ ରାଜାମାନଙ୍କ ହିନ୍ଦୁ ଧର୍ମ ଦ୍ୱାରା ପ୍ରଭାବିତ ହୋଇଥିଲେ। ତେଣୁ ଥାଇ ସମାଜ ଉଭୟ ବିଚାରଧାରାର ମିଶ୍ରଣ। କାମ୍ବୋଡିଆ ପରି ଥାଇଲ୍ୟାଣ୍ଡର ରାମ ମଧ୍ୟ ଜଣେ ବୋଧିସତ୍ତ୍ୱ। ଥାଇ ରାଜାମାନେ ରାମଙ୍କ ପରି ବହୁତ ଭଲ ହେବାକୁ ଚେଷ୍ଟା କଲେ ଏବଂ ତାଙ୍କ ରାଜକୀୟ ମହିମା ସହିତ ମେଳ ଖାଇବା ପାଇଁ ଅୟୁଥୟା ନିର୍ମାଣ କଲେ। ରାମାୟଣର ରାଜଦରବାରର ପ୍ରଦର୍ଶନ ସେମାନଙ୍କର ଶକ୍ତିକୁ ଦୃଢ଼ କରିଥିଲା। ସେମାନେ ବୌଦ୍ଧ ପାଗୋଡା ଏବଂ ମନ୍ଦିର, ରାଜ ପରିବାର ସଦସ୍ୟ ତଥା ଧାର୍ମିକ ନେତାଙ୍କ ସ୍ମାରକୀ ନିର୍ମାଣ କରିଥିଲେ। କିନ୍ତୁ ୧୭୬୫ ମସିହାରେ ଏହି ରାଜକୀୟ ସହରକୁ ଆକ୍ରମଣ କରାଯାଇ ଏହାର ଧନ ସମ୍ପତ୍ତି ଜାଳି ଦିଆଯାଇଥିଲେ ମଧ୍ୟ ଏହା ଇତିହାସ ପୁନରାବୃତ୍ତି କଲା। ଉତ୍ତରରେ ଥିବା ସେମାନଙ୍କର ପୂର୍ବ ରାଜଧାନୀ ସୁଖୋଥାଇରେ ଏହା ଘଟିଥିଲା, ଯାହା ଅୟୁଥୟାକୁ ସ୍ଥାନାନ୍ତର କରିବାକୁ ପ୍ରେରିତ କରିଥିଲା। ଏହି ସମୟରେ ଦକ୍ଷିଣକୁ ଯାଇ ସେଠାରେ ଚାଓ ଫ୍ରାୟା ନଦୀ କୂଳରେ ଏକ ନୂତନ ସହର ପ୍ରତିଷ୍ଠା କରିଥିଲେ, ଯାହାକୁ ଆମେ ଏବେ ବ୍ୟାଙ୍କକ କହୁଛୁ। ଏହି ସ୍ଥାନ ରାଜାଙ୍କର, ଯେଉଁମାନଙ୍କୁ ରାମ ବୋଲି କୁହାଯାଇଆସୁଛି।

-devduttofficial@gmail.com

# ସୁପାରିସ



ଦେବେନ୍ଦ୍ର କର

ଅନେକ ପ୍ରୟାସରେ ବିଫଳ ହୋଇଥିବା ମଣିଷ ଜଣକ ବେଳେବେଳେ ସାହା ଖୋଜି ହୁଏ। ଦୟାପରବସରେ କେହି ମୋ ପାଇଁ ସୁପାରିସ କରି ଦିଅନ୍ତାନି ମୋ କାମଟା ତୁଟିଯାଆନ୍ତା। ମୁଁ କୋଉ ବଡ଼ ଲୋକ ସଂସ୍ପର୍ଶରେ ଥାଆନ୍ତି ଯଦି ସବୁ କାମ ମୋର ଚୁଟ୍‌କିରେ ହୋଇଯାଆନ୍ତା। ଏମିତି ଅନେକ କଥା ଭାବି ଭାବି ନିରାଶ ପଡ଼ିଯାଏ। କାହା ସପକ୍ଷରେ କିଛି ଅନୁକୂଳ ଅନୁରୋଧ ରକ୍ଷା କରିବା ଅର୍ଥ ସୁପାରିସ। ଏହା ଏକ ପାରସ୍ପରିକ ଲାଭଦାୟକ ଯୋଜନା। ସରକାରୀ ଦପ୍ତରମାନଙ୍କରେ ସୁପାରିସ ପ୍ରଥା କାହିଁ କେଉଁ କାଳରୁ ଚାଲି ଆସିଛି। ବିନା ସୁପାରିସରେ ଏଠି କୌଣସି କାମ ହୁଏନି। ଏ ପ୍ରଥା ଧୀରେ ଧୀରେ ଗ୍ରାସିଛି ବେସରକାରୀ ଅନୁଷ୍ଠାନକୁ। ଏଇଟା ବି ସତ ଯେ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ଦିଗରେ ସୁପାରିସ ଆଜି ଯଥେଷ୍ଟ ଅଧିକ ଅଗ୍ରଗତି କରିଛି। ସୁପାରିସର ମାଧ୍ୟମ ଦୁଇଟି, ଗୋଟିଏ ଟଙ୍କା ପଇସା ଅନ୍ୟଟି ଚିହ୍ନାଜଣା ଲୋକଙ୍କୁ ହାତ କରି। ଏହି ଦୁଇଟି ଉପାୟ ଆପଣେଇଲେ ଅସମ୍ଭବ କାମ ବି ସମ୍ଭବ ହୁଏ।

ପୂର୍ବରୁ ଆମ ମୁଣ୍ଡରେ ଗୋଟିଏ କଥା ବସା ବାନ୍ଧିଥିଲା ସରକାରୀ ଅନୁଷ୍ଠାନରେ କିଛି ବି କାମ ପଡ଼ିଲେ କାହାକୁ ତୋଷମଦ କର ନ ହେଲେ ଧାଡ଼ିରେ ଗୋଡ଼ଭାଙ୍ଗି ଛିଡ଼ାହୁଅ। ଏଣୁ ବେସରକାରୀ ଅନୁଷ୍ଠାନକୁ ସର୍ବୋତ୍ତମ ଭାବି ଆଦରିବାକୁ ଲାଗିଲୁ। ହେଲେ ନା ଏଠି ବି ସେଇ ସମଦଶା। ଏଣୁ ପାଖରେ ଟଙ୍କା ଥାଇ ବି କିଛି ଲାଭ ନାହିଁ ଯଦି ଚିହ୍ନାଜଣା ବିଶ୍ୱସ୍ତ କେହି ନାହିଁ। ସ୍ୱାର୍ଥାନ୍ଧ ଦୁନିଆରେ ବିନା ସ୍ୱାର୍ଥରେ କିଏ କାହା ପାଇଁ ସୁପାରିସ କରିବ ଯେ। ଦି'ପଇସା ଲାଭ ଥିଲେ ଅନେକ ହିତାକାଂକ୍ଷୀ ଆଗେଇ ଆସିଥିବେ। ଶୀତତାପ ନିୟନ୍ତ୍ରିତ ଦପ୍ତର ଭିତରେ ବସିଥିବା ବାବୁ କି ବୁଝନ୍ତି ବାହାରେ ଝାଳନାଳରେ ଅଧିଆ ପଡ଼ିଥିବା ଲୋକର ଦୁଃଖ। ବାବୁ ଟଙ୍କା ଚିହ୍ନନ୍ତି, ମଣିଷ ନୁହେଁ। ବାବୁଙ୍କ ପିଏ ବା ପାଖ ଲୋକର ସ୍ୱର ଆହୁରି ଦମ୍ଭ ଆଉ ଗମ୍ଭୀର। ସରକାରଙ୍କଠାରୁ ମୋଟା ଅଙ୍କର ଦରମା ପାଇବେ ଆଉ ସେଥିରେ ପୁଣି ଉପୁରି କମେଇବାର ଲାଳସା। ବାବୁମାନେ ଭୁଲି ଯାଆନି ତୁମେ ମାନେ ସେବକ, ସେବା ବଦଳରେ ତୁମେ ଦରମା ପାଉଛ ସେ ପୁଣି ମୋଟା ଅଙ୍କର। ଏ ସବୁ ସୁବିଧା ସମ୍ଭବ ହେଉଛି କେବଳ ଦପ୍ତର ବାହାରେ ଛିଡ଼ା ହୋଇଥିବା ସେଇ ମଳିମୁଣ୍ଡିଆ ଲୋକଟିର ଟିକସ ରାଶିରେ। ସେମାନେ ଭୁଲି ଯାଉଛନ୍ତି ଉତ୍କୋଚ ବା ଲାଞ୍ଚ ନେଇ ନିଜେ ବିକ୍ରି ହେଉଛନ୍ତି ସେଇ ନିରୀହ ଲୋକଙ୍କ ପାଖରେ।

ଆଜିର ସମୟରେ ସବୁଠୁଁ ଚିହ୍ନା ପରିଚିତ ଲୋକ ନିହାତି ଜରୁରୀ। କାହା ମାର୍ଫତରେ ଟିକେ ସୁପାରିସ କରିଦେଲେ ଅସମ୍ଭବ କାମ ସମ୍ଭବ ହେଇଯାଏ। ଆଉ ସୁପାରିସ ପାଇଁ ଲୋଡ଼ା ଖର୍ଚ୍ଚପାଣି ବା ହାତଗୁଞ୍ଜା। ବାସ୍ ତା'ପରେ ଚୁପ ହୋଇ ବସିପଡ଼ କାମ ତା' ବାଟରେ ନିଶ୍ଚିତ ସମାଧାନ ହେବ। ଏମିତିରେ ତ ଲାଞ୍ଚ ବା ଉତ୍କୋଚ ବିରୁଦ୍ଧରେ ସମସ୍ତେ ଲୋକ ଦେଖାଣିଆ ମୁହଁ ଖୋଲନ୍ତି ହେଲେ ଲୁଚାଛପାରେ ସବୁ ଚାଲିଛି। ସରକାରୀ ଦପ୍ତରରେ ଦସ୍ତଖତ କି ଷ୍ଟାମ୍ପ ଗୋଟେ ପାଇଁ କାହିଁରେ କେତେ ତୋଷମଦ ତା'ର ଠିକ ଠିକଣା ନାହିଁ। ଦୌଡ଼ି ଦୌଡ଼ି ଚପଲ ଘୋରି ହୋଇଯାଏ ପଛେ କାମ ରହିଯାଏ ଅସମ୍ପୂର୍ଣ୍ଣ। କୌଣସି କାର୍ଯ୍ୟାଳୟର ଭିଡ଼ ଗହଳିରେ କେହି ଯେବେ ଚିହ୍ନା ପରିଚିତ ଲୋକ ମିଳିଯାଏ ମନ ଆନନ୍ଦରେ ନାଚି ଉଠେ ଛାତି ହୋଇଯାଏ କୁଣ୍ଢେମୋଟ। ଏଇଟା ସତ ଯେ ଆଜିର ବ୍ୟସ୍ତ ବହୁଳ ଦୁନିଆରେ ନୀତି ନିୟମ କାଇଦା କଟକଣାକୁ କିଏ ଦେଖୁଚି ସହଜ ସରଳ ବାଟରେ କାମ ତୁଟିଗଲେ କଥା ଶେଷ। ଅନେକ ସମୟରେ ସାମ୍ନାରୁ ଯାହା ସହଜ ମନେହୁଏ ସେମିତି ହୋଇ ନ ଥାଏ। ଟିକେ ଭିତିରି ରହସ୍ୟ ବୁଝୁଁବୁଝୁଁ ମାଲୁମ ହୁଏ ଆରେ ଏଥିରେ ତ ନାନା ଫନ୍ଦିଫିକର। ଆଉ ସେତେବେଳକୁ ଛନ୍ଦି ହୋଇଯାଇଥାଏ ମଣିଷ। ଏଠି କିଏ କେଉଁ ପ୍ରକାରେ ଲକ୍ଷ୍ୟ ଉଦ୍ଦେଶ୍ୟ ପୂରଣ କରିବାକୁ ତତ୍ପର ଜାଣିବା ବଡ଼ ମୁସ୍କିଲ। ଏପଟେ ଆଶା ଆକାଂକ୍ଷା ନେଇ ଜଣେ ଚାହିଁ ରହିଥିବ ସେପଟେ ଆଉ ଜଣେ ଧରାଧରିକରି ହାତେଇ ନେଇଥିବ। ସରଳ ଆଉ ସହଜ ବାଟରେ ପାଇଯିବାକୁ ବର୍ତ୍ତମାନ ଚାଲିଛି ପ୍ରତିଯୋଗିତା। ସାମାନ୍ୟ କିଛି ହାତଗୁଞ୍ଜା ଦେଲେ ନ ହେଉ ଥିବା କାମ ହୋଇଯାଉଛି ଆଉ ପୁଣି କେଉଁଠି ସୁପାରିସ କ୍ରମରେ। ସମାଜରେ ଆଜି ତେଲିଆ, ଚାଟୁକାର, ଲାଞ୍ଚୁଆଙ୍କ ସଂଖ୍ୟା ଢେର ଅଧିକ, ଏହି ବହୁରୂପୀ ଦଳ ସୁପାରିସ ଆଳରେ ଲୋକଙ୍କୁ ଖୁବ୍ ଲୁଟୁଛନ୍ତି।

ମଙ୍ଗଳାବାଗ, ନିୟୋଗି କଲୋନି, କଟକ,
ମୋ: ୯୯୩୭୯୬୩୯୧୦

## ଏଇ ଭାରତରେ

ଉତ୍ତରପ୍ରଦେଶ ସମ୍ବଲ ଜିଲାର ଜୀବନରେଖା କୁହାଯାଉଥିବା ସୋତ୍ ନଦୀର ପ୍ରାକୃତିକ ଧାରା ବନ୍ଦ ହୋଇଯାଇଥିଲା। ଏହା ଉପରେ ନିର୍ଭର କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାର ସମାଧାନ କରିବାକୁ ଯାଇ ଆଇଏଏସ୍ ଅଧିକାରୀ ତଥା ସମ୍ବଲ ଜିଲାର ପୂର୍ବତନ ଜିଲାପାଳ ମନିଷ ବନ୍‌ସଲ ୬ ମାସ ମଧ୍ୟରେ ସୋତ୍ ନଦୀର ପୁନରୁଦ୍ଧାର କରିପାରିଛନ୍ତି। ସେ ତାଙ୍କ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏହି କାର୍ଯ୍ୟ ସମ୍ପାଦନ କରିପାରିଛନ୍ତି। ନଦୀର ୧୧୦ କିମି ଯାଏ ଜବରଦଖଲ ଦୂର କରାଯିବା ଯୋଗୁ ଏବେ ଜଳ ପ୍ରବାହ ସ୍ୱାଭାବିକ ହୋଇପାରିଛି ଏବଂ ଏହାର ତଟରେ ରହୁଥିବା ଗ୍ରାମବାସୀ ଉପକୃତ ହେଉଛନ୍ତି। ସୋତ୍ ନଦୀ ଗଙ୍ଗାରୁ ବାହାରିଛି ଓ ୭୧ ଗ୍ରାମପଞ୍ଚାୟତ ଦେଇ ପ୍ରବାହିତ ହେଉଛି। କିନ୍ତୁ ଜବରଦଖଲ ଯୋଗୁ ଏହାର ପ୍ରାକୃତିକ ସ୍ରୋତ ବନ୍ଦ ହୋଇଯାଇଥିଲା। ଜିଲାପାଳ ତାହାର ସର୍ଭେ କରାଇ ଡିସେମ୍ବର ୨୦୨୨ରେ କାମ ଆରମ୍ଭ କରିଥିଲେ ଓ ୨୦୨୩ ଜୁନରେ ଶେଷ କରିଥିଲେ। ତେବେ ଜୁନ ୨୦୨୪ରେ ଶାହାରଙ୍ଗପୁର ଜିଲାପାଳ ଭାବେ ତାଙ୍କୁ ବଦଳି କରାଯିବା ପରେ ଜିଲାର ଡେଭଲପ୍‌ମେଣ୍ଟ ଅଧିକାରୀ ନଦୀଶଯ୍ୟା ଜବରଦଖଲ ଉପରେ ନଜର ରଖୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧ ଅଗଷ୍ଟ ୧୯୭୫

- ରାଜ୍ୟ ବିଧାନସଭାରେ ଟିକେଟ ବିହୀନ ଯାତ୍ରା ନିରାକରଣ ବିଲ୍ ଗୃହୀତ।
- ସୁବର୍ଣ୍ଣରେଖା ନଦୀ ଉପରେ ଏକ ବଡ଼ ଧରଣର ପୋଲ ନିର୍ମାଣ ପାଇଁ ରାଜ୍ୟକୁ କେନ୍ଦ୍ରର ୨୦ ଲକ୍ଷ ଟଙ୍କା ଋଣ ମଞ୍ଜୁର।
- ଆନ୍ଧ୍ରପ୍ରଦେଶ ବିଧାନସଭାର କଂଗ୍ରେସ ସଭ୍ୟ ବାଥିଲା ମଲ୍ଲୀକାର୍ଜୁନ ରାଓଙ୍କ ୫୦ ବର୍ଷ ବୟସରେ ପରଲୋକ।
- ଇସ୍ପାତ ଶିଳ୍ପ ପାଇଁ ଏକ ନୂତନ ମଜୁରୀ ହାର ବ୍ୟବସ୍ଥା ପ୍ରବର୍ତ୍ତନ ଘେନି ମିଳିତ ଆଲୋଚନା କମିଟି ଦ୍ୱାରା ରାଜିନାମା ଗ୍ରହଣ କରାଯାଇଛି।

# ଧରିତ୍ରୀର ସାମର୍ଥ୍ୟ ଅତିକ୍ରାନ୍ତ ଦିବସ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରୁ ଶିଳ୍ପ ବିପ୍ଳବର ପ୍ରାରମ୍ଭ କାଳରୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଧୁରୀଣ ମଣିଷ ପ୍ରଗତିର ଚାବିକଠି ରୂପେ ଅଧିକରୁ ଅଧିକ ଶୋଷଣ କରି ଚାଲିଛି ପ୍ରକୃତିକୁ। ପରିଣାମ ସ୍ୱରୂପ, ବିଗତ କିଛି ଦଶକ ମଧ୍ୟରେ ବିଶ୍ୱର ପ୍ରାକୃତିକ ସଂସାଧନର ବିନିଯୋଗ ବାର୍ଷିକ ପ୍ରାୟ ୧୦୦ ହଜାର ନିୟୁତ(ବିଲିୟନ)ଟନ୍‌କୁ ଅତିକ୍ରମ କରିଯାଇଛି। ଏହାର ପୁନର୍ଭରଣ ପ୍ରକୃତିର ସାମର୍ଥ୍ୟ ବାହାରେ। ବର୍ଷକୁ ବର୍ଷ ଏହି ଧାରା ବୃଦ୍ଧିପ୍ରାପ୍ତ ହୋଇ ଚାଲିଥିବାରୁ ଏହା ଅଧିକରୁ ଅଧିକ ଅବକ୍ଷୟିତ ହେଉଛି ଏବଂ ଧରାପୃଷ୍ଠ ସୁସ୍ଥ ଓ ସୁନ୍ଦର ଜୀବଜଗତଟିଏ ଧାରଣ କରିବାକୁ ଅକ୍ଷମ ହୋଇଚାଲିଛି। ମଣିଷ ଏ କଥା ଅନୁଭବ କଲେ ବି ଲାଳସାର ବଶବର୍ତ୍ତୀ ହୋଇ ସେ ଏଥିରୁ ନିବୃତ୍ତ ହୋଇପାରୁନାହିଁ। ଫଳରେ ବଢ଼ି ଚାଲିଛି ଏହାର ବିପଜ୍ଜନକ ପରିଣାମ ରୂପେ ଜାଗତିକ ଉଷ୍ଣତା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ ଏବଂ ସେଥି ସହିତ ସଂପୃକ୍ତ ନାନାଦି ବିପର୍ଯ୍ୟୟ। ବିଗତ ଶତାବ୍ଦୀଠାରୁ ଆଜି ମଧ୍ୟରେ ଏହାର ପ୍ରଭାବ ସ୍ୱରୂପ ଜୀବଜଗତର ପ୍ରଜାତିଗୁଡ଼ିକର ବିଲୁପ୍ତି ପ୍ରକ୍ରିୟା ପ୍ରାୟ ୧୦୦୦ ଗୁଣ ଦ୍ରୁତ ହେବାକୁ ଲାଗିଲାଣି।

ପରିବେଶ ବିଜ୍ଞାନୀମାନେ ସତର୍କ କରି ଚାଲିଛନ୍ତି ଯେ, ତଥାକଥିତ ବିକାଶ ପଛରେ ଅବିଚାରିତ ଭାବେ ଧାବନ ସର୍ବଦା ସ୍ଥାୟୀ ହୋଇପାରିବ ନାହିଁ। କାରଣ, ଖୁବ୍‌ଶୀଘ୍ର ଧରିତ୍ରୀ ସେଥିପାଇଁ ସଂସାଧନ ଯୋଗାଇବାକୁ ଅକ୍ଷମ ହୋଇପଡ଼ିବ। ସେମାନେ ପ୍ରଥମେ ଏହି ସିଦ୍ଧାନ୍ତରେ ନିର୍ଦ୍ଦିଷ୍ଟ ରୂପେ ଉପନୀତ ହୋଇଥିଲେ ୧୯୭୦ ଦଶକରେ, ଦେଖିଲେ ଯେ ମଣିଷର ବାର୍ଷିକ ସଂସାଧନ ଉପଯୋଗ ଜୈବ ସାମର୍ଥ୍ୟ (ବାଇଓ-କାପାସିଟି) ବୋଲି କୁହାଯାଉଥିବା ଧରିତ୍ରୀର ପୁନର୍ଭରଣ କ୍ଷମତା ଡିସେମ୍ବର ଅର୍ଥାତ୍ ବର୍ଷଶେଷ ପୂର୍ବରୁ ଅତିକ୍ରମ କରିଯାଉଛି। ସେହି ସମୟରୁ ଏହି 'ଅକ୍ଷମତା ଦିବସ' ନିକଟରୁ ନିକଟତର ହେବାରେ ଲାଗିଛି। ଅତଏବ ଚଳିତବର୍ଷ(୨୦୨୪ ମସିହା) ଅଗଷ୍ଟ ପହିଲାକୁ ଘୁଞ୍ଚି ଆସିବ ବୋଲି ଜଣାପଡ଼ିଛି।

ଏହି ଦିନଟିକୁ 'ଆର୍ଥ ଓଭରସୁଟ ଡେ' ବା 'ଧରିତ୍ରୀର ସାମର୍ଥ୍ୟ ଅତିକ୍ରାନ୍ତ ଦିବସ' ରୂପେ ନାମିତ କରାଯାଇଛି। ଆଗେ ଏହାକୁ କୁହାଯାଉଥିଲା ଇକୋଲୋଜିକାଲ ଡେବଟ୍ ଡେ 'ପରିସଂସ୍ଥୀୟର ଋଣ ଦିବସ'। ଏହାକୁ ଗଣନା କରାଯାଇଥାଏ ପୃଥିବୀର 'ଜୈବ-ସାମର୍ଥ୍ୟ'(ଏହାଦ୍ୱାରା ସେ ବର୍ଷ ଉତ୍ପନ୍ନ ହେଉଥିବା ପ୍ରାକୃତିକ ସଂସାଧନର ପରିମାଣ)କୁ ପୃଥିବୀର ପରିସଂସ୍ଥୀୟ ପଦଚିହ୍ନ ବା 'ଇକୋଲୋଜିକାଲ ଫୁଟ ପ୍ରିଣ୍ଟ'(ମଣିଷ ଦ୍ୱାରା ବ୍ୟବହୃତ ପୃଥିବୀର ସଂସାଧନ)କୁ ବିଭାଜିତ କରି ହରଣ ଫଳକୁ ୩୬୫ ବର୍ଷକର ଦିବସ ସଂଖ୍ୟାରେ ଗୁଣନ କରିବା ଦ୍ୱାରା। (ୱାର୍ଲ୍ଡ ବାଇଓ କାପାସିଟି/ୱାର୍ଲ୍ଡ ଇକୋଲୋଜିକାଲ ଫୁଟପ୍ରିଣ୍ଟ×୩୬୫=ଆର୍ଥ ଓଭରସୁଟ୍ ଡେ।)

ଅର୍ଥନୈତିକ ଦୃଷ୍ଟିକୋଣରୁ ଏ ଦିବସଟି ହେଲା ଯେଉଁଦିନ ମଣିଷଜାତି ଏକ ପରିସଂସ୍ଥୀୟ ଅନଟନ ମଧ୍ୟକୁ ପ୍ରବେଶ କରେ। ଜନସଂଖ୍ୟା ବଢ଼ି ବଢ଼ି ଚାଲିବା ସହିତ ସେମାନଙ୍କୁ ଖାଦ୍ୟ ଯୋଗାଇବା ପାଇଁ ସଘନ କୃଷି, ଦ୍ରୁତ ସହରୀକରଣ, ଶିଳ୍ପର ଅଭିବୃଦ୍ଧି, ଲୋକଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ହେତୁ ବର୍ଷକୁ ବର୍ଷ ପ୍ରାକୃତିକ ସଂସାଧନର ଉପଯୋଗ ବୃଦ୍ଧି ପାଇଚାଲିଛି। ଫଳରେ ଏହି ଅନଟନ ଦିବସଟି ନିକଟରୁ ନିକଟତର ହେବାକୁ ଲାଗିଛି। ଏଣୁ ୧୯୯୦ରେ ଏହା ଅକ୍ଟୋବର ୧୧ ତାରିଖ ଥିଲାବେଳେ ତାହା ୨୦୦୦ ମସିହା, ୨୦୧୦ ଏବଂ ୨୦୨୦ ମସିହାରେ ଯଥାକ୍ରମେ ସେପ୍ଟେମ୍ବର ୨୩, ଅଗଷ୍ଟ ୮ ଏବଂ ଅଗଷ୍ଟ ୨୨ ତାରିଖକୁ ଘୁଞ୍ଚି ଆସିଥିଲା। ଚଳିତବର୍ଷ (୨୦୨୪) ତାହା ପହଞ୍ଚିଛି ଅଗଷ୍ଟ ୧ ତାରିଖରେ।

'ଧରିତ୍ରୀର ସାମର୍ଥ୍ୟ ଅତିକ୍ରାନ୍ତ ଦିବସ'ର



ପ୍ରଥମ ପ୍ରବର୍ତ୍ତକ ହେଲେ ଇଂଲଣ୍ଡର 'ଇକୋନୋମିକ୍ ଫାଉଣ୍ଡେଶନ୍'ର ଆଣ୍ଡ୍ରିଭ ସିମସ୍। ତେବେ ଏହାର ଏକ ସହଯୋଗୀ ଅନୁଷ୍ଠାନ 'ଦ ଗ୍ଲୋବାଲ୍ ଫୁଟ୍ ପ୍ରିଣ୍ଟ ନେଟ୍‌ୱର୍କ' ମଣିଷଜାତିର ପ୍ରାକୃତିକ ସଂସାଧନର ଚାହିଦା ଏବଂ ପରିସଂସ୍ଥୀୟ ସେବା ଆଦି ବିଚାରକୁ ନେଇ ପ୍ରତିବର୍ଷ ଏହି ଦିବସକୁ ସ୍ଥିର କରେ ଏବଂ ପୃଥିବୀର ସଂସାଧନର ସସୀମତା ସମ୍ପର୍କରେ ସଚେତନତାର ପ୍ରସାର କରେ। ଏହାଦ୍ୱାରା କରାଯାଉଥିବା ଏକ ଆକଳନ ଅନୁସାରେ ପ୍ରକୃତି ବର୍ଷକୁ ଯେତିକି ସଂସାଧନ ପୁନଃ ନବୀକରଣ କରିବାକୁ ସମର୍ଥ ଏବେ ମଣିଷ ତାକୁ ପ୍ରାୟ ୭ ମାସରେ ଖର୍ଚ୍ଚ କରିଦେଉଛି।

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶ ସହିତ ୧୯୭୦ ଦଶକରୁ ମୁଖ୍ୟତଃ ଜନସଂଖ୍ୟା ବୃଦ୍ଧି ଏବଂ ଜୀବନଧାରାରେ ପରିବର୍ତ୍ତନ ହେତୁ ମଣିଷର ବିବିଧ ଆବଶ୍ୟକତା ଆମ ଗ୍ରହ ଯେତିକି ଭରଣା କରିବାକୁ ସକ୍ଷମ ତାହା ଅତିକ୍ରମ କରିଗଲା। ଅତଏବ ବର୍ତ୍ତମାନ ତାହା ପୂରଣ କରିବାକୁ ଦରକାର ୧.୮ଟି ପୃଥିବୀ। ଏହି ଧାରା ଅବ୍ୟାହତ ରହିଲେ ଚଳିତ ଶତାବ୍ଦୀର ଶେଷଭାଗକୁ ସେଥିପାଇଁ ଲୋଡ଼ାହେବ ଏହାଭଳି ଦୁଇଟି ଗ୍ରହ। 'ଧରିତ୍ରୀର ସାମର୍ଥ୍ୟ ଅତିକ୍ରାନ୍ତ ଦିବସ' ସୂଚାଇଥାଏ ଯେ ପୃଥିବୀ ପରିସଂସ୍ଥୀୟ ସଂସାଧନରେ ଅଧିକରୁ ଅଧିକ ଦରିଦ୍ର ହୋଇ ଚାଲିଛି। ଏବଂ ତାହା ଏବେ ଏକ ଜଟିଳସ୍ତରରେ ପହଞ୍ଚଗଲାଣି। ଏହାଫଳରେ ଅଣଲେଉଟା ଭାବେ ଜୈବ ବିଭିନ୍ନତାର ଅବକ୍ଷୟ ଘଟୁଛି, ବ୍ୟାପକ ବନ ବିଧ୍ୱଂସ ହେଉଛି, ମଧୁର ଜଳର ଅଭାବ ଦେଖାଦେଉଛି, ମୃତ୍ତିକାର ବହୁଳ ଅବକ୍ଷୟ ଘଟି ତାହା ମରୁମୟ ହୋଇଯାଉଛି ଏବଂ ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ସବୁଜଗୃହ ବାଷ୍ପର ନିର୍ଗମନ ବୃଦ୍ଧିପାଇ ଜାଗତିକ ଉଷ୍ଣତା ଓ ଜଳବାୟୁ ପରିବର୍ତ୍ତନ ଏବଂ ସେଥିସହିତ ସମ୍ପୃକ୍ତ ବିପର୍ଯ୍ୟୟମାନ ଘଟାଉଛି। 'ଗ୍ଲୋବାଲ୍ ଫୁଟ୍‌ପ୍ରିଣ୍ଟ ନେଟ୍‌ୱର୍କ'ର ମାଥିସ୍ ୱାକେରଂଗଲଙ୍କ ମତରେ ଏହା ଆମ ଗ୍ରହର ଭବିଷ୍ୟତକୁ ଧ୍ୱଂସ ଆଡ଼କୁ ଟାଣିନେଉଛି। ଫଳରେ ସଜୀବ ପ୍ରଜାତିର ବିଲୁପ୍ତି ଆଶାଜନକ ବେଗଠାରୁ ଶହ ଶହ ଗୁଣ କ୍ଷିପ୍ର ହେବାରେ ଲାଗିଛି। ଏଣୁ ୧୯୭୦ରୁ ୨୦୨୩ ମଧ୍ୟରେ ତହିଁରୁ ପ୍ରାୟ ୬୭ ଶତାଂଶ ବିଲୁପ୍ତିର ଦ୍ୱାର ଦେଶରେ ପହଞ୍ଚଗଲେଣି ଏବଂ ଜୈବ ବିଭିନ୍ନତାର ଦ୍ରୁତ ଅବକ୍ଷୟ ନିଜେ ମଣିଷ ସମେତ ସମଗ୍ର ଜୀବ ଜାତି ପାଇଁ ମହାବିପଦର କାରଣ ପାଲଟି ଗଲାଣି।

ଏସବୁ ପରିସ୍ଥିତିରୁ ମୁକ୍ତ ହେବାପାଇଁ ଏବେ ଶେଷ ସୁଯୋଗର ସମୟ ଆସିଯାଇଛି। ଏହାର ସବୁଠାରୁ ଫଳପ୍ରଦ ମାର୍ଗ ହେଲା ପ୍ରାକୃତିକ ସଂସାଧନକୁ ସହନୀୟ ଭାବେ ଉପଯୋଗ କରିବା। କିନ୍ତୁ ଦେଖାଯାଇଛି ଯେ, ବିକାଶଶୀଳ ଦେଶଗୁଡ଼ିକ ତୁଳନାରେ ବିକଶିତ ଦେଶରେ ଏହା ଶହ ଶହ ଗୁଣ ଅଧିକ ବ୍ୟୟ ହେଉଛି। ବିଖ୍ୟାତ ଅର୍ଥନୀତିଜ୍ଞ ରବର୍ଟ ଏବଂ ଏଡ୍‌ୱାର୍ଡ ସ୍କିଡେଲସ୍କି ୨୦୧୨ରେ ତାଙ୍କ ପ୍ରସିଦ୍ଧ ପୁସ୍ତକ 'ହାଓ ମଚ୍ ଇଜ୍ ଏନଫ୍?' (କେତେହେଲେ ଯଥେଷ୍ଟ?) ପ୍ରକାଶ କରିଥିଲେ। ତହିଁରେ ସେମାନେ ଯୁକ୍ତିବାଢ଼ିଥିଲେ ଯେ, ଏକ ସୁସ୍ଥିର ଜଗତରେ ଉତ୍ତମ ଜୀବନଯାପନ କରିବାକୁ ହେଲେ ଆମକୁ ଆମର ଆବଶ୍ୟକତା ଏବଂ ଲୋଭ ମଧ୍ୟରେ ପ୍ରଭେଦତା ଚିହ୍ନଟ କରିବା ଉଚିତ। ତା'ହେଲେ ଆମ ଅର୍ଥନୀତିକୁ ସମୁଦାୟ ଘରୋଇ ଉତ୍ପାଦ ବା ଜିଡିପି ଏବଂ ତଥାକଥିତ ଅଭିବୃଦ୍ଧି ପଛରେ ଧାଇଁବା ଆବଶ୍ୟକ ପଡ଼ିବ ନାହିଁ। ବରଂ ଏହା ଏପରି ଏକ ଜୀବନଧାରା ଉପରେ ଗୁରୁତ୍ୱଦେବ, ଯାହା କି ପୃଥିବୀର ପ୍ରାକୃତିକ ସଂସାଧନକୁ ଅଣଲେଉଟା ଭାବେ ନିମ୍ନଗାମୀ ହେବାକୁ ଦେବନାହିଁ। ଅନ୍ୟପକ୍ଷରେ, ମଣିଷ ଏହାକୁ ଏପରି ବିନିଯୋଗ କରିବ ଯେ ପ୍ରକୃତି ତାକୁ ସହଜରେ ପୁନର୍ଭରଣ କରିପାରିବ। ଅତଏବ 'ଧରିତ୍ରୀର ସାମର୍ଥ୍ୟ ଅତିକ୍ରାନ୍ତ ଦିବସ' ଆଗକୁ ଆଗକୁ ଆସିବ ନାହିଁ ଏବଂ ପ୍ରକୃତି ମଣିଷର ଆବଶ୍ୟକତା ମେଣ୍ଟାଇବା ଲାଗି ସଂସାଧନ ଯୋଗାଇବାକୁ ସକ୍ଷମ ରହିବ। ଉଦାହରଣ ସ୍ୱରୂପ, ମାଂସ ଉତ୍ପାଦନ ପରିସଂସ୍ଥୀୟ ଅପଚୟକାରୀ ହୋଇଥିବାରୁ ଯଦି ଆମେ ଅଧେ ଲୋକ ନିରାମିଷ ଭୋଜନ ପାଇଁ ସ୍ଥିର କରୁ ଏହା କିଛିଦିନ ପଛକୁ ଘୁଞ୍ଚିବ। ଅନ୍ୟପକ୍ଷରେ, ସରକାରୀ ଓ ବେସରକାରୀ ଶିଳ୍ପସଂସ୍ଥା ଅଙ୍ଗାରକାମ୍ଳ ନିର୍ଗମନ ଅଧାଅଧି ହ୍ରାସ କରିବା ଦ୍ୱାରା ଏହାକୁ ପ୍ରତିବର୍ଷ ୩ମାସ ପର୍ଯ୍ୟନ୍ତ ପଛକୁ ନେଇଯିବା ସମ୍ଭବ ହୋଇପାରିବ। ଏହା ବ୍ୟତୀତ ସହରୀକରଣ, ଶିଳ୍ପାୟନ, ଅତ୍ୟଧିକ ଶକ୍ତି ବିନିଯୋଗ ତଥା ପରିସଂସ୍ଥା ଅନୁପଯୋଗୀ ଖାଦ୍ୟରୁ ବିରତ ରହିବା ଏଦିଗରେ ଆହୁରି ଅଧିକ ସହାୟକ ହେବ।

ମୋ: ୯୯୩୭୩୦୧୪୬୦

## ପାଠକ ଶ୍ରେଷ୍ଠ ବିଚାରକ

### ଦର୍ଶନ ଶୃଙ୍ଖଳିତ ହେଉ

ମହାଶୟ,

ରାଜ୍ୟରେ ନୂତନ ସରକାର ଆସିବା ପରେ ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି କିଛି ପରିବର୍ତ୍ତନ କରୁଛନ୍ତି। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲା ହେବା ପରେ ପରେ ରତ୍ନଭଣ୍ଡାର ଖୋଲାଯିବା ଭଳି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସରକାର ନେଇସାରିଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦ ଆମ ଓଡ଼ିଶା ଉପରେ ନିଶ୍ଚୟ ରହିଛି। ତେଣୁ ସରକାରଙ୍କୁ ଅନୁରୋଧ, ମହାପ୍ରଭୁଙ୍କ ଦର୍ଶନ ଶୃଙ୍ଖଳିତ କରିବା ପାଇଁ ପଦକ୍ଷେପ ନିଅନ୍ତୁ। ମନ୍ଦିର ଭିତରେ ବ୍ୟାରିକେଡ୍ କରାଗଲେ ଦର୍ଶନ ନିଶ୍ଚୟ ଶୃଙ୍ଖଳିତ ହେବ। ଠେଲାପେଲାରୁ ସମସ୍ତେ ରକ୍ଷା ପାଇବେ। ତା'ଛଡା ସୁରକ୍ଷା କର୍ମୀ ଓ ସାଧାରଣ ଭକ୍ତଙ୍କ ମଧ୍ୟରେ ତାଳମେଳ ରହିବ। ସମସ୍ତେ ମହାପ୍ରଭୁଙ୍କୁ ଦର୍ଶନ କରିବାର ସୁଯୋଗ ପାଇବେ। ତେଣୁ ସିଧା ଦର୍ଶନ ପାଇଁ ଯେତିକି ବ୍ୟାରିକେଡ୍ ଦରକାର ସେତିକି ମନ୍ଦିର ଭିତରେ ରହୁ।

-ପୁଷ୍ପା ମହାନ୍ତି, ସାଇବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କାଟିଦେବି ବେଳ ଦୂରୁ ଚାହିଁ ରହି
ସେ ରୂପ ସୁଷମା ମୁଁ ଚିର ବିରହୀ
ଜୀବନ-ମରୁରେ ମରଣ ବିରହ
ଶତ ଶୋକ ପରିହରି
ଚମ୍ପକ-ହାସ ହସିଯାଅ ତୁମେ
ଆଗୋ ଗୋରଚନା-ଗୋରି!
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | 9 | | | |
| | 9 | | | 8 | | 5 | 7 | |
| 7 | 1 | | | | 3 | | | 2 |
| | | 1 | 3 | | | | 2 | 5 |
| | 4 | | | 6 | 1 | | 9 | |
| | 3 | 9 | | | | | | |
| | | | | 4 | | | | 3 |
| | | 7 | | | 2 | | | |
| | | | 1 | | 6 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 3 | 5 | 8 | 4 | 9 | 1 | 2 |
| 4 | 5 | 9 | 2 | 7 | 1 | 8 | 3 | 6 |
| 8 | 1 | 2 | 6 | 9 | 3 | 5 | 4 | 7 |
| 9 | 2 | 1 | 8 | 3 | 5 | 7 | 6 | 4 |
| 5 | 8 | 4 | 7 | 1 | 6 | 2 | 9 | 3 |
| 3 | 6 | 7 | 4 | 2 | 9 | 1 | 8 | 5 |
| 1 | 3 | 5 | 9 | 4 | 2 | 6 | 7 | 8 |
| 2 | 9 | 8 | 3 | 6 | 7 | 4 | 5 | 1 |
| 7 | 4 | 6 | 1 | 5 | 8 | 3 | 2 | 9 |

ଗତକାଲିର ଉତ୍ତର

# ଆକାଶୀ ଜଙ୍ଗଲ ଉପରେ ପଶ୍ଚିମବଙ୍ଗ ଇଟାଭାଟି ମାଲିକଙ୍କ ଆଖି

ଜଳେଶ୍ୱର, ୩୧।୭(ନବୀନ ସାହୁ)

ଓଡ଼ିଶାର ଆକାଶୀ ଜଙ୍ଗଲ ଉପରେ ପଡ଼ିଛି ପଶ୍ଚିମବଙ୍ଗ ଇଟାଭାଟି ମାଲିକଙ୍କ ଲୋଲୁପ ଦୃଷ୍ଟି। ସକାଳ ହେଲେ ପ୍ରତ୍ୟେକ ଦିନ ୧ହଜାରରୁ ଉର୍ଦ୍ଧ୍ୱ ଗଛ କାଟି ନେଉଛନ୍ତି କାଠ ଚୋରାଚାଲାଣକାରୀ। ପଶ୍ଚିମବଙ୍ଗକୁ ଅନାୟାସରେ ଚାଲାଣ କରୁଛନ୍ତି। ପ୍ରାକୃତିକ ଜଙ୍ଗଲରେ ପରିପୂର୍ଣ୍ଣ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ରାଇବଣିଆ ଏକ ଉପାନ୍ତ ଅଞ୍ଚଳ ହୋଇଥିବାରୁ ଚୋରାଚାଲାଣକାରୀଙ୍କୁ ଏହା ବେଶ୍ ସୁହାଉଛି। ଏଠାକାର ଲୋକଙ୍କ ମୁଖ୍ୟ ଜୀବିକା ହେଲା କୃଷି ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ। କାଠ ଚୋରାଚାଲାଣକାରୀମାନେ କେତେକଣ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ସହ ମିଶି ଜଙ୍ଗଲର ମୂଲ୍ୟବାନ ଗଛ ସହିତ ଆକାଶୀ, ପଟାସ ଜାତୀୟ ବୃକ୍ଷକୁ ଆଦିବାସୀଙ୍କ ପାଖରୁ ପ୍ରଲୋଭନ ଦେଖାଇ ଅତି ଅଳ୍ପ ଦାମ୍ ଦେଇ କାଟି ନେଉଛନ୍ତି। ଏପରିକି ଜଙ୍ଗଲଜମି, ଆବାଦଯୋଗ୍ୟ, ଅନାବାଦୀ ଗୋଚର ଜମିରୁ ଦିନ ଦ୍ୱିପ୍ରହରରେ ଡିଜେଲ ଚାଳିତ କଟର ମେସିନ ଲଗାଇ ଗଛ କାଟି ନେଉଛନ୍ତି। ଉକ୍ତ କଟା ଗଛକୁ ପିକ୍‌ଅପ ମାଧ୍ୟମରେ ପାଲ ଘଡ଼େଇ, ଟ୍ରକ୍, ଯାନ୍ତ୍ରିକ ଟ୍ରଲି ମାଧ୍ୟମରେ ସୀମାନ୍ତ ପଶ୍ଚିମବଙ୍ଗକୁ ବେଧଡକ ଭାବେ ବୋହୁଛନ୍ତି। ରାଇବଣିଆ ଅଞ୍ଚଳର



ଆକାଶୀ ଜଙ୍ଗଲ।

## ବନ ବିଭାଗ, ରାଜସ୍ୱ ବିଭାଗ ଚୁପ୍

ରାଇବଣିଆ, କାଳିକା, ବରଡ଼ିଆ, କଳମା ଖୁଆଡ଼, ଶ୍ୟାମନଗର, ସର୍ବାରବନ୍ଧ ଅଞ୍ଚଳ ସୀମାରେ ଥିବା ସବୁ ଗଛ କାଟି ପଶ୍ଚିମବଙ୍ଗ ଇଟାଭାଟିକୁ ପଠାଉଥାନ୍ତି। ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳରେ ଟ୍ରକ୍‌ରେ ବୋଝେଇ କରି ଇଟାଭାଟିକୁ ପଠାଉଥାଆନ୍ତି। ଆଉ ଓଡ଼ିଶାର ଆକାଶୀ ଜଙ୍ଗଲ ନିଜ ରାଜ୍ୟର ଚାହିଦା ପୂରଣ କରିବା ପରିବର୍ତ୍ତେ ପଶ୍ଚିମବଙ୍ଗ ଇଟାଭାଟି ମାଲିକଙ୍କ ଚାହିଦା ମେଣ୍ଟାଉଛି। ରାଇବଣିଆ ବନ ବିଭାଗ ଅଧିକାରୀ କହିଛନ୍ତି, ସରକାରଙ୍କ ତରଫରୁ ଆକାଶୀ ଜଙ୍ଗଲ କାଟିବା ପାଇଁ ଅନୁମତି ରହିଛି। ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ ବନ ବିଭାଗର କୌଣସି ତତ୍ପରତା ଦେଖିବାକୁ ମିଳୁନାହିଁ। ସବୁ ଜାଣି ଚୁପ୍ ବସିଛି। ବର୍ତ୍ତମାନ ସମୟରେ ପୃଥିବୀର ତାପମାତ୍ରା ବଢ଼ି ଚାଲିଛି। ଫଳରେ ସରକାର ଗଛ ଲଗାଇବା ପାଇଁ ପ୍ରୋତ୍ସାହନ ଦେଉଥିବା ବେଳେ ଏଠି ଗଛଗୁଡ଼ିକ କଟାଯିବାରେ ବ୍ୟସ୍ତ। ଏହାକୁ ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ବିଭାଗ ନ ଜଗିଲେ ଆଗାମୀ ଦିନରେ ଯେତେବେଳେ ସାଧାରଣ ଲୋକେ ଗଛର ସୁରକ୍ଷା ପାଇଁ ବାହାରିବେ ସେତେବେଳେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ। ଏଭଳି ଗଛ କଟାକୁ ରୋକା ନ ଗଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ସାମାଜିକ କର୍ମୀ ଦିଲୀପ ଗିରି, ସନ୍ତୋଷ ଜେନା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜଳେଶ୍ୱର ତହସିଲଦାର ଜିତେନ୍ଦ୍ର ମୁର୍ମୁଙ୍କୁ ପଚାରିବାରୁ ସେ କହିଥିଲେ ଆମେ ଖୁବଶୀଘ୍ର ମିଳିତ ଭାବେ ଚଢାଉ କରିବୁ। ବାଲେଶ୍ୱର ଜିଲା ମୁଖ୍ୟ ବନପାଳ ଖୁଷ୍ଣନ ସିଂଙ୍କୁ ପଚାରିବାରୁ ସେ କହିଥିଲେ, ଆକାଶୀ ଗଛ ଏକ ଫ୍ରି ପ୍ରକାର କାଠ। ଏହାକୁ କାଟିବା ପାଇଁ ଅନୁମତି ରହିଛି ଏବଂ ଯଦି ସରକାରୀ ଜମିରେ ଯଦି ଗଛ କଟାଯାଉଥିବ ତେବେ ତଦନ୍ତ ପାଇଁ କହିଛି।

## ପିକ୍‌ଅପ୍‌ରେ ଯାଉଥିବା ୭ ଷଣ୍ଢ ଉଦ୍ଧାର, ଚାଳକ ଗିରଫ



ଜବତ ପିକ୍‌ଅପ୍ ସହ ଉଦ୍ଧାର ଗୋରୁ।

**ମୁଖ୍ୟ ରାସ୍ତା ଛାଡ଼ି ଗ୍ରାମାଞ୍ଚଳ ଦେଇ ଷଣ୍ଢ ଚାଲାଣ**

ବସ୍ତା, ୩୧।୭(ହରିଶଙ୍କର ପାଢ଼ି): ବସ୍ତା-ବାଲିଆପାଳ ରାସ୍ତାର ଜାମଶୁଳୀଠାରେ ମଙ୍ଗଳବାର ସନ୍ଧ୍ୟାରେ ସ୍ପିଲା ପୋଲିସ ଏକ ଟାଟା ପିକଅପ୍‌କୁ ଧରି ସେଥିରେ ବେଆଇନ ଭାବେ ଚାଲାଣ ହେଉଥିବା ୭ ଷଣ୍ଢକୁ ଉଦ୍ଧାର କରିବା ସହିତ ଚାଳକଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ପିକଅପ୍ ଗାଡ଼ି(ନଂ-ଓଡ଼ି୦୪ଏସ-୨୨୧୦) ଜାମଶୁଳୀରେ ଦ୍ରୁତଗତିରେ ବସ୍ତା ପଟୁ ବାଲିଆପାଳ ଆଡକୁ ଯାଉଥିଲା। ସ୍ପିଲା ଥାନା ଅଧିକାରୀ ଭୁବନମୋହନ ସେଠୀ ସଦଳବଳେ ଚଢାଉ କରି ଗାଡ଼ିକୁ ଅଟକାଇଥିଲେ। ସେଥିରେ ଥିବା ୭ ଷଣ୍ଢକୁ ଉଦ୍ଧାର କରି ଏହାର ଚାଳକଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଛି। ତେବେ ଷଣ୍ଢମାନଙ୍କୁ ବାଲେଶ୍ୱରସ୍ଥିତ ଗୋଶାଳାକୁ ପଠାଇ ଦିଆଯାଇଛି। ପୋଲିସକୁ ଫାଙ୍କି ଦେବା ପାଇଁ ଗୋରୁ ବେପାରୀମାନେ ମୁଖ୍ୟରାସ୍ତା ଥାଉଥାଉ ଗ୍ରାମାଞ୍ଚଳ ରାସ୍ତା ବାଟେ ଏବେ ଗୋଚାଲାଣ କରିବାର ସହଜ ଉପାୟ ବାଛି ନେଇଛନ୍ତି। ଅପରାଧକରେ ଏବେ ଗୋରୁ ବ୍ୟତୀତ ଷଣ୍ଢମାନଙ୍କୁ ମଧ୍ୟ କଂସେଇଖାନାକୁ ପଠାଇ ବେଶ୍ ମୁନାଫା ହାସଲ କରୁଥିବା ଜଣାଯାଇଛି। ଏଥିପୂର୍ବରୁ ୧୦ ନମ୍ବର ଜାତୀୟ ରାଜପଥର ରାଜଘାଟ ଓ ବାହାଣ୍ଡାଠାରେ ଦୁଇ ଥର ୩୯ଟି ଷଣ୍ଢ ଏପରି ଗାଡ଼ିରେ ଚାଲାଣ ବେଳେ ଉଦ୍ଧାର କରାଯାଇଥିଲା।

## ଲାଞ୍ଚ ମାମଲା: ଅବସରପ୍ରାପ୍ତ କନିଷ୍ଠ ଉଦ୍ୟାନ ଅଧିକାରୀଙ୍କୁ ୨ବର୍ଷ ଜେଲ୍

ବାଲେଶ୍ୱର, ୩୧।୭(ମାନସ ବିଶ୍ୱାଳ): ଜାତୀୟ ଉଦ୍ୟାନ କୃଷି ମିଶନ(ଏନ୍‌ଏଚ୍‌ଏମ୍)ର ସବ୍‌ସିଡି ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ ନିମନ୍ତେ ଲାଞ୍ଚ ମାଗି ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ ନୀଳଗିରି କନିଷ୍ଠ ଉଦ୍ୟାନ କୃଷି ଅଧିକାରୀ ବ୍ରଜେନ୍ଦ୍ର ମିଶ୍ର। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ବାଲେଶ୍ୱର ଜିଲା ଭିଜିଲାନ୍ସ କୋର୍ଟରେ ବିଚାରାଧୀନ ଥିଲା। ଉକ୍ତ ମାମଲାକୁ ବିଚାର କରାଯାଇ ବୁଧବାର କୋର୍ଟ ଦୋଷୀଙ୍କୁ ଜରିମାନା ସହ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଧାକାନ୍ତ ମହାପାତ୍ର ସରକାରଙ୍କ ପକ୍ଷରୁ ଉକ୍ତ ମାମଲାର ପରିଚାଳନା କରୁଥିଲେ।

## ରୋଗୀଙ୍କ ପାଇଁ ହୁଇଲ୍‌ଚେୟାର ପ୍ରଦାନ



ଜିଲା ମୁଖ୍ୟ ଚିକିତ୍ସାଳୟକୁ ହୁଇଲ୍ ଚେୟାର ପ୍ରଦାନ।

ବାଲେଶ୍ୱର, ୩୧।୭(ମାନସ ବିଶ୍ୱାଳ)

ବାଲେଶ୍ୱର ସ୍ୱାସ୍ଥ୍ୟସେବା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅସୁସ୍ଥ ବ୍ୟକ୍ତି ଓ ଦିବ୍ୟାଙ୍ଗ ରୋଗୀମାନେ ବିଭିନ୍ନ ୱାର୍ଡ଼କୁ ସ୍ଥାନାନ୍ତର ହେବା ବେଳେ ବ୍ୟବହାର ନିମିତ୍ତ ୪ଟି ହୁଇଲ୍ ଚେୟାରକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ଉଦ୍ଦେଶ୍ୟରେ ଆୟୋଜିତ ବୈଠକରେ ଜିଲା ମୁଖ୍ୟଚିକିତ୍ସାଧିକାରୀ ଡା. ଦୁଲାଲସେନ୍ ଜଗଦ୍ଦେବ, ସହକାରୀ ଜିଲା ଚିକିତ୍ସାଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ଟ୍ରଷ୍ଟ ସଭାପତି ଡା. ମିରା ପତି, ସମ୍ପାଦକ ପ୍ରଫେସର ଅନନ୍ତ କୁମାର ପ୍ରଧାନଙ୍କ ସମେତ ଦୀନବନ୍ଧୁ ଲେଙ୍କା, ଡ. ଉପେନ୍ଦ୍ର ନାଥ ପାତ୍ର, ନିରଞ୍ଜନ ପରିଡ଼ା, ଅକ୍ଷୟ କୁମାର ତ୍ରିପାଠୀ, ଗୌରାଙ୍ଗ ପାଣିଗ୍ରାହୀ, ଭାସ୍କର ଚନ୍ଦ୍ର ବାରିକ, ରତ୍ନାକର ଦାସ ଓ ରବୀନ୍ଦ୍ର ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। ଚାରିଟେବୁଲ୍ ଟ୍ରଷ୍ଟର ଏହି ମହତ୍ କାର୍ଯ୍ୟକୁ ମୁଖ୍ୟ ଚିକିତ୍ସାଧିକାରୀ ପ୍ରଶଂସା କରିଥିଲେ। ଡା. ମୃତ୍ୟୁଞ୍ଜୟ ମିଶ୍ର ସରକାରୀ ଚାକିରିରୁ ଅବସର ଗ୍ରହଣ କରୁଥିବାରୁ ସେ ଜିଲାବାସୀଙ୍କୁ ଉତ୍ତମ ସେବା ଯୋଗାଇଥିବା ଓ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ନିଜର ଦକ୍ଷତା ପ୍ରଦର୍ଶନ କରିଥିବାରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଟ୍ରଷ୍ଟ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ଡା. ମିଶ୍ର ସରକାରୀ ଚାକିରୀରୁ ଅବସର ନେଲେ ବି ସେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଓ ସାମାଜିକ କାର୍ଯ୍ୟରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରବିକୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ବିଡିଓଙ୍କୁ ଦାବିପତ୍ର ଦେଲେ ଏସ୍‌ଏଚଜି ମହିଳା

ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ)/
କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୩୧।୭

ମହିଳାମାନଙ୍କ ଉନ୍ନତି ଓ ସଶକ୍ତିକରଣ ପାଇଁ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନ ଶକ୍ତି କରି ବିଭିନ୍ନ ପ୍ରୋତ୍ସାହନ ଯୋଗାଉଛନ୍ତି। ହେଲେ ବାଲିଆପାଳ ବ୍ଲକ ପଞ୍ଚୁପାଲି ପଞ୍ଚାୟତରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି।


ଏହି ପଞ୍ଚାୟତରେ ୬୦ଟି ସ୍ୱୟଂସହାୟକ ଗୋଷ୍ଠୀ ଅଛି। ପ୍ରତି ୧୦ଟି ଗ୍ରୁପକୁ ନେଇ ଗୋଟିଏ ମଞ୍ଚ କମିଟି ଓ ପ୍ରତି ଗ୍ରୁପ୍‌ରୁ ଦୁଇଜଣ ଲେଖାଏଁ ନିର୍ବାଚିତ ହୋଇ ଗ୍ରାମ ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯାଇଛି। ଦୀର୍ଘ ୩ବର୍ଷ ବିତିଯାଇଥିଲେ ହେଁ ସାଧାରଣ ସଭା ଡକାଯାଏ ନାହିଁ। ଖୁବ୍‌ଶୀଘ୍ର କମିଟି ପରିବର୍ତ୍ତନ କରିବା, ଅର୍ଥର ହିସାବ ଦେବା ସହିତ ସମସ୍ତ ଦାବି ପୂରଣ ପାଇଁ ବାଲିଆପାଳ ବିଡିଓଙ୍କଠାରେ ବୁଧବାର ୩୦ଟି ଗ୍ରୁପ୍‌ର ପ୍ରତିନିଧି ରଞ୍ଜୁଲତା ଗିରିଙ୍କ ନେତୃତ୍ୱରେ ନାରୀନେତ୍ରୀ ସାରଦା ଗିରି, ସଞ୍ଜୁଲତା ଦାସ, ଗୀତାରାଣୀ ଗିରି, ସୁମତୀ ବାରିକ, ସୁଭଦ୍ରା ପ୍ରଧାନ, ମାହେଶ୍ୱରୀ ଗିରି, ସୁଲୋଚନା ଗିରି, ଶକୁନ୍ତଳା ପ୍ରଧାନ, ସୁଷମା ଗିରି, ସୁଷମା ପ୍ରଧାନ, କଳ୍ପନା ଗିରି, ବାସନ୍ତୀ ସେଠୀ, ସୁମତି ବାରିକ ଓ କବିତା ଗିରି ପ୍ରମୁଖ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।



ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବାଲେଶ୍ୱର ଏମସ୍‌କୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଦାବି କଲେ ଏମ୍‌ପି

ବାଲେଶ୍ୱର, ୩୧।୭
(ମାନସ ବିଶ୍ୱାଳ)



ବାଲେଶ୍ୱର ଏମସ୍‌କୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ସଂସଦରେ ଦାବି ଉପସ୍ଥାପନ କରିଛନ୍ତି ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ବାଲେଶ୍ୱରରେ ଏମସ୍‌ର ସାଟେଲାଇଟ୍ ସେଣ୍ଟର ନିର୍ମାଣ କାର୍ଯ୍ୟ ବହୁବର୍ଷ ତଳୁ ସମ୍ପୂର୍ଣ୍ଣ ହୋଇଥିଲେ ହେଁ ଏପର୍ଯ୍ୟନ୍ତ ତାହା ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହୋଇ ନ ପାରିବା ଦୁର୍ଭାଗ୍ୟଜନକ। ଏଠାରେ କେବଳ ସପ୍ତାହରେ ୨ଦିନ ମାତ୍ର ଓପିଡ଼ି କାମ କରୁଛି। ଏଠାକୁ ସମଗ୍ର ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗରୁ ବହୁ ସଂଖ୍ୟକ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ଭିତ୍ତିଭୂମି ଥାଇ ମଧ୍ୟ ଏଠାରେ ଚିକିତ୍ସା ବ୍ୟବସ୍ଥା ପୂର୍ଣ୍ଣାଙ୍ଗ ରୂପରେ ନ ହୋଇପାରିବା ଚିନ୍ତାଜନକ। ଧୀରେ ଧୀରେ କୋଠାର ଅବସ୍ଥା ଖରାପ ହେବାକୁ ଯାଉଛି। ରକ୍ଷଣାବେକ୍ଷଣ ପାଇଁ ଯଥେଷ୍ଟ ସଂଖ୍ୟାରେ ଷ୍ଟାଫ୍ ନ ଥିବା ହେତୁ ସମସ୍ୟା ବଢ଼ିଚାଲିଛି। ଏଣେ ଡାକ୍ତର ଓ ଅନ୍ୟାନ୍ୟ ଷ୍ଟାଫ୍ ପଦବୀ ପୂରଣ କରାଯାଇନାହିଁ। ଦୀର୍ଘବର୍ଷ ପର୍ଯ୍ୟନ୍ତ ଏସବୁ ପଦବୀ ପୂରଣ କରା ନ ଯିବାରୁ ଲୋକଙ୍କ ମଧ୍ୟରେ ନୈରାଶ୍ୟ ବୃଦ୍ଧି ପାଉଛି। ଏଠାରେ ଭୁବନେଶ୍ୱର ଏମସ୍‌ର ଏକ ସମ୍ପ୍ରସାରିତ ଶିକ୍ଷଣ କେନ୍ଦ୍ର କରି କିଛି କ୍ଲାସ୍ କରାଗଲେ ଭଲ ହେବ। ବାଲେଶ୍ୱର ରେଳପଥ, ସଡ଼କ ପଥ ଦ୍ୱାରା ଉତ୍ତମ ରୂପେ ସଂଯୁକ୍ତ। ବାଲେଶ୍ୱର ସୀମାନ୍ତରେ ମୟୂରଭଞ୍ଜର ରାସଗୋବିନ୍ଦପୁରଠାରେ ଥିବା ପୁରୁଣା ଓ ପରିତ୍ୟକ୍ତ ବିମାନବନ୍ଦର ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏନେଇ ବାରମ୍ବାର ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖିବା ସହିତ ବହୁବାର ଆଲୋଚନା ମଧ୍ୟ କରିଛି। ଏହା ଖୁବ୍‌ଶୀଘ୍ର କାର୍ଯ୍ୟକ୍ରମ କରିବା ସହିତ ସମସ୍ତ ପଦବୀ ପୂରଣ କରିବା ପାଇଁ ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# 'ଛୁଇଁଯାଏ ଯେବେ ଯାହା' ଉନ୍ମୋଚିତ

ବାଲେଶ୍ୱର,୩୧।୭(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ମଲ୍ଲିକାଶପୁରସ୍ଥିତ କବିତୀର୍ଥ ଶାନ୍ତିକାନନଠାରେ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବି କଲ୍ୟାଣୀ ଦାସଙ୍କ ଦ୍ୱିତୀୟ କବିତାଗ୍ରନ୍ଥ 'ଛୁଇଁଯାଏ ଯେବେ ଯାହା' ଉନ୍ମୋଚିତ ହୋଇଯାଇଛି। ପରିଷଦ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଘୋଷ ପୁସ୍ତକକୁ ଉନ୍ମୋଚନ କରିଥିଲେ। ବକ୍ତା ଭାବେ ଯଶସ୍ୱୀ ଗବେଷକ ଡ. ସୁବାସ ଚନ୍ଦ୍ର ପାତ୍ର ଓ ଡ. ଭାଗବତ ପ୍ରସାଦ ଦାସ ପୁସ୍ତକକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ପ୍ରାଧାପିକା ସୁଷମା ବାରିକ ପୁସ୍ତକ ସମ୍ପର୍କରେ ନିଜର ମତ ରଖିଥିଲେ। କବି କଲ୍ୟାଣୀ ଦାସ ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ।


ମୁଖୀଗୁଡ଼ା ଭାରିଜଳ ପ୍ରକଳ୍ପ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ଜୟପାଟଣା

**OFFICE OF THE MUKHIGUDA HIRMC, JAIPATNA, KALAHANDI**

At/P.O.: Jaipatna, Dist.: Kalahandi (Odisha), PIN - 766018

No. H-10 e-mail: mukhigudahirmc@gmail.com

| Sl. | Particular | Date |
|---|---|---|
| 1 | Issuance of Tender Document | 03.08.2024 |
| 2 | Tender Document Download (kalahandi. odisha.gov.in) | 03.08.24 to 16.08.24 |
| 3 | Last date and time for submission of Bids Bids to be submitted at: Office of the Regulated Market Committee, Mukhiguda | 16.08.2024 upto 5.00 P.M. |
| 4 | Technical Bid Opening | 17.08.24 at 11.00 A.M. |
| 5 | Financial Bid Opening | After Technical Evalution |

Sd./- Sub-Collector, Dharmagarh-Cum-
OIPR-24404/11/0003/2425 Chairman, Mukhiguda HIRMC

**OFFICE OF THE DISTRICT LEGAL SERVICES AUTHORITY, KENDRAPARA**

TENDER CALL NOTICE

Dated this the 30th July, 2024

No.W-43 : Sealed quotations/tenders are invited from interested reputed Travel Agencies/Tour Operators/Private individuals for providing 01 (One) No. of **Tiago/Bolt/Celerio/Dzire/Etios (Petrol)** etc AC driven vehicles including driver, which shall conform to the terms and conditions (Annexure-A) for official use in **District Legal Services Authority, Kendrapara** on monthly rent basis :

For detailed information, visit our official website i.e. **https://kendrapara.dcourts.gov.in** Last date for receipt of Quotation/Tender **20.08.2024 by 1.00 P.M.**

Sd./- Secretary,
District Legal Services Authority,
Kendrapara

OIPR-18063/11/0001/2425

**Zilla Swasthya Samiti, Ganjam**

(Cancellation Notice for Contractual appointment of Pediatrician at DEIC, City Hospital, Berhampur Ganjam post under NHM Programme)

Notice No. 11382 Date : 31.07.2024

Cancellation Notice for Contractual appointment of Pediatrician at DEIC, City Hospital, Berhampur Ganjam

No.E-162: In reference to the Advertisement No - 10949 dated 23.07.2024 published in Odiya daily news paper **"The Dharitri"** on dated 24.07.2024, the Walk-In-Interview for the post of Pediatrician at DEIC, City Hospital, Berhampur Ganjam under RBSK Programme of National Health Mission, Ganjam is here by cancelled due to administrative inconvenience.

OIPR-10041/11/0004/2425 Sd./- CDM & PHO-Cum-DMD, Ganjam

**OFFICE OF THE DISTRICT MAGISTRATE & COLLECTOR, SAMBALPUR**

(Social Security Section)
No. 2107/SS (RCDR) Dtd. 31.07.2024

Tender Call Notice

Sealed Tenders in plain paper are hereby invited separately from the intending CGST/SGST registered Firms/Suppliers/Companies/Manufacturers/Dealers etc. for supply of raw materials for manufacturing of Orthosis & Prosthesis along with different readymade Assistive Devices. The detailed specification for supply of raw materials and readymade Assistive Devices is enclosed in Annexure-A & B respectively.

The Tender Papers containing detailed Terms and Conditions, EMD and others statutory requirements, etc. can be downloaded from the District Website : www.sambalpur.odisha.gov.in. The Tender Fee of Rs. 11,200/- (Rupees eleven thousand two hundred) only which is non refundable shall be submitted along with the Tender papers. The Tender Papers complete in all respect along with other required documents should reach in Sealed Cover to the DSSO, Sambalpur on or before 1.00 P.M of Dt. 21.08.2024 by Registered/Speed Post only. The Tender shall be opened on 22.08.2024 at 12.00 N. by the Collector, Sambalpur/the Officer authorized by Collector in presence of the members of District Purchase Committee and the Tenderers or their authorized representatives. The Tender received beyond the scheduled date & time and incomplete tenders shall not be taken in to consideration.

The undersigned reserves the right to reject or cancel any or all the Tenders without assigning any reasons thereof.

Sd./- Collector, Sambalpur

**ଭାରତୀୟ ରିଜର୍ଭ ବ୍ୟାଙ୍କ**

ସମ୍ପଦା ବିଭାଗ, ପଣ୍ଡିତ ଜ. ନେ. ମାର୍ଗ
ଭୁବନେଶ୍ୱର – 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସର ତୃତୀୟ ମହଲାରେ ଥିବା ଏକ୍‌ଜିକ୍ୟୁଟିଭ କ୍ଷେତ୍ରର ନବୀକରଣ (ଇଲେକ୍ଟ୍ରିକାଲ୍ କାର୍ଯ୍ୟ) ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇ ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn** ରେ ଆବେଦନର ଶେଷ ତାରିଖ **ଅଗଷ୍ଟ ୦୯, ୨୦୨୪, ସମୟ ୧୪:୦୦** ଅଟେ।

ମହାପ୍ରବନ୍ଧକ (ପ୍ରଭାରୀ ଅଧିକାରୀ)
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର

**QUOTATION/TENDER CALL NOTICE**
**JANATA COLLEGE, BOINDA**

Sealed Quotation/Tender are invited from interested parties/firms having TIN/PAN No./Registration No., Valid GST and other relevant documents for supply of Book, Lab Furniture, Lab Equipment & Chemicals, AC & Fire Extinguisher to **Janata College, Boinda. Dist - Angul**. Details of terms and conditions, description of item and other eligibility criteria are available in the website : www.janatacollegeboinda.in

Principal
Janata College, Boinda
Mob : 9938793707

ଆଜାଦୀ का अमृत महोत्सव G20
କର୍ମଚାରୀ ଭବିଷ୍ୟନିଧି ସଂଗଠନ
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

ପ୍ରେସ୍ ବିଜ୍ଞପ୍ତି

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ଅଗଷ୍ଟ ମାସ ପାଇଁ "ନିଧି ଆପକେ ନିକଟ" ଏବଂ "ପେନ୍‌ସନ୍ ଅଦାଲତ" ତା.୧୨.୦୮.୨୦୨୪ (ସୋମବାର) ଦିନ ଆୟୋଜିତ ହେବାକୁ ଯାଉଛି । ଏହି ଅବସରରେ ପି.ଏଫ ଏବଂ ପେନ୍‌ସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ । ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସ୍‌ରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି । ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୦୫.୦୮.୨୦୨୪ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା

SAI/RKL/0097/24

GOVERNMENT OF ODISHA
**ELECTRICAL LICENSING BOARD**
ଓଡ଼ିଶା ସରକାର
**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL, CHIEF ELECTRICAL INSPECTOR, ODISHA**
3rd Floor, Heads of Department Building, Bhubaneswar - 751001
Fax/Ph.: 0674-2394572, Email: secyelbo@nic.in

**INDICATIVE ADVERTISEMENT FOR WORKMAN PERMIT (WIREMAN-MV / LINEMAN-MV / WORKMAN-HT AND ENDORSEMENT OF CABLE JOINTING & MINING EXAMINATION - 2024**

No. 833 Date: 24.07.24

No. AA-05: Indicative advertisement inviting ONLINE application for Workmen Permit (Wireman-MV/Lineman-MV/Workman-HT and Endorsement of Cable Jointing & Mining) Examination-2024 as per the ELBO Regulation Odisha, 2014.

**IMPORTANT**

1. Online application will be available from 01.08.2024 till 31.08.2024 (upto 11.59 P.M.)
2. Applications will be received ONLINE only through the E.I.C. (Electricity)-cum-PCEI, Odisha website: **https://eicelectricityodisha.nic.in & https://edistrict.odisha.gov.in.**
3. Printed copy of application along with documents uploaded online are required to be submitted to concern Additional Chief Engineer-cum-Electrical Inspector office where the online application was submitted by 07.09.2024, 05.00 P.M.
4. Candidates must ensure their eligibility before applying.
5. Candidates need to upload scanned copy of required documents during the online application process.
6. Candidates meeting the eligibility requirements only shall be shortlisted.
7. No individual admit card will be sent to candidates by Post for appearing the Examination.
8. The shortlisted candidates shall be intimated by SMS/E-mail and have to download the admit card from e-district portal by logging user name and password. The list of shortlisted candidates shall also be published in our official website **https://eicelectricityodisha.nic.in**.
9. These candidates shall have to furnish the original documents for verification on the date of the examination.
10. In case of any discrepancy between the documents uploaded (with the online application) and the original documents submitted for verification, the applicant shall be disqualified.
11. Online applications incomplete in any shape shall be rejected.

For detailed advertisement visit the E.I.C. (Electricity)-cum-PCEI, Odisha website: **https://eicelectricityodisha.nic.in**.

**EXAMINATION FEES:** The examination fee of Rs.200/- must be paid online through the e-district portal under the specified head of account "0043-00-102-0034-01001-000" before form submission.

In case of SC & ST applicants, the examination fees shall be Rs.100/- subject to furnishing self attested copy of the cast certificate issued by Tahasildar/ Additional Tahasildar.

**NOTE:** This advertisement is indicative in nature and provisional. The candidates are advised to go through the detailed advertisement available in the official website of the EIC (Elect)-cum-PCEI, Odisha, BBSR **https://eicelectricityodisha.nic.in**.

The E.I.C. (Electricity)-cum-PCEI reserves the right to reject any application or cancel the examination without assigning any reason thereof.

For any further queries regarding the examination
Please Contact: **ctrupdate-elbo@gov.in**

Sd./- Addl. Chief Engineer-cum-Secretary, ELBO
OIPR-04003/11/0004/2425

## ସଂକ୍ଷେପରେ

### ନୂଆ ଥାନାଧିକାରୀଙ୍କ ଯୋଗଦାନ

ଭଣ୍ଡାରିପୋଖରୀ,୩୧।୭ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନାର ନୂତନ ଅଧିକାରୀ ଭାବେ ବିରେନ୍ଦ୍ର ସେନାପତି ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସବ୍‌ଇନ୍ସପେକ୍ଟର ମହାପ୍ରସାଦ ନାୟକଙ୍କଠାରୁ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଥାନା ପରିସରରେ ସବ୍‌ଇନ୍ସପେକ୍ଟର ସ୍ନେହପ୍ରଭା ଦାସ, ସହକାରୀ ସବ୍‌ଇନ୍ସପେକ୍ଟର ସୁଦର୍ଶନ ସେନ, ଉଦୟଭାନୁ ପାତ୍ର, ହାବିଲଦାର ଲକ୍ଷ୍ମଣ ରାଉତ, ତ୍ରୈଲୋଚନ ଭୋଇ, ରଞ୍ଜୁ ମହାଲିକ, ରାଜୁ ସିଂ ପ୍ରମୁଖ କର୍ମଚାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ନୂଆ ଥାନା ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ଜନସାଧାରଣଙ୍କୁ ଆଇନ ଅନୁସାରେ ନ୍ୟାୟ ପ୍ରଦାନ ଦିଗରେ କାର୍ଯ୍ୟ କରିବେ ବୋଲି ସେନାପତି ମତପ୍ରକାଶ କରିଛନ୍ତି।

### ସତ୍‌ସଙ୍ଗ ବିହାରରେ ଜନନୀ ଜନ୍ମୋତ୍ସବ

ଭଣ୍ଡାରିପୋଖରୀ,୩୧।୭ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ କହରାପୋଖରୀ ସତ୍‌ସଙ୍ଗ ବିହାରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଧର୍ମପତ୍ନୀ ମାତା ଲକ୍ଷ୍ମୀଙ୍କ ୧୩୧ତମ ଜନ୍ମୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ସହପ୍ରତିଋତ୍ୱିକ ପ୍ରତାପ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ପ୍ରତ୍ୟୁଷରୁ ବେଦମାଙ୍ଗଳିକ, ନହବତ ସହଭାଷା କୀର୍ତ୍ତନ, ପ୍ରଭାତକାଳୀନ ବିନତୀ, ସଦଗ୍ରନ୍ଥ ପାଠ, ମାତୃ ସମ୍ମିଳନୀ ଓ ସତ୍‌ସଙ୍ଗ ଆଲୋଚନା ହୋଇଥିଲା। ଯାଜକ କର୍ମୀ ରାଜ କିଶୋର ସାହୁ ଓ ଦିବାକର ସାହୁ ସମବେତ ବିନତୀ ପ୍ରାର୍ଥନା ଓ ଗ୍ରନ୍ଥ ପାଠ କରିଥିଲେ। ସହପ୍ରତିଋତ୍ୱିକ ଧରଣୀଧର ସ୍ୱାଇଁ, ପ୍ରଫୁଲ୍ଲ ସାହୁ, ଶିଶୁ କଳାକାର ମୃତ୍ୟୁଞ୍ଜୟ ପାଲ, ଗୌରାଙ୍ଗ ରଣା ଭକ୍ତି ସଙ୍ଗୀତ ନିବେଦନ କରିଥିଲେ। ବିଶ୍ୱମାନସ ନାଥ, ସୁଧାକର ସାହୁ ଓ ଦୁର୍ଯ୍ୟୋଧନ ବସନ୍ତିଆ କୀର୍ତ୍ତନରେ ସହଯୋଗ କରିଥିଲେ। ସହପ୍ରତିଋତ୍ୱିକ ଅଭିମନ୍ୟୁ ଖଟୁଆଙ୍କ ସଂଯୋଜନାରେ ଅନୁଷ୍ଠିତ ୨ୟ ପର୍ଯ୍ୟାୟ ଆଲୋଚନାରେ ଯାଜକ କର୍ମୀ ଯଦୁନାଥ ବାରିକ ସାମ୍ପ୍ରତିକ ବିପର୍ଯ୍ୟସ୍ତ ପାରିବାରିକ, ସାମାଜିକ, ରାଷ୍ଟ୍ରୀୟ ଜୀବନକୁ ସୁଧାରିବା ପାଇଁ ଲକ୍ଷ୍ମୀ ମା'ଙ୍କ ଜୀବନାଦର୍ଶ ଉପଯୋଗୀ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ।

### ୧୩ କି.ମି.କୁ ବସ୍ ଭଡ଼ା ୩୦ ଟଙ୍କା

**ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି**

ଢେଙ୍କିକୋଟ,୩୧।୭(ନୀଳମଣି ମଣ୍ଡଳ)

ଗ୍ରାମାଞ୍ଚଳରେ ଯାତାୟାତ ସୁବିଧା ନିମନ୍ତେ ସରକାରଙ୍କ ପକ୍ଷରୁ ବସ୍ ବ୍ୟବସ୍ଥା ହୋଇଛି। ଏ ନେଇ ବହୁ ଅର୍ଥ ବ୍ୟୟ ହୋଇ ପଞ୍ଚାୟତକୁ ବ୍ଲକ୍ ଓ ଜିଲା ସଦର ମହକୁମାକୁ ଯାତାୟାତ ସୁଗମ କରାଯାଉଛି। ମାତ୍ର କେନ୍ଦୁଝର ଜିଲା ଆଦିବାସୀ ଅଧ୍ୟୁଷିତ ଘଟଗାଁ ବ୍ଲକ୍‌ରେ ଭଡ଼ା ବାବଦକୁ ଅଧିକ ଟଙ୍କା ନିଆଯାଉଥିବାରୁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ପ୍ରକାଶ ଯେ, ଘଟଗାଁ ବ୍ଲକ୍‌ରେ ୨୭ ପଞ୍ଚାୟତ ରହିଥିବା ବେଳେ ପଞ୍ଚାୟତ ସମିତି ଘଟଗାଁଠାରେ ଥିବାରୁ ପଞ୍ଚାୟତର ସମସ୍ତ ସରକାରୀ ହିତାଧିକାରୀ, ଗରିବ ଖଟିଖିଆ ଆଦିବାସୀ ଜନସାଧାରଣ ଜାତୀୟ ରାଜପଥ ୨୦ନଂ.ରେ କେନ୍ଦୁଝର-ଭୁବନେଶ୍ୱର, ଚମ୍ପୁଆ -ଭୁବନେଶ୍ୱର ଯାତାୟାତ କରୁଥିବା ରାଜ୍ୟ ସରକାରୀ ବସ୍‌ରେ ଘଟଗାଁ ବ୍ଲକ୍ କାର୍ଯ୍ୟାଳୟକୁ ଯିବା ଆସିବା କରିଥାନ୍ତି। ମାତ୍ର ଘରୋଇ ଏୟାର କଣ୍ଡିସନର ବସ୍‌ରେ ଢେଙ୍କିକୋଟଠାରୁ ଘଟଗାଁ ୧୩ କି.ମି.କୁ ଯାତ୍ରା କଲେ ଗାଡ଼ି ଭଡ଼ା ୨୦ ଟଙ୍କା ନେଉଛନ୍ତି। ସରକାରୀ ବସ୍‌ରେ ଘଟଗାଁଠାରୁ ଢେଙ୍କିକୋଟ ୧୮ କି.ମି. ଭଡ଼ା ବାବଦକୁ ୨୮ ଟଙ୍କା ତା' ସହ ଜିଏସ୍‌ଟି ୨ ଟଙ୍କା ଅର୍ଥାତ୍ ମୋଟ ୩୦ ଟଙ୍କା ଦେବାକୁ ପଡୁଛି। ଅନ୍ୟପକ୍ଷେ ଘଟଗାଁରୁ ଢେଙ୍କିକୋଟ ୧୩ କି.ମି. ହୋଇଥିବା ବେଳେ ୧୮ କି.ମି. ଦର୍ଶାଯାଇ ଲୁଟ୍ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଏଥିରେ ସୁଧାର ଆଣିବା ପାଇଁ ଘଟଗାଁ ବ୍ଲକ୍‌ର ଜନସାଧାରଣ ଦାବି କରିଛନ୍ତି। ଜିଲା ପରିବହନ ଅତିରିକ୍ତ ମ୍ୟାନେଜର ଗୌରବ ଜେନା କହିଛନ୍ତି, ଟିକେଟ ସହ ଲିଖିତ ଅଭିଯୋଗ କରନ୍ତୁ। ଏନେଇ ଭୁବନେଶ୍ୱର ଓଏସ୍‌ଆରଟିସି କାର୍ଯ୍ୟାଳୟକୁ ପଠାଇ ସମାଧାନ କରାଯିବ। ଅଧିକ ଅର୍ଥ ନିଆଯାଇଥିଲେ ଫେରସ୍ତ କରାଯିବ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

ଭଦ୍ରକ,୩୧।୭ (ସନାତନ ରାଉତ)

**ଜିଲାପାଳଙ୍କୁ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଦୁର୍ଗାବାହିନୀ ଓ ଧର୍ମରକ୍ଷା ସମିତିର ଦାବିପତ୍ର**


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବିଭିନ୍ନ ସମସ୍ୟାକୁ ନେଇ ଭଦ୍ରକ ଜିଲା ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଦୁର୍ଗାବାହିନୀ ଏବଂ ଧର୍ମରକ୍ଷା ସମିତି ଆଦି ସଙ୍ଗଠନ ପକ୍ଷରୁ ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ୬ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ବୁଧବାର ପ୍ରଦାନ କରାଯାଇଛି। ହିନ୍ଦୁ ସଙ୍ଗଠନର ବରିଷ୍ଠ ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ମାନସ ମହାନ୍ତି କହିଛନ୍ତି ଗତ ଦୁଇ ତିନି ବର୍ଷ ହେବ ଟ୍ରଲି ମାଧ୍ୟମରେ ବ୍ୟବସାୟ କରୁଥିବା ବେପାରୀମାନେ ଭଦ୍ରକ ସହର ମୁଖ୍ୟ ରାଜପଥ ଓ ଭଦ୍ରକ ସହରକୁ ଜବରଦଖଲ କରି ପଥ ଅବରୋଧ କରୁଛନ୍ତି। ସେମାନଙ୍କୁ ଉଚ୍ଛେଦ କରାଇବା ପାଇଁ ଦୁଇବର୍ଷ ହେବ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର କରାଯାଇନାହିଁ। ସହରକୁ ଜବରଦଖଲ ମୁକ୍ତ କରାଯାଉ, ଜିଲାରେ ଅନୁପ୍ରବେଶକାରୀଙ୍କର ସମ୍ପୂର୍ଣ୍ଣ ତଥ୍ୟ, ସଂଖ୍ୟା, କାର୍ଯ୍ୟକଳାପ ବିଷୟରେ ତଥ୍ୟ ସଂଗ୍ରହ, ବେଆଇନ ଗୋଚାଲାଣ ଓ ଗୋହତ୍ୟା ବନ୍ଦ କରାଯାଉ ଆଦି ଦାବିଗୁଡିକ ଦାବିପତ୍ରରେ ଉଲ୍ଲେଖ ରହିଛି। ଆଗାମୀ ସାତ ଦିନ ମଧ୍ୟରେ ଦାବିପୂରଣ ନ ହେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ବିଶ୍ୱହିନ୍ଦୁ ପରିଷଦର ସଭାପତି ମାନଗୋବିନ୍ଦ ନାୟକ, ସମ୍ପାଦକ ଦେବକଲ୍ୟାଣ ସାହୁ, ପ୍ରାନ୍ତ ଦୁର୍ଗାବାହିନୀର ସଂଯୋଜିକା ସିପ୍ରା ରାଉତ, ଦମୟନ୍ତୀ ଓଝା, ସୁବ୍ରତା ସାହୁ, ମଧୁସ୍ମିତା ମହାପାତ୍ର, ସରୋଜିନୀ ଦାସ, ଦେବାଶିଷ ନାୟକ, ବଜରଙ୍ଗ ଦଳର ଦଶରଥ ସାହୁ, କ୍ଷୀତିଶ ରାଉତ, ଜୟପ୍ରକାଶ ପତି, ତପନ ମହାନ୍ତି, ଅଶୋକ ଲେଙ୍କା, ବ୍ୟୋମକେଶ ମହାନ୍ତି, ଧିରେନ୍ଦ୍ର ନାୟକ, ସଞ୍ଜୀବ ଦାସ, ଧର୍ମରକ୍ଷା ସମିତିର ସମ୍ପାଦକ ବଳରାମ ଜେନା, ବିଭାସ ନାଥ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ୪ ଶିଶୁ ଶ୍ରମିକ ଉଦ୍ଧାର



ଭଦ୍ରକ,୩୧।୭ (ସନାତନ ରାଉତ)

ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଶିଶୁ ଶ୍ରମିକ ଧରପଗଡ଼ ପାଇଁ ଗଠିତ ଜିଲାସ୍ତରୀୟ ଟାସ୍କଫୋର୍ସ ଟିମ୍ ବୁଧବାର ଚଢ଼ାଉ କରି ୪ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶ୍ରମ ବିଭାଗ ଆନୁକୂଲ୍ୟରେ ପୋଲିସ ଏବଂ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ସମନ୍ୱୟତାରେ ଗଠିତ ଟିମ୍ ଦ୍ୱାରା ଭଦ୍ରକ ଜିଲା ଧାମନଗର ବିଜ୍ଞାପିତ ଅଞ୍ଚଳର ଧାମନଗର ବଜାରରୁ ଏହି ୪ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସୂଚନା ମୁତାବକ, ୨ ଜଣ ଇଟାଭାଟିରେ ଏବଂ ଅନ୍ୟ ୨ ଜଣ ମୋଟର ଗ୍ୟାରେଜରେ କାର୍ଯ୍ୟରତ ଥିଲେ। ଉଦ୍ଧାର କରାଯାଇଥିବା ସମସ୍ତ ଶିଶୁ ଶ୍ରମିକଙ୍କୁ ଜିଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି। ୩ ଜଣ ସହକାରୀ ଶ୍ରମ ଅଧିକାରୀ ରତ୍ନାକର ମଲ୍ଲିକ, ଲୋକନାଥ ଦାଶ, ପ୍ରତ୍ୟୁଷ କୁମାର ବେହେରାଙ୍କ ସମେତ ପୋଲିସ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ସାମିଲ ଥିଲେ।

# ପ୍ରାଣୀ ଚିକିତ୍ସାଳୟରେ କର୍ମଚାରୀ ଅଭାବ


ଆଗରପଡ଼ା ପ୍ରାଣୀ ଚିକିତ୍ସା କେନ୍ଦ୍ର।

ବନ୍ତ,୩୧।୭(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡାସ୍ଥିତ ପ୍ରାଣୀ ଚିକିତ୍ସାଳୟରେ କର୍ମଚାରୀ ଅଭାବ ପରିଲକ୍ଷିତ ହୋଇଛି। ଫଳରେ ପ୍ରାଣୀ ଚିକିତ୍ସାରେ ସମସ୍ୟା ସୃଷ୍ଟି ହେଉଛି। ପ୍ରକାଶ ଯେ, ଗତ ୧୯୫୨ରେ ଏହି ପ୍ରାଣୀ ଚିକିତ୍ସାଳୟ ପ୍ରତିଷ୍ଠା ହୋଇଥିଲା। ଏଠାରେ ପୁରୁଷଣ୍ଡ, ମହାନ୍ତିପଡ଼ା, ବିଟିପୁର, ଗୋପୀନାଥପୁର, ଆଡିଆ, ବଡ଼ମହିଁଷଗୋଠ ଆଦି ପଞ୍ଚାୟତର ଗୃହପାଳିତ ପଶୁ,ପକ୍ଷୀମାନେ ଚିକିତ୍ସିତ ହୋଇ ଆସୁଛନ୍ତି। ଏହି ପ୍ରାଣୀ ଚିକିତ୍ସାଳୟ ଅଧୀନରେ ଅଣିଜୋ, କାଦବରାଙ୍ଗ, ଓଡଙ୍ଗ, ଆଡିଆ ଆଦି ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ରହିଛି। ଜଣେ ପ୍ରାଣୀ ଚିକିତ୍ସାଧିକାରୀ ଓ ଜଣେ ଚୌକିଦାରଙ୍କୁ ନେଇ ଏହି ପ୍ରାଣୀ ଚିକିତ୍ସାଳୟ ଚାଲିଛି। ଏହି ଅଞ୍ଚଳ କୃଷି ପ୍ରଧାନ ହୋଇଥିବାରୁ ବହୁ ଗୃହପାଳିତ ପଶୁପକ୍ଷୀ ପାଳନ କରାଯାଉଛି। ଏହି ଚିକିତ୍ସାଳୟ ପକ୍ଷରୁ ଟିକାକରଣ, ଗୋବନ୍ଧ୍ୟା ନିରାକରଣ, ସ୍ୱାସ୍ଥ୍ୟ ଶିବିର ଆଦି ନିୟମିତ କରାଯାଇଥାଏ। ମାତ୍ର କର୍ମଚାରୀ ଅଭାବ ଯୋଗୁ ଚିକିତ୍ସାଳୟ ଚଳାଇବା କଷ୍ଟ ସାଧ୍ୟ ହୋଇପଡିଛି। ଆବଶ୍ୟକୀୟ କର୍ମଚାରୀ ଓ ଭିତ୍ତିଭୂମିର ବିକାଶ ଘଟିଲେ ଅଧିକ ଚିକିତ୍ସା ଯୋଗାଇ ଦିଆଯାଇ ପାରିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏସମ୍ପର୍କରେ ପ୍ରାଣୀ ଚିକିତ୍ସାଧିକାରୀ ଲିଜାରାଣୀ ପାଢ଼ୀଙ୍କୁ ପଚରା ଯିବାରୁ କର୍ମଚାରୀ ଅଭାବ କଥା ସ୍ୱୀକାର କରିଥିଲେ। ତେବେ ସେ ନିଜ କର୍ତ୍ତବ୍ୟ ପ୍ରତି ଯତ୍ନବାନ ଥାଇ ପ୍ରାଣୀ ସେବା ଯୋଗାଇ ଦେଇ ଆସୁଥିବା କହିଛନ୍ତି।

### ୩ ଦିନ ପଡ଼ିରହିଲା ମୃତଦେହ

**ସାପ କାମୁଡ଼ା ମୃତକଙ୍କୁ ଝଡ଼ାଫୁଙ୍କା ଦ୍ୱାରା ବଞ୍ଚାଇବା ପ୍ରୟାସ**

ବାରିପଦା,୩୧।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସାପ କାମୁଡ଼ିବା ପରେ ଡାକ୍ତରଖାନା ନ ନେଇ ଝଡ଼ାଫୁଙ୍କା କରିବା ଯୋଗୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ପରିବାର ଲୋକେ ୩ ଦିନ ପର୍ଯ୍ୟନ୍ତ ମୃତଦେହ ଘରେ ରଖି ଗୁଣିଆଙ୍କ ଦ୍ୱାରା ପୂଜାପାଠ କରିଥିଲେ। ମୃତଦେହ ପଚି ଦୁର୍ଗନ୍ଧ ହେବାରୁ ସତ୍କାର କରାଯିବା ଚର୍ଚ୍ଚାର ବିଷୟ ହୋଇଛି। ମୟୂରଭଞ୍ଜ ଜିଲା ବହଳଦା ବ୍ଲକ୍ ଅଧୀନ ବାରୁଡିହି ଗ୍ରାମରେ ଏହି ଘଟଣା ଘଟିଛି। ମୃତକ ହେଲେ କାନ୍ଦରା ଟୁଡୁ। ସୂଚନା ଅନୁଯାୟୀ, ଗତ ରବିବାର ଅପରାହ୍ନରେ କାନ୍ଦରା ବିଲରେ ଗାଈ ଚରାଉଥିବା ସମୟରେ ସାପ କାମୁଡ଼ି ଦେଇଥିଲା। ସେ ସାପକୁ ମାରିଦେଇ ଘରକୁ ଆସି ଟଳି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେବା ପରିବର୍ତ୍ତେ ଗୁଣିଆଙ୍କ ଦ୍ୱାରା ଝଡ଼ାଫୁଙ୍କା କରିଥିଲେ। ୩ ଦିନ ମୃତଦେହ ଘରେ ରଖି ପୂଜାପାଠ କରିଥିଲେ। ମୃତଦେହ ପଚିଯିବାରୁ ମଙ୍ଗଳବାର ପରିବାର ଲୋକେ ସତ୍କାର କରିଥିବା ସୂଚନା ମିଳିଛି।

# ଜାଲ୍ ଜାତିଗତ ପ୍ରମାଣପତ୍ରରେ ୩୦ ଜଣ ହାତେଇଛନ୍ତି ଚାକିରି

ଭଦ୍ରକ,୩୧।୭ (ସନାତନ ରାଉତ)

ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ ଦୀର୍ଘବର୍ଷ ଧରି ସରକାରଙ୍କ ବିଭିନ୍ନ ବିଭାଗରେ ଭଦ୍ରକ ଜିଲାରେ ୩୦ ଜଣ ଚାକିରି କରିଥିବା ଅଭିଯୋଗ ହୋଇଛି। ୩୦ ଜଣଙ୍କ ମଧ୍ୟରୁ ୨୮ ଜଣ ଅନୁସୂଚିତ ଜନଜାତି ଓ ୨ ଜଣ ଅନୁସୂଚିତ ଜାତିର ଜାଲ୍ ପ୍ରମାଣପତ୍ର ଦେଇ ସରକାରୀ ଚାକିରି ହାତେଇଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡ଼ିଛି। ଜାଲ୍ ପ୍ରମାଣପତ୍ର ଦେଇଥିବା ବ୍ୟକ୍ତିମାନେ ଜିଲାର ଆଗରପଡ଼ା, ବନ୍ତ, ଧାମନଗର, ଭଣ୍ଡାରିପୋଖରୀ, ଚାନ୍ଦବାଲି, ଭଦ୍ରକ ଗ୍ରାମାଞ୍ଚଳ ଓ ଟାଉନ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିକଟରେ ଭଦ୍ରକ ଏସ୍‌ପି ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଥିବା ଜଣାପଡ଼ିଛି। ୨୦୧୨ରୁ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଓ ଭଦ୍ରକର ସୂଚନା ଅଧିକାର କର୍ମୀଙ୍କଠାରୁ ଅଭିଯୋଗ ପାଇବା ପରେ ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇଥିଲା। ତଦନ୍ତରେ ୩୦ ଜଣ ଜାଲ ପ୍ରମାଣପତ୍ର ଦେଇ ଚାକିରି ହାତେଇଥିବା ପ୍ରମାଣ ମିଳିବା ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପି ପତ୍ର ଲେଖିଥିବା ଜଣାପଡ଼ିଛି।

# ନୂଆ ଶିକ୍ଷାନୀତି ଆଗାମୀ ପିଢ଼ିକୁ ସ୍ୱାବଲମ୍ବୀ କରିବ

ଭଦ୍ରକ,୩୧।୭(ସନାତନ ରାଉତ)



ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବରିଷ୍ଠ ଆଇନଜୀବୀ ତଥା ସମାଜବାଦୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ୭ମ ଶ୍ରାଦ୍ଧ ବାର୍ଷିକୀ ଭଦ୍ରକ କଲେଜ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ ଜାତୀୟ ଶିକ୍ଷାନୀତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହ ନୂତନ ଜାତୀୟ ଶିକ୍ଷାନୀତି ପ୍ରଣୟନ ଦ୍ୱାରା ଆଗାମୀ ଛାତ୍ର ପିଢ଼ି ସ୍ୱାବଲମ୍ବୀ ହୋଇପାରିବେ ଓ ନିଜର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ନିଜ ଅଞ୍ଚଳର ବିକାଶ ଦିଗରେ ସହାୟକ ହେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଭଦ୍ରକ କଲେଜ ପରିଚାଳନା କମିଟିର ସଭାପତି ପ୍ରଫେସର ଶୈଳେନ୍ଦ୍ର ମହାପତ୍ର, ଡ. ଦୁର୍ଗାଶଙ୍କର ଦାସ ପ୍ରମୁଖ ଏହି ଆଲୋଚନାଚକ୍ରରେ ନିଜ ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରକୁ ରୋଟାରିୟାନ ଅଭିଜିତ ନାୟକ ସଞ୍ଚାଳନ କରିଥିବା ବେଳେ କମିଟିର ସମ୍ପାଦକ ଲଲାଟେନ୍ଦୁ ମହାନ୍ତିଙ୍କ ଦ୍ୱାରା ଡ. ତ୍ରିପାଠୀ ଓ ଆଡ଼ଭୋକେଟ ବିଷ୍ଣୁ ମୋହନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱର୍ଗତ ମହାନ୍ତିଙ୍କ ସ୍ତ୍ରୀ ଝରଣା ପଟ୍ଟନାୟକ, ଇଂ. ଅଖିଳ ପାଢ଼ୀ, ବିଜୟ ସାହୁ, ଡ. ଶଶଧର ଦାସ, ଡ. ସୁବୋଧ ମିଶ୍ର, ବିଜୟ ସାହୁ, ଅନିମା ନାୟକ, ସାନ୍ତନୁ ରାଉତ, ଡ. ପଦ୍ମନାଭ ପତ୍ରି, ଅଜିତ ଦାସ, ମାନସ ସାହୁ, ରାଜେଶ ଦାସ, ଅସିତ ଖୁଣ୍ଟିଆଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ କଲେଜର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଚଳିତ ବର୍ଷର କଲେଜ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସ୍ୱର୍ଗତ ମହାନ୍ତିଙ୍କ ପୁଅ ଜ୍ୟୋତିପ୍ରକାଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ସ୍ୱର୍ଗତ ମହାନ୍ତିଙ୍କ କୁଆଁସ୍ଥିତ ସମାଧି ପୀଠରେ ଶେଖର ମହାପାତ୍ର, ସୁଧାକର ରାଉତ, ଅଜୟ ନାୟକ, ମନୀନ୍ଦ୍ର ମହାନ୍ତି, କୈଳାସ ମହାପାତ୍ର, ବିଚିତ୍ରାନନ୍ଦ ମହାନ୍ତି, ଯୋଗମାୟା ଚାନ୍ଦ, ରାଧାରାଣୀ ମହାପାତ୍ର, ଗୀତାରାଣୀ ଆଇଚ, ଅଶୋକ ଦାସ, ଉତ୍ପଳା ନାୟକ, ବସୁମିତ୍ରା ସାହୁଙ୍କ ସମେତ ବହୁ ବୁଦ୍ଧିଜୀବି ଓ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ଭଦ୍ରକ ଓକିଲ ସଂଘର ସଭାପତି ବସନ୍ତ ଦାସଙ୍କ ଅଧ୍ୟକ୍ଷତାରେ ପୁରୁଣା କୋର୍ଟ ପରିସର ବାର୍ ହଲରେ ବହୁ ଆଇନଜୀବୀ ସ୍ମୃତିଚାରଣ କରିଥିଲେ।

# ସ୍ମୃତିଚାରଣ ସଭା


ସ୍ମୃତିଚାରଣ ସଭାରେ ଉପସ୍ଥିତ କମ୍ୟୁନିଟି କ୍ୟାଡର କର୍ମକର୍ତ୍ତା।

ବାସୁଦେବପୁର,୩୧।୭ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଓଡ଼ିଶା ଜୀବିକା ମିଶନର ପୂର୍ବତନ ପ୍ରକଳ୍ପ ପରିଚାଳକ ଲକ୍ଷ୍ମଣ କୁମାର ବିଶ୍ୱାଳଙ୍କ ଉଦ୍ଦେଶ୍ୟରେ ବାସୁଦେବପୁର କମ୍ୟୁନିଟି କ୍ୟାଡ଼ର ସଂଘ ପକ୍ଷରୁ ମଙ୍ଗଳବାର ରାଣୀ କୈଳାସ ଶିଖର କଲ୍ୟାଣ ମଣ୍ଡପରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ବ୍ଲକ ଜୀବିକା ସଂଯୋଜକ ସନ୍ତୋଷ କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବ୍ଲକ ପ୍ରକଳ୍ପ ପରିଚାଳକ ବୀଣାପାଣି ପଣ୍ଡା ଯୋଗଦେଇ ସ୍ୱର୍ଗତ ଲକ୍ଷ୍ମଣ କୁମାର ବିଶ୍ୱାଳଙ୍କ କାର୍ଯ୍ୟଦକ୍ଷତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମୀୟ ମହାପାତ୍ର, ଜୟନ୍ତୀ ମଲ୍ଲିକ, ନମିତା ବେହେରା, ଅନୁସୟା ଜେନା( ବ୍ଲକ ଜୀବିକା ସଂଯୋଜକ), ଏମ୍‌ବିକେ ରଶ୍ମିବାଳା ପାଢ଼ୀ, ଝରଣା ଦାସ, ସୁକାନ୍ତି ଦାସ, ସନ୍ତୋଷ ଷଡ଼ଙ୍ଗୀଙ୍କ ସମେତ ସମସ୍ତ କମ୍ୟୁନିଟି କ୍ୟାଡରମାନେ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରାଯାଇଥିଲା। ସ୍ମୃତିସଭାରେ ୫ ଶହରୁ ଊର୍ଦ୍ଧ୍ୱ କମ୍ୟୁନିଟି କ୍ୟାଡର ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଶିକ୍ଷକ ପ୍ରଦୀପ ନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରଯାଉଛି।

ଧାମନଗର,୩୧।୭(ଦେବେନ୍ଦ୍ର ଆଡିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ୍ କରଦା ନୋଡାଲ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଦୀପ ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ପିସି ହାଇସ୍କୁଲର ପ୍ରଧାନଶିକ୍ଷକ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ମଣ୍ଡଳ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଗଦାଧର ଜେନା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା, ସିଆରସିସି ଅଶ୍ୱିନୀ ଜେନା, ଶିକ୍ଷାବିତ୍ ଧିରେନ୍ଦ୍ର ଦାଶ, ଅଶୋକ ଦାସ, କୁଳମଣୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ଦାସ, ସୁରେନ୍ଦ୍ର ସେଠୀ, ଶରତ ସାହୁ, ଭରତ ଚନ୍ଦ୍ର ତରାଇ, ରାଜେଶ ପୃଷ୍ଟି, ତ୍ରିଲୋଚନ ସାହୁ, ଜାନକୀ ଦାସ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକଙ୍କ ଶିକ୍ଷକତା ଜୀବନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ଧନେଶ୍ୱର ମୁଣ୍ଡା ସ୍ୱାଗତ ଭାଷଣ, ବିଷ୍ଣୁମୋହନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷକଙ୍କୁ ଅତିଥିମାନେ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

# 'ଫର୍ଟିଫାଏଡ୍ ଚାଉଳ ସ୍ୱାସ୍ଥ୍ୟ ପକ୍ଷେ ହିତକର'

ଭଦ୍ରକ,୩୧।୭ (ସନାତନ ରାଉତ/ରବିନାରାୟଣ ଖିଲାର)

**ଜିଲାସ୍ତରୀୟ ସଚେତନତା କର୍ମଶାଳା**




ପୋଷଣସ୍ତରରେ ସୁଧାର ଆଣିବା ପାଇଁ ସୂକ୍ଷ୍ମ ପୋଷକ ତତ୍ତ୍ୱସ୍ତରର ମାତ୍ରାକୁ ବଢ଼ାଇବା ପାଇଁ ଚାଉଳକୁ ଫର୍ଟିଫିକେସନ୍ କରିବା ନିହାତି ଆବଶ୍ୟକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୱାର୍ଲ୍ଡ଼ ଫୁଡ୍ ପ୍ରୋଗ୍ରାମ ଯୋଜନା ଅନୁସାରେ ଆମ ଦେଶ ଓ ଆମ ରାଜ୍ୟରେ ସମସ୍ତ ସରକାରୀ ଯୋଜନାରେ ଫର୍ଟିଫଏଡ଼୍ ଚାଉଳ ଉପଲବ୍ଧ କରାଯାଉଛି। ସ୍କୁଲ ମଧ୍ୟାହ୍ନ ଭୋଜନ, ଅଙ୍ଗନୱାଡିରେ ରନ୍ଧାଖାଦ୍ୟ ଓ ଯୋଗାଣ ବିଭାଗର ରାଶନକାର୍ଡ଼ରେ ଏହି ଚାଉଳ ଯୋଗାଇ ଦିଆଯାଉଛି। ଏହି ଚାଉଳ ସ୍ୱାସ୍ଥ୍ୟପକ୍ଷେ ହିତକର। ଉପଯୋଗିତା, ବ୍ୟବହାର ପ୍ରକ୍ରିୟା ସମ୍ବନ୍ଧରେ ଜିଲା ମୁଖ୍ୟ ଚିକିତ୍ସାଳୟର ଟ୍ରମା କେୟାର ସେଣ୍ଟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ସଚେତନତା କର୍ମଶାଳାରେ ଅତିଥିମାନେ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଭାତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତି କାର୍ଯ୍ୟକ୍ରମରେ ମୁଖ୍ୟ ଚିକିତ୍ସାଳୟର ଅଧ୍ୟକ୍ଷ ଡା. ଅମୂଲ୍ୟ କୁମାର ଦାସ, ୱାର୍ଲ୍ଡ଼ ଫୁଡ୍ ପ୍ରୋଗ୍ରାମର ରାଜ୍ୟସ୍ତରୀୟ ପ୍ରଶିକ୍ଷକ ମୋନା ଜେଠୁଆ ପ୍ରମୁଖ ଯୋଗଦେଇ ଚାଉଳ ଗୁଣ୍ଡରେ ସୂକ୍ଷ୍ମ ପୋଷକ ତତ୍ତ୍ୱ ହିସାବରେ ଉପଯୁକ୍ତ ମାନ ଓ ମାତ୍ରା ଅନୁସାରେ ଭିଟାମିନ୍ ବି-୧୨, ଲୌହ ଓ ଫଲିକ୍ ଏସିଡ୍ ମିଶାଯାଇ ମିଶ୍ରଣକୁ ବୈଷୟିକ କୌଶଳରେ ମେଶିନ୍ ସାହାର୍ଯ୍ୟରେ ପ୍ରସ୍ତୁତ କରାଯାଇ ୧ ଗ୍ରାମକୁ ସାଧାରଣ ଚାଉଳ ୧୦୦ ଗ୍ରାମ ସହିତ ମିଶାଯାଇ ଫର୍ଟିଫାଏଡ୍ ଚାଉଳ ପ୍ରସ୍ତୁତ କରାଯାଏ।

ଚାଉଳ ଭଳି ଅନ୍ୟ ଫର୍ଟିଫାଏଡ୍ ଖାଦ୍ୟ ହିସାବରେ ଲୁଣ, ତେଲ ଓ ଦୁଗ୍ଧର ବ୍ୟବହାର କରାଯାଉଛି। ପ୍ରେସ୍‌ର କୁକର, ରାଇସ୍ କୁକର୍‌ରେ ରାନ୍ଧିଲେ ଏବଂ ବାହାରେ ରାନ୍ଧିବା ବେଳେ ଢାଙ୍କୁଣି ବ୍ୟବହାର ସହିତ ପେଜ ନ ଗାଳିଲେ ଭାତର ପୋଷକ ତତ୍ତ୍ୱ ଠିକ୍ ରହିବ ବୋଲି ପ୍ରକାଶ କରାଯାଇଥିଲା। ପୋଷକ ତତ୍ତ୍ୱ ଆନିମିଆ ଦୂର କରିବା ସହିତ ସୂକ୍ଷ୍ମ ପୋଷକ ତତ୍ତ୍ୱର ସ୍ୱଳ୍ପତାରୁ ବଞ୍ଚାଇ ଅପପୁଷ୍ଟି, ହିମୋଗ୍ଲୋବିନ୍ ହ୍ରାସ ଭଳି ସମସ୍ୟା ପାଇଁ ଖୁବ୍ ଲାଭଦାୟକ ଅଟେ। ଚାଉଳକୁ ସର୍ବଦା ପରିଷ୍କାର ଏବଂ ମୁଦଥିବା ଡବା ବା ଅଖାର ମୁହଁ ବାନ୍ଧି ରଖାଯିବା ଉଚିତ୍। ଖରାରେ ଶୁଖାଇବା ଅନୁଚିତ ଏବଂ ଉତ୍ପାଦନର ଏକବର୍ଷ ମଧ୍ୟରେ ବ୍ୟବହାର କରିବା ଅଧିକ ଉପଯୋଗୀ। ଚାଉଳ ଖୋଲା ବଜାରରେ ଉପଲବ୍ଧ ହୋଇନାହିଁ। ଚାଉଳର ସ୍ୱାଦ, ସୁଗନ୍ଧ ସାଧାରଣ ଚାଉଳ ଠାରୁ ଭିନ୍ନ ନୁହେଁ। ଚାଉଳରୁ ରନ୍ଧା ଭାତ ଖାଇବା ଦ୍ୱାରା କୌଣସି ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି ହୁଏନାହିଁ। ଚାଉଳକୁ ପ୍ଲାଷ୍ଟିକ୍ ଚାଉଳ ବା ପୋକା ଚାଉଳ ଭାବିବା ଏକ ଭୁଲ୍ ଧାରଣା। ଚାଉଳରେ ସ୍ୱାଦ, ପୋଷଣ ଏବଂ ସ୍ୱାସ୍ଥ୍ୟକୁ କରେ ରକ୍ଷା, ବାର୍ତ୍ତାର ପ୍ରଚାର ପ୍ରସାର ଦିଗରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ସମ୍ପୃକ୍ତ ଦୋକାନୀ, ପ୍ରଶାସନିକ ଅଧିକାରୀ ଆଦି ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ବୋଲି ପ୍ରଶିକ୍ଷକ ଜେଠୁଆ ପ୍ରକାଶ କରିଥିଲେ। ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଭୂଦତ୍ତ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀ, ଡାକ୍ତର, ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

# ବିପର୍ଯ୍ୟସ୍ତ ମାଟିରାସ୍ତାରେ ଲୋକେ ହନ୍ତସନ୍ତ

## ପକ୍କାରାସ୍ତା ନିର୍ମାଣ ଦାବି

ରାମଚନ୍ଦ୍ରପୁର,୩୧।୭(ଗଣେଶ୍ୱର ସା)



କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ୨୦ନଂ. ଜାତୀୟ ରାଜପଥ ବୀରଗୋବିନ୍ଦପୁର ପଞ୍ଚାୟତଠାରୁ ସୀତାରାମପୁର ଗ୍ରାମକୁ ସଂଯୋଗ ମୁଖ୍ୟ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମାଟିରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ବର୍ଷାଦିନେ କାଦୁଅ ହୋଇ ଯାତାୟାତରେ ସମସ୍ୟା ହେଉଛି। ପକ୍କା ରାସ୍ତା ନିର୍ମାଣ କରିବାକୁ ଲୋକେ ପଞ୍ଚାୟତ ଓ ବ୍ଲକ୍‌ରେ ଦାବି କରୁଥିଲେ ହେଁ କୌଣସି କାର୍ଯ୍ୟକାରୀ ହେଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ସୀତାରାମପୁର ଗ୍ରାମରେ ପ୍ରାୟ ୧ ଶହ ପରିବାର ବାସ କରୁଛନ୍ତି। ଆନନ୍ଦପୁର ସଦର ମହକୁମା, ଘସିପୁରା ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟ, କୋର୍ଟ କଚେରିକୁ ଯିବାକୁ ଏହି ରାସ୍ତା ଉପରେ ଭରସା କରିଥାନ୍ତି। ଗ୍ରାମବାସୀଙ୍କ କହିବା ମୁତାବକ, ବୈତରଣୀ ନଦୀଘାଟରୁ ବେଆଇନ ଭାବେ ମାଫିଆମାନେ ବାଲି ଉତ୍ତୋଳନକରି ହାଇୱା, ଟ୍ରାକ୍ଟର ଯୋଗେ ବାଲି ଚୋରାଚାଲାଣ କରୁଛନ୍ତି। ଫଳରେ ଚଳିତ ବର୍ଷ ଲଘୁଚାପଜନିତ ଲଗାଣ ବର୍ଷାରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। କେତେକ ସ୍ଥାନରେ ବଡ଼ ବଡ଼ ଖାଲ ଓ କାଦୁଅ ପଙ୍କ ହୋଇ ପାଣି ଆଣ୍ଠୁଏ ଲେଖାଏ ଭରି ରହିଛି। ରାସ୍ତାରେ ଗ୍ରାମର ଲୋକେ ଯାତାୟାତ ପାଇଁ ନିର୍ଭର କରୁଥିବା ବେଳେ ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁ ବିଭିନ୍ନ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଛି। ସ୍କୁଲ କଲେଜ ଯିବାରେ ଛାତ୍ରୀଛାତ୍ର ଅସୁବିଧା ହେଉଥିବା ଅଭିଯୋଗ ହୋଇଛି। ତେବେ ଉକ୍ତ ରାସ୍ତାର ମରାମତି ପାଇଁ ଗ୍ରାମର ଫଗୁ ହାଁସଦା, ଦିଲୀପ ଟୁଡୁ, ସାକ୍ରା ହେମ୍ବ୍ରମ, ଶିବ ହେମ୍ବ୍ରମ, ରାଜା ହେମ୍ବ୍ରମ, ମିର୍ଜା ହାଁସଦା, ଡାକ୍ତର ଟୁଡୁ ପୂର୍ବରୁ ବ୍ଲକ୍ ଓ ପଞ୍ଚାୟତରେ ଅଭିଯୋଗ ହୋଇଥିବା କହିଛନ୍ତି। ସ୍ଥାନୀୟ ସରପଞ୍ଚ ଦିଲୀପ କୁମାର ମାଝି କହିଛନ୍ତି, ପଞ୍ଚାୟତ ଅଧୀନରେ ଥିବା ରଙ୍ଗମାଠିଆ, ଯୁଗଳ କେଶ୍ୱରୀପୁରଠାରୁ ବେତନଟୀ ଗ୍ରାମର ରାସ୍ତାର ଅବସ୍ଥା ବି ଭଲନାହିଁ। ପ୍ରତିବର୍ଷ ପଞ୍ଚାୟତ ପକ୍ଷରୁ ମୋରମ, ମାଟି ପକାଯାଉଛି। ପଞ୍ଚାୟତ ଅଫିସ କାର୍ଯ୍ୟାଳୟକୁ ଯିବାକୁ ବି ଭଲ ରାସ୍ତାଟିଏ ନ ଥିବାରୁ ସେ ନିଜେ କାଦୁଅରେ ଯିବାକୁ ପଡୁଥିବା କହିଥିଲେ।

# ୩ ହାଇୱାରୁ ୧ ଲକ୍ଷ ୩୨ ହଜାର ଜରିମାନା ଆଦାୟ

ପାଟଣା,୩୧।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ପାଟଣା କେନ୍ଦେଇପଶି ରାସ୍ତାର କେନ୍ଦେଇପଶି ନିକଟରୁ ତୁରୁମୁଙ୍ଗା ପୋଲିସ ଓ ସ୍ପେଶାଲ ସ୍କ୍ୱାର୍ଡ ମଙ୍ଗଳବାର ୩ ଟିପ୍ପ ବୋଝେଇ ହାଇୱାକୁ ଜବତ କରିଥିଲା। ପୋଲିସ ଜବତ ଗାଡ଼ି ସମ୍ବନ୍ଧରେ ପରିବହନ ବିଭାଗକୁ ଜଣାଇଥିଲା। ପରିବହନ ବିଭାଗ ଯାଞ୍ଚ ସମୟରେ ୨ ଗାଡିର ହାଇ ସିକ୍ୟୁରିଟି ନମ୍ବର ନ ଥିବା ବେଳେ ଗାଡିରେ ଓଭର ଲୋଡିଂ, ଇନ୍ସ୍ୟୁରାନ୍ସ, ଫିଟନେସ ନ ଥିବା ଜାଣିବାକୁ ପାଇଥିଲା। ପରେ କେନ୍ଦୁଝର ପରିବହନ ବିଭାଗ ତରଫରୁ ଏମ୍‌ଭିଆଇ ସୁକରାମ ସୋରେନ ୩ ଟି ହାଇୱାରୁ ୧ ଲକ୍ଷ ୩୨ ହଜାର ୭୦୫ଟଙ୍କା ଜରିମାନା ଆଦାୟ କରିଛନ୍ତି।

# ଜେଏସ୍‌ପି ବଡ଼ବିଲକୁ 'ଏଚ୍‌ଆର୍ ୱାର୍ଲଡ ଫ୍ୟୁଚର ସ୍କିଲ୍ସ' ସମ୍ମାନ

କେନ୍ଦୁଝର,୩୧।୭(ନରେଶ ଚନ୍ଦ୍ର ପଟ୍ଟନାୟକ)/ଯୋଡ଼ା (ମାନସ ରଞ୍ଜନ ମହାନ୍ତି)



ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି), ବଡ଼ବିଲ ୟୁନିଟ୍‌କୁ ଇକୋନୋମିକ ଟାଇମ୍ସ ଗ୍ରୁପ୍ ପକ୍ଷରୁ 'ଏଚଆର୍ ୱାର୍ଲଡ ଫ୍ୟୁଚର ସ୍କିଲ୍ସ ଆୱାର୍ଡ ୨୦୨୪' ପ୍ରଦାନ କରାଯାଇଛି। ଜୁଲାଇ ୧୮ରେ ହରିୟାଣାର ଗୁରୁଗ୍ରାମଠାରେ ଶ୍ରେଷ୍ଠ 'ଲର୍ନିଂ ଆଣ୍ଡ ଡେଭଲପମେଣ୍ଟ ଡାଟା ଆନାଲିଟିକ୍ସ' ବର୍ଗରେ ଏହି ସମ୍ମାନଜନକ ସମ୍ମାନ ପ୍ରଦାନ କରାଯାଇଥିଲା। ବଡ଼ବିଲସ୍ଥିତ ଜେଏସ୍‌ପି ପେଲେଟ ପ୍ଲାଣ୍ଟ ୟୁନିଟ୍ ମୁଖ୍ୟ ପୁରୁଷୋତ୍ତମ ଏମ୍‌ଡି କହିଛନ୍ତି, ଏହି ସଫଳତା ଆମର ବିଶ୍ୱାସକୁ ଦୃଢ଼ କରୁଛି, ନିରନ୍ତର କର୍ମଚାରୀମାନଙ୍କର ଉନ୍ନତିର ବାତାବରଣ ସୃଷ୍ଟିକରି ଉଭୟ ବ୍ୟକ୍ତିଗତ ଏବଂ କମ୍ପାନୀର ପ୍ରଦର୍ଶନକୁ ବୃଦ୍ଧି କରିପାରିବାରେ ସଫଳ ହୋଇପାରିଛୁ। ମାନବ ସମ୍ବଳ ବିଭାଗ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି କହିଛନ୍ତି, ଏହି ପୁରସ୍କାର ପାଇ ଆମେ ଆନନ୍ଦିତ, ଯାହା ଆମର ମାନବ ସମ୍ବଳ ଟିମ୍‌ର ସମର୍ପଣ ଏବଂ ଆମ କର୍ମଚାରୀଙ୍କ ପ୍ରଶିକ୍ଷଣ ପ୍ରତି ଉତ୍ସାହକୁ ପ୍ରତିଫଳିତ କରୁଛି। ଏହା କମ୍ପାନୀର କର୍ମଚାରୀଙ୍କ ମଧ୍ୟରେ ଥିବା ନିରନ୍ତର ପ୍ରଶିକ୍ଷଣ ଏବଂ ବୃତ୍ତିଗତ ଅଭିବୃଦ୍ଧିର ସଂସ୍କୃତି ପ୍ରତି ଥିବା ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି।

# ୧୩ କି.ମି.କୁ ବସ୍ ଭଡ଼ା ୩୦ ଟଙ୍କା

## ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି

ଢେଙ୍କିକୋଟ,୩୧।୭(ନୀଳମଣି ମଣ୍ଡଳ)

ଗ୍ରାମାଞ୍ଚଳରେ ଯାତାୟାତ ସୁବିଧା ନିମନ୍ତେ ସରକାରଙ୍କ ପକ୍ଷରୁ ବସ୍ ବ୍ୟବସ୍ଥା ହୋଇଛି। ଏ ନେଇ ବହୁ ଅର୍ଥ ବ୍ୟୟ ହୋଇ ପଞ୍ଚାୟତକୁ ବ୍ଲକ୍ ଓ ଜିଲା ସଦର ମହକୁମାକୁ ଯାତାୟାତ ସୁଗମ କରାଯାଉଛି। ମାତ୍ର କେନ୍ଦୁଝର ଜିଲା ଆଦିବାସୀ ଅଧ୍ୟୁଷିତ ଘଟଗାଁ ବ୍ଲକ୍‌ରେ ଭଡ଼ା ବାବଦକୁ ଅଧିକ ଟଙ୍କା ନିଆଯାଉଥିବାରୁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ପ୍ରକାଶ ଯେ, ଘଟଗାଁ ବ୍ଲକ୍‌ରେ ୨୭ ପଞ୍ଚାୟତ ରହିଥିବା ବେଳେ ପଞ୍ଚାୟତ ସମିତି ଘଟଗାଁଠାରେ ଥିବାରୁ ପଞ୍ଚାୟତର ସମସ୍ତ ସରକାରୀ ହିତାଧିକାରୀ, ଗରିବ ଖଟିଖିଆ ଆଦିବାସୀ ଜନସାଧାରଣ ଜାତୀୟ ରାଜପଥ ୨୦ନଂ.ରେ କେନ୍ଦୁଝର-ଭୁବନେଶ୍ୱର, ଚମ୍ପୁଆ -ଭୁବନେଶ୍ୱର ଯାତାୟାତ କରୁଥିବା ରାଜ୍ୟ ସରକାରୀ ବସ୍‌ରେ ଘଟଗାଁ ବ୍ଲକ୍ କାର୍ଯ୍ୟାଳୟକୁ ଯିବା ଆସିବା କରିଥାନ୍ତି। ମାତ୍ର ଘରୋଇ ଏୟାର କଣ୍ଡିସନର ବସ୍‌ରେ ଢେଙ୍କିକୋଟଠାରୁ ଘଟଗାଁ ୧୩ କି.ମି.କୁ ଯାତ୍ରା କଲେ ଗାଡ଼ି ଭଡ଼ା ୨୦ ଟଙ୍କା ନେଉଛନ୍ତି। ସରକାରୀ ବସ୍‌ରେ ଘଟଗାଁଠାରୁ ଢେଙ୍କିକୋଟ ୧୮ କି.ମି. ଭଡ଼ା ବାବଦକୁ ୨୮ ଟଙ୍କା ତା' ସହ ଜିଏସ୍‌ଟି ୨ ଟଙ୍କା ଅର୍ଥାତ୍ ମୋଟ ୩୦ ଟଙ୍କା ଦେବାକୁ ପଡୁଛି। ଅନ୍ୟପକ୍ଷେ ଘଟଗାଁରୁ ଢେଙ୍କିକୋଟ ୧୩ କି.ମି. ହୋଇଥିବା ବେଳେ ୧୮ କି.ମି. ଦର୍ଶାଯାଇ ଲୁଟ୍ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଏଥିରେ ସୁଧାର ଆଣିବା ପାଇଁ ଘଟଗାଁ ବ୍ଲକ୍‌ର ଜନସାଧାରଣ ଦାବି କରିଛନ୍ତି। ଜିଲା ପରିବହନ ଅତିରିକ୍ତ ମ୍ୟାନେଜର ଗୌରବ ଜେନା କହିଛନ୍ତି, ଟିକେଟ ସହ ଲିଖିତ ଅଭିଯୋଗ କରନ୍ତୁ। ଏନେଇ ଭୁବନେଶ୍ୱର ଓଏସ୍‌ଆରଟିସି କାର୍ଯ୍ୟାଳୟକୁ ପଠାଇ ସମାଧାନ କରାଯିବ। ଅଧିକ ଅର୍ଥ ନିଆଯାଇଥିଲେ ଫେରସ୍ତ କାରାଯିବ।

# ଅଗ୍ନି ବିପନ୍ନଙ୍କୁ ଦଳିତ ଆଦିବାସୀ ବିକାଶ ସଂସ୍ଥାନର ସହାୟତା

କେନ୍ଦୁଝର,୩୧।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ଝାଟିପଡ଼ା ଗ୍ରାମର ଅଗ୍ନି ବିପନ୍ନ ଭରତ ଚନ୍ଦ୍ର ଦେହୁରୀଙ୍କୁ ଦଳିତ ଆଦିବାସୀ ବିକାଶ ସଂସ୍ଥାନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସଂସ୍ଥାନର ଅଧକ୍ଷ ରମାକାନ୍ତ ପାତ୍ରଙ୍କ ସହିତ ସଂସ୍ଥାନର କର୍ମକର୍ତ୍ତା ପ୍ରହ୍ଲାଦ ମହାନ୍ତ, ମନ୍ଦୋଦରୀ ପାତ୍ର, ବଙ୍ଗାଳୀ ଚରଣ ନାଏକ ଓ ନିରାକାର ପାତ୍ର ସାମିଲ ହୋଇଥିଲେ। ଭରତ ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ୫ ପ୍ରାଣୀ କୁଟୁମ୍ବକୁ ନେଇ ଦାରିଦ୍ୟତା ଭିତରେ ପରିବାର ଚଳାଉଥିଲେ। ୨ ବର୍ଷ ହେବ ରୋଗଗ୍ରସ୍ତ ହୋଇ କାମ କରି ନ ପାରି ଅସୁବିଧା ମଧ୍ୟରେ ଗତି କରୁଛନ୍ତି। ବଡ଼ଝିଅ ସୁରତୀ ଦେହୁରୀ ଗତ ବର୍ଷ ମାଟ୍ରିକ ପାସ କରି ପାଟଣା କଲେଜରେ ଯୁକ୍ତ ୨ରେ ପଢୁଥିବା ବେଳେ ଆର୍ଥିକ ଅବସ୍ଥା ଦୁର୍ବଳ ଯୋଗୁ ଦ୍ୱିତୀୟ ବର୍ଷ ପାଇଁ ରିଆଡମିସନ କରି ନ ପାରି କଲେଜ ଯାଇ ପାରୁନାହାନ୍ତି। ଏଭଳି ସମୟରେ ୨ ଦିନ ତଳେ ଅଗ୍ନିକାଣ୍ଡ ଘଟି ତାଙ୍କର ୨ ବଖରା ଘର ଭସ୍ମୀଭୂତ ହୋଇଯାଇଛି। ଖବର ପାଇ ସଂସ୍ଥାନର କର୍ମକର୍ତ୍ତା ଆଦିବାସୀ ପରିବାରକୁ ଭେଟି ସହାୟତା ପ୍ରଦାନ କରିଛନ୍ତି। ଝିଅର ପାଠପଢ଼ାକୁ ନେଇ ଜିଲା ମଙ୍ଗଳ ଅଧିକାରୀଙ୍କୁ ଅବଗତ କରାଇବା ସହ ଗରିବ ଛାତ୍ରୀଙ୍କୁ ଗତବର୍ଷର ସ୍କଲାରଶିପ ଯୋଗାଇଦେବା ନିମନ୍ତେ ଅନୁରୋଧ କରାଯାଇଛି।



ଅସହାୟ ଆଦିବାସୀ ପରିବାରକୁ ସଂସ୍ଥାନ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।

# ପାଟଣା ସିଡିପିଓଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ

ପାଟଣା,୩୧।୭(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ସିଡିପିଓ (ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ)କଳ୍ପନା ଦୋରାଙ୍କ ବିରୋଧରେ ବ୍ଲକ୍‌ର କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଦୁର୍ନୀତି ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବୁଧବାର ଡିଏସଡବ୍ଲ୍ୟୁଓ ମିତା ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏଡିଏସଡବ୍ଲ୍ୟୁଓ ସୁଧା ଗୋସ୍ୱାମୀ ସିଡିପିଓଙ୍କ କାର୍ଯ୍ୟାଳୟରେ ସମସ୍ତ ଅଙ୍ଗନୱାଡ଼ି କର୍ମୀଙ୍କ ଉପସ୍ଥିତିରେ ତଦନ୍ତ କରିଛନ୍ତି। ୧୫ଟି ସେକ୍ଟରର ୪୫ ଜଣ ଅଙ୍ଗୱାଡ଼ିକର୍ମୀଙ୍କୁ ନେଇ ଏହି ତଦନ୍ତ ହୋଇଛି। ଏଥିରେ ସୁଧା ଗୋସ୍ୱାମୀଙ୍କ ସହ ପ୍ରୋଗ୍ରାମ ଅଫିସର ଶାନ୍ତି ଲତା ପୋଥାଳ ପ୍ରମୁଖ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, ସିଡିପିଓ କଳ୍ପନା ଦୋରା ଓ କେତେକ ସୁପରଭାଇଜର ଅଙ୍ଗନୱାଡି କର୍ମୀଙ୍କୁ ଲାଞ୍ଚ ମାଗିବା ସହ ଦୁର୍ବ୍ୟବହାର କରିବା ଓ ସୁପରଭାଇଜରମାନେ ନିଜେ ଖାତା କାର୍ଯ୍ୟ ନ କରି ୱାର୍କରଙ୍କୁ କରାଉଥିବା ର ଅଭିଯୋଗ ହୋଇଥିଲା। ଏ ନେଇ କିଆପଡ଼ା ଅଙ୍ଗନୱାଡି କର୍ମୀ ସାରଳା ସାହୁ ଓ ଭଗପଶିର ପ୍ରମିଳା ନାଏକ ଅଭିଯୋଗ ପରେ ଜିଲା ଅଧିକାରୀ ବୁଧବାର ତଦନ୍ତ କରି ଫେରିଛନ୍ତି। ଏନେଇ ଏଡିଏସଡବ୍ଲ୍ୟୁଓ ସୁଧା ଗୋସ୍ୱାମୀ କହିଛନ୍ତି, ଡିଏସଡବ୍ଲ୍ୟୁଓଙ୍କୁ ବିଧିବଦ୍ଧ ରିପୋର୍ଟ ଦେଇ ସାରିଲା ପରେ ଯାହା କିଛି କହିପାରିବି। ଡିଏସଡବ୍ଲ୍ୟୁଓ ମିତା ନାୟକ କହିଛନ୍ତି, ସିଡିପିଓଙ୍କ ବିରୋଧରେ ଅନେକ ଅଭିଯୋଗ ଆସିଥିଲା। ଅଧିକାରୀଙ୍କୁ ତଦନ୍ତ ପାଇଁ ପଠାଇଛି। ଏନେଇ ସିଡିପିଓ କହିଛନ୍ତି, ଯେଉଁମାନେ ଅଭିଯୋଗ କରିଛନ୍ତି ସେମାନଙ୍କୁ ପଚାରନ୍ତୁ, ସେମାନେ ବେଟର କହିପାରିବେ। ମୁଁ କୌଣସି ଦୁର୍ନୀତିରେ ସଂଶ୍ଲିଷ୍ଟ ନାହିଁ। ଏହା ମିଥ୍ୟା ଅଭିଯୋଗ। ଆମେ ମିଟିଂରେ ଥିଲୁ ସେମାନେ ଅନ୍ୟ ରୁମ୍‌ରେ ତଦନ୍ତ କରୁଥିଲେ।

## ମୟୂରଭଞ୍ଜ

# ୪ ନାବାଳକଙ୍କ ଗାଡ଼ି ଜବତ, ୧ଲକ୍ଷ ଜରିମାନା

ବାରିପଦା,୩୧।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚକୁ କଡାକଡି କରାଯାଇଛି। ସ୍କୁଲ ବସ୍ ଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମେତ ନାବାଳକ ଗାଡ଼ି ଚାଳନାକୁ ନେଇ ବିଭାଗ ପକ୍ଷରୁ ତନଖି କରାଯାଉଛି। ସୋମବାର ବାରିପଦା ଲକ୍ଷ୍ମୀପୋଷି ଅଞ୍ଚଳରୁ ୪ ନାବାଳକ ଗାଡ଼ିଚାଳକଙ୍କୁ ୨୫ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଜରିମାନା ଅନାଦେୟ ହେଲେ ଆଇନ ଅନୁଯାୟୀ ମାମଲା ରୁଜୁ କରାଯିବ ବୋଲି ଆରଟିଓ ବିଶ୍ୱରାଜ ବେହେରା ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ଚୋରା ଲଘୁ ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଯାନବାହାନ ଓ ମାଲବାହୀ ଗାଡ଼ିଗୁଡ଼ିକୁ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ କରିବାକୁ ଦାବି ହୋଇଛି। ଏନେଇ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୋସିଆଲ ମିଡିଆ ଏକ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଛନ୍ତି ।

ସହରରେ ଚଳପ୍ରଚଳ କରୁଥିବା ସ୍କୁଲ ବସ୍‌ଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ରାଜ୍ୟପରିବହନ ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହେବା ପରେ ବିଭାଗ ପକ୍ଷରୁ ତନଖି କରାଯାଉଛି । ବିଭାଗୀୟ ଅଧିକାରୀମାନେ ବିଭିନ୍ନ ସ୍କୁଲ ଓ କଲେଜକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ଗାଡ଼ିକୁ ଯାଞ୍ଚ କରୁଛନ୍ତି। ସୋମବାର ଲକ୍ଷ୍ମୀପୋଷି ଅଞ୍ଚଳରେ ଯାଞ୍ଚ କରୁଥିବା ସମୟରେ ୪ ନାବାଳକ ଗାଡ଼ି ଚାଳକଙ୍କୁ ଅଟକାଇ ଜରିମାନା କାଟିଛନ୍ତି। ପ୍ରତ୍ୟେକଙ୍କୁ ୨୫ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଥିବା ବେଳେ ମୋଟ ୧ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ବିଭାଗ ସୂଚନା ଦେଇଛି। ତେବେ ଜିଲାରେ ଖଣିଜ ଓ ଲଘୁ ଖଣିଜ ସମ୍ପଦ ବୋଝେଇ ହୋଇ ପ୍ରତିଦିନ ଶହ ଶହ ଯାନବାହାନ ଚଳପ୍ରଚଳ କରୁଛି । ଏହି ଗାଡ଼ି ଗୁଡ଼ିକ ମଧ୍ୟରେ ଅନେକ ଯାନର ଫିଟନେସ, ଇନସ୍ୟୁରାନ୍ସ, ପଲ୍ୟୁସନ ଓ ଆବଶ୍ୟକ କାଗଜପତ୍ର ନ ଥିବା ବେଳେ ବିନା ଲାଇସେନ୍ସରେ ଚାଳକମାନେ ବେପରୁଆ ଗାଡ଼ିଚାଳନା କରୁଛନ୍ତି। ଫଳରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଜୀବନହାନି ହେଉଥିବା ନଜିର ରହିଛି। ଏପରିକି ଖଣିଜ ଦ୍ରବ୍ୟ ପରିବହନ କରି ଆସୁଥିବା ଯାନବାହାନଗୁଡ଼ିକ ଦ୍ୱାରଶୁଣି ଘାଟିରେ ଦୁର୍ଘଟଣା ଘଟାଉଥିବା ନିତିଦିନିଆ ଘଟଣା ବୋଲି ଅଭିଯୋଗରେ ଦର୍ଶାଯାଇଛି। ବେପରୁଆ ଓ ମଦ୍ୟପ ଡ୍ରାଇଭରଙ୍କ ଗାଡ଼ିଚାଳନା ଯୋଗୁ ସାଧାରଣ ଯାତ୍ରୀଟିଏ ସୁରକ୍ଷିତ ଭାବେ ଯିବାଆସିବା କରିବାକୁ ଭୟ ପ୍ରକାଶ କରୁଛି । ଏହାକୁ ନେଇ ପୂର୍ବରୁ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଆଗାମୀ ସାତ ଦିନ ମଧ୍ୟରେ ବେଆଇନ ପରିବହନ କରୁଥିବା ଯାନବାହାନ ଗୁଡ଼ିକର ଯାଞ୍ଚ କରା ନ ଗଲେ ଭଞ୍ଜସେନା ପକ୍ଷରୁ ବାରିପଦାସ୍ଥିତ ପରିବହନ କାର୍ଯ୍ୟାଳୟ ଓ ରାଇରଙ୍ଗପୁରସ୍ଥିତ ଅତିରିକ୍ତ ପରିବହନ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ଜିଲା ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି ।

# ଘରେ ପଶିଲା ନର୍ଦ୍ଦମା ପାଣି

ବାରିପଦା,୩୧।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)



୧୯ନଂ. ୱାର୍ଡର ଜଣଙ୍କ ଘରେ ପଶିଥିବା ଡ୍ରେନ ପାଣି।

ବାରିପଦା ସହରରେ ୩ ଘଣ୍ଟା ଲଗାଣ ବର୍ଷା ଫଳରେ ଡ୍ରେନ୍ ପାଣି ଉଛୁଳି ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି କରିଛି। ସହରର ୭,୮,୯,୧୯,୨୦ ଓ ୨୭ ନମ୍ବର ଆଦି ଅନେକ ୱାର୍ଡରେ ଡ୍ରେନପାଣି ଘରେ ପଶିବାରୁ ଲୋକେ ହୀନସ୍ତା ଭୋଗୁଛନ୍ତି। ପୌରପରିଷଦ ପକ୍ଷରୁ ଡ୍ରେନ୍ ନିର୍ମାଣ ଠିକ୍ ଭାବେ ହୋଇନାହିଁ। ପାଣି ତଳକୁ ଗଡ଼ିବା ପରିବର୍ତ୍ତେ ଉପରକୁ ଉଠୁଛି। ଫଳରେ ଡ୍ରେନ୍ ପାଣି ଉଛୁଳି ଘର ମଧ୍ୟରେ ପ୍ରବେଶ କରିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଘରେ ପାଣି ପଶିବାକୁ କେନ୍ଦ୍ର କରି କିଛି ସମୟ ପାଇଁ ମଧୁବନ ଗ୍ୟାରେଜ ଛକଠାରେ ଲୋକେ ଉଦଳା-ବାରିପଦା ମୁଖ୍ୟ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଘଟଣାସ୍ଥଳରେ ବାରିପଦା ପୌରପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଯଥାଶୀଘ୍ର ଡ୍ରେନ୍ ଉପରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରି ଡ୍ରେନ ସଫା କରାଯିବ ବୋଲି କହିବା ପରେ ରାସ୍ତାରୋକୋ ହଟିଥିଲା ।

ସୂଚନାଯୋଗ୍ୟ, ସହରର ୱାର୍ଡ ନଂ.୧୯ରେ ବର୍ଷା ଜଳ ନିଷ୍କାସନକୁ ନେଇ ବାରମ୍ବାର ଜିଲାପ୍ରଶାସନ ନିକଟରେ ଅଭିଯୋଗ ହୋଇ ଆସୁଛି । ବୁଧବାର ଅପରାହ୍ନରେ ପ୍ରବଳ ବର୍ଷା ହେବାରୁ ଏନ୍‌ଏଚ୍‌ଆଇ ୧୮ରୁ ନିର୍ଗତ ଜଳ ଏହି ୱାର୍ଡରେ ଭର୍ତ୍ତିହୋଇଥିଲା। ୱାର୍ଡରେ ରହିଥିବା ଡ୍ରେନରେ ପର୍ଯ୍ୟାପ୍ତ ପରିମାଣର ଜଳ ନିଷ୍କାସନ ହୋଇ ନ ପାରିବାରୁ ତାହା ଘର ମଧ୍ୟକୁ ପ୍ରବେଶ କରିଛି। ୱାର୍ଡର ମନୋରଞ୍ଜନ ପାତ୍ରଙ୍କ ଘରେ ୨ଫୁଟ ଉଚ୍ଚର ପାଣି ଲହଡି ମାରୁଥିବା ଦେଖିବାକୁ ମିଳିଛି। ଏହି ୱାର୍ଡରେ ବସବାସ କରୁଥିବା ୧୫ରୁ ଉର୍ଦ୍ଧ୍ୱ ଲୋକଙ୍କ ଘର ମଧ୍ୟକୁ ଅପରିଷ୍କାର ପାଣି ପଶିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ସେହିପରି ସହରର ୭,୮,୯,୨୦ ଓ ୨୭ ନମ୍ବର ୱାର୍ଡର ଅନେକ ଲୋକଙ୍କ ଘରେ ଡ୍ରେନ୍ ପାଣି ପଶିଛି। ସହରରେ ବର୍ଦ୍ଧିତ ଜନସଂଖ୍ୟା କାରଣରୁ ଧିରେ ଧିରେ ରାସ୍ତା ଓ ଖାଲଖମା ଗୁଡିକ ସଙ୍କୁଚିତ ହେବାରେ ଲାଗିଛି। ଫଳରେ ପାଣି ନିଷ୍କାସନ ହେବା ନେଇ କୌଣସି ବ୍ୟବସ୍ଥା ନ ଥିବାରୁ ସହରବାସୀ ନାଳ ନର୍ଦ୍ଦମା ପାଣିରେ ଉବୁଟୁବୁ ହେଉଛନ୍ତି। ଏନେଇ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ପରିସ୍ଥିତିରେ ପରିବର୍ତ୍ତନ ହେଉନାହିଁ। ଖୁବ୍‌ଶୀଘ୍ର ଏଥିପ୍ରତି ପଦକ୍ଷେପ ଗ୍ରହଣ କରିବାକୁ ସହରବାସୀ ଦାବି କରିଛନ୍ତି ।

# ଅସରାଏ ବର୍ଷାରେ ସ୍ଥିତି ବେହାଲ

ମୋରଡ଼ା,୩୧।୭(ସ୍ମାରକ ମାଜୀ)

ଅସରାଏ ବର୍ଷାରେ ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ମୋରଡା ଗ୍ରାମରେ ସ୍ଥିତି ବେହାଲ ହୋଇପଡିଥିବାର ଦେଖିବାକୁ ମିଳିଛି। ମୋରଡ଼ା ଗ୍ରାମରେ ଅଳ୍ପ ମାସ ପୂର୍ବରୁ ନିର୍ମାଣ ହୋଇଥିବା ଡ୍ରେନ ଅଧାପନ୍ତରିଆ ଭାବେ ପଡ଼ିରହିଛି। ବ୍ଲକ ପ୍ରଶାସନ ପକ୍ଷରୁ ଡ୍ରେନ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବାରୁ ଡ୍ରେନ ଦ୍ୱାରା କୌଣସି ପ୍ରକାର ବର୍ଷା ଜଳ ନିଷ୍କାସନ ହୋଇ ପାରୁନାହିଁ। ଯାହା ଫଳରେ ବର୍ଷା ପାଣି ସିଧା ଲୋକଙ୍କ ଘରେ ପଶୁଥିବାରୁ ଲୋକେ ଗୃହ ବନ୍ଦୀ ଅବସ୍ଥାରେ ରହିବା ସହ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବର୍ଷା ଦିନେ ସାପ ବେଙ୍ଗ ଓ ଅନ୍ୟ ସରୀସୃପ ଭୟ ରହୁଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ ବର୍ଷା ଜଳ କିଭଳି ଠିକ୍ ଭାବରେ ନିଷ୍କାସିତ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଧରାପଡ଼ିଲେ ଫେରାର ଅଭିଯୁକ୍ତ

## ନାବାଳିକା ଅପହରଣ ଓ ବଳାତ୍କାର ମାମଲା

ରାଇରଙ୍ଗପୁର,୩୧।୭(ମାନସ ମହାନ୍ତି)

ମୟୁରଭଞ୍ଜ ଜିଲା ବହଳଦା ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଅପହରଣ ସହ ବଳାତ୍କାର ଅଭିଯୋଗ ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ମାସକ ପରେ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ରବିନାରାୟଣ ଭୂୟାଁ(୨୪)। ଅପହୃତା ନାବାଳିକାଙ୍କ ପରିବାର ପକ୍ଷରୁ ଏନେଇ ଥାନାରେ ଏତଲା ପରେ ପୋଲିସ ଏକ ମାମଲା(ନଂ. ୪୦/୨୪) ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ରାତିରେ ଝାଡ଼ଖଣ୍ଡ ରାଜ୍ୟ ଜାମସେଦପୁର ଅଞ୍ଚଳରୁ ଗିରଫ ପରେ ଅଭିଯୁକ୍ତଙ୍କୁ ବାରିପଦାସ୍ଥିତ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ହାଜର କରାଯାଇଛି। ଅପହରଣକାରୀ ଜୈନିକା ପୀଡ଼ିତା ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଗତ ଜୁନ ୨୭ ତାରିଖରେ ଅପହରଣ କରି ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟ ଟାଟା ନଗର ଅଞ୍ଚଳରେ ରଖି ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିଥିବା ବେଳେ ଅପହରଣକାରୀ ଯୁବକ ଫେରାର ଥିଲେ।

# ମୋବାଇଲ ଫାଟି ୩ ଆହତ

ମୋରଡ଼ା,୩୧।୭(ସ୍ମାରକ ମାଜୀ)

ବଜ୍ରପାତ ସମୟରେ ମୋବାଇଲ ଫାଟିଯିବାରୁ ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଘାସିଡ଼ିହି ଗ୍ରାମର ସୁରଜ ମୁର୍ମୁ (୧୯),ବିଶ୍ୱନାଥ ମୁର୍ମୁ (୧୯),ରାମଚନ୍ଦ୍ର ମୁର୍ମୁ (୧୯)। ବୁଧବାର ଅପରାହ୍ନରେ ସେମାନେ ମୋବାଇଲ ଦେଖୁଥିବା ସମୟରେ ବଜ୍ରପାତ ହୋଇଥିଲା। ଫଳରେ ମୋବାଇଲ ଫାଟି ଯିବାରୁ ଉକ୍ତ ୩ଜଣ ଆହତ ହୋଇଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ୩ ଦିନ ପଡ଼ିରହିଲା ମୃତଦେହ

## ସାପ କାମୁଡ଼ା ମୃତକଙ୍କୁ ଝଡ଼ାଫୁଙ୍କା ଦ୍ୱାରା ବଞ୍ଚାଇବା ପ୍ରୟାସ

ବାରିପଦା,୩୧।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସାପ କାମୁଡ଼ିବା ପରେ ଡାକ୍ତରଖାନା ନ ନେଇ ଝଡ଼ାଫୁଙ୍କା କରିବା ଯୋଗୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ପରିବାର ଲୋକେ ୩ ଦିନ ପର୍ଯ୍ୟନ୍ତ ମୃତଦେହ ଘରେ ରଖି ଗୁଣିଆଙ୍କ ଦ୍ୱାରା ପୂଜାପାଠ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ମୃତଦେହ ପଚି ଦୁର୍ଗନ୍ଧ ହେବାରୁ ବାଧ୍ୟହୋଇ ମଙ୍ଗଳବାର ସତ୍କାର କରାଯିବା ଚର୍ଚ୍ଚାର ବିଷୟ ହୋଇଛି। ମୟୂରଭଞ୍ଜ ଜିଲା ବହଳଦା ବ୍ଲକ ଅଧୀନ ବାରୁଡିହି ଗ୍ରାମରେ ଏହି ଘଟଣା ଘଟିଛି। ମୃତକ ହେଲେ କାନ୍ଦରା ଟୁଡୁ। ସୂଚନା ଅନୁଯାୟୀ, ଗତ ରବିବାର ଅପରାହ୍ନ ୨ଟାରେ ଘର ପାଖ ବିଲରେ ଗାଈ ଚରାଉଥିବା ସମୟରେ ଏକ ବିଷଧର ସାପ କାନ୍ଦରାଙ୍କୁ କାମୁଡ଼ି ଦେଇଥିଲା। ସେ ସାପକୁ ମାରିଦେଇ ଘରକୁ ଫେରି ଆସି ଟଳି ପଡ଼ିଥିଲେ। କାନ୍ଦରା ବଞ୍ଚିଥିବା ଭାବି ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେବା ପରିବର୍ତ୍ତେ ଗୁଣିଆଙ୍କ ଦ୍ୱାରା ଝଡ଼ାଫୁଙ୍କା କରିଥିଲେ। ୩ ଦିନ ମୃତଦେହ ପକାଇ ରଖି ପୂଜାପାଠ କରିଥିଲେ। ଶେଷରେ ମୃତଦେହ ପଚିଯିବାରୁ ମଙ୍ଗଳବାର ପରିବାର ଲୋକେ ସତ୍କାର କରିଥିବା ସୂଚନା ମିଳିଛି।

# କୃଷକ କ୍ଷେତ୍ର ଦିବସ ତାଲିମ ଶିବିର




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଗୋପବନ୍ଧୁ ନଗର, ୩୧।୭ (ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ଆମ୍ବଯୋଡ଼ା ହାଟ ମଣ୍ଡପରେ କୁଆମରା ଓ କୁଶଳଦା ପଞ୍ଚାୟତ ଚାଷୀମାନଙ୍କୁ ନେଇ କୃଷକ କ୍ଷେତ୍ର ଦିବସ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି ଓଭରସିୟର ନୀଳକଣ୍ଠ ରଣଜିତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଅତିଥିଭାବେ ବ୍ଲକ କୃଷି ଅଧିକାରୀ ତ୍ରିଲୋଚନ ରାଉତ, ଆରପଟା କୃଷି ଓଭରସିୟର ସୁଧୀର ନାୟକ, କୁଶଳଦା ସରପଞ୍ଚଙ୍କ ପ୍ରତିନିଧି ମହେଶ୍ୱର ସିଂ, କୁଶଳଦା ପଞ୍ଚାୟତ ନାଏବ ସରପଞ୍ଚ ପରମାନନ୍ଦ ବେହେରା, ସିକିୟର ସ୍ୱେଚ୍ଛାସେବୀ ସଂଗଠନର ଉପ ସଭାପତି ଗୌରଚନ୍ଦ୍ର ଦାସ, ଆପିକ୍ରା ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦକ ପ୍ରଲିପ୍ତ ରାୟବାବୁ, ସିକିୟରର ବ୍ଲକ ସଂଯୋଜକ ଶଶ୍ୱନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଧାନ ଚାଷ ପରବର୍ତ୍ତୀ ପଡ଼ିଆ ଜମିରେ ଡାଲି ଓ ତୈଳବୀଜ ଫସଲ ଚାଷ ପାଇଁ ଆବଶ୍ୟକୀୟ ଜ୍ଞାନ, କୌଶଳ ସମ୍ପର୍କରେ ସଚେତନ କରାଇବା ସହ ସରକାରଙ୍କ ବିଭିନ୍ନ କୃଷି ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।

# ଟ୍ରାକ୍ଟର ଓଲଟି ଦାଦା ମୃତ, ପୁତୁରା ଗୁରୁତର

ହାଟଡ଼ିହୀ,୩୧।୭(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ସୋସୋ ଥାନା ଶଡ଼ା କେନାଲ ନିକଟରେ ମଙ୍ଗଳବାର ରାତି ୨ଟା ସମୟରେ ଟ୍ରାକ୍ଟର ଓଲଟି ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଢେଙ୍କା ପଞ୍ଚାୟତ ମୋଟରାଗଡ଼ିଆ ଗ୍ରାମର ବିଜୟ କୁମାର ନାୟକ(୪୮) ଓ ଗୁରୁତର କ୍ଷୀରୋଦ ନାୟକ। ବିଜୟ ଓ କ୍ଷୀରୋଦ ସମ୍ପର୍କରେ ଦାଦା, ପୁତୁରା ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ବିଜୟ ଟ୍ରାକ୍ଟର ଚଳାଇ ପୁତୁରା କ୍ଷୀରୋଦଙ୍କ ସହ ଆନନ୍ଦପୁର ଥାନା କାଠକଟା ଅଞ୍ଚଳରେ କାମ କରୁଥିବା ଏକ ଠିକା ସଂସ୍ଥାକୁ ପାଣିଟାଙ୍କି ଦେବାକୁ ଯାଇଥିଲେ। ଫେରିବା ବେଳେ ଶଡ଼ା କେନାଲ ନିକଟରୁ ଶଡ଼ା ଛକକୁ ଯିବା ସମୟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଚାଷଜମିକୁ ଓଲଟି ପଡ଼ିଥିଲା। ଫଳରେ ଟ୍ରାକ୍ଟର ତଳେ ଉଭୟ ଚାପିହୋଇଯାଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚିବା ସହ ପୋଲିସକୁ ଖବର ଦେଇଥିଲେ। ହାଟଡିହୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଉଦ୍ଧାରକରି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବିଜୟଙ୍କୁ ମୃତ ଘୋଷଣା କରିଥିବା ବେଳେ କ୍ଷୀରୋଦଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର କରିଥିଲେ। ପୋଲିସ ଏକ ମାମଲା(ନଂ.୨୦/୨୦୨୪) ରୁଜୁ କରି ତଦନ୍ତ କରୁଛି।

# ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ

ପାଟଣା,୩୧।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡେଣୁଆଁ ଗ୍ରାମ ପଡ଼ିଆନାଳି ସାହିର ଉମ୍ବରୁଧର ମହାନ୍ତଙ୍କ ୧୧ ବର୍ଷର ଝିଅଙ୍କ ବୁଧବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ନାବାଳିକା ବାନ୍ତି କରିବା, ନାକ ଓ ପାଟିରୁ ଫେଣ ବାହାରିବାରୁ ପରିବାର ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ନାବାଳିକାଙ୍କୁ ମୃତ ଘୋଷଣା କରିଛନ୍ତି। ସୂଚନା ଅନୁଯାୟୀ, ନାବାଳିକାଙ୍କୁ ୧ ମାସ ପୂର୍ବେ ଏକ ବୁଲା ପାଗଳା କୁକୁର କାମୁଡ଼ିଥିଲା। ପରେ ତାଙ୍କୁ କେନ୍ଦେଇପଶି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ଟି ଭ୍ୟାକ୍ସିନ ଦିଆଯାଇଥିଲା। ତେଣୁ ଏହା ମୃତ୍ୟୁର କାରଣ କୁହାଯାଉଥିବା ବେଳେ ପାଟିରୁ ଫେଣ ବାହାରୁଥିବାରୁ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଚିକିତ୍ସା କରିଥିବା ଡାକ୍ତର ରାଧାମୋହନ ସାହୁ କହିଛନ୍ତି, ନାବାଳିକାଙ୍କ ବିଷଧର ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଭ୍ୟାକ୍ସିନ ନେବା ପରେ ରାବିସ ରୋଗରେ ମୃତ୍ୟୁକୁ ଅସ୍ୱୀକାର କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଡାକ୍ତର ସାହୁ କହିଛନ୍ତି। ଗୁରୁବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

# ବର୍ଷାରେ ଧୋଇଗଲା ପୋଖରୀ ସୌନ୍ଦର୍ଯ୍ୟକରଣ କାମ

ଜଳେଶ୍ୱର, ୩୧।୭(ରବିନାରାୟଣ ପାତ୍ର)

ଜଳେଶ୍ୱର ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ପୋଖରୀ ପୁନରୁଦ୍ଧାର ଓ ଏହାର ହୁଡାର ସୌନ୍ଦର୍ଯୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମ୍ୟୁନିସିପାଲଟିର ୧୩ନଂ. ୱାର୍ଡ ନନ୍ଦିକା ଗ୍ରାମରେ ଥିବା ଜଳେଶ୍ୱର–ପଶ୍ଚିମବାର୍ଡ ରାସ୍ତା ପାର୍ଶ୍ୱ ଥିବା ଏକ ଶ୍ମଶାନ ନିକଟ ପୋଖରୀର ପୁନରୁଦ୍ଧାର ଓ ଏହାର ଚାରିପାଖ ହୁଡାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚଳିତ ଏପ୍ରିଲ ୭ତାରିଖରେ ଆରମ୍ଭ ହୋଇଥିଲା। ନୀଳମାଧବ ସ୍ୱୟଂ ସହାୟକ ଗୋଷ୍ଠୀ, ସୁଭଦ୍ରା ସ୍ୱୟଂସହାୟକ ଗୋଷ୍ଠୀ, ବିଶ୍ୱ ପଲ୍ଲୀଶ୍ରୀ ସ୍ୱୟଂସହାୟକ ଗୋଷ୍ଠୀକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ୩୧ଲକ୍ଷ ଟଙ୍କାରୁ ଅଧିକ ବ୍ୟୟରେ ହେବାକୁ ଥିବା ଏହି କାର୍ଯ୍ୟ ଜୁଲାଇ ୨୫ତାରିଖରେ ଶେଷ ହେବାର ଥିଲା। ସ୍ୱୟଂସହାୟକ ଗୋଷ୍ଠୀଙ୍କ ବଦଳରେ ଠିକାଦାର ଦ୍ୱାରା ଏ ସମସ୍ତ କାର୍ଯ୍ୟ ତରବରିଆ ଭାବେ ସମ୍ପନ୍ନ ହୋଇଥିବା ବେଳେ ହୁଡାରେ ଫେବର ବିଛାଯାଇଥିଲା। ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଗତ ସାମାନ୍ୟ ବର୍ଷାରେ ପୋଖରୀ ହୁଡାର ପାଦଚଲା ରାସ୍ତା ଧୋଇଯାଇଛି। ଏ ସମ୍ପର୍କରେ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଏପରି ନିମ୍ନମାନର କାର୍ଯ୍ୟ ତଦନ୍ତ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବଡବିଲରେ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ

ବଡ଼ବିଲ, ୩୧।୭(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡବିଲ ଷ୍ଟେଶନ ରୋଡ ଅଞ୍ଚଳର ଜଣେ ବ୍ୟକ୍ତି ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ବଡବିଲରେ ଏହା ଏ ବର୍ଷର ପ୍ରଥମ ଡେଙ୍ଗୁରୋଗୀ ବୋଲି କୁହାଯାଉଛି। ସୋମବାର ବ୍ୟକ୍ତି ଜଣକ ଝାଡ଼ଖଣ୍ଡ ରାଜ୍ୟ ହାଟଗମ୍ଭାରିଆ ଅଞ୍ଚଳରୁ ଆସି ପହଞ୍ଚିଥିଲେ। ପ୍ରବଳ ଜ୍ୱର ସହ ଆଣ୍ଠୁଗଣ୍ଠି ବ୍ୟଥାରେ ଅସହ୍ୟ ହେବାରୁ ତାଙ୍କୁ ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରାଜଧାନୀକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପରୀକ୍ଷା ପରେ ତାଙ୍କୁ ଡେଙ୍ଗୁ ରୋଗ ହୋଇଥିବା ଜଣାପଡ଼ିଥିଲା। ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଡା.ଶୌଭାଗ୍ୟ ରଶ୍ମି ରଞ୍ଜନ ସାମଲ କହିଛନ୍ତି, ବଡବିଲ ପୌରାଞ୍ଚଳ ୱାର୍ଡ ନଂ. ୧୨ ଅଞ୍ଚଳର ବ୍ୟକ୍ତିଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡ଼ିଛି। ଭୁବନେଶ୍ୱରରେ ରକ୍ତ ପରୀକ୍ଷା ପରେ ଏବେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

# ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ଆନନ୍ଦପୁର,୩୧।୭(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଘସିପୁରା ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ବାଳିକା ଆତ୍ମରକ୍ଷା କାର୍ଯ୍ୟକ୍ରମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ବିନୋଦିନୀ ତ୍ରିପାଠୀ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଘାସିନୀ ମାଝୀ, ରାମାମଣୀ ରାଉତ, ସୀତା ନାୟକ, ଚନ୍ଦ୍ରମଣୀ ସେଠୀ, ଛବି ଜେନା ପ୍ରମୁଖ ସହଯୋଗ କରିଥିଲେ।

# କର୍ମଜୀବୀ ସାମ୍ବାଦିକ ମହାସଂଘର କମିଟି ଗଠିତ

ଆନନ୍ଦପୁର,୩୧।୭(ସୁଶାନ୍ତ କୁମାର ସାହୁ):

ଆନନ୍ଦପୁରର ଶାଳପଡ଼ାଠାରେ କର୍ମଜୀବୀ ସାମ୍ବାଦିକ ମହାସଂଘ ଓଡ଼ିଶା, କେନ୍ଦୁଝର ଶାଖାର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ଏକ କମିଟି ଗଠିତ ହୋଇଥିଲା। କମିଟିର ସଭାପତିଭାବେ ଘନଶ୍ୟାମ ଜେନା, ଉପସଭାପତି ଲକ୍ଷ୍ମଣ ବେହେରା, ସମ୍ପାଦକ ସଞ୍ଜୟ କୁମାର ଓଝା, ସହସମ୍ପାଦକ କିଶୋର କୁମାର ସେଠୀ, କୋଷାଧ୍ୟକ୍ଷ ବିନୋଦ ଖଣ୍ଡା ମନୋନୀତ ହୋଇଥିଲେ। ଅନୀଲ ସାହୁ ଏବଂ ଅଭିନ୍ନ ରଣା ଉପଦେଷ୍ଟା ରୂପେ ମନୋନୀତ ହୋଇଥିଲେ। ପ୍ରଭାତ ଦାସ, ଜଗନ୍ନାଥ ଧଡ଼ା, ଦେବେନ୍ଦ୍ରନାଥ ସ୍ୱାଇଁ, ଭରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର, ତାରାରୋପଣ କରିବା ପାଇଁ ସ୍ଥିର ହୋଇଥିଲା।

# ନାଗରିକ ମଞ୍ଚର ଆନ୍ଦୋଳନ ସ୍ଥଗିତ

## ଜାତୀୟ ରାଜପଥ କାମ ସମ୍ପୂର୍ଣ୍ଣ ପାଇଁ ମିଳିଲା ପ୍ରତିଶ୍ରୁତି

ସୋର, ୩୧।୭(ଜନ୍ମେଜୟ ମିଶ୍ର)

୧୬ନମ୍ବର ଜାତୀୟ ରାଜପଥର ୬ ଲେନ ସମ୍ପ୍ରସାରଣ ବେଳେ ଉଭୟ ପୋଲର ପରିବର୍ଦ୍ଧିତ ଲମ୍ବ ୨୪ ମିଟର ସହ ଆବଶ୍ୟକ ଅର୍ଥ ୨୦୨୨ ମସିହାରୁ ମଞ୍ଜୁର ହୋଇଥିଲେ ମଧ୍ୟ ଜିଲା ଓ ସ୍ଥାନୀୟ ପ୍ରଶାସନିକ ଶିଥିଳତା ପାଇଁ ଜାତୀୟ ରାଜପଥ କାର୍ଯ୍ୟ ଅନିଶ୍ଚିତତା ରହିଛି। ଏହାର ପ୍ରତିବାଦରେ ସୋର ନାଗରିକ ମଞ୍ଚ ଆନ୍ଦୋଳନ ପାଇଁ ଡାକରା ଦେଇଥିଲା। ଜିଲା ଓ ସ୍ଥାନୀୟ ପ୍ରଶାସନଙ୍କ ହସ୍ତକ୍ଷେପ ତଥା କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଯଥାଶୀଘ୍ର ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ନାଗରିକ ମଞ୍ଚ ସହ ତ୍ରିପାକ୍ଷିକ ଆଲୋଚନା କରାଯିବାକୁ ପ୍ରତିଶ୍ରୁତି ଦେବା ଯୋଗୁ ଜାତୀୟ ରାଜପଥ ରାସ୍ତାରୋକୋ ଆନ୍ଦୋଳନକୁ ନାଗରିକ ମଞ୍ଚ ଆଲୋଚନା ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସୋର ମଞ୍ଚ ସଭାପତି ନେତ୍ରାନନ୍ଦ ରାଉତଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ମଞ୍ଚର ସମ୍ପାଦକ ନରହରି ନାୟକ, ନବକିଶୋର ଦାସ, ଗଙ୍ଗାଧର ପାଢ଼ୀ, ମାୟାଧର ନାୟକ, ଦାମୋଦର ଦାଶମହାପାତ୍ର,ସୁରେନ୍ଦ୍ର ପାଣିଗ୍ରାହୀ, ଚକ୍ରଧର ପାଢ଼ୀ,ଶ୍ରୀଧର ପତ୍ରି,ଉଦ୍ଧବ ଚରଣ ବିଶ୍ୱାଳ, ପ୍ରଫୁଲ୍ଲ ଚନ୍ଦ୍ର ଷଡ଼ଙ୍ଗୀ, ପଙ୍କଜ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ, ଜିତେନ୍ଦ୍ର କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ସୋର ସହରର ପ୍ରବେଶ ପଥ ଉତ୍ତରେଶ୍ୱର ତଥା କଲେଜ ଛକରେ ଥିବା ଗଳାପୋଲ, ପ୍ରସ୍ତାବିତ ଫୋରଲେନ ଆରମ୍ଭ ବେଳେ ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ସଂକୀର୍ଣ୍ଣ କରାଯାଇଥିଲା। ସୋର ସହରର ବ୍ୟବସାୟିକ ଅଭିବୃଦ୍ଧି ତଥା ସୋର ରେଳଷ୍ଟେଶନ ଓ ବସଷ୍ଟାଣ୍ଡ ଉପରେ ନିର୍ଭରଶୀଳ ଖଇରା, ଔପଦା, ବାହାନଗା, ବାସୁଦେବପୁର ଓ ସୋର ଆଦି ୫ଟି ବ୍ଲକର ଜନସାଧାରଣ ସଂକୀର୍ଣ୍ଣ ଗଳାପୋଲ ଯୋଗୁ ଦୀର୍ଘବର୍ଷ ଧରି ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି

ଚମ୍ପୁଆ,୩୧।୭(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସଦରମହକୁମାରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଡେପୁଟି କଲେକ୍ଟର ସଜତ ମର୍କେ ସଭାପତିତ୍ୱ କରି ଦିବସକୁ ସଫଳତାର ସହ ସମାପନ କରିବାକୁ ସହଯୋଗ କାମନା କରିଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯିବା ସହ ସମୟରେ ସମସ୍ତକାର୍ଯ୍ୟ ଶେଷ କରିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲାପାଳ ଫୁଲରାଇ ବେଶ୍ରା, ବିଇଓ ପ୍ରକାଶ ସାହୁ, ଯୋଗାଣ ଅଧିକାରୀ ମଙ୍ଗଳ ସିଂ, ଏବିଡିଓ ଚୁନୁ ହାଁସଦାଙ୍କ ସମେତ ବୁଦ୍ଧିଜୀବୀ ଯୋଗଦେଇଥିଲେ।

# ଚାଲାଣ ବେଳେ ଗୋରୁ ଗାଡ଼ି ଧରିଲେ ଗ୍ରାମବାସୀ

ଖଇରା, ୩୧।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଜଳଦା ପଞ୍ଚାୟତ ଅଧୀନ ତୁଟ ଗ୍ରାମରୁ କେତେଜଣ ବ୍ୟକ୍ତି ବୁଲା ଗୋରୁଙ୍କୁ ଚୋରା ଚାଲାଣ ପାଇଁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରିପଡିଛି। ଅଭିଯୋଗ ପରେ ଖଇରା ପୋଲିସ ଉକ୍ତ ଗାଡି (ନଂ. ଓଡି ୨୨ଡି ୦୩୦୧)କୁ ଜବତ କରିବା ସହ ଡ୍ରାଇଭର ଏସ୍. କେ. କମରୁଦ୍ଦିନଙ୍କୁ ଥାନାରେ ଅଟକ ରଖିଛନ୍ତି। ମଙ୍ଗଳବାର ରାତିରେ ଡ୍ରାଇଭର ଜଣକ ଗ୍ରାମରୁ ବୁଲା ଷଣ୍ଢ ଓ ଗୋରୁଙ୍କୁ ଚୋରି କରୁଥିବା ବେଳେ ଗ୍ରାମବାସୀ ଗାଡିକୁ ଅଟକାଇ ଖଇରା ପୋଲିସକୁ ଖବର ଦେଇଥିଲେ। ଗ୍ରାମର ଉଦୟ ନାରାୟଣ ଜେନାଙ୍କ ଅଭିଯୋଗ ଅନୁଯାୟୀ ଖଇରା ଥାନାରେ ଏକ ମାମଲା(ନଂ. ୧୪୯/୨୪) ରୁଜୁ କରାଯାଇଛି।

## ପୂର୍ବ ତଟ ରେଳପଥ

ପେ ଆଣ୍ଡ ୟୁଜ୍ ଶୌଚାଳୟଗୁଡ଼ିକର ଇ-ନିଲାମ

ଷ୍ଟେସନ ଏବଂ ସ୍ଥାନ : ପୁରୀ - ପେ ଆଣ୍ଡ ୟୁଜ୍ - ଶୌଚାଳୟ। (ବାହ୍ୟ ପାର୍ସଲ୍ ଅଫିସ ନିକଟରେ)।

ନିଲାମ ଆରମ୍ଭ ତାରିଖ ଓ ସମୟ : ତା.06.08.2024ରିଖ 1100 ଘଟିକା।

ନିଲାମ ଅନ୍ତିମ ତାରିଖ ଓ ସମୟ : ତା.06.08.2024ରିଖ 1130 ଘଟିକା।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରମାନଙ୍କୁ ୱେବସାଇଟ୍ : https://ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼

PR-373/P/24-25

## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. eT-CRW-MCS-EL-1-2024

କାର୍ଯ୍ୟର ନାମ : 24 ମାସ ସମୟାବଧି ପାଇଁ ରେଳଡବା ମରାମତି କାରଖାନା/ମଞ୍ଚେଶ୍ୱରରେ AC ସପ୍‌ରେ LHB ଏବଂ ICF AC କୋଚରେ ସମ୍ବନ୍ଧୀୟ କାର୍ଯ୍ୟ ସହିତ ନନ୍-କୋର କାର୍ଯ୍ୟକଳାପ ପାଇଁ ବିବିଧ କାର୍ଯ୍ୟ।

ବିଜ୍ଞାପିତ ମୂଲ୍ୟ (₹) : 40,84,708.26, EMD (₹): 81,700.00, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.01.08.2024ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.08.2024 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ, ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

PR-372/P/24-25

## GOVT. OF ODISHA
### OFFICE OF THE ENGINEER-IN-CHIEF, WATER RESOURCES ODISHA, BHUBANESWAR

No.A-194

**'e' Procurement Notice No. CEMKS 02 of 2024-25**

1. Name of the work : Protection to scoured bank on Nuna Karandia right embankment from village bahakandia to Dhiasahi.
2. Amount put to tender : Rs. 9,27,18,549/-
3. Bid Document Cost : Rs. 10,000.00 (online)
4. E.M.D : Rs. 9,27,200/-
5. Class of Contractor : "A" Class & Special Class
6. Period of Completion : 12 calendar months
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi System, Bhubaneswar | CEMKS MND 01 of 2024-25 | 03.08.2024 17.00 hrs | 19.08.2024 17.30 hrs | 20.08.2024 11.00 hrs |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website www.tendersodisha.gov.in

Sd./- Chief Engineer & Basin Manager
Mahanadi Kathajodi System, Bhubaneswar

OIPR-32252/11/0002/2425

## झारखण्ड सरकार
### ग्रामीण कार्य विभाग, कार्यपालक अभियंता का कार्यालय
### कम्बाइंड बिल्डींग, ओल्ड चास कोट एरिया, बोकारो

**ई– निविदा आमंत्रण सूचना**

ई–निविदा संख्या :- 14/2024-25/RWD/EE/BOKARO दिनांक – 31.07.2024

कार्यपालक अभियंता, ग्रामीण कार्य विभाग, कार्य प्रमंडल, बोकारो द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| | | | अंक में | अक्षर में | | |
| 1 | RWD/EE/BOKARO/DMFT/01/2024-25 | जरीडीह प्रखंड अन्तर्गत बाराडीह पंचायत टोला में बाराडीह एवं पारटांड तक पथ निर्माण। | 2,04,24,500.00 | दो करोड़ चार लाख चौबीस हजार पाँच सौ रू0 मात्र | 12 माह | प्रथम |

2. वेबसाईट में निविदा प्रकाशन की तिथिः– 10.08.2024
3. ई–निविदा प्राप्ति की अंतिम तिथि एवं समय :– 21.08.2024 अपराह्न 5.00 बजे तक।
4. निविदा खोलने की तिथि एवं समय :– 23.08.2024 अपराह्न 03.30 बजे।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमंडल, बोकारो, कम्बाइंड बिल्डींग, सिविल एस0डी0ओ0, ऑफिस ओल्ड चास कोट एरिया, चास बोकारो, झारखंड, पिन–827013
6. ई–निविदा प्रकोष्ठ का दूरभाष सं0– 9431060119

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमंडल, बोकारो

PR 331334 Rural Work Department(24-25)#D

## कार्यपालक अभियंता का कार्यालय
### ग्रामीण विकास विशेष प्रमण्डल, जामताड़ा।
Email Id:rdsdjmt@gmail.com

**अल्पकालीन ई0–निविदा आमंत्रण संख्या–RDD/SD/JAMTARA/05/2024-25**

1. कार्य की विस्तृत विवरणी :–

| क्र0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | जामताड़ा जिला के नाला प्रखण्ड अन्तर्गत सुंदरबाड़ी और भंडारकोल के बीच हिंगला नदी पर पुल निर्माण। | 4,64,80,200.00 | 9,30,000.00 | 10,000.00 | 18 माह |

2. वेबसाईट में निविदा प्रकाशन की तिथि :– दिनांक–05.08.2024
3. ई0–निविदा प्राप्ति की तिथि एवं समय :– दिनांक–06.08.2024 से दिनांक–14.08.2024 (अपराह्न 5:00 बजे)
4. निविदा शुल्क एवं अग्रधन की राशि केवल Online Mode द्वारा की स्वीकार्य होगी।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही संबंधित निविदादाता की होगी।
6. निविदा खोलने का स्थान :– e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमण्डल, जामताड़ा।
7. निविदा खुलने की तिथि एवं समय :– दिनांक–17.08.2024 (अपराह्न 2:00 बजे)
8. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, जामताड़ा।
9. ई0–निविदा प्रकोष्ठ का दुरभाष संख्या :– 9973957543
10. अधोहस्ताक्षरी / सक्षम पदाधिकारी को किसी भी निविदा को बिना कारण बताये रद्द करने का अधिकार सुरक्षित रहेंगा तथा निविदादाता को कारण पृच्छा का अधिकार मान्य नहीं होगा।
11. B.O.Q की राशि घट–बढ़ सकती है, तद्नुसार अग्रधन की राशि देय होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय के सूचना पट्ट पर देखा जा सकता है।

ह0/–
कार्यपालक अभियंता
ग्रामीण विकास विशेष प्रमण्डल, जामताड़ा।

PR 331411 (Rural Development) 24-25 (D)

## कार्यपालक अभियंता का कार्यालय
### ग्रामीण विकास विशेष प्रमंडल, पश्चिमी सिंहभूम, चाईबासा

**अति अल्पकालीन ई-निविदा आमंत्रण सूचना**

ई– निविदा सूचना संख्या – RDD/SD/CHAIBASA/03/2024-25

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | चाईबासा जिला के सोनुवा प्रखण्ड अन्तर्गत ग्राम शशिकला एवं बाराबीर के बीच संजय नदी पर पुल निर्माण। | 45160000.00 | 904000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 05.08.2024
3. ई–निविदा प्राप्ति की तिथि एवं समय–दिनांक 05.08.2024 से दिनांक 12.08.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेश प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –14.08.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

ह०/– कार्यपालक अभियंता
ग्रामीण विकास विशेष प्रमंडल, पश्चिमी सिंहभूम, चाईबासा

PR 331295 West Singhbhum (24-25)_D

See Career Appointment on every Wednesday & Saturday

## कार्यपालक अभियंता का कार्यालय
### ग्रामीण कार्य विभाग, कार्य प्रमण्डल, जामताड़ा

**ई–निविदा आमंत्रण सूचना**

ई0–निविदा संख्या :– 05/2024-25/RWD/JAMTARA दिनांक–29.07.2024

कार्यपालक अभियंता, ग्रामीण कार्य विभाग, कार्य प्रमंडल, जामताड़ा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि / अवधि |
|---|---|---|---|---|---|
| | | | अंक में | अक्षर में | |
| 1 | RWD /JAMTARA/ 15/2024-25 | पी.डब्ल्यू.डी. झरणापाड़ा गाँव से उदलबनी गाँव भाया बेवा–धनबाद तक पथ निर्माण कार्य – 2.210 कि0मी0 (प्रखंड– जामताड़ा) | 22854400.00 | दो करोड़ अठाईस लाख चौवन हजार चार सौ मात्र | 12 माह |

2. बेवसाईट में निविदा प्रकाशन की तिथि : 05.08.2024
3. ई–निविदा प्राप्ति की अंतिम तिथि एवं समय :– 26.08.2024 अपराह्न 5:00 बजे।
4. निविदा खोलने की तिथि एवं समयः 28.08.2024 अपराह्न 3:30 बजे।
5. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमंडल, जामताड़ा, ब्लॉक–सी, प्रथम तल्ला, कम्बाईड बिल्डिंग, जामताड़ा, पिन–815351

**विस्तृत जानकारी के लिये बेबसाईट jharkhandtenders.gov.in में देखा जा सकता है।**

कार्यपालक अभियंता
ग्रा0का0वि0, कार्य प्रमंडल, जामताड़ा

PR 331226 (Rural Work Department) 24-25 (D)

## कार्यपालक अभियंता का कार्यालय
### ग्रामीण कार्य विभाग, कार्य प्रमंडल, सिमडेगा

**ई-निविदा आमंत्रण सूचना (e-Procurement Call)**

ई–निविदा सूचना संख्या – 11/24-25/RWD/SIM दिनांक – 30.07.2024

1. कार्य की विस्तृत विवरणी : मुख्यमंत्री ग्राम सड़क सुदृढ़ीकरण योजना अन्तर्गत शीर्ष (4515)

| क्र० सं० | प्रखंड | आईडेन्टीफिकेशन संख्या / पैकेज संख्या | कार्य का नाम | प्राक्कलित राशि (लाख में) | टेंडर कॉल संख्या | कार्य समाप्ति की अवधि |
|---|---|---|---|---|---|---|
| 1. | कुरडेग | RWD/ SIM/ 11/STPKG-08/2024-25 | 1. करंगागुड़ी से बागडेगा भाया ढिंगुरपानी, मुचुटोली तक पथ का सुदृढ़ीकरण कार्य। (लं0–13.200कि0मी0)<br>2. किनकेल बाजार पथ से सिकरीबियुरा मिशन स्कूल भाया तुरकिनजोर तक पथ का सुदृढ़ीकरण कार्य। (लं0–6.500 कि0मी0)<br>3. आर0ई0ओ0 मुख्य पथ मंसुर से भालुबहार कुम्बाटोली भाया पहाड़सारा पंचायत भवन तक पथ का सुदृढ़ीकरण कार्य। (लं0–3.600कि0मी0) | 1475.165 (चौदह करोड पचहत्तर लाख सोलह हजार पाँच सौ रूपये मात्र) | प्रथम | 15 महिना |

2. वेबसाईट में निविदा प्रकाशन की तिथि – 07-08-2024
3. ई–निविदा प्राप्ति की अंतिम तिथि एवं समय – 27-08-2024 अपराह्न 05:00 बजे तक।
4. ई–निविदा खोलने की तिथि एवं समय – 29-08-2024 अपराह्न 11:30 बजे।
5. ई–निविदा आमंत्रित करने वाले पदाधिकारी का पदनाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, सिमडेगा।
6. ई–निविदा प्रकोष्ठ का दूरभाष सं० – 06525-299956 एवं मोबाईल नम्बर 9973512046
7. निविदा शुल्क एवं अग्रधन की राशि विभागीय पत्रांक 3130 अनु0 दि0 09-10-2023 के निर्देशानुसार केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई– भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही निविदादाता की होगी।
9. प्राक्कलित राशि घट–बढ़ सकती है। अग्रधन की राशि परिमाण विपत्र के अनुसार मान्य होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण कार्य विभाग
कार्य प्रमंडल, सिमडेगा

PR 331342 Simdega (24-25)_D

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ଦ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ଼ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬

## ସର୍ବସାଧାରଣ ବିଜ୍ଞପ୍ତି

[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]

ସର୍ବସାଧାରଣ ନୋଟିସ ନଂ. ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୫୩୭ ତାରିଖ:- ୧୦।୦୭।୨୦୨୪

ସନ୍ଦର୍ଭ:

(୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୨)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏଏ୯୧୨୮୧୦୫ | ୟୁ୭୨୯୦୦ଓଆର୍୨୦୨୧ପିଟିସି୦୩୮୧୨୧ | ଡେନ୍‌ୱିଟୋ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏଏ୮୧୬୮୩୩୫ | ୟୁ୨୪୨୩୧ଓଆର୍୧୯୮୦ପିଟିସି୦୦୦୮୭୦ | ଉତ୍କଳ କେମିକାଲ୍ସ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ି)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ଏକ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ–ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।

(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।

(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ତିରିଶ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।

ଇର୍ଜାନ ତିର୍କୀ, ସହକାରୀ ନିବନ୍ଧକ
ଦ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର

CBC 07123/11/0266/2425

# ଅନୁରାଗଙ୍କ ଜାତି ମନ୍ତବ୍ୟକୁ ନିନ୍ଦା


ଭାଜପା ସଦସ୍ୟ ଅନୁରାଗ ଠାକୁର।


ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ଉପନେତା ଗୌରବ ଗୋଗୋଇ।

ନୂଆଦିଲ୍ଲୀ,୩୧।୭

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଭାଜପା ସଦସ୍ୟ ଅନୁରାଗ ଠାକୁରଙ୍କ ଜାତି ମନ୍ତବ୍ୟକୁ ବୁଧବାର ବିପକ୍ଷ ସଦସ୍ୟମାନେ ଦୃଢ଼ ନିନ୍ଦା କରିଛନ୍ତି। ଏଥିସହ ଦେଶବ୍ୟାପୀ ଜାତିଗତ ଜନଗଣନା କରାଇବାକୁ ସେମାନେ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ଶାସକ-ବିରୋଧୀ ମୁହାଁମୁହିଁ ହେବାରୁ ଗୃହରେ ଅଚଳାବସ୍ଥା ଦେଖାଦେଇଛି।

ଲୋକ ସଭାରେ ମଙ୍ଗଳବାର ବଜେଟ ଉପରେ ଆଲୋଚନା ବେଳେ ରାହୁଲ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ଟାର୍ଗେଟ କରିଥିଲେ। ବଜେଟ ପୂର୍ବରୁ

**ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିଲା କଂଗ୍ରେସ**

ହଲୱା ସେରେମନିର ଫଟୋ ଦେଖାଇ ରାହୁଲ କହିଥିଲେ, ସୀତାରାମନ୍ ହଲୱା ପରଷୁଥିବାବେଳେ ତାଙ୍କ ସହ କେହି ଜଣେ ହେଲେ ଏସ୍‌ସି, ଏସ୍‌ଟି କିମ୍ବା ଓବିସି ନ ଥିଲେ। କେବଳ ଉଚ୍ଚଜାତିର ଲୋକଙ୍କୁ ହଲୱା ଦିଆଯାଇଥିଲା। ଏହା ଉପରେ ଜବାବ ରଖି ଅନୁରାଗ କହିଥିଲେ, ଯାହାଙ୍କର ଜାତିଗୋତ୍ର ଜଣାନାହିଁ, ସେ ଆମକୁ ଜାତି କଥା କହୁଛନ୍ତି। ଏହି ପ୍ରସଙ୍ଗରେ ମଙ୍ଗଳବାର ଗୃହରେ ହଟ୍ଟଗୋଳ ହୋଇଥିଲା। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁରାଗଙ୍କ ଭାଷଣକୁ ଏକ୍ସ'ରେ ଶେୟାର କରିଥିଲେ।

ବୁଧବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ସରକାର ବିରୋଧୀ ସ୍ଲୋଗାନ ଦେଇ ଗୃହ ମଧ୍ୟଭାଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ବାଚସ୍ପତି ଓମ୍ ବିର୍ଲା ଅନୁମତି ନ ଦେବାରୁ କଂଗ୍ରେସ, ଡିଏମ୍‌କେ, ସମାଜବାଦୀ ପାର୍ଟି ଏବଂ ଶିବସେନା (ୟୁବିଟି) ଏମ୍‌ପିମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ପ୍ରଧାନମନ୍ତ୍ରୀ ଅନୁରାଗଙ୍କ ଜାତି ମନ୍ତବ୍ୟ ବେଳର ଦୃଶ୍ୟକୁ ଶେୟାର କରିବା ସଂସଦୀୟ ସ୍ୱାଧିକାରର ଭଙ୍ଗ ବୋଲି ସେମାନେ ସମାଲୋଚନା କରିଥିଲେ।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିବାକୁ ଉଠିବାରୁ କଂଗ୍ରେସ ଉପନେତା ଗୌରବ ଗୋଗୋଇ ଓ ଅନ୍ୟ କେତେଜଣ ବିରୋଧୀ ସଦସ୍ୟ କାଗଜ ଚିରି ଗୃହ ମଧ୍ୟଭାଗକୁ ଫୋପାଡ଼ିଥିଲେ। ବିର୍ଲା ଏହାକୁ ନାପସନ୍ଦ କରିବା ସହ ଏପରି କାର୍ଯ୍ୟରୁ କ୍ଷାନ୍ତ ରହିବାକୁ ପରାମର୍ଶ ଦେଇଥିଲେ। ରିଜିଜୁ କହିଥିଲେ, କଂଗ୍ରେସ ଜାତି ଆଧାରରେ ଦେଶକୁ ବିଭାଜିତ କରିବାକୁ ଉଦ୍ୟମ କରିଥିଲା। ତେଣୁ କଂଗ୍ରେସ ନେତା ରାହୁଲଙ୍କୁ ତାଙ୍କ ଜାତି ପଚାରିବାରେ କିଛି ଭୁଲ୍ ନାହିଁ।

ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜଳନ୍ଧର ଏମ୍‌ପି ଚରଣଜିତ୍ ସିଂ ଚନ୍ନି ରୁଲ୍ ୨୨୨ ଅଧୀନରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଗତ କରିଥିଲେ।

# ବିରୋଧୀ ଆମ କଥା ନ ଶୁଣି ପଳାଇବା ଦୁର୍ଭାଗ୍ୟଜନକ: ମୁଖ୍ୟମନ୍ତ୍ରୀ

**୯୫ ହଜାର କୋଟିର ଲେଖାନୁଦାନ ପାରିତ**

ଭୁବନେଶ୍ୱର, ୩୧।୭ (ସୁନିତ୍ ମିଶ୍ର)

ବଜେଟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ୨୦୨୪-୨୫ବର୍ଷର ପୂର୍ଣ୍ଣାଙ୍ଗ ବ୍ୟୟ ମଞ୍ଜୁରୀ ବିଧେୟକ ଗୃହରେ ଅନୁମୋଦନ ପାଇଁ ଆସନ୍ତା ସେପ୍ଟେମ୍ବର ୧୦ରେ ଉପସ୍ଥାପନ କରାଯିବ। ନିର୍ବାଚନ ପୂର୍ବରୁ ପୂର୍ବ ସରକାରଙ୍କ ଦ୍ୱାରା ଆଗତ ଓ ପାରିତ ହୋଇଥିବା ଲେଖାନୁଦାନ ଅଟକଳ ବୁଧବାର ପର୍ଯ୍ୟନ୍ତ ବୈଧ ଥିଲା। ଏଣୁ ଚଳିତ ମାସ ୨୫ ତାରିଖରେ ଉପସ୍ଥାପିତ ପୂର୍ଣ୍ଣାଙ୍ଗ ବଜେଟରୁ ଅଗଷ୍ଟ ଓ ସେପ୍ଟେମ୍ବରରେ ସରକାରଙ୍କ ଆବଶ୍ୟକ ଖର୍ଚ୍ଚ ଭରଣା ପାଇଁ ଏକ ଲେଖାନୁଦାନ ବିନିଯୋଗ ବିଧେୟକରେ ଏ ପବିତ୍ର ଗୃହର ଅନୁମୋଦନ ଆବଶ୍ୟକ। ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୃହରେ ୯୫ ହଜାର କୋଟି ଟଙ୍କାର ଲେଖାନୁଦାନ ବିନିଯୋଗ ବିଧେୟକ, ଗୃହର ଅନୁମୋଦନ ନିମନ୍ତେ ଉପସ୍ଥାପନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ। ଏହା ଆମ ସରକାରର ପ୍ରଥମ ବଜେଟ ହୋଇଥିବା ବେଳେ ବିରୋଧୀ ଦଳ ଗଠନମୂଳକ ପ୍ରସ୍ତାବ ଦେବା ବଦଳରେ ଆମ କଥା ନ ଶୁଣି ପଳାଇବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

ଏହି ଲେଖାନୁଦାନରେ ରାଜସ୍ୱ ବ୍ୟୟ ପାଇଁ ୩୦ ପ୍ରତିଶତ, ପୁଞ୍ଜି ବ୍ୟୟ ପାଇଁ ୪୦%, ବିପର୍ଯ୍ୟୟ ପରିଚାଳନା, ସାମାଜିକ ସୁରକ୍ଷା, ପେନ୍‌ସନ, ନ୍ୟାୟପାଳିକା ଓ ନିର୍ବାଚନ ପାଇଁ ଅର୍ଥ ରାଶି ଅନ୍ତର୍ଭୁକ୍ତ କରାଯାଇଛି। ଏହାଦ୍ୱାରା ସରକାରଙ୍କ ବିଭିନ୍ନ ଯୋଜନା ନିମନ୍ତେ ଆବଶ୍ୟକ ଖର୍ଚ୍ଚ ପାଇଁ ସମ୍ବଳ ଯୋଗାଇବା ସମ୍ଭବପର ହେବ ଏବଂ ଜରୁରିକାଳୀନ କାର୍ଯ୍ୟଗୁଡ଼ିକ ବାଧାପ୍ରାପ୍ତ ହେବନାହିଁ। ଏହି ବିଧେୟକକୁ ଗୃହର ମଞ୍ଜୁରୀ ମିଳିଲେ, ଉକ୍ତ ଅର୍ଥ ରାଜ୍ୟର ସର୍ବାଙ୍ଗୀନ ବିକାଶ ସହ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ପାଇଁ ବିନିଯୋଗ ହୋଇପାରିବ। ଗତ ୨ ଦିନ ଗୃହରେ ବଜେଟ ଉପରେ ସାଧାରଣ ଆଲୋଚନା ହୋଇଛି। ଗତ ମଙ୍ଗଳବାର ଗୃହରେ ମୋର ଉତ୍ତର ବିସ୍ତାରରେ ରଖିଥିଲି। ଆଜି ଲେଖାନୁଦାନ ବିନିଯୋଗ ବିଧେୟକ ଉପରେ ଗୃହରେ ଆଲୋଚନା ହୋଇ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଆଲୋଚନାରେ ଉଭୟ


ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ବିରୋଧୀ ଓ ଶାସକ ଦଳର ସଦସ୍ୟମାନେ ଭାଗନେଇଛନ୍ତି। ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଉକ୍ତ ବଜେଟ ବିକଶିତ ଓଡ଼ିଶା ଗଠନ ଦିଗରେ ଆମର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ଓ ଆମ ସଂକଳ୍ପ ପତ୍ରରେ ଥିବା ପ୍ରତିଶ୍ରୁତିଗୁଡ଼ିକର ସଫଳ ରୂପାୟନ ପାଇଁ ଉକ୍ତ ବଜେଟ ଏକ ନିଷ୍ଠାପର ଉଦ୍ୟମ। ଏହି ବଜେଟରେ ଜନକଲ୍ୟାଣ ଏବଂ ରାଜ୍ୟର ସାମଗ୍ରିକ ବିକାଶ ନିମନ୍ତେ ଅନେକ ନୂତନ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ଏଥିରେ ସାମାଜିକ ନ୍ୟାୟ, ଭିତ୍ତିଭୂମିର ଉନ୍ନତି, ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା, ବଞ୍ଚିତଙ୍କ ପାଇଁ ସାମାଜିକ ନିରାପତ୍ତା, ମହିଳା, ଯୁବ ବର୍ଗ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆବର୍ଗ, ସଂଖ୍ୟାଲଘୁ, ଭିନ୍ନକ୍ଷମ ତଥା ବରିଷ୍ଠ ନାଗରିକମାନଙ୍କ ସଶକ୍ତୀକରଣ ମାଧ୍ୟମରେ ସାମୂହିକ ବିକାଶ ତଥା ଦୃଢ଼ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ବିରୋଧୀ ଦଳ ଉତ୍ତର ଶୁଣିବା ଆଗରୁ କକ୍ଷତ୍ୟାଗ କଲେ। ବିରୋଧୀ ଦଳ ନ ଶୁଣି ପଳାଇବା ଦୁଃଖର ବିଷୟ। ବିଜେଡି ଯେହେତୁ ଆଗରୁ କେବେ ବିରୋଧୀ ଦଳରେ ନ ଥିଲା, ତେଣୁ ଏବେ ବୋଧେ ତାହା ସେମାନେ ଅଭ୍ୟାସ କରୁଛନ୍ତି। ଗୃହରେ ବିରୋଧୀ ଦଳର ବିଧାୟକମାନେ ବାରମ୍ବାର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଲାଗି ସ୍ୱତନ୍ତ୍ର ମାନଦଣ୍ଡ ରହିଛି। ଓଡ଼ିଶା ଏସବୁ ମାନଦଣ୍ଡ ପୂରଣ କରିପାରୁ ନ ଥିବାରୁ ଏହା ବାରମ୍ବାର ଅଗ୍ରାହ୍ୟ ହୋଇଛି। ଏହାସତ୍ତ୍ୱେ ମଧ୍ୟ ପୂର୍ବ ସରକାର ବିଭିନ୍ନ ଫୋରମରେ ଯଥା ଅର୍ଥ କମିଶନ, ନୀତି ଆୟୋଗ ଏବଂ କେନ୍ଦ୍ର ସରକାରଙ୍କୁ ଏ ସମ୍ପର୍କରେ ଦାବି କରିଆସୁଥିଲା। ଉଦ୍ଦେଶ୍ୟ କେବଳ ରାଜନୀତି ଥିଲା। ରାଜନୈତିକ ଫାଇଦା ପାଇଁ ଦାବି କରାଯାଉଥିଲା। ସରକାରଙ୍କୁ ଉପଯୁକ୍ତ ପ୍ରସ୍ତାବ ନ ଦେଇ ବିଜେଡି ସଦସ୍ୟ ଗୃହ ତ୍ୟାଗକରି ଚାଲିଯାଉଛନ୍ତି, ଏହା ଦୁର୍ଭାଗ୍ୟଜନକ। ଭାଜପା ସରକାରର ଏହା ପ୍ରଥମ ବଜେଟ ଯାହା ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଏକ ପଦକ୍ଷେପ। ଉତ୍ତମ ଆର୍ଥିକ ପରିଚାଳନା ଦ୍ୱାରା ହିଁ ଏକ ଉନ୍ନତ ଓ ବିକଶିତ ରାଜ୍ୟ ଗଠନ ସମ୍ଭବପର। ଅଗଷ୍ଟ ଓ ସେପ୍ଟେମ୍ବରରେ ସରକାରଙ୍କ ଆବଶ୍ୟକ ଖର୍ଚ୍ଚ ଭରଣାକୁ ଦୃଷ୍ଟିରେ ରଖି ୨୦୨୪-୨୫ର ବଜେଟ ପାଇଁ ଉପସ୍ଥାପିତ ଲେଖାନୁଦାନ ବିନିଯୋଗ ବିଧେୟକକୁ ଗୃହର ଅନୁମୋଦନ ମିଳିଲେ ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଆବଶ୍ୟକ ଅର୍ଥ ବ୍ୟୟ କରିପାରିବା ଏବଂ ଶିକ୍ଷା, ସ୍ୱାସ୍ଥ୍ୟସେବା, ପେନ୍‌ସନ ଆଦି ସେବାକୁ ଚାଲୁ ରଖିପାରିବା। ଏ ଗୃହର ସମସ୍ତ ସଦସ୍ୟଙ୍କୁ ବିଧେୟକକୁ ପାରିତକରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ଏହାପରେ ଗୃହରେ ୯୫ ହଜାର କୋଟି ଟଙ୍କାର ଲେଖାନୁଦାନକୁ ପାରିତ କରାଯାଇଛି।

## ଆଳୁ ଦର ବୃଦ୍ଧି ନେଇ ବିଜେଡି-ଭାଜପାକୁ ଟାର୍ଗେଟ କଲା କଂଗ୍ରେସ

ଭୁବନେଶ୍ୱର, ୩୧।୭(ସୁନିତ୍ ମିଶ୍ର)

ଗତ କିଛିଦିନ ଧରି ରାଜ୍ୟରେ ଆଳୁ ଦର ବୃଦ୍ଧିର ସମସ୍ୟା ସମାଧାନ ବଦଳରେ ବିଜେଡି ଓ ଭାଜପାକୁ ପରସ୍ପରକୁ କାଦୁଅ ଫିଙ୍ଗୁଛନ୍ତି ବୋଲି କଂଗ୍ରେସ କହିଛି। ଗତ ବିଜେଡି ସରକାରଙ୍କ ଅମଳରେ ଆଳୁ ମିଶନ କରାଯାଇ ରାଜ୍ୟକୁ ଆଳୁରେ ସ୍ୱାବଲମ୍ବୀ କରିବା ପାଇଁ ରାଜକୋଷରୁ ୨୬୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। କିନ୍ତୁ ଏବେ ଫଳ ଶୂନ ବୋଲି ପୂର୍ବତନ କିଷାନ କଂଗ୍ରେସ ସଭାପତି ଅମୀୟ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି, ଓଡ଼ିଶା ରାଜ୍ୟରେ ଆଳୁର ଚାହିଦା ୧୫ ଲକ୍ଷ ମେଟ୍ରିକ୍ ଟନ୍ କିନ୍ତୁ ଉତ୍ପାଦନ ହେଉଛି ୩ ଲକ୍ଷ ମେଟ୍ରିକ୍ ଟନ୍। ଆଉ ଅବଶିଷ୍ଟ ବାହାର ରାଜ୍ୟରୁ ଆମଦାନୀ ହେଉଛି। ଓଡ଼ିଶାର ଜଳବାୟୁ ଓ ମୃତ୍ତିକା ଆଳୁ ଚାଷ ପାଇଁ ଉପଯୁକ୍ତ ଥିଲାବେଳେ ଓଡ଼ିଶାକୁ ପଡ଼ୋଶୀ ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶ ରାଜ୍ୟ ଉପରେ ବାରମ୍ବାର ନିର୍ଭର କରୁଛି। ରାଜ୍ୟର ଭାଜପା ସରକାର ଏହି ସମସ୍ୟାର ଆଶୁ ସମାଧାନ ଲାଗି ଶୀତଳଭଣ୍ଡାର ନିର୍ମାଣ ପାଇଁ ସେ ଦାବୀ କରିଛନ୍ତି।

## ପୂର୍ବତନ ବିଧାୟକଙ୍କ କାର୍ଯ୍ୟ ହାସ୍ୟାସ୍ପଦ: ଭାଜପା


ମଙ୍ଗଳପୁର ପଞ୍ଚାୟତଠାରେ ବୁଧବାର ସୁକିନ୍ଦା ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

କଳିଙ୍ଗନଗର,୩୧।୭(ଶୁଭାଶିଷ ରାଉତ)

ଯାଜପୁର ଜିଲା ସୁକିନ୍ଦା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ମଙ୍ଗଳବାର ଯାଜପୁର ଜିଲାପାଳଙ୍କୁ ଭେଟି ମାନପୁର ଓଭରବ୍ରିଜ ନିର୍ମାଣ କାମ ଶୀଘ୍ର ଶେଷ କରିବା ଓ ଖଣି ଅଞ୍ଚଳରେ ବର୍ଜ୍ୟ ମାଟି ଖସି ଯେଉଁ ଚାଷ ଜମି ସବୁ କ୍ଷତିହୋଇଛି ତା'ର କ୍ଷତିପୂରଣ ତୁରନ୍ତ ପ୍ରଦାନ କରିବା ପାଇଁ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଏହାକୁ ନେଇ ବୁଧବାର ସୁକିନ୍ଦା ଭାଜପା ପକ୍ଷରୁ ମଙ୍ଗଳପୁର ପଞ୍ଚାୟତଠାରେ ଏକ ଖବରଦାତା ସମ୍ମିଳନୀ କରି କୁହାଯାଇଛି ଯେ, ପୂର୍ବତନ ସୁକିନ୍ଦା ବିଧାୟକଙ୍କ ଏଭଳି କାର୍ଯ୍ୟକୁ ସୁକିନ୍ଦା ଅଞ୍ଚଳବାସୀ ହାସ୍ୟାସ୍ପଦ ବୋଲି କହିଛନ୍ତି। ସେ ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ମନ୍ତ୍ରୀ ଥିଲେ, ସେ ଚାହିଁଥିଲେ ମଧ୍ୟ ଏହାର ସମାଧାନ କରି ପାରିଥାନ୍ତେ, କିନ୍ତୁ କଲେ ନାହିଁ, ତାଙ୍କ ବାପାଙ୍କ ସମୟରେ ବ୍ରିଜର ଶିଳାନ୍ୟାସ ହୋଇ ୮ ବର୍ଷ ପରେ କାମ ଆରମ୍ଭ ହୋଇଥିଲା। ନିମ୍ନମାନର କାର୍ଯ୍ୟ ଯୋଗୁ ବ୍ରିଜଟି କୌଣସି ସମୟରେ ଗଳିପଡ଼ିବ ବୋଲି ଲୋକେ ସନ୍ଦେହରେ ଅଛନ୍ତି। ଓଡ଼ିଶାରେ ନବୀନ ସରକାରଙ୍କ ୨୪ ବର୍ଷର ସ୍ଥିର ସରକାରରେ ପୂର୍ବତନ ମନ୍ତ୍ରୀ ଓ ତାଙ୍କର ବାପା ସୁକିନ୍ଦାକୁ ୩୫ ବର୍ଷ ଶାସନ କରିବା ପରେ ମଧ୍ୟ ସୁକିନ୍ଦାରେ ଅନାହାର ଓ ନଗଡ଼ା ଚିତ୍ର ସାରାଦେଶ ଦେଖିଛି। ମାତ୍ର ନୂତନ ସରକାର ଆସିବାର ୩୫ ଦିନ ହୋଇଛି। ଅତି କମରେ ୩୫ମାସ ଅପେକ୍ଷା କରନ୍ତୁ, ଦେଖିବେ ନୂଆ ସରକାର ସୁକିନ୍ଦା ପାଇଁ କ'ଣ ସବୁ ପଦକ୍ଷେପ ନେଉଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ପରିଷଦ ସଭ୍ୟ ପ୍ରଶାନ୍ତ କୁମାର ରାୟ, ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଭଞ୍ଜ, ସମ୍ପାଦକ ପ୍ରତାପ କୁମାର ଧୀର, ମଙ୍ଗଳପୁର ସରପଞ୍ଚ ବାବୁଲି ନାଟିଆ ଓ ପଞ୍ଚାୟତ ସଭାପତି ଅଭିମନ୍ୟୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ପୂର୍ବତନ ବିଧାୟକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ ଦଳ ମୁଖ୍ୟ ସଚେତକ

ଭୁବନେଶ୍ୱର,୩୧।୭
(ଅନିଲ ଦାସ)

ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବୁଧବାର ଶୂନ୍ୟକାଳରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ବ୍ୟକ୍ତିଗତ ସଚିବଙ୍କୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ଜଣେ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ମାମଲାର ତଦନ୍ତ ଚାଲିଥିବା ବେଳେ କିପରି ସେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ହୋଇପାରିଲେ। କିଏ ତାଙ୍କୁ ନିଯୁକ୍ତି ଦେଲେ। ମନ୍ତ୍ରୀଙ୍କ ଜିଲା ବଲାଙ୍ଗୀର ଅଞ୍ଚଳରେ। ସେ ଆରଆଇ ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ମୋ ନିକଟରେ ଯାହା ତଥ୍ୟ ରହିଛି, ଏବେ ତାଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଚାଲିଛି। ରାଜସ୍ୱ, ସାଧାରଣ ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏ ବିଷୟରେ ଅବଗତ ନାହାନ୍ତି। କେମିତି ଏ ବେଆଇନ ନିଯୁକ୍ତି ହେଲା। ମୁଖ୍ୟମନ୍ତ୍ରୀ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏହାର ସ୍ପଷ୍ଟୀକରଣ ରଖନ୍ତୁ ବୋଲି ସେ ଦାବି କରିଛନ୍ତି।

## ବିଜେଡି ନେତାଙ୍କ ଜରିଆରେ ଧନୀ ଲୋକ ରାଶନ କାର୍ଡ ହାତେଇଛନ୍ତି: ମନ୍ତ୍ରୀ କୃଷ୍ଣଚନ୍ଦ୍ର

ଭୁବନେଶ୍ୱର,୩୧।୭(ଅନିଲ ଦାସ

ଦଳୀୟ ଭିତ୍ତିରେ ପୂର୍ବ ସରକାର ରାଶନ କାର୍ଡ ବାଣ୍ଟିଛନ୍ତି। ପ୍ରକୃତ ହିତାଧିକାରୀ ବଞ୍ଚିତ ହୋଇଛନ୍ତି। ଅନ୍ୟ ଦଳର ଲୋକଙ୍କୁ ବାଦ ଦିଆଯାଇଛି। ବିଡିଓଙ୍କୁ ପଚାରିଲେ ସେମାନେ କହୁଛନ୍ତି ବିଧାୟକ କହିବାରୁ ରାଶନ କାର୍ଡ ଦିଆଯାଇଛି। ଏହାକୁ ନେଇ ବୁଧବାର ବିଧାନସଭା ପ୍ରଶ୍ନକାଳରେ ଶାସକ ଦଳର ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯେଉଁ ଯୋଗ୍ୟ ହିତାଧିକାରୀ ବାଦ ପଡ଼ିଛନ୍ତି ସେମାନଙ୍କୁ ତୁରନ୍ତ ସାମିଲ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଉତ୍ତର ଦେବା ବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ୍ୟ ତତ୍କାଳୀନ ବିଜେଡି ସରକାର ବିରୋଧରେ ସାଂଘାତିକ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ବହୁ ଧନୀ ଲୋକ ବିଜେଡି ନେତାଙ୍କ ଜରିଆରେ ରାଶନ କାର୍ଡ ହାତେଇଛନ୍ତି। ନିର୍ବାଚନ ବେଳେ ସେଇମାନେ ବିଜେଡି ପାଇଁ ଟଙ୍କା ବାଣ୍ଟୁଥିଲେ। ଯଦି ବର୍ତ୍ତମାନ ସେମିତି କେହି ଦୁର୍ନୀତି କରନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର କହିଛନ୍ତି।


ବିଧାନସଭାରେ ବୁଧବାର ପ୍ରଶ୍ନକାଳରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉତ୍ତର ରଖୁଛନ୍ତି।

## ଭାଜପା ଛାଡ଼ି ବିଜେଡିରେ ଯୋଗଦେଲେ, ପୁଣି ଫେରିଆସିଲେ




ମିର୍ଜାପୁର ପଞ୍ଚାୟତର ସମିତିସଭ୍ୟ ମିତା ବେହେରା ଓ ତାଙ୍କ ସ୍ୱାମୀ ବୁଧବାର ଭାଜପା ଛାଡ଼ି ବିଜେଡିରେ ଯୋଗ ଦେଇଥିବାବେଳେ (ବାମ) ପୁଣି ଭାଜପା କାର୍ଯ୍ୟାଳୟ ଆସି ପଦ୍ମ ଦଳରେ ଯୋଗ ଦେଇଛନ୍ତି।

କାଏମା,୩୧।୭(ଶିବ ପ୍ରସାଦ ମହାନ୍ତି)

ଜଣେ ସମିତିସଭ୍ୟା ଭାଜପା ଛାଡ଼ି ବିଜେଡିରେ ଯୋଗଦେବାର କିଛି ସମୟ ପରେ ପୁଣି ଭାଜପାକୁ ଫେରି ଆସିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋରି ଧରିଛି। ସେ ହେଲେ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ମିର୍ଜାପୁର ପଞ୍ଚାୟତର ସମିତିସଭ୍ୟ ମିତା ବେହେରା।

ଧର୍ମଶାଳା ଭାଜପା ପକ୍ଷରୁ ଏକ ମହାମିଶ୍ରଣ କୁମାରୀସ୍ଥିତ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହେଇଥିଲା। ଏଥିରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ଶତାଧିକ କର୍ମୀ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ସମିତିସଭ୍ୟା ମିତା ବେହେରା ଓ ତାଙ୍କ ସ୍ୱାମୀ ବୃନ୍ଦାବନ ବେହେରା ମଧ୍ୟ ସାମିଲ ହୋଇଥିଲେ। ଯାହାକୁ ନେଇ ସାରା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିଲା। କିନ୍ତୁ ବୁଧବାର ଉକ୍ତ ସମିତିସଭ୍ୟା ଓ ତାଙ୍କ ସ୍ୱାମୀ ବୃନ୍ଦାବନ ବେହେରା ଭାଜପା ଛାଡି ପୁଣି ବିଜେଡିରେ ସାମିଲ ହୋଇଥିଲେ। ସେମାନଙ୍କ ନିକଟରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉପସ୍ଥିତ ଥିଲେ। ଏହାର ଫଟୋ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ନେଇ ଆଲୋଚନା ଚାଲିଥିବା ବେଳେ ଅପରାହ୍ନରେ ପୁଣି ଉକ୍ତ ସମିତିସଭ୍ୟା କୁମାରୀସ୍ଥିତ ଭାଜପା କାର୍ଯ୍ୟାଳୟକୁ ଯାଇ ପଦ୍ମ ଦଳରେ ସାମିଲ ହୋଇଛନ୍ତି। ଏ ସମ୍ପର୍କରେ ମିତା କହିଛନ୍ତି, ସେ ଓ ତାଙ୍କ ସ୍ୱାମୀ ବ୍ଲକ କାର୍ଯ୍ୟାଳୟକୁ ପଞ୍ଚାୟତର କୌଣସି କାମ ବିଷୟରେ ଆଲୋଚନା କରିବାକୁ ଯାଇଥିଲେ। ଏହି ସମୟରେ ବିଜେଡିର କେତେଜଣ କର୍ମୀ ଦଳରେ ଯୋଗଦେବାକୁ ବାଧ୍ୟ କରି ଦଳୀୟ ଉତ୍ତରୀୟ ପିନ୍ଧାଇଥିଲେ। କିନ୍ତୁ ଏଥିରେ ବାସ୍ତବତା ନ ଥିବାରୁ କିଛି ଘଣ୍ଟାର ବ୍ୟବଧାନ ମଧ୍ୟରେ ଆମେ ଭାଜପାକୁ ଫେରି ଆସିଛୁ ବୋଲି ସମିତିସଭ୍ୟା କହିଛନ୍ତି। ଏହି ମିଶ୍ରଣ ସମୟରେ ଭାଜପା ନେତା ରାଜେଶ ପାଲ, ଶ୍ରୀକାନ୍ତ ସାହୁ, ଆଲୋକ ଲେଙ୍କା, ଅଂଶୁମାନ ରଥ, ପ୍ରମୋଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଓଏଚ୍‌ଆର୍‌ସିରେ ଏସ୍‌ସି-ଏସ୍‌ଟି ବିଦ୍ୟାଳୟର ୨ ଛାତ୍ରୀଙ୍କ ଅପମୃତ୍ୟୁ ମାମଲା

# ୪ ଲକ୍ଷ ଲେଖାଏ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

କଟକ,୩୧।୭ (କାର୍ତ୍ତିକ ସାହୁ)

୨୦୧୪ ଡିସେମ୍ବରରେ ଅନୁଗୋଳ ଜିଲାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ବିଦ୍ୟାଳୟର ୨ ଛାତ୍ରୀଙ୍କ ଅପମୃତ୍ୟୁ ମାମଲାରେ ୪ ଲକ୍ଷ ଲେଖାଏ କ୍ଷତିପୂରଣ ଦେବାକୁ ଓଡ଼ିଶା ମାନବାଧିକାର ଆୟୋଗ (ଓଏଚ୍‌ଆର୍‌ସି) ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ଦ୍ୱାରା ରୁଜୁ ଏହି ମାମଲାର ବିଚାର କରି ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଓ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରତି ମୃତକଙ୍କ ପରିବାରକୁ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ପ୍ରାପ୍ତିର ୨ ମାସ ମଧ୍ୟରେ ଅନୁଗୋଳ ଜିଲାପାଳ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ସହିତ ସମନ୍ୱୟ ରଖି କ୍ଷତିପୂରଣ ଦେବା ସହିତ ଏହି ସଂକ୍ରାନ୍ତରେ ରିପୋର୍ଟ ୧୭।୧୨।୨୦୨୪ ସୁଦ୍ଧା ଦାଖଲ କରିବାକୁ ଆୟୋଗ ତାଙ୍କ ଆଦେଶରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଉକ୍ତ ବାଳିକା ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଜଣେ ଛାତ୍ରୀ ୨୦୧୪ ଡିସେମ୍ବର ୧୪ ତାରିଖ ସନ୍ଧ୍ୟାରେ ଛାତ୍ରୀନିବାସରେ ଆତ୍ମହତ୍ୟା କରିଥିଲେ। ସେହିପରି ନବମ ଶ୍ରେଣୀର ଆଉ ଜଣେ ଛାତ୍ରୀ ତାଙ୍କ ଗୃହରେ ୨୦୧୪ ଡିସେମ୍ବର ୩୦ ତାରିଖ ରାତିରେ ଆତ୍ମହତ୍ୟା କରିଥିଲେ। ଅନୁଗୋଳ ଏସ୍‌ପି ଓ ପାଲଲହଡ଼ା ଉପଜିଲାପାଳଙ୍କ ରିପୋର୍ଟରୁ ସୂଚନା ମିଳିଥିଲା ଯେ ଅନୁଚିତ ସମ୍ପର୍କ ରଖିଥିବା ଅଭିଯୋଗ କରି ଉକ୍ତ ବିଦ୍ୟାଳୟର ଛାତ୍ରୀନିବାସରେ ଅନ୍ୟଛାତ୍ରୀଙ୍କ ଦ୍ୱାରା ଉଭୟ ଛାତ୍ରୀ ନିର୍ଯାତିତା ହୋଇ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିଲେ। ଓଏଚ୍‌ଆର୍‌ସି ଉକ୍ତ ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷୟିତ୍ରୀ, ଛାତ୍ରୀନିବାସ ତତ୍ତ୍ୱାବଧାରିକା ତଥା ଜିଲା କଲ୍ୟାଣ ଅଧିକାରୀଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। କିନ୍ତୁ ତାଙ୍କର ଜବାବ ଅନୁଧ୍ୟାନ କରି ଆୟୋଗ ଉପଲବ୍ଧି କରିଥିଲେ ଯେ, ଉକ୍ତ ଘଟଣାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଠିକଣା ସମୟରେ ଉପଯୁକ୍ତ ପଦକ୍ଷେପ ନେଇନାହାନ୍ତି। ଫଳରେ ଏଭଳି ଭାବେ ୨ ଜଣ ଛାତ୍ରୀ ଆତ୍ମହତ୍ୟା କରିଥିଲେ।

# ଅପହଞ୍ଚ ଇଲାକାକୁ ୧୨ କି.ମି. ଟ୍ରାକ୍ଟରରେ ଗଲେ ବିଡିଓ

ଗୋବିନ୍ଦପାଲି,୩୧।୭(କାର୍ତ୍ତିକ ରଥ)

ପୂର୍ବରୁ କେବେ ପ୍ରଶାସନିକ ଅଧିକାରୀମାନଙ୍କ ପାଦ ପଡେନାହିଁ। ଜଙ୍ଗଲ ଓ ପାହାଡ ଅଞ୍ଚଳ ସେମାନଙ୍କ ପାଇଁ ଅପହଞ୍ଚ ଇଲାକା। ଲଗାଣ ବର୍ଷାରେ ରାସ୍ତା ଘାଟ ଖାଲଖମାରେ ପୂରି ରହିଥିବା ବେଳେ ବୁଧବାର ଖଇରପୁଟ ବିଡିଓ ଉମା ଶଙ୍କର କୋୟା ଅପହଞ୍ଚ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ମାଲକାନଗିରି ଜିଲା ଖଇରପୁଟ ବ୍ଲକ କଦମଗୁଡ଼ା ପଞ୍ଚାୟତ ଚେପଲପଡ଼ା ଗ୍ରାମକୁ ୧୨ କି.ମି. ଟ୍ରାକ୍ଟର ଯୋଗେ ଯାଇ ବିଡିଓ କୋୟା ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ସେ ନିମ୍ନମାନର ରାସ୍ତା କାମ, ୩ ବର୍ଷ ହେବ ନିର୍ମାଣାଧୀନ ଥିବା ସ୍କୁଲ ଗୃହ କାର୍ଯ୍ୟ, ବର୍ଷାରେ ପାଣି ପଶି ନଷ୍ଟ ହୋଇଯାଇଥିବା ଚାଷ ଜମି ଓ ଘର ଦ୍ୱାର ବୁଲି ଦେଖିଥିଲେ। ଲୋକଙ୍କ ସହ ଆଲୋଚନା ବେଳେ ଗ୍ରାମରେ



ଟ୍ରାକ୍ଟରରେ ଯାଉଛନ୍ତି ଖଇରପୁଟ ବିଡିଓ ଉମା ଶଙ୍କର କୋୟା।

ପାନୀୟ ଜଳ ସମସ୍ୟା ରହିଥିବା ଶୁଣି ଏକ ଟ୍ରାକ୍ଟର ଯୋଗେ ଚେପଲପଡାକୁ ଯାଇଥିଲେ। ସାଥିରେ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ଜିଙ୍ଗିଡି,ପାନୀୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଭୀଷ୍ମ ମଲିକ ଓ ବ୍ଲକ ସହକାରୀ ଯନ୍ତ୍ରୀ ଥିଲେ। ବର୍ଷାରେ ଧୋଇ ନଷ୍ଟ ହୋଇଥିବା କଲଭର୍ଟ, ରାସ୍ତା କିପରି ତୁରନ୍ତ ନିର୍ମାଣ ହେବ ଏବଂ ନିର୍ମାଣାଧୀନ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ସେନେଇ ଉପସ୍ଥିତ ଯନ୍ତ୍ରୀମାନଙ୍କ ସହ ବିଡିଓ କୋୟା ଆଲୋଚନା କରିଥିଲେ। ସ୍କୁଲକୁ ଯାଇ ୧୨ ଜଣ ପିଲା ଉପସ୍ଥିତ ଥିବା ଦେଖିଥିଲେ। ନିକଟସ୍ଥ ଏକ ପଡ଼ା ଗ୍ରାମର କୌଣସି ପିଲା ଆସି ନ ଥିବା ଗ୍ରାମବାସୀଙ୍କଠାରୁ ଜାଣିବାକୁ ପାଇଥିଲେ। ବର୍ଷା ଯୋଗୁ ପିଲାମାନେ ନାଳପାରି ହୋଇ ଯାଇପାରୁ ନ ଥିବା ଗ୍ରାମବାସୀ ବିଡିଓଙ୍କୁ ଜଣାଇଥିଲେ। ଶିକ୍ଷକମାନଙ୍କୁ ସ୍କୁଲ ସମସ୍ୟା ବିଷୟରେ ବିଡିଓ ପଚାରି ବୁଝିଥିଲେ। ସ୍କୁଲ ଭିତରେ ଠିକାଦାର ଦୀର୍ଘ ଦିନ ହେବ ରଖିଥିବା ନଷ୍ଟ ହୋଇଥିବା ସିମେଣ୍ଟ ବସ୍ତାଗୁଡ଼ିକ ବାହାର କରି ପିଲାଙ୍କ ଶିକ୍ଷଣ କାର୍ଯ୍ୟ କରିବାକୁ ବିଡିଓ ପରାମର୍ଶ ଦେଇଥିଲେ। ଡେମସାପଦର, ଚେପଲପଡ଼ା ଓ ବଡ଼ଗୁଡା ଗ୍ରାମରେ ବିଡିଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ଭେଟି କାମର ଅଗ୍ରଗତି ସମ୍ପର୍କରେ ବୁଝିଥିଲେ। ସୋଲାର ଚାଳିତ ପାଣି ଟ୍ୟାଙ୍କରୁ ପ୍ରତିକୂଳ ପାଗ ଯୋଗୁ ୧୫ ଦିନ ହେଲା ପାଣି ମିଳିପାରୁଥିବା ଗ୍ରାମବାସୀ ବିଡିଓଙ୍କୁ କହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଳସ ପଣରେ ତୋଟାକୁ ନ ଗଲି,**
**ଆମ୍ବ ଖାଇଗଲା ଭାଲୁ,**
**ଅଳସ ପଣରେ ଓଷଦ ନ ଦେଲି,**
**ପିଠି ଯାଦୁ କଲା ଗଲୁ।**

ଅଳସୁଆ ସବୁବେଳେ ଦୁଃଖପାଏ । ଏହା ଜାଣି ମଧ୍ୟ କିଛି ବ୍ୟକ୍ତି ଆଳସ୍ୟର ବଶବର୍ତ୍ତୀ ହୋଇ ସୌଭାଗ୍ୟ ପରିବର୍ତ୍ତେ ଦୁର୍ଭାଗ୍ୟକୁ ଆଦରି ନେଇଥାନ୍ତି । ଆଳସ୍ୟ ସର୍ବଦା କ୍ଷତିକାରକ, ଏଣୁ ଏହା ବର୍ଜନୀୟ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଅଘଟ ଘଟା,**
**ମଲ୍ଲୀଫୁଲଠାରେ ଉଠିଛି କଣ୍ଟା ।**

ଗୋଲାପ ଗଛରେ କଣ୍ଟା ଥାଏ ପରନ୍ତୁ ମଲ୍ଲୀଗଛରେ କଣ୍ଟା ନ ଥାଏ। ବେଳେବେଳେ କିଛି ଆଚମ୍ବିତ କଲା ଭଳି ଘଟଣା ଘଟିଥାଏ। ଯାହାକି ଆଖିକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଅଘଟଣ ଘଟଣା ଘଟିବା ବା ଉପୁଜିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ





ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## କେରଳରୁ ଆସିଲା ଦାଦନଙ୍କ ମୃତଦେହ

ଫୁଲବାଣୀ,୩୧।୭
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ କୁର୍ମଗଡ ଅଞ୍ଚଳର ବିଜନ ମଲ୍ଲିକ(୪୨) ପ୍ରାୟ ୨୦ ଦିନ ତଳେ ରୋଜଗାର ଆଶାରେ କେରଳ ଯାଇ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଅସୁସ୍ଥତା କାରଣରୁ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ମୃତଦେହ ଗାଁକୁ ଆଣିବା ପାଇଁ ସକ୍ଷମ ନ ଥିଲେ ପରିବାର। ତେଣୁ ଜିଲା ପ୍ରଶାସନ ସମେତ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ଓ ବିଧାୟକଙ୍କୁ ଗୁହାରି ଜଣାଇଥିଲେ ପରିବାର ଲୋକେ। ଶେଷରେ ଏମ୍‌ପି ପାଣିଗ୍ରାହୀଙ୍କ ହସ୍ତକ୍ଷେପ ପରେ ବିଜନଙ୍କ ମୃତଦେହ ଗାଁକୁ ଫେରିଛି। କେରଳରୁ ବିମାନ ଯୋଗେ ମୃତଦେହ ଭୁବନେଶ୍ୱର ଆସିବା ପରେ ସେଠାରୁ ଏକ ସ୍ୱତନ୍ତ୍ର ଗାଡ଼ିରେ କୁର୍ମଗଡ ଅଣାଯାଇଛି। ବୁଧବାର ରାତିରେ ମୃତଦେହ ବିଜନଙ୍କ ଗ୍ରାମରେ ପହଞ୍ଚିଛି।

## ପେନ୍‌ସନ ଅସଙ୍ଗତିର ସମାଧାନରେ ବିଳମ୍ବ

### କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୩୧।୭(ପି.ଟି.)

ୱାନ୍ ର୍ୟାଙ୍କ୍ ୱାନ୍ ପେନ୍‌ସନ(ଓଆର୍‌ଓପି) ଅନୁଯାୟୀ ସେନାର ଅବସରପ୍ରାପ୍ତ ନିୟମିତ କ୍ୟାପ୍ଟେନ୍‌ମାନଙ୍କ ପେନ୍‌ସନରେ ରହିଥିବା ଅସଙ୍ଗତି ଦୂର କରିବାରେ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି। ବହୁବର୍ଷ ଧରି ଏହା ଉପରେ କୌଣସି ନିଷ୍ପତ୍ତି ହୋଇପାରୁ ନ ଥିବାରୁ ମଙ୍ଗଳବାର ସୁପ୍ରିମକୋର୍ଟ କେନ୍ଦ୍ରକୁ ଭର୍ତ୍ସନା କରିବା ସହ ୨ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଏଥିସହିତ ପେନ୍‌ସନ ଅସଙ୍ଗତିର ସମାଧାନ ପାଇଁ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଆର୍. ମାଧବନଙ୍କ ଖଣ୍ଡପୀଠ କେନ୍ଦ୍ରକୁ ନଭେମ୍ବର ୧୪ ପର୍ଯ୍ୟନ୍ତ ଶେଷ ସୁଯୋଗ ଦେଇଛନ୍ତି।


## OFFICE OF THE DISTRICT FISHERIES OFFICER KANDHAMAL, PHULBANI

Phone:-06842-253683 Mail Id:-dfokandhamal@gmail.com

**Tender Call Notice**
**No.1888, Date:30.07.24**

**No.M-21:**Sealed Re-quotations/re-tenders are invited from interested reputed Travel Agencies/ Tour Operators / Private individuals for providing 1 (One) no. of AC diesel/petrol driven vehicles (Tiago/Celerio/Bolt etc) having sitting capacity not more than 5 persons including driver, which shall conform to terms and conditions (Appendix-A) for official use in the office of the District Fisheries Officer, Kandhamal, Phulbani on monthly rent basis: 1. The service provider shall have a valid OGST registration to participate in the tendering. 2. The service provider, participating in the bidding process under the jurisdiction of Kandhamal District, shall be registered on GeM platform. 3.The vehicle must be in road worthy condition, shall not be more than 3 years old from date of initial registration and must have valid Registration Certificate, Insurance Certificate, Fitness Certificate, Pollution certificate, Valid Contract Carriage permit, Proof of up-to-date tax payment etc. Mandatory for plying of vehicle. 4. The Driver of the vehicle must have a valid Driving License for driving light Transport passenger vehicle and should be sufficiently experienced in driving transport/passenger vehicle. 5.The Driver should be well behaved, gentle and obedient in nature.6. A sum of Rs. 5000/-(Rupees Five Thousand) only shall be deposited by the Intending bidders in shape of Account Payee Bank Draft drawn in favour of the District Fisheries Officer, Kandhamal, Phulbani payable at SBI, Phulbani and submitted along with the tender as security deposit. After completion of tender process, the amount will be refunded to unsuccessful bidders. 7.The monthly rate of hire charge be quoted separately in the general bid Information (excluding fuel and lubricants). 8. The Vehicle must achieve a fuel efficiency of 17 Kms per liter. 9. The details of the make and year of manufacture of the vehicle, registration No. mileage (Km, covered per liter) and name of the Driver with Driving License No. and period of validity should be specifically provided in the bid information to be furnished with the Quotation/ Tender (Appendix-B). 10. The quotation completed in all respect should reach the undersigned on or before Dt-20.08.2024 by 5.30 P.M and the same shall be opened on the next day i.e on Dt- 21.08.2024 by 4.00 PM in presence of the bidders or their authorized representatives in the office chamber of the undersigned. 11. The application form of quotation/ Tender containing general bid information, terms and conditions for hiring of vehicles etc. will be available with Establishment section of District Fisheries Office, Kandhamal, Phulbani on payment of Rs.1000/- from Dt-31 07 2024 to Dt 20.08.2024.

Sd/-P.Kanhar
District Fisheries Officer, Kandhamal , Phulbani
OIPR-06067/11/0007/2425

## ZILLA SWASTHYA SAMITI, PURI

O/o. the Chief District Medical & Public Health Officer, Puri, PIN - 752001

No. 2513 Date: 29.07.24

**Tender Call Notice for Supply of IEC & Printing Materials**

No. E-158: Sealed tenders are invited from interested firms/ suppliers having adequate experience for supply of IEC and Printing Materials under NHM, O/o. CDM & PHO, Puri. The tender papers along with terms & conditions are available in the district website **https://puri.odisha.gov.in**. The bid documents should reach to the O/o. the undersigned latest by Dt.20.08.2024 by 5.30 P.M. through Registered Post/Speed Post/Courier only & it will be opened on Dt.22.08.2024 at 11 A.M. at DTU. The undersigned reserves every right to accept or reject any or all bids without assigning any reason thereof. The authority will not be held responsible for any postal delay. Any further communication in this regard will be hosted in website only.

Sd./- CDM&PHO-cum-District Mission Director, Puri
OIPR-10021/11/0003/2425

## GOVERNMENT OF ODISHA

No.A-186:

e-Procurement Notice

## OFFICE OF THE ADDITIONAL CHIEF ENGINEER PHULBANI MINOR IRRIGATION CIRCLE, PHULBANI

e-mail: micirclephulbani@gmail.com

**Bid Identification No:ACEPMIC-01/2024-25**

1. Bid Identification No. : ACEPMIC-01/2024-25.
2. Name of Work : Improvement to Kanipenu MIP in Phiringia Block of Kandhamal District under Repair, Renovation & Restoration & Improvement to Kanganinalla MIP in Phulbani Block of Kandhamal District under Repair, Renovation & Restoration.
3. Bid Security (in INR)/Approx Estimated Cost: Rs.273000.00 & 116000.00/ Rs.2,73,00.000/- & 1,16,00,000/- respectively.
4. Bid Processing Fee (INR) : Rs.10,000.00 including GST each.
5. Period of Completion: 06 (Six)/ 11 (Eleven) Calendar Months including rainy season. 6. Date & Time of Availability of Bid document in the Portal: 05.08.2024 from 10.30 AM (IST) to 20.08.2024 upto 5.00 PM (IST). 7. Bid Clarification date & time: 05.08.2024 at 11.00 AM (IST) to 12.08.2024 during official working hour. 8. Last date/time for receipt of Bid in the Portal: 20.08.2024 upto 5.00 PM (IST). 9. Date, Time and Venue of opening of Technical bid in e-method : 21.08.2024 at 12.30 PM (IST) O/O the Additional Chief Engineer, Phulbani M.I. Circle, Phulbani. 10. Date/Time of Opening of Financial Bid: To be intimated after evaluation of Technical Bid.

**Further details can be seen from the Government website http:// www.tendersodisha.gov.in.**

Sd./- Additional Chief Engineer
Phulbani Minor Irrigation Circle, Phulbani
OIPR-32521/11/0001/2425

idco Your power to grow | ODISHA NEW OPPORTUNITIES

No. CAD-696

## OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR

Tender Call Notice No. HO/CIVIL/T&E/E-5076/04/2024/22245 Date: 29.07.2024

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

**Name of the Work :-** Construction of 11KV line using 1C x 630 sqmm, 3C x 400 sqmm, 3C x 95 sqmm 11KV XLPE UG Cable with RMU arrangement and 11KV DP structure with AB Switch & LA using GI Pole for HT metering unit for power supply to Kalinga Studio, Bhubaneswar

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (Civil), IDCO, IDCO Towers, Janpath, Bhubaneswar | Bid ID No. CIVIL/EST/04/2024-25 | 1700 Hours of dt.02.08.2024 | 17.00 Hours of dt.09.08.2024 |

Further details can be seen from the e-Procurement Portal www.tendersodisha.gov.in. Corrigendum or Addendum, if any will not be published in newspapers and can be seen in the e-procurement portal as well as in IDCO website.

Sd./- Chief General Manager (Civil), IDCO, Bhubaneswar
OIPR-14003/11/0030/2425

## Government of Odisha

No. i-46

## PANCHAYAT SAMITI OFFICE, PAIKMAL, DIST.: BARGARH

**INVITATION FOR BIDS (IFB)**
**Bid Identification No. 01/2024-25**
**Panchayat Samiti, Paikmal, Dist.: Bargarh**

1. The Block Development Officer, Paikmal, Dist.: Bargarh on behalf of Governor of Odisha invites Percentage Rate bid in ONLINE MODE for the Building Works as detailed in the Detailed Tender Call Notice (D.T.C.N.) from the eligible class of contractors.
2. No. of Works : 5 Nos.
3. Cost of Tender Paper : Rs.6,000/-
4. Class of Contractor : "B" Class, "C" Class & "D" Class Contractor
5. Date & time of available in website & receipt of Bids : 11.00 Hrs. of 29.07.2024 to 17.00 Hrs. of 05.08.2024
6. Date of Opening of Bid : 07.08.2024 at 11.00 Hrs.
7. The bidders have to participate in ONLINE bidding only. Further details can be seen from the State Govt. portal website **https:// tendersodisha.gov.in**.

Sd./- Block Development Officer, Paikmal
OIPR-19175/11/0001/2425

## ODISHA PUBLIC SERVICE COMMISSION

19, DR. P.K. PARIJA ROAD, CUTTACK-753001

**NOTICE**

No. 4126 /PSC, Dt.30.07.2024
(DR-IV) (2PS-02--2024-25)

**No.D-102:-** It is for information of all concerned that, the written examination for recruitment to the posts of Mining Officer, pursuant to **Advertisement No.11 of 2023-24** shall be conducted as per the programme detailed below:-

| Date | Time | Paper | Subject Code |
|---|---|---|---|
| 11.08.2024 (Sunday) | 09.00 A.M. to 11.00 A.M. (11.40 A.M. for PWD Candidates) | Paper-I (General Studies and Awareness) | 01 |
| | 01.00 P.M. to 04.00 P.M. (05.00 P.M. for PWD Candidates) | Paper-II (Mining Engineering) | 02 |

The list of Examination Centres along with allotment of Roll Number of candidates are given below:-

| Sl. No. | Name of the Examination Centre | Roll Numbers |
|---|---|---|
| 1 | Saraswati Shishu Vidya Mandir, Tulasipur, Cuttack | From 100001 to 100388 |
| 2 | Ajay Binay Institute of Technology (Main Block), Sector-1, CDA, Cuttack | From 100389 to 100777 |

The candidates admitted are required to download their **"Admission Certificate"** and **"Instructions to Candidate"** from the website of the Commission at **www.opsc.gov.in** with effect from **05.08.2024.**

OIPR-12002/11/0063/2425 Sd./- Secretary (I/C)

## State Health Assurance Society

Health & Family Welfare Department, Govt. of Odisha
Bhubaneswar- 751007, District- Khordha (Odisha)
Phone No.- 0674-2570500, Email ID: hr.recruitmentshas@gmail.com

Adv. No.: 03/2024 **CONTRACTUAL APPOINTMENT** DATE: 31.07.2024

**No.E-**Applications are invited from eligible candidates for filling up of the following post under State Health Assurance Society, Odisha on contractual basis with monthly remuneration as noted and subject to renewal as per Society terms and conditions. The post is purely temporary and co-terminus with the scheme.

| Sl.No. | Name of the Post | No. of Vacancy | Remuneration (in Rs.) & Performance Incentive (P.I.) as admissible |
|---|---|---|---|
| 1 | IT Manager | 01 | Rs.44,000+ (P.I.) |

Interested candidates can log on to www.nhmodisha.gov.in for details of vacancy, eligibility criteria, age, selection procedure etc. Online application form will be available from 31.07.2024 to 13.08.2024 by 11.59 P.M. Last date for receipt of the System Generated Application duly signed by the candidate along with self-attested copies of all supportive documents is 23.08.2024 by (5.30 P.M.)

Sd./- Chief Executive Officer
State Health Assurance Society, Odisha
OIPR-10170/11/0005/2425

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SAMBALPUR

Tel-0663-2548268, E-mail id-serwcirclesbp@yahoo.com

**e-Procurement No. 2670/ Dated: 29.07.2024**

No.O-151:- Chief Construction Engineer, Rural Works Circle, Sambalpur on behalf of **Odisha State Rural Roads Agency** invites **Percentage (%)** bids through e-Procurement from eligible class of experienced bidders for construction of roads and CD works including maintenance for 5 years of rural roads under **PRADHAN MANTRI JANJATI ADIVASI NYAYA MAHA ABHIYAN (PM-JANMAN) BATCH-II for the year 2023-24.**

| | | | |
|---|---|---|---|
| 1. | Name of work | : | Construction of road and CD works including five-year maintenance under PM-JANMAN, batch-II for the year 2023-24 |
| 2. | Class of Contractor | : | As mentioned in Annexure. |
| 3. | No. of packages | : | 01 No. of Package. |
| 4. | Estimated cost | : | **Approximately Rs.160.86 lakhs (information in DTCN will be Final)** |
| 5. | Bid submission fee | : | Rs.10,000/- (Non-Refundable) per set of package. |
| 6. | Mode of submission of tender | : | Only through online in website **www.pmgsytenders.gov.in**. |
| 7. | Summary of key dates are provided below: | | |

| Procurement Officer | Bid Identification No. | Availability of Tender on-line for bidding | | Last date & time for seeking clarification | Last Date and time of submission of Original documents | Date & Time of opening of tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| Chief Construction Engineer, Rural Works Circle, Sambalpur | PMGSY-Online-RWCSBP-02/2024-25 | 05.08.2024 From 11.00 A.M. | 20.08.2024 Upto 05.00 P.M. | 17.08.2024 Upto 5.00 P.M. | 23.08.2024 By 5.00 PM | 21.08.2024 at 11.00 A.M. | Will be intimated later |

***Special conditions:** 1-EPF registration is mandatory before drawl of agreement. 2- Rate quoted by the contractor shall be excluding GST. 3. EMD, Bid submission fee and original affidavits should be submitted at the O/o Chief Construction Engineer, Rural Works Circle, Sambalpur **Or** O/o Executive Engineer/Superintending Engineer of Concern Rural Works Division.
*Details can be seen from the e-procurement portal **www.pmgsytenders.gov.in**
*Subsequent modification/corrigendum/Addendum if required shall be appeared in the website only.

Sd./- Chief Construction Engineer
Rural Works Circle, Sambalpur
OIPR-25091/11/0002/2425

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER NORTHERN (R&B) CIRCLE, SAMBALPUR

Mail Id:sepwdsbp@rediffmail.com
e-Procurement
**BID IDENTIFICATION NO. CCENC (R AND B)/04/2024-25**
No.2808, Dtd.29.07.2024

**No.B-128:**1.The Chief Construction Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in double cover system in ONLINE MODE for the construction of Bridge works as detailed in the DTCN from the eligible class of contractors.
2. No. of Works - 07 Nos. (Seven Nos. Bridge Works)
3. Tender Cost: Rs.10,000/-
4. Class of Contractor: "A" Class and "Special"
5. Date & Time of available in website & receipt of Bids from 06.08.2024 to 17.00 Hours of 20.08.2024.
6. Date of Opening of Technical Bid : 21.08.2024 at 11.00 Hours
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum/Addendum will be displayed in the website www.tendersodisha.gov.in.

Sd./- Chief Construction Engineer
Northern (R&B) Circle, Sambalpur
OIPR-34035/11/0004/2425

## OFFICE OF THE COLLECTOR & DISTRICT MAGISTRATE, BHADRAK

(Social welfare Section)
Tender Notice No.1533/SW Dated:25.07.2024

**No.g-43:**Sealed tenders for appointment of Transporting Agent for Bonth ICDS Project only in Bhadrak District are invited from the intending Registered Firms / Co-operative Societies/ authorized licensed Transporting Contractors/ Agents for undertaking transportation of Rice /Wheat from OSCSC Ltd. Godown, Charampa, Bhadrak/ FCI Depot, Ranital, Bhadrak to respective AWCs & WSHGs point under SNP Scheme for the period of till 31.12.2024. The Registered Firms / Co- operative Societies / authorized licensed Transporting Contractors / Agents shall be made through two bid system i.e. Technical Bid (Annexure- I) and Price Bid (Annexure-II) separately. The Technically qualified Bidder Firms / Agents can only participate in the Price Bid. The Tender paper can be obtained from the Office of the DSWO, Bhadrak on payment of Rs. 5,000/- Rupees (Five Thousand) only towards cost of the tender paper from date. 26.07.24 during the office hour or any working day till 1.00 P.M. on dated 09.08.24. In case the tender documents have been downloaded from the website, the tender documents fee of Rs. 5000/- only must be deposited alongwith the Bid in the Form of a Demand Draft drawn on any Nationalized Bank favouring DSWO, Bhadrak and payable at Bhadrak. The cost of tender paper is non-refundable. The tender shall be received by DSWO, Bhadrak till 01.00 P.M. on date 09.08.24 by registered post / speed post or through sealed tender box kept in Office of the DSWO, Bhadrak and will be opened on the same day i.e. on date 09.08.24 at 3.00 P.M. by the Tender Committee headed by Collector, Bhadrak or any officer authorized by the Collector in the Salandi Sabhagruha, Collectorate, Bhadrak in the presence of the Tender Committee Members and Tenderers or their authorised representatives, if they desires so. Similarly, the Financial Bid of those who qualified the technical bid will be opened on dated 09.08.24 in the Salandi Sabhagruha, Collectorate, Bhadrak. The details regarding tender document are available in the website https://bhadrak.odisha.gov.in which can be downloaded. Not withstanding anything else contained to the contrary in this tender document, Collector reserves right to cancel /withdrawn /modify or reject any or all the tenders without assigning any reason thereof.
1. Period of issue of Tender document:26.07.24 to 09.08.24 by 1.00 P.M.
2.Last date of receipt of Sealed Bids on 09.08.24 upto 01.00 P.M. through Registered / Speed Post or through sealed tender box kept in Office of the DSWO, Bhadrak. 3.Date and time for opening of, (i) Technical & Price Bid : On dated 09.08.24 at 03.00 P.M.

Sd./- Collector & District Magistrate, Bhadrak
OIPR-24017/11/0003/2425


## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

No.XXXIII-15

**ନୋଟିସ୍**

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ
ଏଲ.ଏ.କେସ୍ ନଂ.-୭୨/୨୦୨୧
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା...ଆବେଦନକାରୀ
ବନାମ

୧.ଶ୍ରୀ ଗୋପୀନାଥ ଜୀଉ ବିଜେ, କଟକ, ମାର୍ଫତ-ଲକ୍ଷଣ ପଣ୍ଡା, ପିତା-ଆରତ ପଣ୍ଡା, ସା-କାଜିବଜାର, କଟକ, ୨.ବ୍ରଜବିହାରୀ ହରିଚନ୍ଦନ, ପିତା-କ୍ଷେତ୍ରବାସୀ ହରିଚନ୍ଦନ, ୩. ମହେନ୍ଦ୍ର ହରିଚନ୍ଦନ, ୪. ଭାସ୍କର ହରିଚନ୍ଦନ, ପିତା-କୈଳାସ ହରିଚନ୍ଦନ, ୫. ରାଜହରିଚନ୍ଦନ, ୬.ବ୍ରଜକିଶୋର ହରିଚନ୍ଦନ, ୭.ବିଷ୍ଣୁ ହରିଚନ୍ଦନ, ୮.ରାଜକିଶୋର ହରିଚନ୍ଦନ, ପିତା-ଅଧିକାରୀ ହରିଚନ୍ଦନ, ସା-ଦାରୁଠେଙ୍ଗ, ୯. ଭାସ୍କର ବେହେରା, ପିତା-ଦାମ ବେହେରା, ୧୦.ହେମଲତା ବେହେରା, ସ୍ୱାମୀ-ଶ୍ୟାମ ବେହେରା, ୧୧.ବିଦ୍ୟାଧର ବେହେରା, ୧୨.ଉଷା ବେହେରା, ୧୩.ଦୋଷା ବେହେରା, ପିତା-ଶ୍ୟାମ ବେହେରା, ୧୪.ଧଡ଼ି ବେହେରା, ୧୫.ଶଙ୍କର ବେହେରା, ୧୬.ଶୈଳଭାମା ବେହେରା, ପିତା-ଯୋଗୀ ବେହେରା, ୧୭.ଗୋବର୍ଦ୍ଧନ ବେହେରା, ପିତା-ପାଣ୍ଡୁ ବେହେରା, ସା-ପଥରଗାଡିଆ, ୧୮. କମିଶନର ଅଫ୍ ଏଣ୍ଡାଓମେଣ୍ଟ, ଓଡ଼ିଶା, ଭୁବନେଶ୍ୱର, ୧୯.ଭ୍ରମର ସାହୁ, ରେଜିଷ୍ଟର ନଂ.-୪୬୫୯, ତା.୦୩.୦୭.୧୯୩୯, ପିତା-ମଧୁ ସାହୁ, ସା-କ୍ଷୁଝଗଡ, ୧୯.(i) ପ୍ରତିମା ସାହୁ (ଅଣନାତୁଣୀ)ସା-କ୍ଷୁଝଗଡ,୨୦.ବାଉରୀବନ୍ଧୁ ସାହୁ, ପିତା-ହାଡୁବନ୍ଧୁ ସାହୁ, ୨୦.(i) ନିରୂପମା ସାହୁ, ସ୍ୱାମୀ- ବାଉରୀବନ୍ଧୁ ସାହୁ, ୨୦.(ii) ସନ୍ତୋଷ କୁମାର ସାହୁ, ୨୦.(iii) ଝରଣା ବେହେରା, ୨୦.(iv) ଅନୁପମା ସାହୁ, ପିତା-ବାଉରୀ ବନ୍ଧୁ ସାହୁ, ୨୧.ଦିନବନ୍ଧୁ ସାହୁ, ପିତା-ହାଡୁବନ୍ଧୁ ସାହୁ, ସା-କ୍ଷୁଝଗଡ, ଥାନା-ଚନ୍ଦକା,....ବିରୋଧୀ ପକ୍ଷମାନେ ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.-୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ-୭୨/୨୦୨୧ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ଜିଲା-ଖୋର୍ଦ୍ଧା, ମୌଜା-ପଥରଗାଡିଆ, ଖାତା ନଂ.-୨୯୨, ପ୍ଲଟ ନଂ.-୧୧୪୬ ଅଧିଗୃହୀତ ରକବା ଏ ୦.୧୨୩ ଡି ଅଟେ । ମାନ୍ୟବର ଅଦାଲତଙ୍କ ଦୃଷ୍ଟିଗୋଚର ହୋଇଅଛି ଯେ, ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ କିଛି ବିରୋଧୀ ପକ୍ଷ ମୃତ ଅଟନ୍ତି । ଏଣୁ ମୃତ ବିରୋଧୀ ପକ୍ଷଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ । ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୧୯.୦୯.୨୦୨୪ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୨୩.୦୭.୨୪ ରିଖ ।

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
OIPR-24351/14/0020/2425

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଆୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରାଇମ ଡେ'ରେ ରେକର୍ଡ ସଂଖ୍ୟକ ବିକ୍ରି




**ନୂଆଦିଲ୍ଲୀ,୩୧।୭**

ଦେଶର ପ୍ରମୁଖ ଇ-କର୍ମସ ପ୍ଲାଟ୍‌ଫର୍ମ ତଥା ଆମାଜନ ଇଣ୍ଡିଆର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ପ୍ରାଇମ ଡେ ୨୦୨୪' ନିକଟରେ ଶେଷ ହୋଇଯାଇଛି। ଏପରିକି ପ୍ରତି ଥର ଭଳି ଏଥର ମଧ୍ୟ ରେକର୍ଡ ସଂଖ୍ୟକ ବିକ୍ରି ପ୍ଲାଟ୍‌ଫର୍ମ ଜରିଆରେ ହୋଇଛି, ହେଲେ ପ୍ଲାଟ୍‌ଫର୍ମର ୮ମ ପ୍ରାଇମ ଡେ ୨୦୨୪ ଏ ପର୍ଯ୍ୟନ୍ତର ସବୁଠାରୁ ବଡ଼ ପ୍ରାଇମ ଡେ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଏଥିରେ ପୂର୍ବ ପ୍ରାଇମ ଡେ ଇଭେଣ୍ଟ ତୁଳନାରେ ଏହି ଦୁଇଦିନିଆ ଇଭେଣ୍ଟ 'ପ୍ରାଇମ ଡେ ୨୦୨୪' ରେକର୍ଡ ସଂଖ୍ୟକ ଏବଂ ଅଧିକ ସାମଗ୍ରୀ ବିକ୍ରି ହୋଇଛି। ଖାଲି ସେତିକି ନୁହେଁ, ୮ମ ପ୍ରାଇମ ଡେ'ରେ ସବୁଠାରୁ ଅଧିକ ପ୍ରାଇମ ମେମ୍ବରମାନେ ମଧ୍ୟ ପ୍ରାଇମ ଡେ'ରେ କିଣାକିଣି କରିଛନ୍ତି ଏବଂ ୨୦୨୩ ତୁଳନାରେ ଚଳିତ ବର୍ଷ ୨୪% ଅଧିକ ପ୍ରାଇମ ମେମ୍ବର ଭାରତରେ କିଣାକିଣି କରିଛନ୍ତି, ଯାହାକି ଏହି କାର୍ଯ୍ୟକ୍ରମ ଜରିଆରେ ସର୍ବାଧିକ ପ୍ରାଇମ ମେମ୍ବରମାନଙ୍କର ଯୋଗଦାନ ରହିଛି। ପ୍ରାଇମ ଡେ ୨୦୨୪ରେ ପ୍ରାଇମ ଡେର ପୂର୍ବରୁ ଅଢ଼େଇ ସପ୍ତାହ ମଧ୍ୟରେ ସର୍ବାଧିକ ପ୍ରାଇମ ମେମ୍ବରଶିପ ସାଇନ ଅପ୍ ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଆମାଜନ ପ୍ରାଇମ ଡେଲିଭରି ଆଣ୍ଡ ରିଟର୍ନସ ଇଣ୍ଡିଆ ଆଣ୍ଡ ଇମର୍ଜିଂ ମାର୍କେଟର ମୁଖ୍ୟ ଅକ୍ଷୟ ସାହି କହିଛନ୍ତି, ଆମେ ଆମର ବିକ୍ରେତା,ବ୍ରାଣ୍ଡ ଏବଂ ବ୍ୟାଙ୍କ ପାର୍ଟନରମାନଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛୁ ଯେ ସେମାନେ ଭାରତରେ ସବୁଠାରୁ ବଡ଼ ପ୍ରାଇମ ଡେ ପ୍ରଦାନ କରିବାରେ ଆମକୁ ସାହାଯ୍ୟ କରିଛନ୍ତି। ଏପରିକି ପ୍ରାଇମ ମେମ୍ବରମାନେ ପୂର୍ବରୁ ସମସ୍ତ ପ୍ରାଇମ ଡେ ଶପିଂ ଇଭେଣ୍ଟ ତୁଳନାରେ ଅଧିକ ଜିନିଷ କିଣିଛନ୍ତି ଏବଂ ଆମେ ସେହିଦିନ ଡେଲିଭରିର ହାଇ ଗେଷ୍ଟ ସଂଖ୍ୟା ମଧ୍ୟ ରେକର୍ଡ କରିଛୁ।

# ଆବଟ୍ ସହ ୱାଇଆର୍‌ଜି କେୟାରର ସହଭାଗିତା

**ନୂଆଦିଲ୍ଲୀ,୩୧।୭**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଆବଟ୍ ଏବଂ ୱାଇଆର୍‌ଜି କେୟାର ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ନିକଟରେ ସ୍ଥାପନ ହୋଇଛି। ଏପରିକି ଉଭୟ ସଂସ୍ଥାର ମିଳିତ ସହଯୋଗରେ ଏଚ୍‌ଆଇଭିର ସଂକ୍ରମଣକୁ ରୋକିବାରେ ସାହାଯ୍ୟ କରିବା ପାଇଁ ଉତ୍ସର୍ଗୀକୃତ ଦୁଇଟି ନୂତନ ସେଣ୍ଟରର ଶୁଭାରମ୍ଭ କରାଯାଇଛି। ବିଶେଷ କରି ଏହି ପଦକ୍ଷେପ ଏଚ୍‌ଆଇଭି କିମ୍ବା ଅନ୍ୟାନ୍ୟ ପରିଚିତ ଓ ନୂତନ ସଂକ୍ରାମକ ରୋଗଗୁଡ଼ିକରେ ସଂକ୍ରମିତ ହୋଇଥିବା କିମ୍ବା ଏଥିପ୍ରତି ଅତ୍ୟଧିକ ସମ୍ବେଦନଶୀଳ ଥିବା ଲୋକମାନଙ୍କ ପାଇଁ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ କରିବ। ଏପରିକି ଆସନ୍ତା ୧ ବର୍ଷ ମଧ୍ୟରେ ୨୫୦୦ରୁ ଅଧିକ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିବା ପାଇଁ ସେଣ୍ଟର ଲକ୍ଷ୍ୟ ରଖିଛି। ୱାଇଆର୍‌ଜି କେୟାରର ଅଧ୍ୟକ୍ଷ ସୁନୀଲ ସୋଲୋମନ କହିଛନ୍ତି, ଆବଟ୍ ସହ ଏହି ସହଭାଗିତା ବିଦ୍ୟମାନ ମହାମାରୀଗୁଡ଼ିକୁ ଚିହ୍ନଟ କରିବା ଓ ତାହାକୁ ରୋକିବା କ୍ଷେତ୍ରରେ ଘରୋଇ-ସାର୍ବଜନିନ ସହଭାଗିତା ସୃଷ୍ଟି କରିପାରୁଥିବା ପ୍ରଭାବର ଏକ ପ୍ରମାଣ ହୋଇଥିଲାବେଳେ ସେଣ୍ଟରଗୁଡ଼ିକରେ ପରୀକ୍ଷଣ ସେବାର ବ୍ୟବସ୍ଥା ନୂଆ ଷ୍ଟ୍ରେନ୍ ଓ ଚିକିତ୍ସା ପାଇଁ ଆବଶ୍ୟକତା ସମ୍ପର୍କରେ ସୂଚିତ କରିବାରେ ସାହାଯ୍ୟ କରିବ। ଆବଟ୍‌ର ଡାଇଗ୍ନୋଷ୍ଟିକ ବିଜ୍‌ନେସ୍ ଇନ୍‌ଫେକ୍ସିୟସ ଡିଜିଜ୍ ରିସର୍ଚ୍ଚ ବିଭାଗର ମୁଖ୍ୟ ଡା. ଗାଭିନ୍ କ୍ଲୋହେର୍ଟି କହିଛନ୍ତି, ଏହି ସେଣ୍ଟରଗୁଡ଼ିକ ସଂସ୍ଥାଗୁଡ଼ିକର ଏକ ଅନ୍ତର୍ଜାତୀୟ ନେଟ୍‌ୱର୍କରେ ଯୋଗଦେଇଛନ୍ତି, ଯାହା ଭାଇରାଲ ସର୍ଭେଲାନ୍ସ ଉପରେ ଗୁରୁତ୍ୱ ଦେଉଛି ଏବଂ ଆବଟ୍ ପାନ୍‌ଡେମିକ ଡିଫେନ୍ସ କୋଆଲିସନ ମାଧ୍ୟମରେ ପରବର୍ତ୍ତୀ ମହାମାରୀକୁ ରୋକିବାରେ ସାହାଯ୍ୟ କରୁଛି। ଆମେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ୱାଇଆର୍‌ଜି କେୟାର ସହ ଆମର ଦୀର୍ଘଦିନର ସହଭାଗିତା ଜାରି ରଖି ଗର୍ବିତ ଅନୁଭବ କରୁଛୁ।



ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ର ଇଣ୍ଡିଆ ହାଉସ୍ ଉଦ୍‌ଘାଟନୀ ସମାରୋହରେ ଫ୍ରାନ୍ସରେ ଭାରତର ରାଷ୍ଟ୍ରଦୂତ ଜାୱେଦ ଆଶ୍ରାଫ, ରିଲାଏନ୍ସ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ଏବଂ ଭାରତୀୟ ଡିଜାଇନର ମନୀଷ ମାଲହୋତ୍ରା ଓ ଅନ୍ୟମାନ ଉପସ୍ଥିତ ଅଛନ୍ତି।

# ଟିପିସିଓଡିଏଲ୍‌କୁ ଓଡ଼ିଶା ସିଏସ୍‌ଆର୍ ଆଣ୍ଡ ସଷ୍ଟେନେବିଲିଟି ଏକ୍ସଲେନ୍ସ ଆୱାର୍ଡ




**ଭୁବନେଶ୍ୱର,୩୧।୭**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)କୁ 'ସଷ୍ଟେନେବିଲିଟି ପ୍ରାକ୍ଟିସେସ୍ ଇନୋଭେଟର'ବର୍ଗରେ ଓଡ଼ିଶା ସିଏସ୍‌ଆର୍ ଆଣ୍ଡ ସଷ୍ଟେନେବିଲିଟି ଏକ୍ସଲେନ୍ସ ଆୱାର୍ଡ-୨୦୨୪ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଆସୋଚାମ୍‌ର ଓଡ଼ିଶା ରାଜ୍ୟ ଉନ୍ନୟନ ପରିଷଦ ପକ୍ଷରୁ ଆୟୋଜିତ ଏହି ସମ୍ମାନଜନକ ପୁରସ୍କାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ଏବଂ ଦୀର୍ଘସ୍ଥାୟିତ୍ୱ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ପ୍ରଦାନ କରିଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କୃତଜ୍ଞତା ଜ୍ଞାପନ କରି କହିଛନ୍ତି। ଏହି ପୁରସ୍କାର ପାଇ ଆମେ ଗର୍ବିତ, ଯାହା ଦୀର୍ଘସ୍ଥାୟିତ୍ୱ ଏବଂ ଗୋଷ୍ଠୀ ବିକାଶ ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ସ୍ଥାନୀୟ କାରିଗରମାନଙ୍କୁ ସଶକ୍ତ କରିବା ଏବଂ ପରିବେଶ ଅନୁକୂଳ ଅଭ୍ୟାସକୁ ଆଗେଇ ନେବା ପାଇଁ 'ସମୃଦ୍ଧି' ଭଳି ପଦକ୍ଷେପ ନିଆଯାଇଛି, ଯାହା ଦ୍ୱାରା ଏହି ଅଞ୍ଚଳର ଦୀର୍ଘସ୍ଥାୟୀ ସାମଗ୍ରିକ ବିକାଶ କରାଯାଇପାରିବ।

ଏହି ପରିପ୍ରେକ୍ଷୀରେ ଟିପିସିଓଡିଏଲ୍ ପକ୍ଷରୁ 'ସମୃଦ୍ଧି' କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷିତ ସ୍ଥାନୀୟ କାରିଗର ଓ କଳାକାରଙ୍କ ଦ୍ୱାରା ନିର୍ମିତ ପଟ୍ଟଚିତ୍ର-ତାଳପତ୍ର କାରୁକାର୍ଯ୍ୟ ଏବଂ ଡୋକ୍ରା ଧାତବ କଳାକୃତି ପ୍ରଦର୍ଶନ କରାଯାଇଥିଲା। ଟିପିସିଓଡିଏଲ ସିଏସ୍‌ଆର ଷ୍ଟଲ ପରିଦର୍ଶନ ସମୟରେ ମନ୍ତ୍ରୀ ପାରମ୍ପରିକ କଳାକୁ ପ୍ରୋତ୍ସାହିତ କରିବା ପାଇଁ ଟିପିସିଓଡିଏଲ୍‌ର ପଦକ୍ଷେପକୁ ପ୍ରଶଂସା କରିଥିଲେ। ସେହିଭଳି ଝୋଟ ଉତ୍ପାଦର ବ୍ୟବହାରକୁ ପ୍ରୋତ୍ସାହିତ କରି ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ଟିପିସିଓଡିଏଲ୍‌ର ଅଭିଯାନକୁ ମଧ୍ୟ ସେ ପ୍ରଶଂସା କରିଥିଲେ। ଟିପିସିଓଡିଏଲ୍ ସକାରାତ୍ମକ ପରିବର୍ତ୍ତନ ଆଣିବା ଏବଂ ନିରନ୍ତର ବିକାଶ ଓ ଗୋଷ୍ଠୀ ସଶକ୍ତୀକରଣର ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛି।

# ଅବସରକାଳୀନ ଯୋଜନା ଶୀଘ୍ର ଆରମ୍ଭ କରିବା ଆବଶ୍ୟକ

**ନୂଆଦିଲ୍ଲୀ,୩୧।୭**



ଗୌରବ ପରିଜା

ଦୈନନ୍ଦିନ ଜୀବନର ବ୍ୟସ୍ତତା ମଧ୍ୟରେ ଆର୍ଥିକ ସୁରକ୍ଷା ଓ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ନିଜର ଅବସରକାଳୀନ ଯୋଜନାକୁ ଶୀଘ୍ର ଆରମ୍ଭ କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏପରିକି ଶୀଘ୍ର ଅବସର ଯୋଜନାର ମହତ୍ତ୍ୱକୁ ଗୁରୁତ୍ୱ ଦେଇ ବନ୍ଧନ ଏଏମ୍‌ସିର ସେଲ୍‌ସ ଆଣ୍ଡ ମାର୍କେଟିଂ ବିଭାଗର ମୁଖ୍ୟ ଗୌରବ ପରିଜା କହିଛନ୍ତି, ଜୀବନର ଆକାଂକ୍ଷା ବଢ଼ିବା ସହ ଆମମାନଙ୍କ ମଧ୍ୟରୁ ଅନେକ ଏକ ସ୍ଥାୟୀ ଆୟ ବିନା ଦୀର୍ଘ ଅବସରର ବିସ୍ତୃତ ଦିଗଗୁଡ଼ିକର ସମ୍ମୁଖୀନ ହେଉଛନ୍ତି। ଆଶ୍ଚର୍ଯ୍ୟଜନକ ଭାବେ ପ୍ରତି ୩ ଭାରତୀୟଙ୍କ ମଧ୍ୟରୁ ଜଣେ ବିଶ୍ୱାସ କରନ୍ତି ଯେ ସେମାନଙ୍କର ସଞ୍ଚୟ ଅବସରର ୫ବର୍ଷ ମଧ୍ୟରେ ଶେଷ ହୋଇଯିବ। ଏହାକୁ ଏଡ଼ାଇବା ପାଇଁ ଜୀବନର ଆକାଂକ୍ଷାଗୁଡ଼ିକ ପାଇଁ ଉତ୍ତରଦାୟୀ ହେବା ଏବଂ ସେହି ଅନୁଯାୟୀ ଶୀଘ୍ର ଅବସର ଯୋଜନା ଆରମ୍ଭ କରିବା ଗୁରୁତ୍ୱପୂର୍ଣ୍ଣ। ଶୀଘ୍ର ଆରମ୍ଭ କରିବା ଦ୍ୱାରା ତାହା କେବଳ ଦୀର୍ଘାବଧିର ସଞ୍ଚୟ ପାଇଁ ଅନୁମତି ଦିଏ ନାହିଁ ବରଂ ଏକ ଅବସରକାଳୀନ ରଣନୀତି ପ୍ରସ୍ତୁତ କରିବାରେ ମଧ୍ୟ ସାହାଯ୍ୟ କରିଥାଏ, ଯାହା ଆପଣଙ୍କର ବର୍ତ୍ତମାନର ଜୀବନଶୈଳୀ ଓ ଭବିଷ୍ୟତର ଆକାଂକ୍ଷାଗୁଡ଼ିକ ସହ ମେଳ ଖାଉଥିବ। ଆପଣ ୨୦ ଓ ୩୦ ବର୍ଷ ବୟସଙ୍କର ଆର୍ଥିକ ଦାୟିତ୍ୱଗୁଡ଼ିକ ନୂଆ ଖର୍ଚ୍ଚ ଓ ଦାୟିତ୍ୱ ସହିତ ଆସିଥାଏ। ଏହି ବୟସରେ ଅବସର ଯୋଜନା ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ନିଜ ଉପରେ ଅତ୍ୟଧିକ ଆର୍ଥିକ ବୋଝ ନ ପକାଇବା ମଧ୍ୟ ଜରୁରୀ ହୋଇଥାଏ। ଫଳରେ ଆପଣ ଜୀବନର ପ୍ରତ୍ୟେକ ଖୁସିକୁ ହାତଛଡା କରିବେ ନାହିଁ। ଶୀଘ୍ର ଆରମ୍ଭ କରି ଆପଣ ଅଳ୍ପରୁ ଆରମ୍ଭ କରିପାରିବେ ଏବଂ ନିୟମିତ ଓ ନିରନ୍ତର ସଞ୍ଚୟର ଏକ ଅଭ୍ୟାସ ବିକଶିତ କରିବା ସହିତ ଏକାଧିକ ଲକ୍ଷ୍ୟକୁ ସନ୍ତୁଳିତ ରଖିପାରିବେ। ଅବସରକାଳୀନ ଯୋଜନା କ୍ଷେତ୍ରରେ ପ୍ରାୟତଃ ଅଣଦେଖା କରାଯାଉଥିବା ଏକ କାରକ ହେଉଛି ମୁଦ୍ରାସ୍ଫୀତି। ଏହା ଆପଣଙ୍କ ସଞ୍ଚୟକୁ ସମୟକ୍ରମେ ନଷ୍ଟ କରିଥାଏ ଅର୍ଥାତ୍ ଆପଣଙ୍କ ଅର୍ଥର କ୍ରୟ ଶକ୍ତିକୁ ଏହା ହ୍ରାସ କରିଥାଏ।


# Classified Everyday

**0674-2580101, 2549949**



**REAL ESTATE**

**SALE**

ଖୋର୍ଦ୍ଧାରେ ପିଚୁରୋଡ୍‌କୁ ଲାଗି ମାତ୍ର ୪୦୦ ଟଙ୍କାରେ ପ୍ଲଟ୍ ମିଳୁଛି। Near Bajpur Market, Near GIET Engineering College. Contact- 9090811926. D-894

ଭୁବନେଶ୍ୱର ନଖରା Sum-2, Grandbazar ନିକଟରେ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। Contact- 9178660666. D-900

**SC plot sale at Bagchi Cancer Hospital backside- 2000sqft.- 30,00,000. 6372753860.** D-75972

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-896




Newly open health benefits spa by expert therapist. Contact: 6371861658. D-76139

**Relax, Refresh your body, mind at Saikrupa Spa with best therapies. 8984068077.** D-883

Kerala body Massage best Therapist Bhubaneswar. 9337672475. D-849

ଫୁଲ୍ ବଡି ମସାଜ (ଦେଶୀ ମୋଡ଼ାଘଷା) **only ladies. 9827119799.** D-847

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LOST**

I, Laxmipriya Nayak, W/o- Chakradhar Nayak, R/o- Jaybharat Nagar, Satyabhamapur, Balianta, Khordha have lost my Original Patta bearing Mouza- Gotalgram, Khata- 248/699, Plot No.- 23/1242, Area- Ac 0.035 Dec. If anybody finds this please contact on Mob No- 8327738076. D-898

**AFFIDAVIT**

I, Chandan kumar Sahoo alias Tapas Kumar Sahoo(23), S/o- Sudhakar Sahoo, Vill/P.O.- Korua, P.S.- Dhusuri, Dist.- Bhadrak. My name is mentioned Chandan Kumar Sahoo in my LIC Policy bearing No- 585395931. But my actual name is Tapas Kumar Sahoo as per my Aadhaar Card. I declare that Chandan Kumar Sahoo and Tapas Kumar Sahoo same and one person. D-899

By virtue of an affidavit sworn before Advocate, dated 20 July 2019, I, Alok Parida, Address At-Habalaganda, Post-Dashipur, Sub District.- Rajkanika, District.-Kendrapara, State- Odisha, PIN-754219 declare that I have changed my name from Amiya Parida to Alok Parida. Henceforth, I shall be known as Alok Parida for all purposes. D-895

I, Bhabani Sankar Sahu, S/o- Late Biswanath Sahu, resident of Flat No.- 201, 2nd Floor, Meena Kiran Retreate 12/A, Cantonment Road, P.O.- Buxibazar, P.S.- Cantonment, Dist.- Cuttack, PIN- 753001, Odisha declare by this affidavit No.-4 dt. 29.07.2024. That now onwards I shall be known as Bhabani Shankar Sahu all future purposes. D-892

I, Mohini Sahu, W/o- Bhabani Shankar Sahu, resident of Flat No.- 201, 2nd Floor, Meena Kiran Retreate 12/A, Cantonment Road, P.O.- Buxibazar, P.S.- Cantonment, Dist.- Cuttack, PIN- 753001, Odisha declare by this affidavit No.-5 dt. 29.07.2024. That now onwards I shall be known as Mohini Sahoo all future purposes. D-891

I, Arati Rout alias Pritirekha Raut (36), W/o- Gautam Raut, Vill- Baikunthapur, P.O.- Brahmangaon, P.S.- Basudevpur, Dist.- Bhadrak. My name is mentioned Arati Rout in my LIC Policy bearing No.- 585931514. But my actual name is Pritirekha Raut as per my Aadhaar Card. I declare that Arati Rout and Pritirekha Raut same and one person. D-893

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**୧୩ତମ ଜନ୍ମଦିନ ଶୁଭେଚ୍ଛା**



**ଆୟୁଷ ରକ୍ଷତ ଲେଙ୍କା**

ତୋର ଶୁଭ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ: ଲିକୁ, ମାମା, ସୁରେଶ, ଅଞ୍ଜନ, ପିକୁ।

ଧ-୮୯୭

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.comରେ ଇମେଲ୍ କରନ୍ତୁ।


# ୱାନ୍ ପ୍ଲସ୍‌ର ନୂତନ ଉତ୍ପାଦ




**ନୂଆଦିଲ୍ଲୀ,୩୧।୭**

ଦେଶର ପ୍ରମୁଖ ବୈଦ୍ୟୁତିକ ସାମଗ୍ରୀ ଉତ୍ପାଦକ ତଥା ଅନ୍ତଃରାଷ୍ଟ୍ରୀୟ ଟେକ୍ନୋଲୋଜି ବ୍ରାଣ୍ଡ ୱାନ୍ ପ୍ଲସ୍‌ର ନୂତନ ଉତ୍ପାଦ ' ୱାନ୍ ପ୍ଲସ୍ ନର୍ଡ ୪ ଏବଂ ୱାନ୍ ପ୍ଲସ୍ ପଡ୍ ୨'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ନୂତନ ଉତ୍ପାଦରେ ଅନେକ ପ୍ରକାର ସୁବିଧା ଓ ଫିଚର ସାମିଲ ରହିଛି। ସେହିଭଳି ୨୦୨୪ ଅଗଷ୍ଟ ପ୍ରଥମ ସପ୍ତାହରୁ ଭାରତୀୟ ବଜାରରେ ଉଭୟ ୱାନ୍ ପ୍ଲସ୍ ନର୍ଡ ୪ ଏବଂ ୱାନ୍ ପ୍ଲସ୍ ପଡ୍୨ ସମସ୍ତ ଅଗ୍ରଣୀ ରିଟେଲ ଆଉଟ୍‌ଲେଟ୍ ସମେତ ଇ-କର୍ମସ ପ୍ଲାଟ୍‌ଫର୍ମ ଓ ୱାନ୍ ପ୍ଲସ୍‌ର ସମସ୍ତ ସୁବିଧା କେନ୍ଦ୍ରରେ ଉପଲବ୍ଧ ହେବ।

# ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୩୧।୭**

କ୍ରମାଗତ ୪ର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୮୬ (୨୮୫.୯୪) ପଏଣ୍ଟ ବଢ଼ି ୮୧,୭୪୧ (୮୧,୭୪୧.୩୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୯୪ (୯୩.୮୫) ପଏଣ୍ଟ ବୃଦ୍ଧି ଘଟି ୨୪,୯୫୧(୨୪,୯୫୧.୧୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ଭାଉଜଙ୍କୁ ବଳାତ୍କାର, ଦିଅର ଗିରଫ

ପାଲଲହଡ଼ା,୩୧।୭ (ଦିବ୍ୟଜ୍ୟୋତି ଦାଶ)

ଭାଉଜଙ୍କୁ ବଳାତ୍କାର ଅଭିଯୋଗରେ ବୁଧବାର ଗିରଫ ହୋଇଛନ୍ତି ଦିଅର। ଅନୁଗୋଳ ଜିଲା ପାଲଲହଡ଼ା ଥାନା ଅଞ୍ଚଳରେ ଶନିବାର ରାତିରେ ଏହି ଘଟଣା ଘଟିଛି। ପୋଲିସ କହିଛି, ଗତ ୨୭ ତାରିଖ ରାତିରେ ସମ୍ପୃକ୍ତା ମହିଳା ନିଜ ରୁମ୍‌ରେ ସ୍ୱାମୀଙ୍କ ସହିତ ଶୋଇଥିଲେ। ରାତି ପ୍ରାୟ ୩ଟା ବେଳେ ସେ ପରିସ୍ରା ଯିବା ପାଇଁ ବାହାରକୁ ଆସିଥିଲେ। ଏହି ସମୟରେ ଦିଅର ତାଙ୍କ ପାଟିରେ ହାତଦେଇ ନିଜ ରୁମକୁ ନେଇ ବଳାତ୍କାର କରିଥିଲେ। ଏକଥା କାହାକୁ କହିଲେ ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ଏହି ସମୟରେ ମହିଳାଙ୍କ ସ୍ୱାମୀ ଉଠିପଡି ପାଖରୁମ୍‌କୁ ଆସି ଅଭିଯୁକ୍ତଙ୍କୁ ଧରିଥିଲେ। ମହିଳା ଜଣଙ୍କ ଏ ନେଇ ଗତ ୩୦ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବଜ୍ରପାତରେ ଯୁବତୀଙ୍କ ମୃତ୍ୟୁ

କାମାକ୍ଷାନଗର,୩୧।୭ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ ଥାନା ତାରିଣୀପସି ଗ୍ରାମର ଯୁବତୀ ଦଶମା ସୋରେନ (୨୩)ଙ୍କ ବୁଧବାର ମଧ୍ୟାହ୍ନରେ ବଜ୍ରପାତ ଯୋଗୁ ମୃତ୍ୟୁ ହୋଇଛି। ଦଶମା ଗ୍ରାମ ନିକଟ ବିଲରେ ଧାନ ରୁଆ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ବିସ୍ଫୋରକ ସାମଗ୍ରୀ ସହ ୪ ମାଓବାଦୀ ଗିରଫ

ମାଲକାନଗିରି, ୩୧।୭(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲା ପୋଲିସ ବୁଧବାର ବିସ୍ଫୋରକ ସହ ୪ ମାଓବାଦୀଙ୍କୁ ଗିରଫ କରିଛି। ଡିଆର୍‌ଜି ବାହିନୀ ଓ ଆବାପାଲ୍ଲୀ ଥାନା ପୋଲିସ ମିଳିତ ଭାବେ ଆବାପାଲ୍ଲୀ ଅଞ୍ଚଳରେ କୋମ୍ବିଂ କରୁଥିବା ସମୟରେ ପୁନ୍ନୁର ଅଞ୍ଚଳରୁ ମହେନ୍ଦ୍ର ଇରପା, ଜଗା ମିଡିୟମ, ରାକେଶ ସୋଡି ଓ ଧର୍ମେନ୍ଦ୍ର ଇରପାଙ୍କୁ ଗିରଫ କରିଥିଲେ। ଏମାନଙ୍କ ନିକଟରୁ କେତେକ ବିସ୍ଫୋରକ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ପୋଲିସ ଓ ସୁରକ୍ଷା ବାହିନୀଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଏହି ବିସ୍ଫୋରକ ସାମଗ୍ରୀ ନେଉଥିବା ଗିରଫ ମାଓବାଦୀମାନେ କହିଛନ୍ତି। ଏହି ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଜାପୁର ପୋଲିସ ସୂଚନା ଦେଇଛି।

## ୫ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୩୧।୭(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲା ପୋଲିସ ନିକଟରେ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମାଓବାଦୀଙ୍କ ସହ ୫ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଡିଏକେଏମ୍‌ଏସ୍ ଅଧ୍ୟକ୍ଷ ତଥା ୧ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ମାଙ୍ଗୁ ପୋଡାମ, ପାଇକୁ ତେଲା. ମୀନା ତେଲାମ, ରାଜୁ ତେଲାମ ଓ ମଲ୍ଲେକ ପୋଡାମ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏମାନେ କହିଛନ୍ତି, ମାଓବାଦୀଙ୍କ ମଧ୍ୟରେ ଭେଦଭାବ ଚାଲିଥିବାରୁ ସେଥିରେ ସେମାନେ ଅତିଷ୍ଠ ହେବା ସହ ସରକାରଙ୍କ ଶାସନ ଓ ନୀତିରେ ପ୍ରଭାବିତ ହୋଇ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ବିଜାପୁର ପୋଲିସ ପକ୍ଷରୁ ୫ ଜଣଙ୍କୁ ୨୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବା ସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦିଆଯିବ।

# ପାରାଦୀପ ଇଲିଶି, ବାଳକାଟୀ ଖାସି ମାଗୁଥିଲେ

### ଜେଲ ଗଲେ ଜଟଣୀ ବ୍ଲକ୍ ସହକାରୀ ଯନ୍ତ୍ରୀ

ଭୁବନେଶ୍ୱର,୩୧।୭(ସତ୍ୟଜିତ୍ ରାଉତ)

ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ୍ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ (ଏଇ) ନିବେଦିତା ମହାନ୍ତିଙ୍କ ଗୁମର ଫିଟିବାରେ ଲାଗିଛି। ଯେ କୌଣସି ଫାଇଲରେ ଦସ୍ତଖତ ହେଉ କିମ୍ବା ବିଲ୍ ପାସ୍, ଏଥିପାଇଁ ନିବେଦିତାଙ୍କ ଏକାଧିକ ଦାବି ରହୁଥିଲା। ସେ ବାଳକାଟୀ ମଟନ, ପାରାଦୀପ ଇଲିଶି, ଦୟାନଦୀର ଛଟା ଚିଙ୍ଗୁଡ଼ି ଓ ଗୋଟା ପୋହଳା ମାଛ ଦାବି କରୁଥିଲେ। ଏପରିକି ଦେଶୀ ପରିବା ମଧ୍ୟ ଠିକାଦାରମାନଙ୍କୁ ଆଣିବାକୁ କହୁଥିଲେ। ପ୍ରଥମେ ଦେଶୀ ଆମିଷ ବରାଦ୍ ଦେଇ ପରେ ଠିକାଦାରମାନଙ୍କୁ ବଡ଼ ପରିମାଣର ଲାଞ୍ଚ ମାଗୁଥିଲେ। ଅଭିଯୋଗକାରୀ ଠିକାଦାର କିରଣ କୁମାର ପ୍ରଧାନଙ୍କ ସମେତ ଅନ୍ୟ କେତେଜଣ ଠିକାଦାର ଗଣମାଧ୍ୟମ ଜରିଆରେ ନିବେଦିତାଙ୍କ ଏଭଳି ଗୁମର ଖୋଲିବା ପରେ ଏହାକୁ ନେଇ ଚର୍ଚ୍ଚା ଲାଗିରହିଛି। ଅଭିଯୁକ୍ତା ନିବେଦିତାଙ୍କୁ ଭିଜିଲାନ୍ସ ପକ୍ଷରୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର


ନିବେଦିତା ମହାନ୍ତି

ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଜଟଣୀ ବ୍ଲକ୍ କନ୍ତିଆ ପଞ୍ଚାୟତର ଠିକାଦାର କିରଣ ଏକ ସରକାରୀ କାମ କରିଥିଲେ। ଏହାର ବିଲ୍ ପାସ୍ କରିବା ପାଇଁ ନିବେଦିତା ଦିନ ଗଡ଼ାଇ ଚାଲିଥିଲେ। କିଛିଦିନ ତଳେ ନିବେଦିତାଙ୍କ ଦାବି ଅନୁଯାୟୀ ତାଙ୍କୁ କିରଣ ପୋହଳା ମାଛ ଓ ଚିଙ୍ଗୁଡ଼ି ଦେଇଥିଲେ। ହେଲେ ବିଲ୍ ପାସ୍ କରିବାକୁ ନିବେଦିତା ଲକ୍ଷେ ଟଙ୍କାରୁ ଊର୍ଦ୍ଧ୍ୱ ଲାଞ୍ଚ ମାଗିଥିଲେ। ପରେ ଏଥିପାଇଁ ନିବେଦିତା ୫୦ ହଜାର ଟଙ୍କା ନେବେ ବୋଲି କଥା ଛିଡ଼ିଥିଲା। ଏନେଇ ଭିଜିଲାନ୍ସ ନିକଟରେ କିରଣ ଅଭିଯୋଗ କରିଥିଲେ। ମଙ୍ଗଳବାର ରାତିରେ ଖଣ୍ଡଗିରିସ୍ଥିତ ବାସଭବନରେ ଟଙ୍କା ନେବାବେଳେ ନିବେଦିତାଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୬/୨୦୨୪) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

# ଫେରାର୍ ବିଚାରାଧୀନ ବନ୍ଦୀ ଧରାପଡ଼ିଲେ

### ନାବାଳିକାଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତ ଥିଲେ

ବରଗଡ଼,୩୧।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ କୋର୍ଟ ଫାଟକ ନିକଟରୁ ବୁଧବାର ଫେରାର୍ ଉଦ୍ୟମ କରୁଥିବା ବିଚାରାଧୀନ ବନ୍ଦୀ ବାବାଜୀ ଛୁରିଆ(୨୩) ପୋଲିସ ହାତରେ ଧରାପଡ଼ିଛନ୍ତି। ସ୍ଥାନୀୟ ଏକ ଘରୋଇ ସ୍କୁଲ ଛାତ ଉପରେ ସେ ଲୁଚି ରହିଥିବାବେଳେ ପୋଲିସ ତାଙ୍କୁ କାବୁ କରିଛି। ସୂଚନା ଅନୁଯାୟୀ, ବରଗଡ଼ ସଦର ଥାନା ଅନ୍ତର୍ଗତ ସୟାଁ ଗ୍ରାମର ବାବାଜୀଙ୍କ ବିରୋଧରେ ୨୦୨୧


ଅଭିଯୁକ୍ତ ବାବାଜୀ ଛୁରିଆ

ଅଗଷ୍ଟ ୩ ତାରିଖରେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଏବ ମାମଲା (ନଂ. ୨୦୪/୨୧) ରୁଜୁ ହୋଇଥିଲା। ସଦର ଥାନା ପୋଲିସ ତାଙ୍କୁ ସେହି ବର୍ଷ ସେପ୍ଟେମ୍ବର ୯ ତାରିଖରେ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବା ପରେ ସେହିଦିନଠାରୁ ସେ ବରଗଡ଼ ସବଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ବୁଧବାର ମଧ୍ୟାହ୍ନରେ ପୋଲିସ ବାବାଜୀଙ୍କ ସମେତ ୧୫ଜଣ ବିଚାରାଧୀନ ବନ୍ଦୀଙ୍କୁ କୋର୍ଟରେ ହାଜର କରିବା ପାଇଁ ଏକ ଗାଡ଼ିରେ କୋର୍ଟ ପରିସରକୁ ଆଣିଥିଲେ। ସେତେବେଳେ ୧୨ଜଣିଆ ପୋଲିସ ଟିମ୍ ମଧ୍ୟ ନିୟୋଜିତ ଥିଲେ। କିନ୍ତୁ ବାବାଜୀ ପୋଲିସ ଆଖିରେ ଧୂଳି ଦେଇ କୌଶଳକ୍ରମେ କୋର୍ଟ ଫାଟକରୁ ଚମ୍ପଟ୍ ମାରିଥିଲେ। ପୋଲିସ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ସ୍ଥାନୀୟ ଏକ ଘରୋଇ ସ୍କୁଲ ଛାତ ଉପରେ ଲୁଚିଥିବା ଅବସ୍ଥାରେ ଠାବ କରିବା ସହିତ ଗିରଫ କରିଥିଲା। ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଅବସରପ୍ରାପ୍ତ ଟ୍ୟାକ୍ସ କଲେକ୍ଟରଙ୍କୁ ୨ବର୍ଷ ଜେଲ

### ମୃତ ବ୍ୟକ୍ତିଙ୍କ ନାଁରେ ଭତ୍ତା ହଡ଼ପ

ବ୍ରହ୍ମପୁର,୩୧।୭( ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ବୁଧବାର ଏକ ସରକାରୀ ଅର୍ଥ ଆତ୍ମସାତ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ୨୦୦୬ରେ ଜଣେ ମୃତ ବ୍ୟକ୍ତିଙ୍କ ନାଁରେ ଭତ୍ତା ହଡ଼ପ ମାମଲାରେ ବ୍ରହ୍ମପୁର ପୌରପାଳିକାର ଅବସରପ୍ରାପ୍ତ ଟ୍ୟାକ୍ସ କଲେକ୍ଟରଙ୍କୁ ଲାଞ୍ଜିପଲ୍ଲୀ ରାମନଗରର ଯୋଗୀ ବେହେରା(୭୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୭ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ମାସ ସଶ୍ରମ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାରୁ ପ୍ରକାଶ, ବ୍ରହ୍ମପୁର ପୌରପାଳିକାର ଟ୍ୟାକ୍ସ କଲେକ୍ଟର ଥିବା ବେଳେ ଯୋଗୀ ୨୦୦୩ରୁ ୨୦୦୬ ମଧ୍ୟରେ କେତେଜଣଙ୍କଠାରୁ ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ବିଧବା ଭତ୍ତା ଦେବା ପାଇଁ ଟଙ୍କା ନେଇଥିଲେ। ସେଥିମଧ୍ୟରୁ ୨୯, ୫୦୦ଟଙ୍କା ସେ ପୂର୍ବରୁ ମରିଯାଇଥିବା ଲୋକଙ୍କ ନାମରେ ଉଠାଣ କରିଥିଲେ। ଏ ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ବ୍ରହ୍ମପୁର ଭିଜିଲାନ୍ସ ନଂ.୧୯/୨୦୦୬ରେ ମାମଲା ରୁଜୁ କରି ତଦନ୍ତ କରିବା ପରେ ମୃତ ବ୍ୟକ୍ତିଙ୍କ ନାମରେ ଟ୍ୟାକ୍ସ କଲେକ୍ଟର ଟଙ୍କା ହଡ଼ପ କରିଥିବା ଜଣାପଡିଥିଲା। ତାଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ ଦାଖଲ ହୋଇଥିଲା। ଦୀର୍ଘ ୧୮ବର୍ଷ ହେଲା ଏହାର ବିଚାର ଚାଲିଥିବା ବେଳେ ମୋଟ ୧୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଜଜ୍ ଯୋଗୀଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ, ଅଭିଯୁକ୍ତ ଗିରଫ

ପାପଡ଼ାହାଣ୍ଡି, ୩୧।୭ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ମଇଦଲପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଫଟୋକୁ ଅଶ୍ଳୀଳକରି ଭାଇରାଲ କରିବା ଅଭିଯୋଗରେ ପୋଲିସ ଜଳେନ୍ଦ୍ର ହରିଜନ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ଜଳେନ୍ଦ୍ର ନାବାଳିକାଙ୍କ ଫଟୋକୁ ଅଶ୍ଳୀଳ ଏଡିଟିଂ କରିଥିଲେ। ଏକ ନୂଆ ସିମ୍ ଆଣି ହ୍ୱାଟ୍ସଆପ୍ ଗ୍ରୁପ୍ କରି ଉକ୍ତ ଫଟୋକୁ ସେଥିରେ ଛାଡ଼ିଥିଲେ। ୫୦ ହଜାର ଟଙ୍କା ନଗଦ ନ ହେଲେ ଉକ୍ତ ଫଟୋକୁ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଓ ଅନ୍ୟ ସମସ୍ତ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରି ଭାଇରାଲ କରିଦେବାକୁ ଅଭିଯୁକ୍ତ ନାବାଳିକାଙ୍କୁ ଧମକ ଦେଇଥିଲେ। ନାବାଳିକା ଜଣଙ୍କ ଘଟଣା ସମ୍ପର୍କରେ ପରିବାରକୁ ଜଣାଇଥିଲେ। ତାଙ୍କ ବାପାଙ୍କୁ ମଧ୍ୟ ଜୀବନରେ ମାରିଦେବାକୁ ଅଭିଯୁକ୍ତ ଧମକ ଦେଇଥିଲେ। ଏ ନେଇ ନାବାଳିକାଙ୍କ ମା' ବାପା ଜୁଲାଇ ୧୦ରେ ମଇଦଲପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମଇଦଲପୁର ଥାନାଧିକାରୀ ଯୋଗେଶ୍ୱର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ମଇଦଲପୁର ପୋଲିସର ଏକ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବୁଟୁ ନାମକ ଜଣେ ବୃଦ୍ଧଙ୍କୁ ପ୍ରଲୋଭନ ଦେଇ ତାଙ୍କ ଆଧାରକାର୍ଡ ନେଇଁ ନିକଟସ୍ଥ ଧନସୁଲି ଗ୍ରାମର ଏକ ଦୋକାନରୁ ନୂଆ ସିମ୍ ଆଣି ଅଭିଯୁକ୍ତ ଏସବୁ କାଣ୍ଡ ଭିଆଇଥିଲେ । ପୋଲିସ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଦେଖି ଅଭିଯୁକ୍ତଙ୍କ ସମ୍ପର୍କରେ ସ୍ପଷ୍ଟ ଭାବରେ ଜାଣିପାରିଥିଲା। ଜଳେନ୍ଦ୍ରଙ୍କୁ ମଙ୍ଗଳବାର ପୋଲିସ ଥାନାକୁ ଆଣିଥିଲା। ସେଠାରେ ଅଭିଯୁକ୍ତ ଦୋଷ ସ୍ୱୀକାର କରିଥିଲେ। ମଇଦଲପୁର ପୋଲିସ ଥାନା କେସ୍ ନମ୍ବର ୧୦୫/୨୪ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ନବମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

### ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ

ପଦ୍ମପୁର,୩୧।୭(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁରସ୍ଥିତ ସରକାରୀ ଅନ୍ୱେଷା ହଷ୍ଟେଲରେ ରହି ଘରୋଇ ସ୍କୁଲରେ ପାଠ ପଢୁଥିବା ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତ ଛାତ୍ର ହେଲେ ମେଲଛାମୁଣ୍ଡା ଥାନା ଝଙ୍କରପାଲି ଗ୍ରାମର ଚୂଡ଼ାମଣି କୁମ୍ଭାରଙ୍କ ୧୪ ବର୍ଷର ପୁଅ ପ୍ରିନ୍ସ କୁମ୍ଭାର। ତେବେ ପ୍ରିନ୍ସଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମାମୁ ପ୍ରକାଶ ମହାନନ୍ଦ ଅଭିଯୋଗ କରିଛନ୍ତି। ପରିବାର ପକ୍ଷରୁ ଉପଯୁକ୍ତ ତଦନ୍ତ ଦାବି କରୁଥିବା ବେଳେ ଖବର ଲେଖାହେବା ପର୍ଯ୍ୟନ୍ତ ଡାକ୍ତରଖାନାରେ ମୃତଦେହ ପଡିରହିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୯/୨୪) ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ଉଚ୍ଚପଦସ୍ଥ ଅଧିକାରୀ ପହଞ୍ଚି ପରିବାରବର୍ଗଙ୍କ ସହ ଆଲୋଚନା କରୁଛନ୍ତି।

ସୂଚନା ଅନୁସାରେ ପଦ୍ମପୁର କଲେଜ ରୋଡ୍‌ସ୍ଥିତ ଅନ୍ୱେଷା ହଷ୍ଟେଲରେ ରହି ପ୍ରିନ୍ସ ନବମ ଶ୍ରେଣୀରେ ପାଠ ପଢୁଥିଲେ। ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ପର୍ଶୁରାମ ଧରୁଆଙ୍କ କହିବା ଅନୁସାରେ ପ୍ରିନ୍ସ ମଙ୍ଗଳବାର ରାତି ଖାଇବା ନେଇ ରୁମ୍‌କୁ ଯାଇଥିଲେ। ପରେ ଟାଏଲେଟ ଯାଇ ଆଉ ଫେରିନଥିଲେ। ତେବେ ଅନ୍ୟ କେତେଜଣ ଛାତ୍ର ଯାଇ ଦେଖିବା ବେଳେ ଗୋଟିଏ ଲୁହାରଡ଼ରେ ଗାମୁଛା ଦେଇ ପ୍ରିନ୍ସ ଝୁଲୁଥିବା ଦେଖିଥିଲେ। ପରେ ତାଙ୍କୁ ପଦ୍ମପୁର ଉପଖଣ୍ଡ ସରକାରୀ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଟାଙ୍ଗିଆରେ ହାଣି ମହିଳାଙ୍କୁ ହତ୍ୟା: ଅଭିଯୁକ୍ତ ଗିରଫ

କୋକସରା,୩୧।୭ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

କଳାହାଣ୍ଡି ଜିଲା କୋକସରା ଥାନା ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଟାଙ୍ଗିଆରେ ହାଣି ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଥିବା ମହିଳା ହେଲେ କୋକସରା ଥାନା ମାଝିଗୁଡା ଗ୍ରାମର କାଳିନ୍ଦ୍ରୀ ତାଣ୍ଡି (୫୫)। ଏ ନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୬୦/୨୪) ରୁଜୁକରି ଅଭିଯୁକ୍ତ ପଡ଼ୋଶୀ ଶ୍ରୀକର ପୁଞ୍ଜି (୬୦)ଙ୍କୁ ଗିରଫ କରିଛି।

ସୂଚନା ମତେ କାଳିନ୍ଦ୍ରୀଙ୍କ ସ୍ୱାମୀ ଓ ପୁଅଙ୍କ ଦୀର୍ଘବର୍ଷ ହେବ ମୃତ୍ୟୁ ହୋଇସାରିଛି। ଝିଅକୁ ବିବାହ ଦେବା ପରେ ସେ କିଛିବର୍ଷ ହେବ ମାଝିଗୁଡ଼ା


ଗିରଫ ଶ୍ରୀକର ପୁଞ୍ଜି।

ଗ୍ରାମ ଘରେ ଏକୁଟିଆ ରହୁଥିଲେ। ସବୁଦିନ ଭଳି ବୁଧବାର ସକାଳେ ସେ ଗାଧୋଇ ଘରକୁ ଫେରିବା ବେଳେ ପୂର୍ବରୁ ବାଟରେ ଛକି ରହିଥିବା ଶ୍ରୀକର ଟାଙ୍ଗିଆରେ ତାଙ୍କ ମୁଣ୍ଡକୁ ହାଣି ଫେରାର ହୋଇଯାଇଥିଲେ। ଆକ୍ରମଣରେ କାଳିନ୍ଦ୍ରୀ ସେହିଠାରେ ଟଳିପଡ଼ିଥିଲେ। ସମ୍ପର୍କୀୟ ଲୋକେ ତାଙ୍କୁ କୋକସରା ଡାକ୍ତରଖାନା ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କାଳିନ୍ଦ୍ରୀଙ୍କ ପୁତୁରା ଜଳନ୍ଧର ତାଣ୍ଡି କୋକସରା ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଶ୍ରୀକର ଓ କାଳିନ୍ଦ୍ରୀଙ୍କ ମଧ୍ୟରେ ପାରିବାରିକ କଳହକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଛି ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା କୋକସରା ଥାନା ଅଧିକାରୀ ରୋନିତା ପ୍ରଧାନ ସୂଚନା ଦେଇଛନ୍ତି।

# ଚାକିରି ଦେବା ଆଳରେ ୨.୮୦ ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ

### ଅଭିଯୁକ୍ତ ଯୁବକ ଗିରଫ

ଭୁବନେଶ୍ୱର,୩୧।୭(ସତ୍ୟଜିତ୍ ରାଉତ)

ଚାକିରି ଦେବା ଆଳରେ ବହୁ ଯୁବକଙ୍କଠାରୁ ୨.୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିନେଇଥିବା ଅଭିଯୁକ୍ତଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ବୁଧବାର ଗିରଫ କରିଛି। ସମ୍ପୃକ୍ତ ଅଭିଯୁକ୍ତ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଜଗନ୍ନାଥ ନଗରରେ ରହୁଥିବା କଟକ ଜିଲା ବାଙ୍କୀ ଅଞ୍ଚଳର ରଞ୍ଜିତ ପଟ୍ଟନାୟକ (୨୯)। କୋର୍ଟଚାଲାଣ ପରେ ଅଭିଯୁକ୍ତ ରଞ୍ଜିତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଜଗନ୍ନାଥନଗରରେ ରହୁଥିବା କନ୍ଧମାଳ ଅଞ୍ଚଳର ଜ୍ୟୋତିପ୍ରକାଶ ଦଣ୍ଡସେନା ଏହି ମାମଲାର ଅଭିଯୋଗକାରୀ। ଏତଲା ଅନୁଯାୟୀ ଜ୍ୟୋତିପ୍ରକାଶଙ୍କ ସମେତ ୧୧ ଜଣ ଚାକିରୀ ଆଶାୟୀ ଠକେଇର ଶିକାର ହୋଇଥିଲେ। ସମସ୍ତଙ୍କୁ ଚାକିରି ଦେବାକୁ କହି ରଞ୍ଜିତ ଫସାଇଥିଲେ। ୨୦୨୩ ଜାନୁଆରୀ ୨୧ରେ ଜ୍ୟୋତିପ୍ରକାଶ ସମସ୍ତ


ଗିରଫ ଅଭିଯୁକ୍ତ ରଞ୍ଜିତ ପଟ୍ଟନାୟକ

ଚାକିରୀ ଆଶାୟୀଙ୍କଠାରୁ ୨ ଲକ୍ଷ ୮୦ ହଜାର ଟଙ୍କା ସଂଗ୍ରହ କରି ଫୋନ୍‌ପେ ଜରିଆରେ ରଞ୍ଜିତଙ୍କୁ ଦେଇଥିଲେ। ପଟିଆସ୍ଥିତ ଏକ ସିକ୍ୟୁରିଟି ଏଜେନ୍‌ସିରେ ଇନ୍‌ଫରମେଶନ୍ ଆସିଷ୍ଟାଣ୍ଟ ଚାକିରି ଦେବାକୁ କହି ରଞ୍ଜିତ ସମସ୍ତଙ୍କୁ ଫେକ୍ ଜବ୍ ଲେଟର୍ ଦେଇଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ଜ୍ୟୋତି ପ୍ରକାଶ ଥାନାରେ ଏତଲା ଦେଇଥିଲେ। ପୋଲିସ ମଙ୍ଗଳବାର ଏକ ମାମଲା (ନଂ. ୪୨୨/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ରଞ୍ଜିତ ଏଭଳି ଭାବେ ବହୁ ଯୁବକଙ୍କୁ ଠକିଥିବା ପୋଲିସ ସନ୍ଦେହ କରି ଅଧିକ ଖୋଳତାଡ଼ ଜାରି ରଖିଛି।

# ସ୍ତ୍ରୀଙ୍କୁ ମାଡ଼ମାରି ସ୍ୱାମୀ ବିଷ ପିଇଲେ

### ମୃତଦେହ ଜବତକଲା ପୋଲିସ

ଦିଗପହଣ୍ଡି,୩୧।୭ (ଅଶେଷ ନାଥ ମିଶ୍ର)

ମଦ ନିଶାରେ ସ୍ତ୍ରୀଙ୍କୁ ମାଡ଼ ମାରିବାରୁ ସ୍ତ୍ରୀ ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ପୋଲିସ ଭୟରେ ବିଷ ପିଇଦେଲେ ସ୍ୱାମୀ। ଏପରି ହୃଦୟବିଦାରକ ଘଟଣା ଗଞ୍ଜାମ ଜିଲା ଦିଗପହଣ୍ଡି ଅଞ୍ଚଳରେ ଘଟିଛି। ଦିଗପହଣ୍ଡି ବ୍ଲକ ଫାସିଗୁଡା ଗ୍ରାମ ମଝିସାହିର ଚୁନା ବିଷୋୟୀ ମଙ୍ଗଳବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ସ୍ତ୍ରୀ ସୁଷମାଙ୍କୁ ନିଶାସକ୍ତ ଅବସ୍ଥାରେ ନିସ୍ତୁକ ମାଡ଼ ମାରିଥିଲେ। ସୁଷମା ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ତେବେ ଏତଲା ହୋଇଥିବା ଜାଣିବା ପରେ ଚୁନା ମାନସିକ ଭାରସାମ୍ୟ ହରାଇ ଗିରଫଦାରି ଭୟରେ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ପ୍ରାଥମିକ ତଦନ୍ତ ପରେ ଦିଗପହଣ୍ଡି ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

ପ୍ରାୟ ୧୩ ବର୍ଷ ପୂର୍ବେ ଚୁନା ଗଞ୍ଜାମ ଜିଲା ପାଟପୁର ଥାନା ରଘୁନାଥପୁର ଗ୍ରାମର ସୁଷମାଙ୍କୁ ବିବାହ କରିଥିଲେ। ଚୁନାଙ୍କ ଗୋଟିଏ ପୁଅ ଓ ଝିଅ ଅଛନ୍ତି। ବିଭିନ୍ନ ସମୟରେ ଚୁନା ଅତ୍ୟଧିକ ମଦ୍ୟପାନ କରି ଘରକୁ ଆସି ନିଶାସକ୍ତ ଅବସ୍ଥାରେ ସୁଷମାଙ୍କୁ ମାରପିଟ କରୁଥିଲେ। ମଙ୍ଗଳବାର ଅପରାହ୍ନରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଉତ୍ତେଜିତ ହୋଇ ଚୁନା ଏକ ଧାରୁଆ ପନିକିରେ ସୁଷମାଙ୍କ ହାତ ଓ ମୁଣ୍ଡକୁ ଆଘାତ କରିବା ସହ କାମୁଡ଼ି ଖଣ୍ଡିଆ ଖାବରା କରିଦେଇଥିଲେ। ସୁଷମାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହେବା ପରେ ସେ ଦିଗପହଣ୍ଡି ଥାନାରେ ପହଞ୍ଚି ସ୍ୱାମୀଙ୍କ ବିରୋଧରେ ଏତଲା ଦେଇଥିଲେ। ପୋଲିସ ମାମଲା ନଂ. ୨୯୩/୨୪ ଅନୁଯାୟୀ ଅଭିଯୁକ୍ତ ଚୁନାଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲା। ଏକଥା ଜାଣିବା ପରେ ସୁଷମା ଥାନାରୁ ଫେରିବା ପୂର୍ବରୁ ଚୁନା କୀଟନାଶକ ପିଇ ଗ୍ରାମର ଏକ ଗୁହାଳରେ ପଡ଼ିରହିଥିଲେ। ରାତିରେ ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଅଚେତ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ଦିଗପହଣ୍ଡି ଥାନାକୁ ଖବର ଦେଇଥିଲେ। ବୁଧବାର ସକାଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# କାଠଯୋଡ଼ିରେ ମହିଳାଙ୍କୁ ଖୋଜୁଛି ଅଗ୍ନିଶମ ବାହିନୀ

### ନେତାଜୀ ସେତୁରେ ସ୍କୁଟି

କଟକ,୩୧।୭ (କାର୍ତ୍ତିକ ସାହୁ)

ନେତାଜୀ ସେତୁରେ ସ୍କୁଟିକୁ ଦେଖି ତନାଘନା କରିଛି ମର୍କତନଗର ଥାନା ପୋଲିସ। ଗାଡ଼ି ନମ୍ବର ପ୍ଲେଟ୍‌ରୁ ଆରୋହୀଙ୍କ ପରିଚୟ ମିଳିଛି। ସେ ହେଲେ କଟକ ନୂଆବଜାର ଅଞ୍ଚଳର ମମତା ସାହୁ। ହେଲେ ମମତା କୁଆଡ଼େ ଗଲେ ତାହାକୁ ନେଇ ପୋଲିସର ଚିନ୍ତା ବଢ଼ିଯାଇଛି। ପୋଲିସଠାରୁ ସୂଚନା ପାଇବା ପରେ ଅଗ୍ନିଶମ ବାହିନୀ କାଠଯୋଡ଼ି ନଦୀରେ ସକାଳୁ ଆରମ୍ଭ କରିଛି ସର୍ଚ୍ଚ ଅପରେଶନ। ତେବେ ବ୍ରିଜ୍ ଉପରେ ସ୍କୁଟିକୁ ରଖି ଦେଇ ସେ କାଠଯୋଡ଼ିକୁ ଡେଇଁ ପଡ଼ିଛନ୍ତି ନା କେଉଁଆଡ଼େ ଚାଲି ଯାଇଛନ୍ତି ତାହା ଏବେ ବି ସନ୍ଦେହରେ ରହିଛି।

ସୂଚନା ଅନୁସାରେ, ମମତା କଟକର ଏକ ଘରୋଇ ସ୍କୁଲରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଶିକ୍ଷକତା କରି ଆସୁଛନ୍ତି।


ମମତା ସାହୁ

ଓଡ଼ିଆ ବଜାରରେ ସେ ସ୍ୱାମୀ ଓ ପରିବାର ସହ ରହନ୍ତି। ମଙ୍ଗଳବାର ମମତା ସାହୁଙ୍କ ବାପାଙ୍କ ଶ୍ରାଦ୍ଧ ଥିବାରୁ ସ୍ୱାମୀଙ୍କ ସହ ସେ ନିକଟସ୍ଥ ତାଙ୍କ ବାପା ଘରକୁ ଯାଇଥିଲେ। ରାତି ପ୍ରାୟ ୯ଟାରେ ଉଭୟ ନିଜ ଘରକୁ ଫେରିଥିଲେ। ମାତ୍ର ବୁଧବାର ଭୋର ପ୍ରାୟ ୫ଟାରେ ପୋଲିସ ତାଙ୍କ ସ୍କୁଟିକୁ ନେତାଜୀ ସେତୁରୁ ଠାବ କରିଥିଲା। ଗାଡ଼ିରେ ଚାବି ଲାଗିଥିବାବେଳେ ନିକଟରେ ଚପଲ ରହିଥିଲା। ଏହାପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା ବୋଲି ମର୍କତନଗର ଥାନା ଆଇଆଇସି କମଳାକାନ୍ତ ଦାସ କହିଛନ୍ତି। ଅପରପକ୍ଷରେ ମମତାଙ୍କ ନିଖୋଜ ନେଇ ତାଙ୍କ ସ୍ୱାମୀ ତପନ ସାହୁ ଥାନାରେ ଏତଲା ଦେଇଥିବା ଆଇଆଇସି ଦାସ ସୂଚନା ଦେଇଛନ୍ତି। ଅପରପକ୍ଷରେ ମମତାଙ୍କ ପରିବାର ଲୋକେ ନେତାଜୀ ସେତୁ ଉପରେ ପହଞ୍ଚି ସ୍କୁଟିକୁ ଚିହ୍ନଟ କରିଛନ୍ତି। ମମତା ରାତି ପ୍ରାୟ ୩ଟାରେ ଘରୁ ସ୍କୁଟି ଧରି ବାହାରି ଯାଇଥିବା ଓ ସାଙ୍ଗରେ ମୋବାଇଲ ଫୋନ୍ ନେଇ ନ ଥିବା ତାଙ୍କ ପରିବାର ଲୋକେ ପୋଲିସକୁ କହିଛନ୍ତି। ମାତ୍ର ସ୍କୁଟି ରଖି ମମତା କୁଆଡ଼େ ଗଲେ ଓ ଏହା ପଛର କ'ଣ ରହସ୍ୟ ରହିଛି ସେନେଇ କେହି କିଛି କହିପାରୁ ନାହାନ୍ତି। ସନ୍ଧ୍ୟା ହୋଇଥିଲେ ମଧ୍ୟ ମମତାଙ୍କର କୌଣସି ସନ୍ଧାନ କାଠଯୋଡ଼ି ନଦୀରୁ ଅଗ୍ନିଶମ ବାହିନୀ ପାଇପାରିନାହିଁ। ନଦୀରେ ଭରା ପାଣି ଥିବାରୁ ତାହା ଆହୁରି ଅସୁବିଧା ସୃଷ୍ଟି କରୁଥିବା ଜିଲା ଅଗ୍ନିଶମ ବାହିନୀ ପକ୍ଷରୁ ଜଣାପଡିଛି।

# ୫ ହାତୀଦାନ୍ତ ଜବତ, ୭ ଗିରଫ

### ବିକ୍ରି ପାଇଁ ଡିଲ୍ ବେଳେ ଚଢ଼ାଉ

ବାରିପଦା, ୩୧।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଡିଭିଜନ ଅଧୀନ କପ୍ତିପଦା ରେଞ୍ଜ ଅଞ୍ଚଳରେ ହାତୀଦାନ୍ତ ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ ବନ ବିଭାଗ ଚଢ଼ାଉକରି ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫ଟି ହାତୀଦାନ୍ତ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ କପ୍ତିପଦା ଥାନା ଶାଳଚୁଆ ଅଞ୍ଚଳର ନଉରୁ ସିଂ(୭୦), ମହୁଲବରେଇର ବୀରଭଦ୍ର ସିଂ(୪୨), ମହୁଲପଙ୍ଖା ଗ୍ରାମର ନିତ୍ୟାନନ୍ଦ ଗାଗରାଇ(୨୭), ବାଲେଶ୍ୱର ଜିଲା ବରହମପୁର ଥାନା ଅଧୀନ ଯମୁନା ଗ୍ରାମର ନିରଞ୍ଜନ ବେହେରା(୪୬),


ଜବତ ହାତୀଦାନ୍ତ।

କାଦୁଆଣୀ ଗ୍ରାମର ଅଜୟ ବାରିକ(୪୪) ଏବଂ ଔପଦା ଥାନା ଅଧୀନ ବେଟେଇ ଗ୍ରାମର ସୁନୀଲ କୁମାର ହୋ(୨୯) ଓ ଉଦଳା ଥାନା ଗୋବରାଶୋଳ ଅଞ୍ଚଳର ସାମଲ ସିଂ(୩୫)।


ସୂଚନାଯୋଗ୍ୟ, ଶିମିଳିପାଳ ପାଦଦେଶରେ ଥିବା ଶାଳଚୁଆ ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମରେ ହାତୀଦାନ୍ତ ବିକ୍ରି ପାଇଁ ମୂଲଚାଲ ହେଉଥିବା ନେଇ ବନ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ାଙ୍କ ନେତୃତ୍ୱରେ ଏସିଏଫ, ରେଞ୍ଜର ଓ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ବୁଧବାର ମଧ୍ୟାହ୍ନରେ ଏହି ଚଢ଼ାଉକରି ହାତୀଦାନ୍ତ ଜବତ କରିବା ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଏହି ଘଟଣାରେ ଜଡିତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଧରିବା ପାଇଁ ବିଭାଗ ପକ୍ଷରୁ ପ୍ରୟାସ ଜାରି ରଖାଯାଇଛି। ଜବତ ହାତୀ ଦାନ୍ତଗୁଡ଼ିକ ଓ୍ୱୁଏଟିକୁ ପଠାଯିବ। ପରୀକ୍ଷା ନିରୀକ୍ଷା ପରେ ମୃତ ହାତୀମାନଙ୍କର ବୟସ ଜଣାପଡ଼ିବ। ଏ ସଂକ୍ରାନ୍ତରେ ୱାଇଲ୍ଡ ଲାଇଫ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ତେବେ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ଗୁରୁବାର ବାରିପଦା ବନଖଣ୍ଡ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ପ୍ରକାଶ କରାଯିବ ବୋଲି ଉପନିର୍ଦ୍ଦେଶକ ଗୌଡ଼ା କହିଛନ୍ତି। ଏତେଗୁଡ଼ିଏ ହାତୀଦାନ୍ତ ଜବତ ହେବା ପରେ ଶିମିଳିପାଳରେ ହାତୀ ସୁରକ୍ଷାକୁ ନେଇ ପ୍ରାଣୀପ୍ରେମୀମାନେ ପ୍ରଶ୍ନ ଉଠାଇଛନ୍ତି।

# ବଲିଉଡ୍‌ରେ ଚର୍ଚ୍ଚିତ ବିବାହ-ବିଚ୍ଛେଦ

ବଲିଉଡ୍‌ର ସେଲିବ୍ରିଟିମାନେ ଅଧିକାଂଶ ସମୟ ଚର୍ଚ୍ଚାରେ ରହିଥାଆନ୍ତି। କେବଳ ଅଭିନୟ ପାଇଁ ନୁହେଁ, ବ୍ୟକ୍ତିଗତ ଜୀବନର କିଛି ଘଟଣା ଆଲୋଚନାର ଶିରୋନାମା ପାଲଟିଥାଏ। ବିଶେଷଭାବରେ ବଲିଉଡ୍ ଷ୍ଟାର୍‌ଙ୍କ ଘରସଂସାର କରିବା ଖବରକୁ ନେଇ ବେଶ୍ ଆଲୋଚନା ହୁଏ। କିନ୍ତୁ ଏଭଳି କେତେକ ତାରକା ଅଛନ୍ତି, ଯେଉଁମାନଙ୍କ ବିବାହ ପରବର୍ତ୍ତୀ ସମୟରେ କେତେକ କାରଣରୁ ବିଚ୍ଛେଦରେ ପରିଣତ ହୋଇଛି। ସେଭଳି କେତୋଟି ପ୍ରମୁଖ ତଥା ଚର୍ଚ୍ଚିତ ବିବାହ-ବିଚ୍ଛେଦ ସମ୍ପର୍କରେ...


ସୁଜେନ-ହ୍ରିତିକ


ରୀନା-ଆମୀର


ଅମ୍ରିତା-ସୈଫ


କରିସ୍ମା-ସଞ୍ଜୟ


ମଲ୍ଲାଇକା -ଅରବାଜ


ରିୟା-ସଞ୍ଜୟ

**ହ୍ରିତିକ ରୋଶନ-ସୁଜେନ ଖାଁ**
ବଲିଉଡ୍‌ର ବିଶିଷ୍ଟ ପ୍ରଯୋଜକ ତଥା ନିର୍ଦ୍ଦେଶକ ରାକେଶ ରୋଶନଙ୍କ ପୁତ୍ର ହ୍ରିତିକ ଇତିମଧ୍ୟରେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିସାରିଛନ୍ତି। ୨୦୦୦ ମସିହାରେ ସେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ପିଲାଦିନର ସାଥୀ ତଥା ପରିଚିତା ଇଣ୍ଟେରିୟର ଡିଜାଇନର ସୁଜେନ୍ ଖାଁଙ୍କୁ ସେ ପତ୍ନୀ ଭାବେ ଗ୍ରହଣ କରିଥିଲେ। କିନ୍ତୁ ଏହି ବୈବାହିକ ଜୀବନ ମାତ୍ର ୧୪ ବର୍ଷ ସ୍ଥାୟୀ ହୋଇ ରହିଥିଲା। ୨୦୧୪ରେ ଦୁହେଁ ଡିଭୋର୍ସ ନେବାକୁ ସ୍ଥିର କରିଥିଲେ ଏବଂ ଆଇନ ଅନୁସାରେ ଅଲଗା ହୋଇଯାଇଥିଲେ। ଭରଣପୋଷଣ ବାବଦରେ ସୁଜେନଙ୍କୁ ହ୍ରିତିକ କେତେ ଟଙ୍କା ଦେଇଥିଲେ ଜାଣନ୍ତି ? ଏ ବାବଦରେ ସେ ପ୍ରାୟ ୩୮୦ କୋଟି ଟଙ୍କା ଦେଇଥିଲେ ବୋଲି ଶୁଣାଯାଏ। ଏହାକୁ ବଲିଉଡ୍‌ର ସବୁଠାରୁ ବ୍ୟୟବହୁଳ ବିବାହ-ବିଚ୍ଛେଦ ଭାବରେ ବିବେଚନା କରାଯାଇଛି।

**କରିସ୍ମା କପୁର-ସଞ୍ଜୟ କପୁର :** ଦିନ ଥିଲା, ହିନ୍ଦୀ ସିନେମାରେ କରିସ୍ମା ରାଜ୍ କରୁଥିଲେ। କିନ୍ତୁ ୨୦୦୩ରେ ସେ ସଞ୍ଜୟ କପୁରଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। କିଛି ବର୍ଷ ତାଙ୍କର ସଂସାର ରଥ ବେଶ୍ ସୁରୁଖୁରୁରେ ଗଡିଥିଲା। କେତେକ କାରଣରୁ ୨୦୧୪ରେ ଅର୍ଥାତ୍, ବିବାହର ମାତ୍ର ୧୧ ବର୍ଷ ପରେ ଦୁହେଁ ଡିର୍ଭୋସ ନେବାକୁ ସ୍ଥିର କରିଥିଲେ। ଶେଷରେ ଆଇନତଃ ଦୁହେଁ ଅଲଗା ହୋଇଯାଇଥିଲେ। ଭରଣପୋଷଣ ବାବଦରେ ସଞ୍ଜୟ ତାଙ୍କୁ ପ୍ରାୟ ୧୪ କୋଟି ଟଙ୍କା ଦେଇଥିଲେ। କେବଳ ସେତିକି ନୁହେଁ, ମୁମ୍ବାଇରେ ଏକ ବିଳାସପୂର୍ଣ୍ଣ ବଙ୍ଗଳା ମଧ୍ୟ କରିସ୍ମାଙ୍କୁ ସେ ଦେଇଥିଲେ।

**ସୈଫ ଅଲ୍ଲୀ ଖାଁ-ଅମ୍ରିତା ସିଂ**
ହିନ୍ଦୀ ସିନେମାର ଅନ୍ୟତମ ରୋମାଣ୍ଟିକ ଅଭିନେତା ସୈଫ ଅଲ୍ଲୀ ଖାଁ ୧୯୯୧ରେ ବିଶିଷ୍ଟ କଳାକାର ଦାରା ସିଂଙ୍କ କନ୍ୟା ଅମ୍ରିତାଙ୍କୁ ବିବାହ କରିଥିଲେ। ଦୁଇଟି ସନ୍ତାନ (ସାରା ଏବଂ ଇବ୍ରାହିମ) ପରେ ଦୁହେଁ ୨୦୦୪ରେ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ। ଶୁଣାଯାଏ, ଭରଣପୋଷଣ ଆକାରରେ ସୈଫ ତାଙ୍କୁ ୫କୋଟି ଟଙ୍କା ଦେଇଥିଲେ। ପରବର୍ତ୍ତୀ ସମୟରେ ଡିଭୋର୍ସ ନେବାର ୮ ବର୍ଷ ପରେ ଅର୍ଥାତ୍ ୨୦୧୨ରେ ସେ କରୀନା କପୁରଙ୍କୁ ପତ୍ନୀ ଭାବରେ ଗ୍ରହଣ କରିଥିଲେ।

**ଆମୀର ଖାଁ-ରୀନା ଦତ୍ତ :** ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ଭାବରେ ପରିଚିତ ଆମୀର ଖାଁଙ୍କ ନାମ ମଧ୍ୟ ଏହି ତାଲିକାଭୁକ୍ତ ହୋଇଛି। ସେ ପ୍ରଥମେ ଜଣେ ହିନ୍ଦୁ ତରୁଣୀ ରୀନା ଦତ୍ତଙ୍କୁ ୧୯୮୬ରେ ବିବାହ କରିଥିଲେ। କିନ୍ତୁ ଦୁହିଁଙ୍କର ବୈବାହିକ ଜୀବନ ମାତ୍ର ୧୬ ବର୍ଷ ତିଷ୍ଠି ରହିଥିଲା। ୨୦୦୨ରେ ଦୁହେଁ ଆଇନତଃ ଅଲଗା ହୋଇଯାଇଥିଲେ। ଏହି ବାବଦରେ ରୀନାଙ୍କୁ ଆମୀର ୫୦କୋଟି ଟଙ୍କା ଦେଇଥିଲେ, ଯାହା ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା। ପରବର୍ତ୍ତୀ ସମୟରେ ସେ କିରଣ ରାଓଙ୍କୁ ବିବାହ କରିଥିଲେ।

**ସଞ୍ଜୟ ଦତ୍ତ-ରିୟା ପିଲ୍ଲାଇ :** ବିଶିଷ୍ଟ ଅଭିନେତା ସୁନୀଲ ଦତ୍ତଙ୍କ ପୁତ୍ର ସଞ୍ଜୟ କେବଳ ଅଭିନୟ ନୁହେଁ, ଅନେକ କାରଣ ପାଇଁ ଆଲୋଚନାର ଶୀର୍ଷ ବିନ୍ଦୁ ପାଲଟି ସାରିଛନ୍ତି। ଏପରିକି ମାରଣାସ୍ତ୍ର ରଖିବା ଅଭିଯୋଗରେ ତାଙ୍କୁ ଜେଲ୍ ଯିବାକୁ ପଡିଥିଲା। ସେ ମଡେଲ ରିୟା ପିଲ୍ଲାଇଙ୍କୁ ବିବାହ କରିଥିଲେ। ୨୦୦୮ରେ ଦୁହେଁ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ। ଡିଭୋର୍ସ ସମୟରେ ଭରଣପୋଷଣ ବାବଦକୁ ଟଙ୍କା ବ୍ୟତୀତ ସମୁଦ୍ର କୂଳରେ ଦୁଇଟି ବିଳାସପୂର୍ଣ୍ଣ ଫ୍ଲାଟ ଏବଂ ଗୋଟିଏ କାର୍ ରିୟାଙ୍କୁ ସେ ଦେଇଥିଲେ।

**ଅରବାଜ ଖାଁ-ମଲ୍ଲାଇକା ଆରୋରା**
ଅଭିନେତା-କମ୍-ପ୍ରଯୋଜକ ତଥା ସଲମାନ ଖାଁଙ୍କ ସାନଭାଇ ଅରବାଜ ଖାଁ ୧୯୯୮ରେ ଅଭିନେତ୍ରୀ ତଥା ମଡେଲ ମଲ୍ଲାଇକା ଆରୋରାଙ୍କୁ ପତ୍ନୀ ଭାବରେ ଗ୍ରହଣ କରିଥିଲେ। ଶେଷରେ ୨୦୧୭ରେ ଆଇନତଃ ଅରବାଜ-ମଲ୍ଲାଇକାଙ୍କର ବୈବାହିକ ଜୀବନ ଡିଭୋର୍ସରେ ପରିଣତ ହୋଇଥିଲା। ଏହି ସମୟରେ ଭରଣପୋଷଣ ବାବଦରେ ଅରବାଜ ତାଙ୍କୁ ପାଖାପାଖି ୧୫କୋଟି ଟଙ୍କା ଦେଇଥିଲେ।

ନୂଆ ସିନେମା


## ଘମାଘୋଟ

କୌସ୍ତୁଭ ଡ୍ରିମୱାର୍କ୍ସ ଷ୍ଟୁଡିଓ ଦ୍ୱାରା ପ୍ରସ୍ତୁତ ହେଉଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ରର ଟାଇଟଲ ରହିଛି 'ଘମାଘୋଟ'। ଫିଲ୍ମ 'ଦଶମ'ର ସଫଳତା ପରେ ଏହାର ନିର୍ଦ୍ଦେଶନା ଭାର ତୁଲାଇବେ ଯୁବ ନିର୍ଦ୍ଦେଶକ ରାଜା ଡି। ଏହି ପ୍ରଯୋଜନା ସଂସ୍ଥା ସହିତ ତାଙ୍କର ଏହା ହେଉଛି ଦ୍ୱିତୀୟ ଚଳଚ୍ଚିତ୍ର। ଚଳଚ୍ଚିତ୍ରର ପ୍ରଯୋଜନା କରୁଛନ୍ତି କୌଶିକ ଦାସ ଏବଂ ସହ ପ୍ରଯୋଜକ ଅଛନ୍ତି ରାମ ପଟ୍ଟନାୟକ ଏବଂ କୌସ୍ତୁଭ ଦାସ । କାହାଣୀ, ଚିତ୍ରନାଟ୍ୟ ରଚନା କରିଛନ୍ତି ରାଜା ଡି । ଏହାର କାହାଣୀ ଆକ୍ସନ ଉପରେ ଆଧାରିତ। ବିଭିନ୍ନ ଭୂମିକାରେ ଶୈଳେନ୍ଦ୍ର ସାମନ୍ତରାୟ, ଜୟଶ୍ରୀ ଷଡ଼ଙ୍ଗୀ, ଆକାଶ ରାଉତ, ଅଭିଷେକ ପଣ୍ଡା, ବିଭାସ, ଶ୍ରେୟା, ଦୀପକ ପରିଡା, ଆକାଶ ହୋତା, ଶୁଭଙ୍କର ସାହୁ, ତପି ମିଶ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଚିତ୍ରଟିର କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ଦୀପକ କୁମାର ଜେନା। ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି ଗୌରବ ଆନନ୍ଦ, ସୂର୍ଯ୍ୟଜିତ ଏବଂ ଅନୁରାଗ ପଟ୍ଟନାୟକ । ଏହାର ଷ୍ଟ୍ରିମିଙ୍ଗ ପାର୍ଟନର ଅଛନ୍ତି ଆଓ ନେକ୍ସଟ ।


ଶୈଳେନ୍ଦ୍ର

ଅପେରା ହାଲଚାଲ

## ଇନ୍ଦ୍ରଭୁବନର ସଜବାଜ


ମନୋଜ ନାୟକ

ଚଳିତ ଯାତ୍ରା ସିଜନରେ ଯାତ୍ରା ଇନ୍ଦ୍ରଭୁବନ ନୂଆ ରୂପରେ ମଇଦାନକୁ ଓହ୍ଲାଉଛି। ଏବର୍ଷର ପ୍ରଥମ କ୍ୟାମ୍ପ ଚଳିତ ମାସ ୨ ତାରିଖରୁ କଟକସ୍ଥିତ ବ୍ରାହ୍ମଣଝରିଲୋଠାରେ ଆରମ୍ଭ ହେବାକୁ ଯାଉଛି। ଏଥର ଏହି ପାର୍ଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରନ୍ତି ଏହାର ପରିଚାଳକ ତଥା ବରିଷ୍ଠ ଅଭିନେତା ମନୋଜ ନାୟକ। ଏ ସମ୍ପର୍କରେ ସେ କହନ୍ତି, ''ଚଳିତ ଯାତ୍ରା ସିଜନରେ ଏହି ପାର୍ଟି ଯାତ୍ରାପ୍ରେମୀଙ୍କୁ ଭିନ୍ନ ଧରଣର ମନୋରଞ୍ଜନ ଦେବ। ଏଥର ପରିବେଷିତ ହେବାକୁ ଥିବା ନାଟକଗୁଡିକର କାହାଣୀ ବେଶ୍ ମନଛୁଆଁ ଏବଂ କଳାକାରମାନେ ଏହାକୁ ସଫଳ କରିବାକୁ ନିଶ୍ଚୟ ନିଜର 'ଦ ବେଷ୍ଟ' ଦେବାକୁ ଚେଷ୍ଟା କରିବେ। ଦର୍ଶକଙ୍କ ଭଲ ପାଇବା ଏଥର ମଧ୍ୟ ଆମ ପାର୍ଟି ପ୍ରତି ରହିବ ବୋଲି ମୋର ଦୃଢ଼ ବିଶ୍ୱାସ।'' ସ୍ୱର୍ଗତ କେଦାରନାଥ ସ୍ୱାଇଁଙ୍କ ସ୍ୱପ୍ନ 'ଯାତ୍ରା ଇନ୍ଦ୍ରଭୁବନ'ର ପ୍ରଯୋଜନା କରୁଛନ୍ତି ଭାସ୍କର ସ୍ୱାଇଁ। ୨୦୨୪-୨୫ ଯାତ୍ରା ସିଜନ ପାଇଁ ଉକ୍ତ ପାର୍ଟି ପରିବେଷଣ କରିବାକୁ ଯାଉଥିବା ନୂଆ ନାଟକଗୁଡିକ ହେଲା 'ଚିଠି ବାସୁଛି ତୁଳସୀ ତୁଳସୀ', 'କହିଲେ କୁଳ କୁଟୁମ୍ବକୁ ଲାଜ' ଏବଂ 'ଏତେ ଭଲ ପାଅ ନାହିଁ'। ଏହାବ୍ୟତୀତ ଗତବର୍ଷର ତିନୋଟି ନାଟକ ଏଥର ରିପିଟ୍ ହେବାର ଯୋଜନା ରହିଛି ବୋଲି ପାର୍ଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ପାର୍ଟିରେ ରତିକାନ୍ତ, ପ୍ରମିଳା, ହରିଓମ୍, ମିଳନ, ରୀନା, ନିରାକାର, ମାନୁ, ସଞ୍ଜୟ, ରିତା, ରଞ୍ଜନ, ସୁମନ୍ତ, ମୋନିଶା, ପ୍ରକାଶ, ଅଭି, ସୁରେଶ, ଦିଲୀପ ଏବଂ ବସୁମତୀଙ୍କୁ ଦେଖିବାକୁ ମିଳିବ।

## ରଶ୍ମିକାଙ୍କ କଥା ରହିଲା

ଯାହାହେଉ ଏତେଦିନ ଧରି ଚାଲିଥିବା ଆଲୋଚନାର ମଧୁର ଫଳ ମିଳିଛି। କଥା କ'ଣ କି, ରଶ୍ମିକା ମନ୍ଦାନାଙ୍କୁ ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ସାଇନ୍ କରିବାକୁ ଇଚ୍ଛାପ୍ରକାଶ କରିଥିଲେ। ତାଙ୍କୁ ଯୋଗାଯୋଗ କରିବା ପରେ ସେ ଏହି ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ରୋଲ୍ ବିଷୟରେ ଭଲ ଭାବରେ ଅବଗତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ଭୂମିକାରେ କିଛି ଆକ୍ସନ ଶଟ୍ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଏଭଳି ପରାମର୍ଶକୁ ଗ୍ରହଣ କରାଯିବ କି ନାହିଁ ସେ ନେଇ ଦୋଛକିରେ ପଡିଥିଲେ ପ୍ରଯୋଜକ। ଶେଷରେ ଦୁହିଁଙ୍କ ଭିତରେ ପ୍ରାୟ କିଛି ଥର ଆଲୋଚନା ହେବା ପରେ ଏହି ଘଟଣାର ମଧୁରେଣ ସମାପୟେତ ଘଟିଛି। ଏ ସମ୍ପର୍କରେ ରଶ୍ମିକା କହନ୍ତି, 'ମୋ ଭୂମିକାରେ କିଛି ଆକ୍ସନ ଶଟ୍ ରଖିବାକୁ ମୁଁ ପରାମର୍ଶ ଦେବା ପରେ ତାହାକୁ ନେଇ ମୋ ସହ ପ୍ରଯୋଜକ ଆଲୋଚନା କରିଥିଲେ। ଶେଷରେ ମୋ କଥା ହିଁ ରହିଲା। ମୋର ଭୂମିକାରେ କିଛି ପରିବର୍ତ୍ତନ କରାଯାଇଛି। ତା'ସହ ମୋତେ କେତୋଟି ଆକ୍ସନ ଶଟ୍ ଦେବାକୁ ପଡିବ, ଯାହାର କାହାଣୀ ସହ ସମ୍ପର୍କ ରହିଛି। ଏ ନେଇ ପ୍ରଯୋଜକ ଏବଂ ନିର୍ଦ୍ଦେଶକଙ୍କ ସହ ବିଶଦ ଭାବରେ ଆଲୋଚନା କରିବା ପରେ ମୋ ମନରେ ଥିବା ସନ୍ଦେହ ଦୂର ହୋଇଥିଲା। ବର୍ତ୍ତମାନ ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି।'


ରଶ୍ମିକା

## ସାମ୍ପ୍ରତିକ ଘଟଣାବଳୀକୁ ଗୁରୁତ୍ୱ ଦିଏ


ମୋ କଥା/ହରିହର ମହାପାତ୍ର

ହରିହର ମହାପାତ୍ର ଓରଫ ହରି ଭାଇ। ଓଡ଼ିଆ ସିନେମାରେ ତାଙ୍କର ପରିଚୟ ଦେବା ଅନାବଶ୍ୟକ। ପୂର୍ବରୁ ସେ ଦର୍ଶକଙ୍କ ସାମ୍ନାରେ ହସର ପସରା ଖୋଲି ଦେଉଥିଲେ, କିନ୍ତୁ ଏବେ ଅଭିନୟ ସହ କାହାଣୀ, ସଂଳାପ ଏବଂ ଚିତ୍ରନାଟ୍ୟ ରଚନାରେ ନିଜକୁ ନିୟୋଜିତ ରଖିଛନ୍ତି। 'ଝୁମ୍‌କୁ ଝୁମାନା' ପରି ଏକ ଭିନ୍ନଧରଣର କାହାଣୀଟିଏ ରଚନା କରି ତାହାକୁ ଚଳଚ୍ଚିତ୍ରର ରୂପ ଦେବା ଏବଂ ତାହା ଦର୍ଶକାଦୃତ ହେବା ପରେ ହରି ଆଉ ପଛକୁ ଫେରି ଚାହିଁ ନ ଥିଲେ। ତା'ପରେ ଓଡ଼ିଆ ସିନେମା 'ମୋ ପଣତ କାନିରେ ତୁ', 'ତୁ କହିବୁ ନା ମୁଁ', 'ଧୋ ରେ ବାବୁ ଧୋ'ର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା ପରେ ଏବେ ଚଳିତ ମାସ ୯ ତାରିଖରେ ରିଲିଜ ଅପେକ୍ଷାରେ ଥିବା 'ଭଗିଆ ଭାରିଯା'ରେ ଏହି ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ମୁଁ ସବୁବେଳେ ନୂଆ ଟ୍ରେଣ୍ଡି କଣ୍ଟେଣ୍ଟକୁ ଗୁରୁତ୍ୱ ଦେଇଥାଏ। ସାମ୍ପ୍ରତିକ ଘଟଣାବଳୀକୁ ନେଇ ଭଲ ସିନେମାଟିଏ ନିର୍ମାଣ କରାଯାଇପାରିବ। ବର୍ତ୍ତମାନ ସୋସିଆଲ ମିଡିଆର କ୍ରେଜ୍ ବେଶି ରହିଛି। ଜଣେ ଅଟୋଚାଳକର ସ୍ତ୍ରୀ କିପରି ରିଲ୍ ମାୟାରେ ବାୟା ହୋଇ ରୂପେଲି ପରଦାରେ ଅଭିନୟ କରିବାର ସ୍ୱପ୍ନ ଦେଖିଛି ଏବଂ ତାହାର ଶେଷ ପରିଣତି କ'ଣ ହେଉଛି ତାହା ଏହି ସିନେମାରେ ଦେଖିବାକୁ ମିଳିବ।' ହରିବୋଲ ମିଡିଆ ଏଣ୍ଟରଟେନମେଣ୍ଟ ପ୍ରା.ଲିଃ. ବ୍ୟାନରରେ ଡ. ଭୀଷ୍ମ ରଥ ଏବଂ ହରିହର ମହାପାତ୍ରଙ୍କ ପ୍ରଯୋଜିତ ଏବଂ ମୃତ୍ୟୁଞ୍ଜୟ ସାହୁ (ବାପି)ଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ସିନେମାରେ ହରି, ଦେବଯାନୀ, ପୁପିନ୍ଦର ଏବଂ ବବି ମିଶ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


ପୂଜା

## ଏଥର ସମାଜସେବା

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ମନଲାଖି ଭୂମିକାଟିଏ ପାଇବା ପରେ ପୂଜା ହେଗଡେ କେମିତି ଖୁସିରେ ଉଛୁଳୁଛନ୍ତି। କଥା କ'ଣ କି ସମାଜସେବା ଉପରେ ପର୍ଯ୍ୟବସିତ ଏକ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଯଦିଓ ଏହାର ଟାଇଟଲ ଫାଇନାଲ ହୋଇନାହିଁ, ହେଲେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏଭଳି ଏକ ଭୂମିକା ସମ୍ପର୍କରେ ପୂଜା କହନ୍ତି, 'ଜଣେ ଗାଁଉଲି ନାରୀ ସମାଜସେବା କରିବାକୁ ଆଗଭର ହୋଇଛି। ହେଲେ ଏକ ନିପଟ ମଫସଲରେ ତାହାର ପ୍ରକୃତ ଅର୍ଥକୁ ଅନେକେ ବୁଝିବାକୁ ନାରାଜ। ଏପରି କି ନିଜ ପରିବାରର କିଛି ସଦସ୍ୟ ମଧ୍ୟ ତାକୁ ବିରୋଧ କରିଛନ୍ତି। ହେଲେ ଦୃଢ଼ମନା ସେହି ନାରୀ ନିଜ ଲକ୍ଷ୍ୟ ସାଧନ କରିବାକୁ ଅଣ୍ଟା ଭିଡିଛି। ଶେଷରେ ସେ ନିଜ ଜୀବନକୁ ବାଜି ଲଗାଇବାକୁ ପଛାଉ ନାହିଁ। ଏଭଳି ଏକ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହେବାକୁ ଯାଉଛି, ଯାହାର ଏକ ଭଲ ଟାଇଟଲ ସନ୍ଧାନରେ ଅଛନ୍ତି ପ୍ରଯୋଜକ।' ତେବେ ଏଭଳି ଏକ ଭୂମିକା ପୂଜାଙ୍କ ଆକ୍ଟିଂ କ୍ୟାରିୟରକୁ କି ମୋଡ ଦେଉଛି ତାହା ଦେଖିବାକୁ ବାକି ରହିଲା।

## ଅତୀତରୁ...

⏭ଓଡ଼ିଆ ଚଳଚ୍ଚିତ୍ର 'ଟିକେ ହସ ଟିକେ ଲୁହ' ସ୍ୱର୍ଣ୍ଣରୂଢ ଫିଲ୍ମସ, ବାଲେଶ୍ୱର ବ୍ୟାନରରେ ପ୍ରସ୍ତୁତ ହୋଇଥିଲା। ଏହାର ନିର୍ଦ୍ଦେଶନା ଦେଇଥିଲେ ସୁଶୀଲ ମୁଖାର୍ଜୀ। ଅଜିତ ଦାସ, ବିଜୟ ମହାନ୍ତି, ମହାଶ୍ୱେତା ରାୟ, ଝରଣା ଦାସ ପ୍ରମୁଖ କଳାକାର ଏହି ଫିଲ୍ମରେ ଅଭିନୟ କରିଥିଲେ।

⏭ଆରତି ଦାସଙ୍କ ପ୍ରଯୋଜନାରେ ନିର୍ମିତ ଓଡ଼ିଆ ଫିଲ୍ମ 'ବତାସୀ ଝଡ଼'ର ନିର୍ଦ୍ଦେଶନା ଦେଇଥିଲେ ରମେଶ ମହାନ୍ତି। ଅକ୍ଷୟ ମହାନ୍ତି (କାଶ୍ୟପ), କାଶୀ ରଥ, ଜୟା ଏବଂ ଅମର ଚୌଧୁରୀ ପ୍ରମୁଖ କଳାକାରଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା।

⏭ଜୟନ୍ତ କୁମାରଙ୍କ ପ୍ରଯୋଜନାରେ ପ୍ରସ୍ତୁତ ଓଡ଼ିଆ ଚିତ୍ର 'ମାନସୀ'ର ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ମଳୟ ମିତ୍ର। ଏହାର ମୁଖ୍ୟ ଭୂମିକାରେ ଶ୍ରୀରାମ ପଣ୍ଡା ଅଭିନୟ କରିଥିବା ବେଳେ ସୌଦାମିନୀ, ସ୍ୱରୂପ ନାୟକ ଏବଂ ତ୍ରିପୁରା ମିଶ୍ର କାଷ୍ଟିଂରେ ଥିଲେ।



ପ୍ୟାରିସ୍ ଅଲିମ୍ପିକ୍ସର ବୁଧବାର ଅନୁଷ୍ଠିତ ମହିଳା ବ୍ୟକ୍ତିଗତ ତୀରନ୍ଦାଜୀ ପ୍ରତିଯୋଗିତା ଅବସରରେ ଭାରତର ଦୀପିକା କୁମାରୀ।

# ପ୍ୟାରିସ୍‌ରେ ପୁଣି ଟ୍ରେନ୍ ଚଳାଚଳ ବ୍ୟାହତ

**ପ୍ୟାରିସ, ୩୧।୭ (ଏପି)**

ଅଲିମ୍ପିକ୍ସ ଚାଲିଥିବା ବେଳେ ଝଡ଼ବର୍ଷା ଯୋଗୁ ବୁଧବାର ପ୍ୟାରିସରେ ପୁଣି ଟ୍ରେନ ଚଳାଚଳ ବ୍ୟାହତ ହୋଇଛି। ପ୍ୟାରିସରୁ ସୁଇଜରଲାଣ୍ଡ ଓ ଦେଶର ଦକ୍ଷିଣପୂର୍ବାଞ୍ଚଳକୁ ସଂଯୋଗ କରୁଥିବା ଦ୍ରୁତଗାମୀ ଟ୍ରେନଗୁଡ଼ିକର ଚଳାଚଳ ବାଧାପ୍ରାପ୍ତ ହୋଇଛି। ଫଳତଃ ଅଲିମ୍ପିକ୍ସ ଏବଂ ଗ୍ରୀଷ୍ମକାଳୀନ ଛୁଟି କଟାଇବା ଲାଗି ଟ୍ରେନ୍ ଯୋଗେ ଯାତ୍ରା କରୁଥିବା ହଜାର ହଜାର ସଂଖ୍ୟାରେ ଯାତ୍ରୀ ଅଟକି ରହିଥିଲେ। ବୁର୍‌ଗୁଣ୍ଡିଠାରେ ଟ୍ରାକ୍‌ରେ ପଡ଼ିଥିବା ଏକ ଗଛକୁ ଟ୍ରେନ୍ ଧକ୍କା ଦେଇଥିଲା। ଫଳରେ ଫ୍ରେଞ୍ଚ ରାଜଧାନୀସ୍ଥିତ ଗାରେ ଡି' ଲିଅନ୍ ଟ୍ରେନ୍ ଷ୍ଟେଶନରେ ସମସ୍ତ ଦ୍ରୁତଗାମୀଗୁଡ଼ିକର ଆଗମନ ଓ ପ୍ରସ୍ଥାନରେ ବାଧା ସୃଷ୍ଟି ହୋଇଥିଲା। ନିୟମିତ ଯାତାୟତ କରୁଥିବା ଟ୍ରେନ୍‌ଗୁଡ଼ିକ ଅଲଗା ଟ୍ରାକ୍ ବ୍ୟବହାର କରୁଥିବାରୁ ଏହା ପ୍ରଭାବିତ ହୋଇ ନ ଥିଲା। ଗଛ ହଟାଇବା କାର୍ଯ୍ୟ ବେଳେ ସ୍ଥାନୀୟ କର୍ତ୍ତୃପକ୍ଷ ବିଦ୍ୟୁତ ଯୋଗାଣକୁ ସାମୟିକ ବନ୍ଦ ରଖିଥିଲେ। ଗଛଟିକୁ ହଟାଯିବା ପରେ ମଧ ଶୀଘ୍ର



ରେଳ ଷ୍ଟେଶନରେ ଅପେକ୍ଷାରତ ଯାତ୍ରୀମାନେ।

ଟ୍ରେନ ଚଳାଚଳ ସମ୍ଭବପର ନୁହେଁ ବୋଲି ଜଣାପଡ଼ିବା ପରେ ଅଟକି ରହିଥିବା ଲୋକମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ଲାଗି ବିକଳ୍ପ ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ, ଉପଦ୍ରବୀଙ୍କ ଷଡ଼ଯନ୍ତ୍ର ଯୋଗୁ ଗତ ସପ୍ତାହରେ ଅଲିମ୍ପିକ ଗେମ୍ସ ଉଦ୍‌ଘାଟନୀ ଉତ୍ସବର ଆରମ୍ଭ ପୂର୍ବରୁ ଫ୍ରାନ୍ସର ଟ୍ରେନ୍ ଟ୍ରାଫିକ୍ ଗୁରୁତର ବାଧାପ୍ରାପ୍ତ ହୋଇଥିଲା। ଚଳିତ ସପ୍ତାହ ପ୍ରଥମ ଭାଗରେ ଦ୍ରୁତଗାମି ଟ୍ରେନ୍ ସେବା ସ୍ୱାଭାବିକ ହୋଇଥିଲା। ପ୍ୟାରିସରେ ପୁଣି ଝଡ଼ବାତ୍ୟା ହେବାର ସମ୍ଭବନା ରହିଥିବା ସ୍ଥାନୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

# ଫାଇନାଲରେ କୁସାଳେ, କ୍ୱାର୍ଟରରେ ଲଭ୍‌ଲିନା

**ପ୍ରି କ୍ୱାର୍ଟରରେ ଦୀପିକା, ଲକ୍ଷ୍ୟ, ସିନ୍ଧୁ, ଶ୍ରୀଜା**

**ପ୍ୟାରିସ୍,୩୧।୭(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ବୁଧବାର ଶୁଟର ସ୍ୱପ୍ନିଲ କୁସାଳେ ଫାଇନାଲରେ ପ୍ରବେଶ କରିଛନ୍ତି। ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନରେ ସ୍ୱପ୍ନିଲ ସପ୍ତମ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ପକ୍ଷରେ ଅନ୍ୟତମ ଭାରତୀୟ ଐଶ୍ୱରୀ ପ୍ରତାପ ସିଂ ତୋମର ୧୧ ତମ ସ୍ଥାନରେ ରହିଥିଲେ। ଅନ୍ୟତମ ଭାରତୀୟ ଖେଳାଳିଙ୍କ ମଧ୍ୟରେ ବକ୍ସର ଲଭ୍‌ଲିନା ବୋର୍ଗୋହେନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ପଦକରୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ସେହିପରି ଆର୍ଚର ଦୀପିକା କୁମାରୀ, ଟିଟି ଖେଳାଳି ଶ୍ରୀଜା ଆକୁଳା, ଶଟଲର ପି.ଭି. ସିନ୍ଧୁ ଓ ଲକ୍ଷ୍ୟ ସେନ ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି।



ନରୱେର ସୁନିଭା ହଫଷ୍ଟାଡଙ୍କୁ ପଞ୍ଚ୍ ମାରିବା ଅବସରରେ ଭାରତର ଲଭଲିନା ବୋର୍ଗୋହେନ।





ବ୍ୟାଡ୍‌ମିଣ୍ଟନ ମ୍ୟାଚରେ ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଶଟ୍ ଖେଳୁଛନ୍ତି ଭାରତର ପି.ଭି. ସିନ୍ଧୁ ଓ ଲକ୍ଷ୍ୟ ସେନ।

## ଫାଇନାଲରେ କୁସାଳେ

୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନରେ ୫୯୦ ପଏଣ୍ଟ ସ୍କୋର କରି ସପ୍ତମ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଛନ୍ତି ସ୍ୱପ୍ନିଲ କୁସାଳେ। ୪୪ ଜଣ ଶୁଟର ଭାଗ ନେଇଥିବା ବେଳେ କୁସାଳେ ନିଲିଙ୍ଗରେ ୧୯୮(୯୯, ୯୯), ପ୍ରୋନ୍ ୧୯୭(୯୮, ୯୯) ଓ ଷ୍ଟାଣ୍ଡିଂ ୧୯୫(୯୮,୯୭) ପଏଣ୍ଟ ସ୍କୋର କରିଥିଲେ। ଗୁରୁବାର ଏହି ଇଭେଣ୍ଟର ଫାଇନାଲ ଅନୁଷ୍ଠିତ ହେବ। ଚାଇନାର ଲୁ ୟୁକୁନ୍ ୫୯୪ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲେ। ନରୱେର ଜନ୍ ହର୍ମାନ୍ ହେଗ୫୯୩ ପଏଣ୍ଟ ସହ ଦ୍ୱିତୀୟ ଓ ୟୁକ୍ରେନର ସେରହି କୁଲିଶ ୫୯୨ ପଏଣ୍ଟ ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସ୍ୱପ୍ନିଲ ୨୦୨୨ ହାଙ୍ଗଝୋ ଏସିଆନ୍ ଗେମ୍ସରେ ଚତୁର୍ଥ ସ୍ଥାନରେ ରହିଥିଲେ। ପୂର୍ବତନ ଶୁଟର ତେଜସ୍ୱିନୀ ସାୱନ୍ତଙ୍କ ଅଧୀନରେ ସ୍ୱପ୍ନିଲ ପ୍ରଶିକ୍ଷଣ ନେଉଛନ୍ତି।

## ଗୋଟିଏ ପାଦ ଦୂରରେ ଲଭ୍‌ଲିନା

ଭାରତୀୟ ବକ୍ସିଂ ସେନସେଶନ ଲଭ୍‌ଲିନା ବୋର୍ଗୋହେନ୍ ବୁଧବାର ୭୫ କିଗ୍ରା ମହିଳା ବକ୍ସିଂରେ ବିଜୟ ସହିତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଟୋକିଓରେ ୬୯ କିଗ୍ରା ବର୍ଗରେ ପଦକ ଜିତିଥିବା ଲଭ୍‌ଲିନା ନିଜର ଦ୍ୱିତୀୟ ପଦକ ଠାରୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ୪ ତାରିଖରେ ଖେଳା ଯିବାକୁ ଥିବା ମ୍ୟାଚ୍‌ରେ ଟପ୍ ସିଡ୍ ଲି କ୍ୱିଆନଙ୍କୁ ପରାସ୍ତ କଲେ ସେ ଭାରତ ପାଇଁ ଆଉ ପଦକ ନିଶ୍ଚିତ କରି ପାରିବେ। ବୁଧବାର ନରୱେର ସୁନିଭା ହଫଷ୍ଟାଡଙ୍କୁ ୫-୦ରେ ପରାସ୍ତ କରିଥିଲେ ଲଭଲିନା। ସୁନିଭା ଆକ୍ରମଣାତ୍ମକ ପ୍ରଦର୍ଶନ ପାଇଁ ଚେଷ୍ଟା କରିଥିବା ବେଳେ ଲଭଲିନା ଦୂରତା ବଜାୟ ରଖି କାଉଣ୍ଟର ଆଟାକ କରିଥିଲେ। କ୍ୱାର୍ଟର ଫାଇନାଲରେ ଲି କ୍ୱିଆନ୍‌ଙ୍କ ବିପକ୍ଷରେ ଲଭ୍‌ଲିନା ଖେଳିବେ। ଟପ୍ ସିଡ୍ ରହିଥିବା ଲି ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲ।

## ଦୀପିକା ଦ୍ୱିତୀୟ

ଭଜନ କୌରଙ୍କ ପରେ ଦ୍ୱିତୀୟ ଭାରତୀୟ ମହିଳା ତୀରନ୍ଦାଜ ଭାବରେ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି ଦୀପିକା କୁମାରୀ। ବୁଧବାର କ୍ରମାଗତ ଦୁଇଟି ମ୍ୟାଚ୍ ଜିତି ଦୀପିକା ପ୍ରି-କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି। ପ୍ରଥମେ ଇଷ୍ଟୋନିଆର ରୀନା ପର୍ନତଙ୍କୁ ୬-୫ ଶୁଟ୍ ଅଫ୍‌ରେ ହରାଇଥିବା ବେଳେ ପରବର୍ତ୍ତୀ ମ୍ୟାଚ୍‌ରେ ନେଦରଲାଣ୍ଡ୍ସର କ୍ୱିଣ୍ଟି ରୋଫିନ୍‌ଙ୍କୁ ହରାଇଥିଲେ। ପ୍ରି କ୍ୱାର୍ଟରରେ ଦୀପିକା ଜର୍ମାନୀର ମିଚେଲ କ୍ରୋପେନ୍‌ଙ୍କୁ ଭେଟିବେ। ରୀନା ପର୍ନତଙ୍କ ବିପକ୍ଷ ମ୍ୟାଚ୍ ୫-୫ରେ ଡ୍ର ରହିଥିଲା। ଫଳରେ ଶୁଟ ଅଫ ଜରିଆରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା। ଶୁଟ ଅଫ୍‌ରେ ଉଭୟ ଖେଳାଳି ୮ ଲେଖାଏ ଶୁଟ୍ କରିଥିଲେ। ତେବେ ଦୀପିକାଙ୍କ ଶଟ୍ ଅଧିକ ସେଣ୍ଟରରେ ଥିବାରୁ ତାଙ୍କୁ ବିଜୟୀ ଘୋଷଣା କରାଯାଇଥିଲା।

## ସିନ୍ଧୁ, ଲକ୍ଷ୍ୟ ପ୍ରି-କ୍ୱାର୍ଟରରେ

ଭାରତୀୟ ଶଟଲର ପି.ଭି. ସିନ୍ଧୁ ଓ ଲକ୍ଷ୍ୟ ସେନ୍ ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତୃତୀୟ ଅଲିମ୍ପିକ୍ସ ପଦକ ଲକ୍ଷ୍ୟରେ ରହିଥିବା ସିନ୍ଧୁ ଇଷ୍ଟୋନିଆର କ୍ରିଷ୍ଟିନ୍ କୁବାଙ୍କୁ ୨୧-୫, ୨୧-୧୦ ସେଟରେ ପରାସ୍ତ କରିଥିଲେ। ଗ୍ରୁପ୍ ଏମ୍‌ର ଟପ୍ପର ଭାବରେ ସେ ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଅନ୍ୟ ପକ୍ଷରେ ଲକ୍ଷ୍ୟ ସେନ୍ ୨୧-୧୮ ଓ ୨୧-୧୨ ସେଟ୍‌ରେ ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା ଜୋନାଥନ୍ କ୍ରିଷ୍ଟିଙ୍କୁ ହରାଇଛନ୍ତି।

## ଜସ୍‌ମିନ, ପ୍ରୀତି ବିଦା

ଭାରତୀୟ ବକ୍ସର ଜସ୍ମିନ୍ ଲାମ୍ବୋରିଆ ଓ ପ୍ରୀତି ପାୱାର ଅଲିମ୍ପିକ୍ସରୁ ବିଦାୟ ନେଇଛନ୍ତି। ରାଉଣ୍ଡ ଅଫ୍ ୩୨ ମ୍ୟାଚ୍‌ରେ ୫୭ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜସ୍‌ମିନ ପ୍ରଥମ ରାଉଣ୍ଡରେ ଫିଲିପାଇନ୍ସର ନେସ୍ଥି ପେଟେଇକୋଙ୍କ ଠାରୁ ପରାଜିତ ହୋଇଛନ୍ତି। ସମାନ ଭାବରେ ୫୪ କିଗ୍ରା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରୀତି ମଧ ୪-୧ରେ ପରାଜିତ ହୋଇ ବିଦାୟ ନେଇଥିଲେ।

## ମନିକାଙ୍କ ପରେ ଶ୍ରୀଜା

ମହିଳା ଟେବୁଲ ଟେନିସ୍‌ରେ ଭାରତୀୟ ଖେଳାଳି ଶ୍ରୀଜା ଆକୁଳା ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ମନିକା ବାତ୍ରାଙ୍କ ପରେ ଦ୍ୱିତୀୟ ଖେଳାଳି ଭାବରେ ସେ ଏଭଳି କରି ପାରିଛନ୍ତି। ବୁଧବାର ଶ୍ରୀଜା ୪-୨ରେ ସିଙ୍ଗାପୁରର ଝେଙ୍ଗ ଜିଆନଙ୍କୁ ପରାସ୍ତ କରିଥିଲେ। ପ୍ରି କ୍ୱାର୍ଟରରେ ବିଶ୍ୱ ମାନ୍ୟତାର ୧ ନମ୍ବର ସ୍ଥାନରେ ଥିବା ସୁନ୍ ୟିଙ୍ଗସାଙ୍କୁ ସେ ଭେଟିବେ।

# ଧୋନୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଛନ୍ତି କୁସାଳେ

**ଚାଟେରକ୍ସ, ୩୧।୭ (ପି.ଟି.)**

ସ୍ୱପ୍ନିଲ କୁସାଳେ ପ୍ରଥମ ଭାରତୀୟ ଶୁଟର ଭାବେ ଅଲିମ୍ପିକ୍ସ ୫୦ ମିଟର ରାଇଫଲ ଥ୍ରି ପୋଜିଶନ ଫାଇନାଲରେ ପ୍ରବେଶ କରିଛନ୍ତି। କିମ୍ବଦନ୍ତୀ କ୍ରିକେଟର ମହେନ୍ଦ୍ର ସିଂ ଧୋନୀଙ୍କ ଦ୍ୱାରା ସେ ଅନୁପ୍ରାଣିତ ବୋଲି କହିଛନ୍ତି। ଧୋନୀ ତାଙ୍କ ପ୍ରଚେଷ୍ଟାରେ ଜଣେ ଟ୍ରେନ୍ ଟିକେଟ କଲେକ୍ଟରରୁ କ୍ରିକେଟ ଆଇକନ ହୋଇପାରିଥିଲେ। ସେ ମଧ ଜଣେ ଟିକେଟ କଲେକ୍ଟର। ଅଦ୍ୟମ ଚେଷ୍ଟା କଲେ ସେ କାହିଁକି ତାଙ୍କ ଖେଳରେ ଶୀର୍ଷ ସ୍ଥାନକୁ ଉଠି ନ ପାରିବେ ଏକଥା ତାଙ୍କ ମନରେ ଆସିଥିଲା। ମହାରାଷ୍ଟ୍ରର କୋହ୍ଲାପୁର ନିକଟବର୍ତ୍ତୀ କାମବାଲୱାଡି ଗ୍ରାମରେ ୨୯ ବର୍ଷୀୟ କୁସାଳେଙ୍କ ଜନ୍ମ। ୨୦୧୨ରୁ ସେ ଅନ୍ତର୍ଜାତୀୟ ଇଭେଣ୍ଟଗୁଡ଼ିକରେ ଭାଗ ନେଇ ଆସୁଛନ୍ତି। ପ୍ୟାରିସ ଗେମ୍ସରେ ଅଲିମ୍ପିକ୍ସ ପଦର୍ପଣ କରିବା ଲାଗି ତାଙ୍କୁ ୧୨ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା। ଜଣେ ଶୁଟର ଶାନ୍ତ ଓ ଧୈର୍ଯ୍ୟବାନ ହେବା ଆବଶ୍ୟକ। ଏହି ଦୁଇଟି ଗୁଣ ହେଉଛି ଧୋନୀଙ୍କ ବ୍ୟକ୍ତିତ୍ୱର ହଲ୍‌ମାର୍କ। ଏଣୁ ଧୋନୀ ଓ କୁସାଳେଙ୍କ ଜୀବନ କାହାଣୀ ମଧ୍ୟରେ ସାମଞ୍ଜସ୍ୟ ରହିବା ଆଶ୍ଚର୍ଯ୍ୟର କଥା ନୁହେଁ। ସେ ଏକାଧିକ ଥର ବିଶ୍ୱକପ୍ ବିଜେତାଙ୍କ ବାୟୋପିକ୍ ଦେଖିଛନ୍ତି। କେବଳ ଧୋନୀ ହିଁ ତାଙ୍କ ଆଦର୍ଶ। ବିଶ୍ୱ ଶୁଟିଂରେ ସେ ଅନ୍ୟ କାହାରିକୁ ଅନୁସରଣ କରି ନାହାନ୍ତି। କୁସାଳେ ୨୦୧୫ରୁ ସେଣ୍ଟ୍ରାଲ ରେଲୱେରେ କାର୍ଯ୍ୟ କରିଆସୁଛନ୍ତି। କୁସାଳେଙ୍କ ପିତା ଓ ଭାଇ ଏକ ଜିଲା ସ୍କୁଲରେ ଶିକ୍ଷକତା କରୁଥିବା ବେଳେ ତାଙ୍କ ମା' କାମ୍ବଲୱାଡ଼ି ଗ୍ରାମର ସରପଞ୍ଚ ଅଟନ୍ତି।



ସ୍ୱପ୍ନିଲ କୁସାଳେ

## ଭାରତର କାର୍ଯ୍ୟସୂଚୀ (ଗୁରୁବାର)

**ଶୁଟିଂ:** ପୁରୁଷ ୫୦ ମିଟର ରାଇଫଲ୍ ଥ୍ରୀ ପୋଜିଶନ୍ ଫାଇନାଲ
ସ୍ୱପ୍ନିଲ କୁଶାଲେ(ଅପରାହ୍ନ ୧.୦୦)
ମହିଳା ୫୦ ମିଟର ରାଇଫଲ୍ ଥ୍ରୀ ପୋଜିଶନ ଯୋଗ୍ୟତା ପର୍ଯ୍ୟାୟ
ସିଫ୍ଟ କୌର ସାମରା, ଅଞ୍ଜୁମ ମୋଦଗିଲ
(ସମୟ ଅପରାହ୍ନ ୩.୩୦)।
**ଗଲ୍ଫ:** ପୁରୁଷ ଇଣ୍ଡିଭିଜୁଆଲ ଷ୍ଟ୍ରୋକ୍ ପ୍ଲେ ରାଉଣ୍ଡ ୧
ଗଗନଜିତ୍ ଭୁଲର, ଶୁଭଙ୍କର ଶର୍ମା।
(ଅପରାହ୍ନ ୧୨.୩୦)
**ବକ୍ସିଂ:** ମହିଳା ୫୦ କି.ଗ୍ରା. ରାଉଣ୍ଡ ଅଫ୍ ୧୬
ନିଖତ ଜରିନ୍ ବନାମ ଉ ୟୁ(ଅପରାହ୍ନ ୨.୩୦)
**ଆର୍ଚେରୀ:** ପୁରୁଷ ବ୍ୟକ୍ତିଗତ ରାଉଣ୍ଡ
ପ୍ରବୀଣ ଯାଦବ ବନାମ କାଓ ୱେନ୍ ଚାଓ
(ଅପରାହ୍ନ ୨.୩୧)।
**ଟେବୁଲ ଟେନିସ୍:** ମହିଳା କ୍ୱାର୍ଟର ଫାଇନାଲ(ଅପରାହ୍ନ ୧.୩୦)।
**ସେଲିଂ:** ପୁରୁଷ ଡିଙ୍ଗି ରେସ୍-୧
ବିଷ୍ଣୁ ସର୍ବାନନ (ଅପରାହ୍ନ ୩.୪୫)।
ମହିଳା ଡିଙ୍ଗି ରେସ୍-୧
ନେତ୍ର କୁମାନନ(ସନ୍ଧ୍ୟା ୭.୦୫)।
**ହକି:** ପୁରୁଷ ପୁଲ୍ ବି
ଭାରତ ବନାମ ବେଲଜିୟମ
(ଅପରାହ୍ନ ୧.୩୦)।

# ଇଣ୍ଡିଆ ହାଉସ୍‌ରେ ଭାରତୀୟ ଆଥ୍‌ଲେଟ ସମ୍ମାନିତ



ଇଣ୍ଡିଆ ହାଉସ୍‌ରେ ସମ୍ମାନିତ ଭାରତୀୟ ଆଥ୍‌ଲେଟ୍‌ଙ୍କ ସହ ନୀତା ଅମ୍ବାନୀ।

**ପ୍ୟାରିସ୍, ୩୧।୭**

ପ୍ରତିଭା ସମ୍ପନ୍ନ ଶୁଟର ମନୁ ଭାକରଙ୍କ ମାଧମରେ ୨ଟି ପଦକ ଜିତି ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ଭଲ ଆରମ୍ଭ କରିଛି। ବୁଧବାର ଭାରତର କେତେଜଣ ଅଲିମ୍ପିଆନଙ୍କୁ ଡେ ଲା ୱିଲେଟ୍ ପାର୍କରେ ଥିବା ଇଣ୍ଡିଆ ହାଉସରେ ସମ୍ମାନିତ କରିଛନ୍ତି ଇଣ୍ଡିଆନ ଅଲିମ୍ପିକ୍ ଆସୋସିଏଶନ ସଦସ୍ୟା ଏବଂ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅଧକ୍ଷା ନୀତା ଅମ୍ବାନୀ। ସମ୍ମାନିତ ହୋଇଥିବା ଆଥଲେଟଙ୍କ ମଧ୍ୟରେ ସାମିଲ ଥିଲେ ବ୍ରୋଞ୍ଜ ପଦକ ବିଜେତା ସରବଜୋତ ସିଂ, ରୋହନ ବୋପାନ୍ନା, ଶରତ କମଲ, ମନିକା ବାତ୍ରା ଏବଂ ଅର୍ଜୁନ ବବୁତାଙ୍କ ପରି ଶ୍ରେଷ୍ଠ ଭାରତୀୟ ଆଥଲେଟ୍। ଅଲିମ୍ପିକ୍ସରେ ପ୍ରଥମ ଥର ପାଇଁ ନିର୍ମିତ ଇଣ୍ଡିଆ ହାଉସକୁ ସମସ୍ତ ଆଥଲେଟଙ୍କୁ ସ୍ୱାଗତ କରିଥିଲେ ନୀତା। "ଆପଣ ସମସ୍ତେ ଆମ ମାନଙ୍କୁ ଗର୍ବିତ କରିଛନ୍ତି। ଦ୍ୱିତୀୟ ପଦକ ଜିତି ଆମକୁ ଗୌରବାନ୍ୱିତ କରିଥିବା ମନୁ ଭାକର ଏବଂ ସରବଜୋତ ସିଂଙ୍କୁ ବିଶେଷ ଧନ୍ୟବାଦ" ବୋଲି ସେ ପ୍ରକାଶ କରିଥିଲେ। ଖେଳାଳିମାନଙ୍କୁ ପାରମ୍ପରିକ ଭାରତୀୟ ଟିକା ସହିତ ଢୋଲ ବଜାଇ ସ୍ୱାଗତ କରାଯାଇଥିଲା। ବିଶ୍ୱର ସର୍ବବୃହତ କ୍ରୀଡ଼ା ମଞ୍ଚରେ ଦେଶକୁ ପ୍ରତିନିଧିତ୍ୱ କରିଥିବାରୁ ସମସ୍ତ ଖେଳାଳିଙ୍କୁ ନୀତା ଅମ୍ବାନୀ କୃତଜ୍ଞତା ଜଣାଇଥିଲେ। ଅଲିମ୍ପିକ୍ ଆନ୍ଦୋଳନକୁ ସମର୍ଥନ କରିବା ପାଇଁ ଇଣ୍ଡିଆ ହାଉସରେ ଏକ ଡିଜିଟାଲ୍ ଅଗ୍ନି ପ୍ରଜ୍ୱଳନ ମଧ କରାଯାଇଥିଲା।

# ହିଜାବ ସମର୍ଥନରେ ଟିନା ରହିମି

**ପ୍ୟାରିସ୍,୩୧।୭(ପି.ଟି.)**

ଫ୍ରାନ୍ସରେ ହିଜାବ୍ ଉପରେ ରହିଥିବା କଟକଣାକୁ ବିରୋଧ କରିଛନ୍ତି ଅଷ୍ଟ୍ରେଲୀୟ ମହିଳା ବକ୍ସର ଟିନା ରହିମି। ଫ୍ରାନ୍ସର ଆଇନ ସର୍ବଦା କଡାକଡି ଭାବରେ ସମାନତାକୁ ଗୁରୁତ୍ୱ ଦେଇଥାଏ। ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ପକ୍ଷରୁ ହିଜାବ ତଥା ଅନ୍ୟାନ୍ୟ ଧାର୍ମିକ ବସ୍ତ୍ର ପିନ୍ଧି ଖେଳିବାର ଅନୁମତି ମିଳିଥାଏ। ତେବେ ଫ୍ରାନ୍ସରେ ହିଜାବ ବିରୋଧୀ ଆଇନକୁ କଡାକଡି ଭାବରେ ଲାଗୁ କରାଯାଇଛି। ଫ୍ରାନ୍ସ ୪୦୦ ମିଟର ମିକ୍ସଡ ରିଲେ ଟିମ୍‌ର ଆଥଲେଟ ସୋନକାମ୍ବା ସିଲାଙ୍କୁ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେବାକୁ ଅନୁମତି ମିଳି ନ ଥିଲା। ଏହାକୁ ବିରୋଧ କରିଛନ୍ତି ରହିମି। ଜଣେ ମହିଳା କଣ ପିନ୍ଧିବେ ତାହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ହେବା ଉଚିତ। ତେବେ ବ୍ୟକ୍ତିଗତ ଭାବରେ ସେ ନିଜ ଧର୍ମକୁ ସମ୍ମାନ ଦିଅନ୍ତି ଓ ଏହା ଆଧାରରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି ଟିନା। କ୍ରୀଡା ସହ ଧର୍ମ ଓ ଆସ୍ଥାକୁ ଯୋଡିବା ସମ୍ପୂର୍ଣ୍ଣ ଭୁଲ ବୋଲି ମଧ୍ୟ ସେ କହିଛନ୍ତି।

# ଡେଙ୍ଗ ଜିତିଲେ ଫ୍ରିଷ୍ଟାଇଲ ବିଏମ୍ଏକ୍ସ ସ୍ୱର୍ଣ୍ଣ

**ପ୍ୟାରିସ୍, ୩୧।୭ (ଏପି)**

ପ୍ୟାରିସ ଅଲିମ୍ପିକ୍ସର ମହିଳା ଫ୍ରିଷ୍ଟାଇଲ ବିଏମ୍ଏକ୍ସ ପ୍ରତିଯୋଗିତାରେ ଚାଇନାର ଡେଙ୍ଗ୍ ୟାଓ୍ୱେନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ୫ ଥର ଚାମ୍ପିୟନ ଆମେରିକାର ହାନାହ ରବର୍ଟ୍ସ ଉଭୟ ରନ୍‌ରେ କ୍ରାସ୍ ଆଉଟ ହେବାରୁ ପଦକ ହାସଲରେ ବିଫଳ ହୋଇଥିଲେ। ଡି ଲା କନକୋର୍ଡେର ଅର୍ବାନ ସ୍ପୋର୍ଟ୍ସ ପାର୍କରେ ଅନୁଷ୍ଠିତ ପ୍ରତିଯୋଗିତାରେ ଡେଙ୍ଗ୍ ୯୨.୬୦ ପଏଣ୍ଟ ହାସଲ କରିଥିଲେ। ଟୋକିଓ ଗେମ୍ସରେ ୪ର୍ଥ ସ୍ଥାନରେ ରହିଥିବା ଆମେରିକାର ପେରିସ ବେନେଗାନ ଏଠାରେ ୯୦.୭୦ ପଏଣ୍ଟ ସହ ରୌପ୍ୟ ଏବଂ ଅଷ୍ଟ୍ରେଲିଆର ନାତାଲିୟା ଡିଏମ ୮୮.୮୦ ପଏଣ୍ଟ ସହିତ ବ୍ରୋଞ୍ଜ ପଦକ ପାଇଥିଲେ। ଡିଫେଣ୍ଡିଂ ଅଲିମ୍ପିକ୍ ଚାମ୍ପିୟନ ଥିବା ବ୍ରିଟେନର ଚାର୍ଲୋଟେ ୱର୍ଥିଙ୍ଗଟନ ଏଠାରେ ଫାଇନାଲ୍‌କୁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଥିଲେ।



ପ୍ୟାରିସ ଅଲିମ୍ପିକ୍ସର ମହିଳା ସାଇକ୍ଲିଂ ଫ୍ରିଷ୍ଟାଇଲ ବିଏମ୍ଏକ୍ସ ଫାଇନାଲ ଅବସରରେ ଚାଇନାର ୟାଓ୍ୱେନ ଡେଙ୍ଗ୍।

# ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୮ | ୬ | ୨ | ୧୬ |
| ଅଷ୍ଟ୍ରେଲିଆ | ୭ | ୪ | ୩ | ୧୪ |
| ଜାପାନ | ୭ | ୨ | ୪ | ୧୩ |
| ଫ୍ରାନ୍ସ | ୬ | ୯ | ୭ | ୨୨ |
| ବ୍ରିଟେନ | ୬ | ୬ | ୫ | ୧୭ |
| ଦ.କୋରିଆ | ୫ | ୩ | ୩ | ୧୧ |
| ଆମେରିକା | ୪ | ୧୨ | ୧୨ | ୨୮ |
| ଇଟାଲୀ | ୩ | ୬ | ୪ | ୧୩ |
| କାନାଡା | ୨ | ୨ | ୨ | ୬ |
| ଜର୍ମାନୀ | ୨ | ୨ | ୧ | ୫ |
| ହଂକଂ | ୨ | ୦ | ୧ | ୩ |
| ନେଦରଲାଣ୍ଡ୍ସ | ୧ | ୧ | ୦ | ୨ |
| ନ୍ୟୁଜିଲାଣ୍ଡ | ୧ | ୧ | ୦ | ୨ |
| ବେଲଜିୟମ | ୧ | ୦ | ୨ | ୩ |
| କାଜାଖସ୍ତାନ | ୧ | ୦ | ୨ | ୩ |
| ଦକ୍ଷିଣ ଆଫ୍ରିକା | ୧ | ୦ | ୨ | ୩ |
| ଭାରତ | ୦ | ୦ | ୨ | ୨ |

(ରାତି ୧୦ଟା ସୁଦ୍ଧା)

# ଆଜିଠୁ ସର୍ବଭାରତୀୟ ଜୁନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ

## ଭାଗନେବେ ୧୬୦୦ରୁ ଊର୍ଦ୍ଧ୍ୱ ଖେଳାଳି

**ଭୁବନେଶ୍ୱର, ୩୧।୭ (ତପନ ସ୍ୱାଇଁ)**

କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ସର୍ବଭାରତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ର୍‍ୟାଙ୍କିଙ୍ଗ୍ ପ୍ରତିଯୋଗିତା ଗୁରୁବାର ଆରମ୍ଭ ହେବ। ଏହି ପ୍ରତିଯୋଗିତାରୁ ଆସନ୍ତା ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୧୩ ପର୍ଯ୍ୟନ୍ତ ଚାଇନାର ନାନଚାଙ୍ଗରେ ହେବାକୁ ଥିବା ବିଡବ୍ଲ୍ୟୁଏଫ ବିଶ୍ୱ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଟ୍ରାଏଲ୍ ପାଇଁ ଖେଳାଳି ଚୟନ ହେବେ। ଅଗଷ୍ଟ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ଏଠାରେ ହେବାକୁ ଥିବା ପ୍ରତିଯୋଗିତାର ପ୍ରଥମ ୩ ଦିନ କ୍ୱାଲିଫାଇଙ୍ଗ ରାଉଣ୍ଡ ଏବଂ ୪ରୁ ମୁଖ୍ୟ ଡ୍ର' ଖେଳ ଆରମ୍ଭ ହେବ। ୭ ଦିନ ଧରି ଏହି ପ୍ରତିଯୋଗିତା ପରିଚାଳନା ପାଇଁ ଜାତୀୟ ସ୍ତରର ରେଫରି ବାଲା ରମାମୁରତି ଓ ସହକାରୀ ରେଫରି ଭାବେ ବିଜୟ କୁମାର ବାଗ ଏବଂ ସମ୍ପଦ ରାଓ ସୁରିବାବୁଙ୍କୁ ଭାରତୀୟ ବ୍ୟାଡ୍‌ମିଣ୍ଟନ ସଙ୍ଘ ଚୟନ କରିଥିବା ବେଳେ ମ୍ୟାଚ କଣ୍ଟ୍ରୋଲର ଭାବେ ଶିଶିରକାନ୍ତ ଖାରେଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଖେଳ ପରିଚାଳନା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ୭୦ ଜଣ ଟେକ୍ନିକାଲ ଅଫିସିଆଲଙ୍କୁ ନିୟୋଜିତ କରାଯାଇଛି। ଏହି ପ୍ରତିଯୋଗିତାରୁ ବିଶ୍ୱ ଜୁନିୟର ପ୍ରତିଯୋଗିତାର ଟ୍ରାଏଲ ପାଇଁ ଖେଳାଳି ଚୟନ ହେବାର ଥିବାରୁ ଦେଶର ଜୁନିୟର ବର୍ଗର ଅନେକ ଶୀର୍ଷସ୍ଥାନୀୟ ଖେଳାଳି ଭାଗ ନେଉଛନ୍ତି ବୋଲି ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନିଲିନ କୁମାର ପ୍ରକାଶ କରିଛନ୍ତି।



କଲମ୍ବୋରେ ଭାରତୀୟ କ୍ରିକେଟ ଦଳର ଅଭ୍ୟାସ ସେସନ ଅବସରରେ ଆଲୋଚନାରତ ବିରାଟ କୋହଲି ଓ କୋଚ୍ ଗୌତମ ଗମ୍ଭୀର।

# ପିତାଙ୍କ ଅନ୍ତିମ ଇଚ୍ଛା ପୂରଣକଲେ ଜର୍ଜିଆନ ଶୁଟର

**ଚାଟେରକ୍ସ, ୩୧।୭ (ପି.ଟି.)**

ପିତାଙ୍କ ଅନ୍ତିମ ଇଚ୍ଛା ପୂରଣ କରିବାକୁ ଯାଇ ଜର୍ଜିଆର ଜଣେ ମହିଳା ଶୁଟର ନିନୋ ସାଲୁକ୍‌ଭେଜ କ୍ରମାଗତ ୧୦ମ ଥର ଅଲିମ୍ପିକ୍ସରେ ଭାଗ ନେଇଛନ୍ତି। ନିନୋ ୯ମ ଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ୩ ପଦକ ହାସଲ କରିବା ପରେ ତାଙ୍କ ପିସ୍ତଲକୁ ଅଲବିଦା କରିଦେବାକୁ ସ୍ଥିର କରିଥିଲେ। କିନ୍ତୁ ପିତାଙ୍କ ଶେଷ ଇଚ୍ଛା ପୂରଣ କରିବାକୁ ଯାଇ ସେ ଅଭୂତପୂର୍ବ ୧୦ମ ଥର ଅଲିମ୍ପିକ୍ସରେ ଭାଗ ନେଇଛନ୍ତି। ୫୫ ବର୍ଷୀୟା ନିନୋ ଉଦ୍‌ଘାଟନୀ ଉତ୍ସବରେ ଜର୍ଜିଆର ପତାକାବାହକ ହୋଇଥିଲେ। ଇକ୍ୱେଷ୍ଟ୍ରିଆନ ଶୋ ଜମ୍ପର ଇଆନ ମିଲରଙ୍କ ପରେ ସେ ଓଭରଅଲ ଦ୍ୱିତୀୟ ଏବଂ ପ୍ରଥମ ମହିଳା ଆଥଲେଟ ଭାବେ କ୍ରମାଗତ ୧୦ମ ଥର ଗ୍ରୀଷ୍ମକାଳୀନ କ୍ରୀଡ଼ାରେ ଭାଗ ନେଇଛନ୍ତି। ୧୯୮୮ ସିଓଲ ଗେମ୍ସରେ ସେ ତାଙ୍କ ପ୍ରଥମ ଦୁଇ ପଦକ ହାସଲ କରିଥିଲେ। ସେ ୨୫ ମିଟର ପିସ୍ତଲରେ ସ୍ୱର୍ଣ୍ଣ ଏବଂ ୧୦ମିଟର ଏୟାର ପିସ୍ତଲରେ ରୌପ୍ୟ ପଦକ ଜିତିଥିଲେ। ସେତେବେଳେ ସେ ସୋଭିଏତ୍ ୟୁନିୟନ ତରଫରୁ ପ୍ରତିନିଧିତ୍ୱ କରୁଥିଲେ। ଏହାର ୨୦ ବର୍ଷ ପରେ ଜର୍ଜିଆ ଦେଶ ତରଫରୁ ଭାଗ ନେଇ ସେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସାଲୁକ୍‌ଭେଜ୍ ତାଙ୍କ ପିତା ଭଖତାଙ୍ଗ ସାଲୁକ୍‌ଭେଜଙ୍କ ଅଭିଳାଷ ପୁରଣ କରିବାକୁ ଯାଇ ଏଠାରେ ମଧ୍ୟ ଏକ ପଦକ ଜିତିବା ଲକ୍ଷ୍ୟ ନେଇ ଆସିଥିଲେ। ସେ କହିଛନ୍ତି, ତାଙ୍କ ପିତା ତାଙ୍କୁ କେବେ କୌଣସି ଜିନିଷ ମାଗି ନ ଥିଲେ। ତେଣୁ ଏହା ବୋଧହୁଏ ତାଙ୍କ ଅନ୍ତିମ ଇଚ୍ଛାଥିଲା ବୋଲି ସେ ମନେ କରିଥିଲେ। ଏଠାରେ ଶୁକ୍ରବାର ୨୫ମିଟର ପିସ୍ତଲ କ୍ୱାଲିଫିକେଶନରେ ଅଂଶଗ୍ରହଣ କରିବେ। କୌତୂହଳର କଥା ଏହିକି ଯେ ନିନୋଙ୍କ ନାମରେ ଜୁନିୟର ବିଶ୍ୱ ରେକର୍ଡ ରହିଛି। ସେ ୧୯୮୯ରେ ଏହି ସଫଳତା ହାସଲ କରିଥିଲେ। ପରେ ଭାରତର ମନୁ ଭାକର ଏହି ରେକର୍ଡର ସମକକ୍ଷ ହୋଇପାରିଥିଲେ, ଯିଏକି ଏଠାରେ ୧୦ମିଟର ଏୟାର ପିସ୍ତଲ ଓ ୧୦ମିଟର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ଜିତିଛନ୍ତି। ଭେଟେରାନ ଶୁଟର ନିନୋଙ୍କ ଡାହାଣ ଆଖିରେ ଏବେ କିଛି ସମସ୍ୟା ଦେଖା ଦେଇଛି। ଏହା ତାଙ୍କର ଶେଷ ଅଲିମ୍ପିକ୍ସ ହେବ। ସେ କହିଛନ୍ତି, ଟୋକିଓ ଗେମ୍ସ ପରେ ସେ ଶୁଟିଂ ଛାଡ଼ିଦେବେ ବୋଲି ପ୍ରଥମେ ବିଚାର କରିଥିଲେ। ଭଖତାଙ୍ଗ କେବଳ ନିନୋଙ୍କ ପିତା ନ ଥିଲେ ସେ ତାଙ୍କର କୋଚ ମଧ୍ୟ ଥିଲେ। ଚଳିତବର୍ଷ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ପୂର୍ବରୁ ସେ କହିଥିଲେ, ଏଥର ୪ବର୍ଷ (୨୦୨୦ ଟୋକିଓ ପରେ) ନୁହେଁ ୩ ବର୍ଷ ବ୍ୟବଧାନରେ ଅଲିମ୍ପିକ୍ସ ଅନୁଷ୍ଠିତ ହେଉଛି। ଏଥିରେ ଭାଗ ନ ନେଲେ ମନସ୍ତାପ କରିବାକୁ ପଡ଼ିବ। ମୁଁ ଚେଷ୍ଟା କରି ଦେଖିବା ଲାଗି ମନସ୍ଥ କରିଥିଲି। ମୋ ପିତା ଜଣେ ଭଲ କୋଚ୍ ଥିଲେ। ଶୁଟିଂରେ ମନୋବିଜ୍ଞାନର ଏକ ବଡ଼ ଭୂମିକା ରହିଛି।



ନିନୋ ସାଲୁକ୍‌ଭେଜ




# ଫୁଟ୍‌ବଲ ମ୍ୟାଚ ବେଳେ ସୁରକ୍ଷାକୁ ନେଇ ପ୍ରଶ୍ନ

**ସେଣ୍ଟ–ଏଟିନି, ୩୧।୭ (ଏପି)**

ଅଲିମ୍ପିକ୍ସ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ବେଳେ ଖେଳାଳି ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ମ୍ୟାଚ ବେଳେ ପଡ଼ିଆ ଭିତରକୁ ଆଉ ଏକ ଦର୍ଶକ ଅନୁପ୍ରବେଶ ଘଟଣା ଦେଖିବାକୁ ମିଳିଛି। ମଙ୍ଗଳବାର ଆମେରିକା ଓ ଗିନି ମଧ୍ୟରେ ଏକ ମ୍ୟାଚ ଚାଲିଥିବାବେଳେ ଜଣେ ଦର୍ଶକ ପଡ଼ିଆ ଭିତରେ ପ୍ରବେଶ କରି ଗିନିର ଫରୱାର୍ଡ ଆଲ୍ୟୁ ବଲ୍‌ଡେଙ୍କ ନିକଟକୁ ଚାଲିଯାଇଥିଲେ। ସୁରକ୍ଷାକର୍ମୀମାନଙ୍କୁ ବଳ ପ୍ରୟୋଗ କରି ଏହି ଗିନି ସମର୍ଥକଙ୍କୁ କବ୍‌ଜା କରି ନେଇଥିଲେ। ସେଣ୍ଟ ଏଟିନିଠାରେ ଅନୁଷ୍ଠିତ ଏହି ମ୍ୟାଚରେ ଆମେରିକା ୩–୦ ଗୋଲ୍‌ରେ ପରାସ୍ତ କରିଥିଲା। ମ୍ୟାଚ ପରେ ଏହି ଘଟଣା ଘଟିଥିଲା। ବଲ୍‌ଡେ କିନ୍ତୁ ଶାର୍ଟଟିକୁ ଖୋଲି ତାଙ୍କ ଏହି ଅନୁପ୍ରବେଶକାରୀ ପ୍ରଶଂସକଙ୍କୁ ବିନାଦ୍ୱିଧାରେ ଦେଇପକାଇଥିଲେ। ବଲ୍‌ଡେ କହିଛନ୍ତ ଲୋକଟି ତାଙ୍କୁ କହିଥିଲା, ସେ ତାଙ୍କର ଜଣେ ଦୃଢ଼ ସମର୍ଥକ ଏବଂ ତାଙ୍କର ସମସ୍ତ ମ୍ୟାଚ ଦେଖିଥାଏ। ସୂଚନାଯୋଗ୍ୟ, ସମାନ ଭେନ୍ୟୁରେ ଆର୍ଜେଣ୍ଟିନା ବିପକ୍ଷ ବିଜୟ ମ୍ୟାଚରେ ମରକ୍କୋ ସମର୍ଥକମାନେ ପଡ଼ିଆ ଭିତରକୁ ପଶି ଆସିଥିଲେ ଏବଂ ବୋତଲ ଫିଙ୍ଗିଥିଲେ, ଯାହାଫଳରେ ମ୍ୟାଚ ଶେଷ ହେବାକୁ ଆଉମାତ୍ର କେଇ ମିନିଟ ସମୟ ଥିବା ବେଳେ ଏହାକୁ ପାଖାପାଖି ଦୁଇଘଣ୍ଟା କାଳ ବନ୍ଦ ରଖିବାକୁ ପଡ଼ିଥିଲା।

# କଟକ ୧୦ ଉଇକେଟରେ ବିଜୟୀ

## ଆନ୍ତଃ ଜିଲା ମହିଳା କ୍ରିକେଟ

**ଭୁବନେଶ୍ୱର, ୩୧।୭ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ କଟକ ୧୦ ଉଇକେଟରେ ସୋନପୁରକୁ ପରାସ୍ତ କରିଛି। ସୋନପୁର ଦଳ ୨୦ ଓଭରରେ ୯ ଉଇକେଟ ହରାଇ ମାତ୍ର ୫୭ ରନ କରିଥିଲା। ଦଳ ପକ୍ଷରୁ ମମତାରାଣୀ ଗାଗାରାଇ ସର୍ବାଧିକ ୨୯ ରନ କରିଥିବାବେଳେ ବିଜୟୀ ଦଳର ତନ୍ମୟୀ ବେହେରା ଓ ଭବାନୀ ଧଡ଼ା ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ କଟକ ତନ୍ମୟୀଙ୍କ ଅପରାଜିତ ୩୯ ଓ ଶିଳ୍ପା ସ୍ୱାଇଁଙ୍କ ୧୫ ରନ ବଳରେ ୭.୫ ଓଭରରେ ବିଜୟ ହାସଲ କରି ନେଇଥିଲା। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ତନ୍ମୟୀ ବେହେରା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



ତନ୍ମୟୀ ବେହେରା

# ସ୍ପ୍ରିଣ୍ଟର, ହର୍ଡଲରଙ୍କୁ ଦ୍ୱିତୀୟ ସୁଯୋଗ

## ଟ୍ରାକ୍ ଇଭେଣ୍ଟରେ ରିପିଚେଜ୍

**ସେଣ୍ଟ ଡେନିସ୍, ୩୧।୭(ପି.ଟି.)**

'ରିପିଚେଜ୍' ଏକ ଫରାସୀ ଶବ୍ଦ ଯାହାର ଅର୍ଥ ହେଉଛି ଦ୍ୱିତୀୟ ସୁଯୋଗ। ପୂର୍ବରୁ ରେସ୍‌ଲିଂ, ରୋଇଂ ଓ ମାର୍ଶାଲ ଆର୍ଟ ଭଳି କ୍ରୀଡାରେ ଏହାର ବହୁଳ ବ୍ୟବହାର ଥିଲା। ତେବେ ନୂତନ ନିୟମ ଅନୁସାରେ ଏଣିକି ସ୍ପ୍ରିଣ୍ଟ ଓ ହର୍ଡଲ୍ସ ଇଭେଣ୍ଟରେ ମଧ୍ୟ ଏହାକୁ ଲାଗୁ କରାଯିବ। ଶନିବାର ଠାରୁ ଆରମ୍ଭ ହେବାକୁ ଥିବା ଟ୍ରାକ୍ ଇଭେଣ୍ଟ ପାଇଁ ନୂତନ ନିୟମ ଲାଗୁ କରାଯିବ। ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ରିପିଚେଜ୍ ଶବ୍ଦ ଅନେକ ଖେଳାଳିଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ। ଅନେକ ଖେଳାଳି ଏହାର ବନାନ ମଧ୍ୟ ଜାଣି ନ ଥିବେ। ଅନେକ ଖେଳାଳି ଏହି ନିୟମ ଲାଗୁ କରଯିବା ସପକ୍ଷରେ ମଧ୍ୟ ନାହାନ୍ତି। ଏହା ଏକ ପ୍ରକାରରର ମେକ୍ ଅପ୍ କୁଇଜ୍ ବୋଲି କହିଛନ୍ତି ଆମେରିକୀୟ ସ୍ପ୍ରିଣ୍ଟର ମାସାଇ ରସେଲ୍। ୧୦୦ ମିଟର ହର୍ଡଲ୍ସ ଚାମ୍ପିୟନ ରସେଲ ଏହାକୁ ଭଲ ପଦକ୍ଷେପ କହିଥିବା ବେଳେ ବ୍ୟକ୍ତିଗତ ଭାବରେ ସେ ଏହାର ବ୍ୟବହାର କରିବେ ନାହିଁ ବୋଲି କହିଛନ୍ତି। ହର୍ଡଲ୍ସରେ ତ୍ରୁଟିର ଅଧିକ ସମ୍ଭାବନା ରହିଥାଏ। ତେଣୁ ଏଭଳି ନିୟମର ମାତ୍ରାଧିକ ଲାଭ ହର୍ଡଲ୍ସରେ ମିଳି ପାରିବ ବୋଲି ସେ କୁହନ୍ତି।

ଏହି କନସେପ୍ଟଟି ରୋଇଂ ଓ ରେସ୍‌ଲିଂ ପରି ଖେଳରୁ ଆସିଛି। ପୂର୍ବରୁ ହିଟ୍ସରେ ଭଲ ଶୀର୍ଷରେ ରହୁଥିବା ଖେଳାଳିଙ୍କୁ ସିଧାସଳଖ ସେମି ଫାଇନାଲରେ ସ୍ଥାନ ମିଳୁଥିଲା। ଏହା ବ୍ୟତୀତ କିଛି ସ୍ଥାନ ପାଇଁ ଯୋଗ୍ୟତା ହାସଲ କରି ପାରି ନ ଥିବା ଖେଳାଳିଙ୍କ ମଧ୍ୟରେ ଶ୍ରେଷ୍ଠ ଟାଇମିଂ ରଖିଥିବା ପ୍ରତିଯୋଗୀଙ୍କୁ ଚୟନ କରାଯାଏ। ଟାଇମିଂ ଅନୁସାରେ କ୍ୱାଲିଫିକେଶନ ବଦଳରେ ଏକ ରିପିଚେଜ୍ ରାଉଣ୍ଡ ଅନୁଷ୍ଠିତ ହେବ। ଫଳରେ ପ୍ରତିଯୋଗିତା ଅଧିକ ସ୍ୱଚ୍ଛ ଓ ମଜାଦାର ହେବ ବୋଲି କହିଛନ୍ତି ୱାର୍ଲ୍ଡ ଆଥଲେଟିକ୍ସ ସଭାପତି ସେବାଷ୍ଟିଆନ୍ କୋ। ଆମେରିକୀୟ ୪୦୦ ମିଟର ହର୍ଡଲ୍ସ ଧାବକ ରାଇ ବେଞ୍ଜାମିନ ଏହାକୁ ବ୍ୟବହାର କରିବା ପାଇଁ ଅନିଚ୍ଛା ପ୍ରକାଶ କରିଛନ୍ତି। ତେବେ ୩୦୦୦ ମିଟର ଷ୍ଟିପଲଚେଜ୍ ଓ ୫୦୦୦ ମିଟର ରେସ୍ ପାଇଁ ରିପିଚେଜ୍ ବ୍ୟବସ୍ଥା ରହିବ ନାହିଁ।

# ଜାତୀୟ ଜୁନିୟର ଉଷୁ: ଓଡ଼ିଶାକୁ ୧୨ ପଦକ

**ଭୁବନେଶ୍ୱର, ୩୧।୭ (ତପନ ସ୍ୱାଇଁ)**

ତାମିଲନାଡୁର କୋଏମ୍ବାଟୁରରେ ଜାତୀୟ ଜୁନିୟର ଉଷୁ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ଅଂଶଗ୍ରହଣ କରି ଓଡ଼ିଶା ୨ ସ୍ୱର୍ଣ୍ଣ, ୧ ରୌପ୍ୟ ସହ ୧୨ଟି ପଦକ ହାସଲ କରିଛି। ବାଳକ ୱିଙ୍ଗଚୁନ୍ ତାଓଲୁରେ ସୁଜେନ ଇସଲାମ ଓ ୪୮ କେଜି ବାଳକ ବର୍ଗର ସାଣ୍ଡାରେ ପ୍ରେମ୍ ମୁଣ୍ଡା ସ୍ୱର୍ଣ୍ଣ ଏବଂ ବାଳକ ସଫ୍ଟ ଷ୍ଟାଇଲ ଓ୍ୱପନ ତାଓଲୁରେ ସୁଜେନ ଇସଲାମ ରୌପ୍ୟ ପଦକ ହାସଲ କରିଛନ୍ତି। ୫୨ କେଜି ବାଳିକା ସାଣ୍ଡାରେ ସବିତା ମୁଣ୍ଡା, ୪୮ କେଜି ବାଳକ ସାଣ୍ଡାରେ ରମେଶ ମୁଣ୍ଡା, ୪୫ କେଜି ବାଳକ ସାଣ୍ଡାରେ ମଦନ ମୁଣ୍ଡା, ବାଳିକା ତାଇଜିକ୍ୱାନ ତାଓଲୁରେ ଅନ୍ୱେଷା ପଲେଇ, ବାଳିକା ଚାଙ୍ଗକ୍ୱାନ ତାଓଲୁରେ ଦିବ୍ୟକାନ୍ତି ଓରାମ, ବାଳିକା କ୍ୱାନ୍‌ଶୁ ତାଓଲୁରେ ସମୃଦ୍ଧି, ଅନ୍ୟ ବାଳକ ଷ୍ଟାଇଲ ତାଓଲୁରେ ଆଶିଷଦିରଦେଓ ସାମନ୍ତ, ନାନ୍‌କ୍ୱାନ ଟାଇପ୍ ବାଳକ ତାଓଲୁରେ ରାହୁଲ ଘଡ଼େଇ ଏବଂ ବାଳକ ଡବଲ ଓ୍ୱପନ ତାଓଲୁରେ ଆଶିଷଦିରଦେଓ ସାମନ୍ତ ବ୍ରୋଞ୍ଜ ପଦକ ପାଇଛନ୍ତି। ଓଡ଼ିଶାରୁ ୩୫ ଖେଳାଳି ଓ ୫ ଅଫିସିଆଲ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।




ଜାତୀୟ ଜୁନିୟର ଉଷୁରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ